# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୪/୨୦୧୮ (୨୦ ପୃଷ୍ଠା) | Bhubaneswar, Monday, September 24/ 2018 | ★★★★

୪୪ଶ ଭାଗ ୩୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଶିଳ୍ପାଙ୍କୁ ଜାତିଗତ ଆକ୍ଷେପ ଅଭିଯୋଗ**

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ରବିବାର ସିଡ୍‌ନୀ ବିମାନବନ୍ଦରରେ ହଟହଟାର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ପ୍ରତି ଜାତିଗତ ଆକ୍ଷେପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ୧୫

୧୯ **ଜୋଶୁଆଙ୍କୁ ବିଶ୍ୱ ହେଭିୱେଟ୍ ବକ୍ସିଂ ଟାଇଟଲ**

ରୁଷିଆର ଆଲେକଜାଣ୍ଡାର ପୋଭେଟକିନ୍‌ଙ୍କୁ ପରାସ୍ତ କରି ବ୍ରିଟେନର ଅନ୍ଥୋନୀ ଜୋଶୁଆ ବିଶ୍ୱ ହେଭିୱେଟ୍ ବକ୍ସିଂ ଟାଇଟଲ ବଜାୟ ରଖିଛନ୍ତି।




କେବଳ ଓଡ଼ିଶା ଦେଉଛି ପକ୍କାଘର ପାଇଁ ପୁରସ୍କାର

ମୟୂରଭଂଜ ଜିଲ୍ଲାର ବାରିପଦା ସଦର ବ୍ଲକର ବୁଧୁନି ମାରାଣ୍ଡି ବିଜୁ ପକ୍କାଘର ଯୋଜନାରେ ପାଇଲେ ଖଣ୍ଡେ ଘର। ତାକୁ ୪ ମାସରେ ସାରି ପାଇଲେ ୨୦ ହଜାର ଟଙ୍କାର ପୁରସ୍କାର। ବୁଧୁନି ଏବେ ଭାରି ଖୁସି। ପକ୍କାଘର ପାଇଲେ ଆଉ ତା ସହିତ ମନଲାଖି ଘରକରଣା ଜିନିଷ କିଣିବା ପାଇଁ ଟଙ୍କା।

ବୁଧୁନିଙ୍କ ଭଳି ୨ଲକ୍ଷ ୨୫ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ୪ମାସରେ ପକ୍କାଘର ତିଆରି କରି ୨୦ ହଜାର ଆଉ ୬ ମାସରେ ଶେଷ କରି ୧୦ ହଜାର ଟଙ୍କାର ପୁରସ୍କାର ପାଇଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

@Naveen_Odisha | CMO.Odisha | @CMO_Odisha

ଠିକ୍ ସମୟରେ ସାରିଲେ ତାଙ୍କ ପକ୍କାଘର। ସେଥିପାଇଁ ମୁଖ୍ୟମନ୍ତ୍ରୀ ଦେଲେ ପୁରସ୍କାର।

DADLS-113
15001/13/0242/1819


■ ସୀମାନ୍ତରେ ମାଓବାଦୀଙ୍କ ତାଣ୍ଡବ

# ଟିଡିପି ବିଧାୟକଙ୍କୁ ହତ୍ୟା



କିଡାରୀ ସର୍ବେଶ୍ୱର ରାଓ | ସିବେରୀ ସୋମା

■ ପ୍ରତିବାଦରେ ଥାନା ପୋଡ଼ିଦେଲେ ଟିଡିପି ସମର୍ଥକ

■ କୋରାପୁଟ ସୀମାନ୍ତରେ ହାଇଆଲର୍ଟ

ନନ୍ଦପୁର/ପଟ୍ଟାଙ୍ଗି,୨୩।୯(ଡି.ଏନ୍.ଏ.)

ମାଓବାଦୀଙ୍କ ପ୍ରତିଷ୍ଠା ସପ୍ତାହ ଚାଲିଥିବା ବେଳେ କୋରାପୁଟ ଜିଲା ନନ୍ଦପୁର ସୀମାନ୍ତ ଆନ୍ଧ୍ରରେ ରବିବାର ଲାଲ ତାଣ୍ଡବ ରଚାଇଛି ଲାଲବାହିନୀ। ତେଲୁଗୁ ଦେଶମ ପାର୍ଟି (ଟିଡିପି)ର ଦୁଇଜଣ ନେତାଙ୍କୁ ସେମାନେ ସ୍ପଷ୍ଟ ଦିବାଲୋକରେ ଗୁଳିକରି ହତ୍ୟା କରିଛନ୍ତି। ମୃତ ଦୁଇ ନେତା ହେଲେ ଆରାକୁ ନିର୍ବାଚନମଣ୍ଡଳୀର ବିଧାୟକ କିଡାରୀ ସର୍ବେଶ୍ୱର ରାଓ ଏବଂ ପୂର୍ବତନ ବିଧାୟକ ସିବେରୀ ସୋମା। ଏଭଳି ବଡ଼ଧରଣର ଆକ୍ରମଣ ଆନ୍ଧ୍ର ଓ ସୀମାନ୍ତ ଓଡ଼ିଶାବାସୀଙ୍କୁ ଆତଙ୍କିତ କରିଦେଇଛି। ଏହି ଘଟଣାର ପ୍ରତିବାଦରେ ନିହତ ନେତାଙ୍କ ସମର୍ଥକମାନେ ଡୁମ୍ବରିଗୁଡ଼ା ଥାନାରେ ନିଆଁ ଲଗାଇ ଦେଇଛନ୍ତି। ଏପରିକି ୨ ନେତାଙ୍କ ମୃତଦେହ ବ୍ୟବଚ୍ଛେଦ ଲାଗି ଆରାକୁରୁ ବିଶାଖାପାଟଣା ନେବା ପାଇଁ ସେମାନେ ପୋଲିସକୁ ବାଟ ଛାଡ଼ି ନ ଥିଲେ। ଫଳରେ ସେଠାରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ମାଓବାଦୀଙ୍କ ହାଇପ୍ରୋଫାଇଲ ଡବଲ ମର୍ଡର ପରେ କୋରାପୁଟ ଜିଲା ସୀମାନ୍ତରେ ହାଇଆଲର୍ଟ ଜାରି କରାଯାଇଛି।

ସୂଚନା ଅନୁଯାୟୀ, ଶାସକ ଟିଡିପିର ଏହି ଦୁଇନେତା କିଡାରୀ ସର୍ବେଶ୍ୱର ରାଓ ଓ ସିବେରୀ ସୋମା ରବିବାର ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଶାଖାପାଟଣା ଜିଲାର ଡୁମ୍ବରିଗୁଡ଼ା ଯାଇଥିଲେ। ସେଠାରୁ ଫେରିବା ବେଳେ ଅପରାହ୍ନ ଗୋଟାଏ ବେଳେ ଡୁମ୍ବରିଗୁଡ଼ା ଥାନା ଲିପିଟିପୁଟ ନିକଟରେ ୫୦ରୁ ୬୦ ଜଣ ମାଓବାଦୀ ସେମାନଙ୍କୁ ଘେରିଯାଇ ଗୁଳିକରି ହତ୍ୟା କରିଥିଲେ। ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା କ୍ୟାଡର ସାମିଲ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କିଡାରୀ ସର୍ବେଶ୍ୱର ରାଓ ୱାଇ.ଏସ୍.ଆର୍ କଂଗ୍ରେସ ଦଳରୁ ଟିକେଟ ପାଇ ୨୦୧୪ରେ ଆରାକୁ ନିର୍ବାଚନମଣ୍ଡଳୀରୁ ଟିଡିପି ପ୍ରାର୍ଥୀ ସିବେରୀ ସୋମାଙ୍କୁ ହରାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୬ରେ ସେ ଟିଡିପିରେ ଯୋଗ ଦେଇଥିଲେ। ସିବେରୀ ସୋମା ହେଉଛନ୍ତି ଆରାକୁ ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ। ସର୍ବେଶ୍ୱରଙ୍କ ନାମରେ ☞ପୃଷ୍ଠା-୪

# ଡାହାଣୀ ସନ୍ଦେହରେ ୨ ମହିଳାଙ୍କୁ ହତ୍ୟା

■ ସାବତ ମା' ତୀରବିଦ୍ଧ, ଡାକ୍ତରଖାନାରେ ଭର୍ତ୍ତି

■ ଅଭିଯୁକ୍ତ ଗିରଫ, କୁରାଢ଼ି ଓ ଧନୁତୀର ଜବତ

ରାଇରଙ୍ଗପୁର,୨୩।୯(ଡି.ଏନ.ଏ.)

ଅନ୍ଧବିଶ୍ୱାସର ଅର୍ଗଳିରେ ଶଢୁଛି ଜୀବନ। ଏଥିରୁ ଯେମିତି ମୁକ୍ତି ନାହିଁ। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସକୁ ନେଇ ବିଭିନ୍ନ ସମୟରେ ଜଘନ୍ୟ ଓ ଲୋମହର୍ଷଣକାରୀ ହତ୍ୟା ଅପରାଧ ଘଟିଚାଲିଛି। ଏହାକୁ ରୋକା ଯାଇପାରୁ ନାହିଁ। ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ତେଣ୍ଡରା ପଞ୍ଚାୟତ ମଧୁପୁର ଗ୍ରାମର ଶ୍ୟାମ ବାସ୍କେ ନାମକ ଜଣେ ଯୁବକ ରବିବାର ପୂର୍ବାହ୍ନରେ ଗାଁ ଦାଣ୍ଡରେ ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ତୀର ମାଡ଼ କରିବା ସହ ଅନ୍ୟ ୨ଜଣ ମହିଳାଙ୍କୁ ଗୋଡ଼ାଇ ଗୋଡ଼ାଇ କୁରାଢ଼ିରେ ହାଣି ବୀଭତ୍ସ ଭାବେ ହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୁକ୍ତ ଶ୍ୟାମ ହତ୍ୟା ଘଟାଇବା ପରେ ଜାମଦା ଥାନାରେ ଆତ୍ମସମର୍ପଣ କରିଥିବା କୁହାଯାଉଛି। ପୋଲିସ ତାଙ୍କୁ ଜେରା କରିବା ପରେ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଚଳାଇଛି। ଗାଁ ଦାଣ୍ଡରୁ ୨ ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଛି। ଅନ୍ୟ ତୀରବିଦ୍ଧ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାଇରଙ୍ଗପୁର ଏସଡିପିଓ ଅମୂଲ୍ୟ କୁମାର ଧର, ଜାମଦା ଥାନା ଦାୟିତ୍ୱରେ ଥିବା ତିରିଂ ଥାନା ଅଧିକାରୀ ସୁଦର୍ଶନ ଗାଙ୍ଗୁୟୀ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସହ ଅଧିକ ତଦନ୍ତ ଚଳାଇଛନ୍ତି।

ଝାଡ଼ଖଣ୍ଡ ସୀମାକୁ ଲାଗିଥିବା ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଗାଁ ମଧୁପୁର। ଜାମଦା ଥାନାଠାରୁ ଦୂରତା ୫କି.ମି.। ହତ୍ୟାକାଣ୍ଡ ଘଟାଇଥିବା ଶ୍ୟାମ ପୋଲିସକୁ ଦେଇଥିବା ବୟାନରେ କହିଛନ୍ତି ଯେ, ସମ୍ପ୍ରତି ତାଙ୍କର ତିନୋଟି ପିଲା ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସାବତ ମା' ଯୋବା ବାସ୍କେ ସେମାନଙ୍କୁ ଗୁଣିଗାରେଡ଼ି କରି ମାରି ଦେଇଥିବା ସେ ସନ୍ଦେହ କରିଆସୁଥିଲେ। ଅନ୍ୟ ୨ ମହିଳା ଏହି ଗୁଣିଗାରେଡ଼ି କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ସନ୍ତାନ ମୃତ୍ୟୁର ପ୍ରତିଶୋଧ ନେବାଲାଗି ସେ ବହୁ ଦିନରୁ ଯୋଜନା କରିଥିଲେ। ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାବେଳେ ଗାଁ ଦାଣ୍ଡରେ ତାଙ୍କ ସାବତ ମା' ଥିବାବେଳେ ତାଙ୍କ ଉପରକୁ ତୀର ମାଡ଼ କରି ସେ ଆକ୍ରମଣ କରିଥିଲେ। ଏହି ସମୟରେ ଗାଁ ଦାଣ୍ଡରେ ଉପସ୍ଥିତ ଥିବା ଅନ୍ୟ ☞ପୃଷ୍ଠା-୪

■ ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ

# 'ମୋଦି କେୟାର ନୁହେଁ, ଦରିଦ୍ର ନାରାୟଣ ସେବା'



■ ଦେଶରେ ୧.୫ ଲକ୍ଷ ୱେଲନେସ ସେଣ୍ଟର ଖୋଲାଯିବ

■ ୫୦ କୋଟି ଗରିବଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା

■ ଯୋଜନାରେ ୧୩୦୦ ପ୍ରକାର ରୋଗ ସାମିଲ

■ ଅଦ୍ୟାବଧି ୧୩୦୦୦ ହସ୍ପିଟାଲରେ ଚିକିତ୍ସା ସୁବିଧା

ରାଞ୍ଚି,୨୩।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏଠାରେ ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ସେବା ଯୋଗାଣକାରୀ ଯୋଜନା ଆୟୁଷ୍ମାନ ଭାରତର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ପିଏମ୍‌ଜେଏୱାଇ) ନାମରେ ନାମିତ ଏହି ଫ୍ଲାଗଶିପ୍ ସ୍କିମ୍ ଜରିଆରେ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ବସବାସ କରୁଥିବା ୧୦ କୋଟିରୁ ଉର୍ଦ୍ଧ୍ୱ ପରିବାରକୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଗରିବଙ୍କ ଲାଗି ଉଦ୍ଦିଷ୍ଟ ଏହି ଯୋଜନା ମାଷ୍ଟରଷ୍ଟ୍ରୋକ ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଲୋକେ ଏହି ଯୋଜନାକୁ ମୋଦି କେୟାର କହୁଥିବା ବେଳେ ସେ ଏହାକୁ ଦରିଦ୍ର ନାରାୟଣ ସେବା କହିବାକୁ ପସନ୍ଦ କରୁଛନ୍ତି। ୟୁରୋପୀୟ ସଂଘ, ଆମେରିକା, କାନାଡା ଏବଂ ମେକ୍ସିକୋର ମୋଟ୍ ଜନସଂଖ୍ୟାଠାରୁ ଅଧିକ ଲୋକଙ୍କୁ ଏହି ଯୋଜନାର ଫାଇଦା ମିଳିବ। କଂଗ୍ରେସର ନାମ ଉଲ୍ଲେଖ ନ କରି ମୋଦି କହିଛନ୍ତି, କିଛି ଲୋକ ଗରିବଙ୍କ ନାମରେ ମାଳା ଜପୁଛନ୍ତି। ଦାରିଦ୍ର୍ୟ ହଟାଅ ସ୍ଲୋଗାନ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

ରାଫାଲ ଧୂଆଁ

## ଆଜିର ମନ୍ତବ୍ୟ

" ସର୍ଜିକାଲ୍ ଷ୍ଟ୍ରାଇକ୍ ଏକ ବିସ୍ମୟକର ଅସ୍ତ୍ର।

-ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ

## କିଛି ତଥ୍ୟ

୨୦୦୫ ବେଳକୁ ଦେଶରେ ୧୯୬ ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ(ଆର୍‌ଆର୍‌ବି) ରହିଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୫୬କୁ ହ୍ରାସ ପାଇଛି।

-ଅର୍ଥ ମନ୍ତ୍ରଣାଳୟ


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,900/- 10gm.
Gold 22 CT - ₹ 30,800/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE | 23.09.2018 | Venco**b**b CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 58 | 103 | 113 |
| DKL | 59 | 105 | 115 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 59 | 105 | 115 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers







ଭାଜପା ବୃହତ୍ ସଂଖ୍ୟାଗରିଷ୍ଠତା ହାସଲ କରି ଅନ୍ୟଦଳର ସଂଖ୍ୟା ହ୍ରାସ କରିପାରେ। କିନ୍ତୁ କେବେବି ଆମର ବିଚାରଧାରାକୁ ନିଶ୍ଚିହ୍ନ କରିପାରିବ ନାହିଁ।
-ରାଜ୍ ବବ୍ବର, କଂଗ୍ରେସ ନେତା



## ହତ୍ୟା ପଛରେ ଖଣି କାରବାର

ଓଡ଼ିଶା-ଆନ୍ଧ୍ର ସୀମାରେ ଟିଡିପି ବିଧାୟକ କିଦାରି ସର୍ବେଶ୍ୱର ରାଓ ଏବଂ ପୂର୍ବତନ ବିଧାୟକ ସିଭେରି ସୋମାଙ୍କୁ ମାଓବାଦୀମାନେ ହତ୍ୟାକରିବା ପଛରେ ବେଆଇନ ଖଣି କାରବାରକୁ ଦାୟୀ କରାଯାଉଛି। ଦୁହେଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଖଣି ଉତ୍ତୋଳନ କରୁଥିଲେ। ଏଥିଯୋଗୁ ଆଦିବାସୀଙ୍କ ଜୀବନଜୀବିକା ପ୍ରଭାବିତ ହେଉଥିଲା ବୋଲି କୁହାଯାଉଛି। ସର୍ବେଶ୍ୱରଙ୍କ ବିରୋଧରେ ଗତ ଜୁଲାଇରେ ଆଦିବାସୀମାନେ ଆନ୍ଦୋଳନ ମଧ୍ୟ କରିଥିଲେ। ବେଆଇନ ଖଣି କାରବାରକୁ ନେଇ ଦୁହିଁଙ୍କ ଉପରେ କ୍ଷୁବ୍ଧ ମାଓବାଦୀମାନେ ଶେଷରେ ସେମାନଙ୍କୁ ହତ୍ୟା କରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ମାନବିକତା ପାଇଁ କଳଙ୍କ: ଚନ୍ଦ୍ରାବାବୁ



ଆମେରିକାର ନ୍ୟୁୟର୍କ ଗସ୍ତରେ ଥିବା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ଏହି ଆକ୍ରମଣର ନିନ୍ଦା କରିଛନ୍ତି। ଏଭଳି ଆକ୍ରମଣ ଓ ହତ୍ୟା ମାନବିକତା ଉପରେ ଏକ କଳଙ୍କ। ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ସମସ୍ତ ବ୍ୟକ୍ତି ଏହାକୁ ନିନ୍ଦା କରିବା ଉଚିତ। ଆଦିବାସୀଙ୍କ ବିକାଶରେ କିଦାରି ଓ ସିଭେରିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି ଚନ୍ଦ୍ରାବାବୁ କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ବିଶାଖାପାଟଣାମ୍ ଜିଲାପାଳଙ୍କ ସହ ଫୋନ୍‌ରେ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଏନ୍. ଚିନା ରାଜାପ୍ପା ଏବଂ ପୋଲିସ ମହାନିର୍ଦ୍ଦେଶକ ଆକ୍ରମଣ ସ୍ଥଳ ପରିଦର୍ଶନ କରିଛନ୍ତି।

### ■ ୨ ଟିଡିପି ନେତାଙ୍କୁ ମାଓବାଦୀଙ୍କ ହତ୍ୟା

# ସୀମାନ୍ତରେ ଲାଲ ଆତଙ୍କ

**ବିଶାଖାପାଟଣାମ୍/ ହାଇଦ୍ରାବାଦ,୨୩।୯**



ଓଡ଼ିଶା-ଆନ୍ଧ୍ର ସୀମାରେ ପୁଣି ରକ୍ତମୁଖା ହୋଇଉଠିଛନ୍ତି ମାଓବାଦୀ। ଆନ୍ଧ୍ରପ୍ରଦେଶର ଶାସକ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ଦୁଇଜଣ ନେତାଙ୍କୁ ରବିବାର ମାଓବାଦୀମାନେ ଗୋଷ୍ଠୀବଦ୍ଧ ଭାବେ ହତ୍ୟା କରିଛନ୍ତି। ଏହାକୁ ଉଭୟ ଆନ୍ଧ୍ର ଓ ଓଡ଼ିଶା ପୋଲିସ ପାଇଁ ଖୋଲା ଚ୍ୟାଲେଞ୍ଜ ବୋଲି କୁହାଯାଉଛି। ଆରାକୁରେ ଟିଡିପି ସମର୍ଥକମାନେ ଏହି ହତ୍ୟାକାଣ୍ଡର ପ୍ରତିବାଦରେ ଥାନା ପୋଡିଦେଇଛନ୍ତି। ଏହାକୁ ନେଇ ପୁଣିଥରେ ଅଶାନ୍ତ ହୋଇପଡ଼ିଛି ସୀମାନ୍ତ ଅଞ୍ଚଳ।

ମାଓବାଦୀମାନେ ଓଡ଼ିଶା, ଛତିଶଗଡ଼ ଓ ତେଲେଙ୍ଗାନାକୁ ନେଇ ଗଠିତ ସେମାନଙ୍କ ନିୟମିତ ଅପରେଶନାଲ ଜୋନ୍‌କୁ ଛାଡ଼ି ଆନ୍ଧ୍ର ସୀମାରେ ରକ୍ତର ହୋରି ଖେଳିଛନ୍ତି। ଏଥର ସେମାନେ ଟାର୍ଗେଟ କରିଛନ୍ତି ଶାସକ ଦଳର ଦୁଇଜଣ ନେତାଙ୍କୁ। ସେମାନେ ହେଲେ ଆରାକୁ (ଏସ୍‌ଟି ସଂରକ୍ଷିତ ଆସନ)ର ବିଧାୟକ କିଦାରି ସର୍ବେଶ୍ୱର ରାଓ (୪୫) ଓ ପୂର୍ବତନ ବିଧାୟକ ସିଭେରି ସୋମା(୪୫)। ଉଭୟେ ବିଶାଖାପାଟଣାମ୍‌ରୁ ୧୨୫ କି.ମି. ଦୂର ଆରାକୁର ଏକ ଆଦିବାସୀ ବହୁଳ ଗ୍ରାମରେ ଗ୍ରାମଦର୍ଶିନୀ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଦୁହେଁ ଦୁଇଟି ଗାଡ଼ିରେ ଓଡ଼ିଶା ସୀମାରୁ ୧୫ କି.ମି. ଦୂର ଥୁଟାଙ୍ଗି ଗ୍ରାମରେ ପହଞ୍ଚିଥିଲେ।

■ଆକ୍ରମଣର ନେତୃତ୍ୱ ନେଇଥିଲେ ମହିଳା କ୍ୟାଡର

■ଆନ୍ଧ୍ର, ଓଡ଼ିଶା ପୋଲିସ ପାଇଁ ଚ୍ୟାଲେଞ୍ଜ

ଏତିକିବେଳେ କେତେଜଣ ମହିଳାଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ସେମାନଙ୍କ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ଅନ୍ୟମାନଙ୍କୁ ସ୍ଥାନ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେବା ପରେ ମାଓବାଦୀମାନେ ଦୁହିଁଙ୍କ ସୁରକ୍ଷା କର୍ମୀଙ୍କ ଏକେ-୪୭ ରାଇଫଲ୍ସ ଛଡ଼ାଇନେଇଥିଲେ। ଏହାସହ ସେମାନେ ସିଭେରି ଏବଂ କିଦେରିଙ୍କୁ ଅତି ନିକଟରୁ ଗୁଳି ମାରିଥିଲେ। ଛାତି ଓ ମୁଣ୍ଡରେ ଗୁଳି ବାଜିବା ପରେ ଘଟଣାସ୍ଥଳରେ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଜଣେ ମହିଳା ମାଓବାଦୀ ଏହି ଆକ୍ରମଣର ନେତୃତ୍ୱ ନେଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ସିଭେରି ଓ କିଦେରିଙ୍କୁ ପୂର୍ବରୁ ହତ୍ୟା କରିବା ପାଇଁ ମାଓବାଦୀମାନେ ଧମକ ଦେଇଥିଲେ। ଏହି ହାଇପ୍ରୋଫାଇଲ ଡବଲ ମର୍ଡର ପରେ ସମ୍ପୃକ୍ତ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ୱାଇ.ଏସ୍. ଜଗନ୍‌ମୋହନ୍ ରେଡ୍ଡୀ ଏବଂ ଆନ୍ଧ୍ରପ୍ରଦେଶ କଂଗ୍ରେସ ସଭାପତି ଏନ୍. ରଘୁବୀରା ରେଡ୍ଡୀଙ୍କ ସମେତ ଅନ୍ୟ ନେତାମାନେ ମାଓବାଦୀଙ୍କ ଏହି ବର୍ବରକାଣ୍ଡର ଦୃଢ଼ନିନ୍ଦା କରିଛନ୍ତି। ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହନ୍ ଶୋକବ୍ୟକ୍ତ କରି ଦୁଇନେତାଙ୍କ ପରିବାର ବର୍ଗକୁ ସମବେଦନା ଜଣାଇଛନ୍ତି।

## ସିପିଆଇ (ଏମ୍)ର ହାତ

ଏହି ହତ୍ୟାକାଣ୍ଡ ପଛରେ ସିପିଆଇ (ମାଓବାଦୀ)ର ହାତ ରହିଥିବା ସନ୍ଦେହ କରାଯାଉଛି। ଗତ କିଛିମାସ ହେବ ଆରାକୁ ଉପତ୍ୟକା ନକ୍ସଲ ନେତାମାନଙ୍କ ଦୁର୍ଗ ପାଲଟିଥିବା ସୁରକ୍ଷା ବଳ ପକ୍ଷରୁ କୁହାଯାଇଛି। ଆନ୍ଧ୍ର-ଓଡ଼ିଶା ସୀମାକୁ ମାଓବାଦୀମାନେ ନିରାପଦ କରିଡର ଭାବେ ବ୍ୟବହାର କରୁଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି।




## ଥାନା ପୋଡ଼ିଦେଲେ ସମର୍ଥକ

ଟିଡିପିର ଦୁଇ ଆଦିବାସୀ ନେତାଙ୍କୁ ମାଓବାଦୀମାନେ ରବିବାର ହତ୍ୟା କରିବା ପରେ ସୀମାନ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ବରିଷ୍ଠ ପୋଲିସ ଅଧିକାରୀମାନେ ଆକ୍ରମଣସ୍ଥଳରେ ପହଞ୍ଚି ବିଶାଖାପାଟଣାମ୍‌ସ୍ଥିତ କିଙ୍ଗ୍ ଜର୍ଜ ହସ୍ପିଟାଲକୁ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବାକୁ ବ୍ୟବସ୍ଥା କରିଛନ୍ତି। କିନ୍ତୁ ହତ୍ୟାକାଣ୍ଡର ପ୍ରତିବାଦରେ ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିବାରୁ ମୃତଦେହ ପଠାଇବା ସମ୍ଭବ ହୋଇନାହିଁ। ଟିଡିପି ସମର୍ଥକମାନେ ହତ୍ୟାକାଣ୍ଡ ପାଇଁ ପୋଲିସର ବିଫଳତାକୁ ଦାୟୀ କରି ଡୁମ୍ବୁରିଗୁଡ଼ା ଥାନାରେ ନିଆଁ ଲଗାଇଦେଇଛନ୍ତି। ଏହାସହ ଆରାକୁ ଥାନାରେ ମଧ୍ୟ ଭଙ୍ଗାରୁଜା କରିଥିବା ଜଣାପଡ଼ିଛି। ଲୋକଙ୍କ ଆକ୍ରମଣରେ ଜଣେ କନଷ୍ଟେବଳ ଆହତ ହୋଇଛନ୍ତି।

## ନେତାଙ୍କୁ ଟାର୍ଗେଟ କେବେ, କେଉଁଠି

**୧୯୯୯ ଏପ୍ରିଲ ୧୩:** ଆନ୍ଧ୍ରପ୍ରଦେଶ ବିଧାନସଭା ବାଚସ୍ପତି ଦୁଦ୍ଦିଲା ଶ୍ରୀପଦ ରାଓଙ୍କୁ କରିମନଗର ଜିଲାର ଆନ୍ନାରାମଠାରେ ପିପୁଲ୍ସ ୱାର୍ ଗ୍ରୁପ୍ (ପିଡବ୍ଲ୍ୟୁଜି)ର ୪ ମାଓବାଦୀ ଗୁଳିକରି ହତ୍ୟା କରିଥିଲେ।

**୨୦୦୧ ଡିସେମ୍ବର ୨୯:** ଆନ୍ଧ୍ରପ୍ରଦେଶସ୍ଥିତ ଦେବରାକୋଣ୍ଡାର କଂଗ୍ରେସ ବିଧାୟକ ରାଗ୍ୟା ନାଏକଙ୍କୁ ମଦ୍ଦିମାଗୁଡୁରେ ଏକ ହୋଟେଲ ବାହାରେ ମାଓବାଦୀମାନେ ଗୁଳିକରି ହତ୍ୟା କରିଥିଲେ।

**୨୦୦୩ ଅକ୍ଟୋବର ୨:** ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଉପରେ ମାଓବାଦୀମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ତିରୁମାଲା ଘାଟରେ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସେ ଗୁରୁତର ହୋଇଥିଲେ। ଚନ୍ଦ୍ରାବାବୁଙ୍କୁ ହତ୍ୟା କରିବା ପାଇଁ ଏହା ପରେ ମଧ୍ୟ ଏକାଧିକ ଥର ମାଓବାଦୀମାନେ ଧମକ ଦେଇଛନ୍ତି।

**୨୦୦୫ ଅଗଷ୍ଟ ୧୫:** ତେଲେଙ୍ଗାନାର ନାରାୟଣପେଟରେ ବରିଷ୍ଠ କଂଗ୍ରେସ ବିଧାୟକ ଚିଟ୍ଟେମ୍ ନର୍ସି ରେଡ୍ଡୀ ଓ ତାଙ୍କର ୧୦ ସମର୍ଥକଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ।

**୨୦୦୭ ମାର୍ଚ୍ଚ ୪:** ଝାଡ଼ଖଣ୍ଡର ଜେଏମ୍‌ଏମ୍ ଏମ୍‌ପି ସୁନିଲ ମହତୋ ଘାଟଶିଳାରେ ମାଓବାଦୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିଲେ।

**୨୦୦୭ ମାର୍ଚ୍ଚ ୭:** ତତ୍କାଳୀନ ଟିଡିପି ସରକାରରେ ପଞ୍ଚାୟତିରାଜ ମନ୍ତ୍ରୀଥିବା ଏ.ମାଧବ ରାଡ୍ଡୀଙ୍କ ଉପରେ ପିଡବ୍ଲ୍ୟୁଜି ଆକ୍ରମଣ କରିଥିଲା। ଘାଟକେଶ୍ୱରରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସେ ନିହତ ହୋଇଥିଲେ।

**୨୦୦୯ ସେପ୍ଟେମ୍ବର ୧୫:** ଆନ୍ଧ୍ରପ୍ରଦେଶର ସରିପୁର ବିଧାୟକ ପଲଭାଇ ପୁରୁଷୋତ୍ତମ ରାଓ ଏବଂ ୩ ସୁରକ୍ଷା କର୍ମୀଙ୍କୁ କାଗଜନଗରସ୍ଥିତ ଦଳୀୟ କାର୍ଯ୍ୟାଳୟ ଭିତରେ ମାଓବାଦୀମାନେ ଗୁଳିକରି ହତ୍ୟା କରିଥିଲେ।

**୨୦୦୯ ସେପ୍ଟେମ୍ବର ୨୬:** ଛତିଶଗଡ଼ର ଜଗଦଲପୁରସ୍ଥିତ ପୈରାଗୁଡ଼ା ଗ୍ରାମରେ ମାଓବାଦୀଙ୍କ ଆକ୍ରମଣରେ ଭାଜପା ଏମ୍‌ପି ବଲିରାମ କାଶ୍ୟପଙ୍କ ଦୁଇପୁଅ ଦୀନେଶ ଓ ତାନ୍‌ସେନଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ।

**୨୦୧୩ ମେ ୨୫:** ଛତିଶଗଡ଼ର ସୁକ୍‌ମା ଜିଲା ଦର୍ଭ ଉପତ୍ୟକାରେ ସିପିଆଇ (ମାଓବାଦୀ) ପକ୍ଷରୁ ଆକ୍ରମଣ ହୋଇଥିଲା। ଏଥିରେ ରାଜ୍ୟ କଂଗ୍ରେସ ସଭାପତି ନନ୍ଦକୁମାର ପଟେଲ ଓ ପୂର୍ବତନ ମନ୍ତ୍ରୀ ମହେନ୍ଦ୍ର କର୍ମାଙ୍କ ସମେତ ୨୮ ଜଣ ନିହତ ହୋଇଥିଲେ।





### ଇତିହାସର ଆଇନାରେ
### ସେପ୍ଟେମ୍ବର ୨୪ର ପ୍ରମୁଖ ଘଟଣା

୧୯୪୮ ସେପ୍ଟେମ୍ବର ୨୪ରେ ଜାପାନରେ ହୋଣ୍ଡା ମୋଟର କମ୍ପାନୀ ସ୍ଥାପିତ ହୋଇଥିଲା। ୧୯୫୯ରୁ ଏହା ବିଶ୍ୱର ବୃହତ୍ତ ଅଟୋମୋବାଇଲ କମ୍ପାନୀ ଭାବେ ପରିଚିତ। ବିଶ୍ୱର ୮ଟି ବଡ ଅଟୋମୋବାଇଲ କମ୍ପାନୀ ମଧ୍ୟରେ ଏହା ରହିଛି।

୨୦୦୭ ସେପ୍ଟେମ୍ବର ୨୪ରେ ମିଆଁମାରର ୟାଙ୍ଗୁନରେ ଲକ୍ଷାଧିକ ଲୋକ ସରକାର ବିରୋଧୀ ବିକ୍ଷୋଭ କରିଥିଲେ। ଏହାକୁ ସାଫ୍ରୋନ୍ ବିପ୍ଲବ ବୋଲି କୁହାଯାଏ। ଇନ୍ଧନର ବିକ୍ରି ମୂଲ୍ୟ ଉପରେ ସବସିଡି ହଟାଇବା ନିଷ୍ପତ୍ତିକୁ ବିରୋଧ କରି ଏହି ଆନ୍ଦୋଳନ ହୋଇଥିଲା।

## କଳ୍ପନା ଲାଜ୍‌ମୀଙ୍କ ପରଲୋକ

**ମୁମ୍ବାଇ,୨୩।୯(ପି.ଟି.)**

ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା ଲେଖିକା କଳ୍ପନା ଲାଜ୍‌ମୀଙ୍କ ରବିବାର ୬୪ ବର୍ଷ ବୟସରେ ପରଲୋକ ହୋଇଛି। ଲିଭର୍ ଏବଂ ଜଟିଳ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ କଳ୍ପନା ଦୀର୍ଘଦିନ ହେଲା ସ୍ଥାନୀୟ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ରବିବାର ଅପରାହ୍ନ ୪ଟା ୩୦ରେ ଚିକିତ୍ସାଧୀନ ଅବସ୍ଥାରେ କଳ୍ପନାଙ୍କ ପରଲୋକ ହୋଇଥିବା ତାଙ୍କ ଭାଇ ଦେବ ଲାଜ୍‌ମୀ ସୂଚନା ଦେଇଛନ୍ତି।



ସ୍ଥାନୀୟ ଓସିୱାରା ଶ୍ମଶାନରେ କଳ୍ପନାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବିଶିଷ୍ଟ ନିର୍ଦ୍ଦେଶିକାଙ୍କ ପରଲୋକରେ ସମଗ୍ର ବଲିଉଡ୍ ଜଗତରୁ ଶୋକପ୍ରକାଶ ପାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। କଳ୍ପନା ଥିଲେ ଚିତ୍ରକର ଲଳିତା ଲାଜ୍‌ମୀଙ୍କ ଝିଅ ଏବଂ ଗୁରୁଦତ୍ତଙ୍କ ଝିଆରୀ। ତାଙ୍କ ନିର୍ଦ୍ଦେଶିତ ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି 'ଏକ୍ ପଲ୍', 'ରୁଦାଲି', 'ଦାମନ୍', 'ଦର୍‌ମିୟାଁ', 'ଚିଙ୍ଗାରି' ଇତ୍ୟାଦି।

## ଆତଙ୍କବାଦୀ ନିହତ

**ଶ୍ରୀନଗର,୨୩।୯(ପି.ଟି.)**

ଆତଙ୍କବାଦ ନିରୋଧୀ ଅଭିଯାନରେ ସୁରକ୍ଷା ବାହିନୀକୁ ରବିବାର ଏକ ବଡ଼ ସଫଳତା ମିଳିଛି। ଜୈଶ୍-ଇ-ମହମ୍ମଦର ଜଣେ ଶୀର୍ଷସ୍ତରୀୟ କମାଣ୍ଡରକୁ କଶ୍ମୀରରେ ହତ୍ୟା କରିଛି ସେନା। ଆତଙ୍କବାଦୀ ଜଣକ ଜୈଶ୍ କମାଣ୍ଡର ଅଦ୍‌ନାନ୍ ଏବଂ ସେ ପାକିସ୍ତାନୀ ନାଗରିକ ବୋଲି ଚିହ୍ନଟ କରାଯାଇଛି। ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଏନ୍‌କାଉଣ୍ଟର ବେଳେ ତାଙ୍କୁ ହତ୍ୟା କରାଯାଇଛି। ଜିଲାର ଆରିବାଲ୍ ଅନ୍ତର୍ଗତ ଦର୍ ଗନି ଗୁନ୍ଦ ଗ୍ରାମରେ ଆତଙ୍କବାଦୀ ଲୁଚି ରହିଥିବା ଖବର ପାଇବା ପରେ ସେନା ପକ୍ଷରୁ ସର୍ଚ୍ଚ ଅପରେଶନ୍ ଆରମ୍ଭ ହୋଇଥିଲା। ଗୁଳି ବିନିମୟରେ ଜଣେ ଯବାନ ମଧ୍ୟ ଆହତ ହୋଇଛନ୍ତି ବୋଲି ସେନା ମୁଖପାତ୍ର ସୂଚନା ଦେଇଛନ୍ତି।

## ଦୁଇ ମୁଖ୍ୟ ଅଭିଯୁକ୍ତ ଗିରଫ

**ଚଣ୍ଡିଗଡ଼/ରେୱାଡ଼ି,୨୩।୯(ପି.ଟି.)**

ଧରାପଡ଼ିଲେ ରେୱାଡ଼ି ଗଣବଳାତ୍କାର ମାମଲାର ଦୁଇ ମୁଖ୍ୟ ଅଭିଯୁକ୍ତ ପଙ୍କଜ ଏବଂ ମନୀଷ୍। ଘଟଣାର ୧୦ଦିନ ପରେ ରବିବାର ହରିୟାଣା ପୋଲିସ ରାଜ୍ୟର ମହେନ୍ଦ୍ରଗଡ଼ ଜିଲାର ସତ୍‌ନାଲି ଅଞ୍ଚଳରୁ ସେମାନଙ୍କୁ କାବୁ କରିଛି। ଇତିମଧ୍ୟରେ ପୋଲିସ ଆଖିରେ ଧୂଳି ଦେଇ ବାରମ୍ବାର ସେମାନେ ଠିକଣା ବଦଳାଇ ଚାଲିଥିଲେ। ଫଳରେ ନାକେଦମ୍ ହୋଇ ସାରିଥିଲା ପୋଲିସ ଟିମ୍। ୧୯ ବର୍ଷୀୟା ସିବିଏସ୍‌ଇ ଟପ୍ପର ଛାତ୍ରୀଙ୍କୁ ଗଣବଳାତ୍କାର ପରେ

**ରେୱାଡ଼ି ଗଣବଳାତ୍କାର**



ଦୁଇ ମୁଖ୍ୟ ଅଭିଯୁକ୍ତ ପଙ୍କଜ ଏବଂ ମନୀଷ୍ ଫେରାର ଥିଲେ। ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ପୋଲିସ ପୂର୍ବରୁ ଗିରଫ କରି ସାରିଛି। ପଙ୍କଜ ହେଉଛନ୍ତି ଜଣେ ସେନା ଯବାନ। ଗଣବଳାତ୍କାର ଘଟାଇବା ପରେ ସେମାନେ ନିଜ ମୋବାଇଲ୍ ଫୋନ୍‌କୁ କୌଣସି ଏକ ସ୍ଥାନରେ ପୋତି ଦେଇଥିଲେ। ଏହାପରେ ଧର୍ମଶାଳା ଅଞ୍ଚଳରେ ଏକ ଛୋଟ ଗ୍ରାମରେ ଆଶ୍ରୟ ନେଇଥିଲେ। ରାତି ସମୟରେ ପାହାଡ଼ ଏବଂ ବିଲରେ ଆଶ୍ରୟ ନେଉଥିଲେ ବୋଲି ଏସ୍‌ଆଇଟି ମୁଖ୍ୟ ନାଜ୍‌ନିନ୍ ଭାସିନ୍ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଫେରାର ଅଭିଯୁକ୍ତଙ୍କୁ ଯେଉଁମାନେ ସହଯୋଗ କରିଛନ୍ତି ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଭାସିନ୍ କହିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୨୩.୭ |
| ଚାନ୍ଦବାଲି | ୩୪.୭ | ୨୫.୫ |
| କଟକ | ୩୩.୩ | ୨୩.୫ |
| ପାରାଦ୍ୱୀପ | ୩୧.୭ | ୨୭.୮ |
| ଭୁବନେଶ୍ୱର | ୩୧.୭ | ୨୪.୦ |
| ଗୋପାଳପୁର | ୩୩.୮ | ୨୫.୪ |
| ପୁରୀ | ୩୩.୨ | ୨୬.୪ |
| ଅନୁଗୋଳ | ୩୩.୧ | ୨୧.୬ |
| ବାରିପଦା | ୩୨.୪ | ୨୪.୬ |
| ଝାରସୁଗୁଡ଼ା | ୩୩.୬ | ୨୩.୮ |
| କେନ୍ଦୁଝର | ୩୨.୦ | ୨୧.୬ |
| ସମ୍ବଲପୁର | ୩୪.୨ | ୨୩.୫ |
| ସୁନ୍ଦରଗଡ଼ | ୩୩.୦ | ୨୧.୦ |
| ହୀରାକୁଦ | ୩୪.୦ | ୨୪.୦ |
| ତାଳଚେର | ୩୪.୧ | ୨୪.୬ |
| ଭବାନୀପାଟଣା | --- | ୨୩.୫ |
| ବଲାଙ୍ଗୀର | ୩୩.୪ | ୨୪.୦ |
| କୋରାପୁଟ | ୨୯.୨ | ୧୯.୮ |
| ଫୁଲବାଣୀ | ୩୧.୦ | ୧୯.୦ |
| ଟିଟିଲାଗଡ଼ | --- | ୨୧.୫ |
| ମାଲକାନଗିରି | ୩୧.୮ | --- |
| ସୋନପୁର | ୩୪.୦ | ୨୨.୦ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଥମୁନି ରାଫାଲ୍ ରଣ

**ନୂଆଦିଲ୍ଲୀ ,୨୩।୯(ପି.ଟି.)**



■ଜୋର ଧରିଲା ଜେପିସି ଗଠନ ଦାବି

■ଓଲାନ୍ଦେଙ୍କ ମନ୍ତବ୍ୟରେ ତାଳମେଳ ରହୁନାହିଁ: ଅର୍ଥମନ୍ତ୍ରୀ

■ମୋଦି, ଜେଟ୍‌ଲୀ ମିଛ କହିବା ବନ୍ଦକରନ୍ତୁ: ରାହୁଲ

"ରାଫାଲ ଚୁକ୍ତି ହେଉଛି ଭାରତର ସର୍ବବୃହତ୍ ପ୍ରତିରକ୍ଷା ଦୁର୍ନୀତି। ଜାତୀୟ ସୁରକ୍ଷା ସହ ସାଲିସ କରାଯାଉଛି।
-ପ୍ରଶାନ୍ତ ଭୂଷଣ, ବରିଷ୍ଠ ଓକିଲ



ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ନେଇ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାଁସୁଆ ଓଲାନ୍ଦେଙ୍କ ବୟାନ ପରେ ଭାରତରେ ଆରମ୍ଭ ହୋଇଥିବା ରାଫାଲ୍ ରଣ ଥମିବାର ନା ଧରୁନାହିଁ। ଭାଜପା-କଂଗ୍ରେସ ମଧ୍ୟରେ ରବିବାର ମଧ୍ୟ ଜାରି ରହିଛି ଆରୋପ ପ୍ରତ୍ୟାରୋପର ଧାରା। ବିରୋଧୀଙ୍କ ଅଭିଯୋଗର ସଫେଇ ଦେବାକୁ ଯାଇ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ରବିବାର କହିଛନ୍ତି, ଓଲାନ୍ଦଙ୍କ କଥାରେ କିଛି ତାଳମେଳ ରହୁନାହିଁ। ପ୍ରଥମ ମନ୍ତବ୍ୟରେ ଓଲାନ୍ଦେ ଭାରତ ସରକାରଙ୍କୁ ଦାୟୀ କରୁଛନ୍ତି ଏବଂ ଦ୍ୱିତୀୟରେ ଏ ବିଷୟରେ କିଛି ଜଣାନାହିଁ ବୋଲି କହୁଛନ୍ତି। ଏହା କିଭଳି ସମ୍ଭବ ବୋଲି ଜେଟ୍‌ଲୀ ପ୍ରଶ୍ନ କରିଛନ୍ତି। ରାଫାଲ୍ ନିର୍ମାଣ ପାଇଁ ଫ୍ରେଞ୍ଚ କମ୍ପାନୀ ଦାସଲ୍ଟ ସହ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସ ଲିମିଟେଡ୍‌କୁ ଅଂଶୀଦାର କରିବାରେ ଭାରତ କିମ୍ବା ଫ୍ରାନ୍ସ ସରକାରଙ୍କ କୌଣସି ହାତ ନ ଥିବା ସେ କହିଛନ୍ତି। ଓଲାନ୍ଦେଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଅର୍ଥମନ୍ତ୍ରୀ ଟାର୍ଗେଟ୍ କରିଛନ୍ତି। ଓଲାନ୍ଦେଙ୍କ ଏବଂ ରାହୁଲଙ୍କ ମନ୍ତବ୍ୟ ଯୁଗଳବନ୍ଦୀ ଭଳି ଜଣାପଡୁଛି। ଫ୍ରାନ୍ସରେ ବୋମା ବିସ୍ଫୋରଣ ହେବାକୁ ଯାଉଛି ବୋଲି ଅଗଷ୍ଟ ୩୦ରେ ରାହୁଲ ଗାନ୍ଧୀ ଏକ ଟୁଇଟ୍ କରିଥିଲେ। ସମ୍ଭବତଃ ରାଫାଲ୍ ଚୁକ୍ତିକୁ ନେଇ ସେ ଏଭଳି କହିଥିଲେ। ଓଲାନ୍ଦେ ଏଭଳି କିଛି ମନ୍ତବ୍ୟ ଦେବାକୁ ଯାଉଛନ୍ତି ବୋଲି ରାହୁଲ ପୂର୍ବରୁ କିଭଳି ଆଭାସ ପାଇଥିଲେ ବୋଲି ଜେଟ୍‌ଲୀ କହିଛନ୍ତି। ଏହାସହ ରାଫାଲ୍ ଚୁକ୍ତି ରଦ୍ଦ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ଜେଟ୍‌ଲୀଙ୍କ ଯୁକ୍ତି ପରେ ରାହୁଲ ପୁଣିଥରେ ଅର୍ଥମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ମୋଦି ଏବଂ ଜେଟ୍‌ଲୀ ମିଛ କହିବା ବନ୍ଦ କରନ୍ତୁ। ମିଥ୍ୟା ବନ୍ଦ କରିବାର ବେଳ ଆସିଛି। ସତ୍ୟାସତ୍ୟ ସାମ୍ନାକୁ ଆଣିବା ଲାଗି ସରକାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରନ୍ତୁ। ସେହିପରି ରାଫାଲ ବିମାନ କିଣାବିକା ତଥ୍ୟ ଅନିଲ ଅମ୍ବାନୀଙ୍କୁ ଲିକ୍ କରି ମୋଦି ଶପଥ ଗୋପନୀୟତାର ଉଲ୍ଲଂଘନ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଉତ୍ତରପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏସ୍‌ପି ମୁଖ୍ୟ ଅଖିଳେଶ ସିଂ ଯାଦବ ମଧ୍ୟ ଜେପିସି ଗଠନ ଦାବି କରିଛନ୍ତି।

ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ରାଫାଲ ଚୁକ୍ତିକୁ ଦେଶର ସର୍ବବୃହତ୍ ପ୍ରତିରକ୍ଷା ଦୁର୍ନୀତି ଆଖ୍ୟା ଦେଇଛନ୍ତି। ଏହାର ତଦନ୍ତ କରିବା ଲାଗି ତୁରନ୍ତ ଜେପିସି ଗଠନ କରାଯାଉ। ଦାସଲ୍ଟ ଆଭିଏଶନ୍ ସହ ରିଲାଏନ୍ସ ଡିଫେନ୍ସ କିଭଳି ଭାବେ ଅଂଶୀଦାର ହୋଇପାରିବ। ତାଙ୍କର ଅଧିକାଂଶ କମ୍ପାନୀ ଏବେ ଋଣଗ୍ରସ୍ତ। ଏହା ଦେଶର କେବଳ ଏକ ଦୁର୍ନୀତି ନୁହେଁ, ବରଂ ଜାତୀୟ ସୁରକ୍ଷା ସହ ବୃହତ୍ ଭାବେ ସାଲିସ କରାଯାଉଛି। ବାୟୁସେନା ଅଧିକାରୀଙ୍କୁ ମିଛ କୁହାଯାଉଥିବା ଭୂଷଣ ଅଭିଯୋଗ ଆଣିଛନ୍ତି।



ମଧ୍ୟପ୍ରଦେଶ ବାଗସେବାନିଆରେ ଘଟିଛି ଏକ ଅଭାବନୀୟ ଘଟଣା। ଏଠାରେ ଜଣେ ଥାନାବାବୁଙ୍କ ୨୫ ବର୍ଷୀୟା ଝିଅଙ୍କୁ ୪ ଜଣ ଯୁବକ ଏକ ଢାବାକୁ ଡାକି ନେଇ ଗଣବଳାତ୍କାର କରିଛନ୍ତି। ସମ୍ପୃକ୍ତା ଝିଅଙ୍କଠାରୁ ଅଭିଯୁକ୍ତମାନେ ୪ ଲକ୍ଷ ଟଙ୍କା ଧାର ନେଇଥିଲେ। ଦରକାର ହେବାରୁ ଝିଅ ଟଙ୍କା ମାଗିଥିଲେ। ଯୁବକମାନେ ତାଙ୍କୁ ଟଙ୍କା ଦେବାକୁ ନିକଟସ୍ଥ ଏକ ଢାବାକୁ ଡାକିଥିଲେ। ସେଠାରେ ଯୁବକମାନେ ତାଙ୍କୁ ଗଣବଳାତ୍କାର କରିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି।



### ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

# ଦୋଷ ସ୍ୱୀକାର କଲେ ଯୁବକ

**ଫୁଲବାଣୀ ଅଫିସ/କୋଟଗଡ, ୨୩।୯**

- ୨୦ ଲକ୍ଷ କ୍ଷତିପୂରଣ ଦାବିରେ ରାସ୍ତାରୋକୋ
- ଫାଶୀ ଦେବା ଲାଗି ଦାବି

କନ୍ଧମାଳ ଜିଲା କୋଟଗଡ ଥାନା ଅଞ୍ଚଳରେ ଜଣେ ୯ ବର୍ଷର ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାରେ ସମ୍ପୃକ୍ତ ଯୁବକ ପୋଲିସ ପାଖରେ ରବିବାର ଦୋଷ ସ୍ୱୀକାର କରିଛନ୍ତି । ପ୍ରଥମେ ଚକୋଲେଟ ଦେଇ ଭୁଲାଇ ନେବା ପରେ ବଳାତ୍କାର କରିବା ଏବଂ ଧରା ପଡିଯିବା ଭୟରେ ନାବାଳିକାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ ବୋଲି ପୋଲିସ ଆଗରେ ପ୍ରକାଶ କରିଛନ୍ତି। ରବିବାର ସାଇଣ୍ଟିଫିକ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ଅପରପକ୍ଷେ ମୃତ ନାବାଳିକାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୨୦ ଘଣ୍ଟା ଧରି କୋଟଗଡ ମୁଖ୍ୟରାସ୍ତା ଅବରୋଧ କରିଥିଲେ । ଏଥିସହ ବଳାତ୍କାର କରିଥିବା ଯୁବକଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ଲୋକେ ଅଡି ବସିଛନ୍ତି । ଉକ୍ତ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ନାବାଳିକାର ପରିବାର ପ୍ରତି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି।

ଏହି ଘଟଣାରେ ଗିରଫ ହୋଇଥିବା ଗଗନ ପ୍ରଧାନ ପୋଲିସକୁ କହିଛନ୍ତି, ସେ ନାବାଳିକାଙ୍କୁ ୨ ଥର ବଳାତ୍କାର କରିଛନ୍ତି । ଏହା ପରେ କାଳେ ନାବାଳିକା ଘଟଣା ବିଷୟରେ ଘର ଲୋକଙ୍କୁ କହି ଦେବେ ସେହି ଭୟରେ ତଣ୍ଟିଚିପି ମାରି ଦେଇଥିଲେ। ପୋଲିସ ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ଏବଂ ଗଗନଙ୍କୁ ଡାକ୍ତରୀମାଇନା ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇଛି । ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ରାସ୍ତାରୋକୋ ଯୋଗୁ କୋଟଗଡରୁ ବାଲିଗୁଡା, ମୁନିଗୁଡା, ଭବାନୀପାଟଣା ଓ ରାୟଗଡାକୁ ଗାଡି ଚଳାଚଳ ବନ୍ଦ ରହିଥିଲା । ଏହି ଘଟଣାକୁ ନେଇ କୋଟଗଡର ସମସ୍ତ ଦୋକାନବଜାର ବନ୍ଦ ରହିଛି । ଏ ନେଇ ବାଲିଗୁଡା ଏସ୍‌ଡିପିଓ ନୀତିନ୍ କୁଶଲକର ଦାଗୁଡୁ କହିଛନ୍ତି, ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ଦିଆଯାଇଛି । ସେମାନେ ୨୦ ଲକ୍ଷ ଟଙ୍କା ଦାବି କରୁଛନ୍ତି । ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ । ଅଧିକ କ୍ଷତିପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବାକୁ ଆମେ ଯୋଗାଯୋଗ କରିବୁ। ଆଇନ ଅନୁସାରେ ଦୋଷୀ ଦଣ୍ଡ ପାଇବେ।

ସୂଚନାଯୋଗ୍ୟ, ଶନିବାର ସମ୍ପୃକ୍ତ ନାବାଳିକା ଘର ପାଖରୁ କିଛି ଦୂରରେ ଥିବା ନାଳକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଗଗନ ତାଙ୍କୁ ସେଠାରୁ ନେଇଯାଇ ବଳାତ୍କାର କରିବା ପରେ ହତ୍ୟା କରିଥିଲେ । ପୋଲିସ ମୃତଦେହ ଜବତ କରିବା ସହ ଗଗନଙ୍କୁ ଗିରଫ କରିଥିଲା । ଥାନାରେ ଏ ନେଇ ନଂ. ୪୩/୧୮ରେ ମାମଲା ରୁଜୁ ହୋଇଛି ।

## ଆଜି କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ପୂର୍ବାହ୍ନ ୧୧.୪୫ମିନିଟ୍‌ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ଜଣାପଡ଼ିଛି। ଏହାଛଡ଼ା କିଛି ଅତିରିକ୍ତ ପ୍ରସ୍ତାବ ଆସିପାରେ ବୋଲି ଜଣେ ମନ୍ତ୍ରୀ ସୂଚନା ଦେଇଛନ୍ତି। ପଞ୍ଚାୟତିରାଜ ବିଭାଗ ସମ୍ପର୍କିତ ଏକ ପ୍ରସ୍ତାବ ରହିଥିବା ସୂତ୍ରରୁ ଜଣାପଡ଼ିଛି।

## ଅନ୍ତର୍ଜାତୀୟ ପାର୍ଲାମେଣ୍ଟାରିଆନ ସମ୍ମିଳନୀରେ ଯୋଗଦେବେ କନ୍ଧମାଳ ଏମ୍‌ପି



**ବାଲିଗୁଡ଼ା,୨୩।୯ (ଡି.ଏନ୍.ଏ.)**

କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଅକ୍ଟୋବର ୧୪ରୁ ସୁଇଜରଲାଣ୍ଡର ଜେନେଭାଠାରେ ଆରମ୍ଭ ହେଉଥିବା ଅନ୍ତର୍ଜାତୀୟ ପାର୍ଲାମେଣ୍ଟାରିଆନ ସମ୍ମିଳନୀରେ ଯୋଗ ଦେବେ। ଏଥିରେ ଅଂଶଗ୍ରହଣ କରିବାକୁ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ଉଭୟ ଲୋକ ସଭା ଓ ରାଜ୍ୟ ସଭାରୁ ୧୦ ଜଣ ଏମ୍‌ପିଙ୍କୁ ମନୋନିତ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡିଶାର କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସ୍ଥାନ ପାଇଛନ୍ତି। ଏହି ସମ୍ମିଳନୀ ପାଇଁ ମନୋନୀତ ହୋଇଥିବାରୁ ସେ ବାଚସ୍ପତିଙ୍କୁ ସାଧୁବାଦ ଜଣାଇଛନ୍ତି।

# ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

**କଟକ ଅଫିସ୍, ୨୩।୯**

- ସୁଧ କାରବାରରୁ ଜୀବନ ଗଲା
- ଅଭିଯୁକ୍ତ ଫେରାର

ଟଙ୍କା ଦେଣନେଣକୁ ନେଇ ରବିବାର ସ୍ପଷ୍ଟ ଦିବାଲୋକରେ ସ୍ଥାନୀୟ ପୁରୀଘାଟ ଥାନା ଅନ୍ତର୍ଗତ ପିଠାପୁର କୋଠାସାହି ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ବ୍ୟବସାୟୀ ଜଣକ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ଭଗତପୁର ଅଞ୍ଚଳର ଦିଲୀପ ସାହୁ(୩୫)। ପୋଲିସ ଘଟଣାସ୍ଥଳରୁ ଦୁଇଟି ଖୋକା ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ରିପୋର୍ଟ ପ୍ରସ୍ତୁତି ଯାଏ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ଯଦି ରାତି ସୁଦ୍ଧା କୌଣସି ଅଭିଯୋଗ ନ ହୁଏ ତେବେ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରିବ ବୋଲି ସୂଚନା ଦେଇଛି।

ଦିଲୀପଙ୍କ କଟକ ମାଲଗୋଦାମ ଅଞ୍ଚଳରେ ବ୍ୟବସାୟ ଥିବାବେଳେ ସେ ଲୋକମାନଙ୍କୁ ସୁଧରେ ଟଙ୍କା ଦିଅନ୍ତି। କୋଠାସାହି ଅଞ୍ଚଳର ଅଜିତ୍ ଜେନା ନାମକ ଜଣେ ବ୍ୟକ୍ତିଙ୍କୁ ସେ ଲକ୍ଷାଧିକ ଟଙ୍କା ଉଦ୍ଧାର ଦେଇଥିଲେ। ଏକ ବର୍ଷ ମଧ୍ୟରେ ଟଙ୍କା ପରିଶୋଧ କରିବାକୁ ଦିଲୀପ ଓ ଅଜିତ୍ ମଧ୍ୟରେ ଚୁକ୍ତି ହୋଇଥିଲା। ହେଲେ ଅଜିତ୍ ଟଙ୍କା ଦେବେ ଦେବେ କହି ସମୟ ଗଡ଼ାଇ ଚାଲୁଥିଲେ। ଏପରି କି ସୁଧ ଟଙ୍କା ମଧ୍ୟ ଦେଇ ନ ଥିଲେ। ବହୁବାର ଦିଲୀପ ଟଙ୍କା ଆଣିବା ପାଇଁ ଅଜିତ୍‌ଙ୍କ ଘରକୁ ଯାଇଥିଲେ ମଧ୍ୟ ସେ ଟଙ୍କା ଦେଉ ନ ଥିଲେ। ରବିବାର ଅପରାହ୍ନ ୩ଟା ୩୦ରେ ଦିଲୀପ ଟଙ୍କା ଆଣିବା ପାଇଁ ଅଜିତ୍‌ଙ୍କ ଘରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅଜିତ୍ ଉତ୍ତେଜିତ ହୋଇ ଦିଲୀପଙ୍କ ଉପରକୁ ଦୁଇଟି ଗୁଳି କରିଥିବା ପ୍ରାଥମିକ ଅନୁସନ୍ଧାନ ଜଣାପଡ଼ିଛି ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଅଜିତ୍‌ଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ନ ଥିବାବେଳେ ବହୁ ବ୍ୟକ୍ତିଙ୍କ ଠାରୁ ଟଙ୍କା ଉଦ୍ଧାର ନେଇଥିବା ଡିସିପି କହିଛନ୍ତି। କିନ୍ତୁ ୨୦୧୭ରେ ବାଦାମ୍‌ବାଡ଼ି ଥାନା ଅନ୍ତର୍ଗତ ମହତାବ ରୋଡ ଅଞ୍ଚଳରେ ହୋଇଥିବା ଏକ ବୋମାମାଡ ଘଟଣାରେ ଅଜିତ୍‌ଙ୍କ ସମ୍ପୃକ୍ତିକୁ ନେଇ ପୋଲିସ ସନ୍ଦେହ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଅଜିତ୍ ଏବଂ ତାଙ୍କ ପରିବାର ଲୋକ ଘର ଛାଡ଼ି କେଉଁଆଡେ ଫେରାର ହୋଇଯାଇଛନ୍ତି। ଫଳରେ ଅଜିତ୍ ହିଁ ଗୁଳିମାଡ କରିଥିବା ପୋଲିସ ଏକପ୍ରକାର ନିଶ୍ଚିତ ହୋଇଯାଇଛି। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ସନ୍ଧ୍ୟାରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନାଘନା କରିଛି।







### ଏସ୍‌ସିବିରେ ୧୦୧ ଡେଙ୍ଗୁ ରୋଗୀ

# ଆଖି ବୁଜିଲେ ଆଉ ଜଣେ ରୋଗୀ

**କଟକ ଅଫିସ, ୨୩।୯**

ରାଜ୍ୟରେ ଡେଙ୍ଗୁ କାୟା ବିସ୍ତାର କରି ଚାଲିଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉଜଣେ ଡେଙ୍ଗୁ ରୋଗୀ ଆଖି ବୁଜିଛନ୍ତି। ମୃତ ଯୁବକ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ସୌମ୍ୟରଞ୍ଜନ ନାୟକ (୧୮)। ସେ ଗତ ୨୦ ତାରିଖରେ ଚିକିତ୍ସା ପାଇଁ ଏସ୍‌ସିବିକୁ ଆସିଥିଲେ। ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଏହାକୁ ମିଶାଇ ଏସ୍‌ସିବିରେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଛି। ପୂର୍ବରୁ ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନେ ହେଉଛନ୍ତି ରାୟଗଡ଼ା ଉପକାରାଗାରର ବିଚାରାଧୀନ କଏଦୀ ରବୀନ୍ଦ୍ର ନାୟକ, କଟକ ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳର ପ୍ରତିମା ସ୍ୱାଇଁ, କେନ୍ଦୁଝର ଜିଲାର ତ୍ରୈଲୋକ୍ୟ ବାରିକ ଓ ପୁରୀ ଜିଲାର ପ୍ରଶାନ୍ତ ମହାରଣା।

ଅନ୍ୟପକ୍ଷରେ ରବିବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ୧୦୧ଜଣ ଡେଙ୍ଗୁ ରୋଗୀ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୮୬ଜଣ ରୋଗୀ ୱାର୍ଡରେ ଚିକିତ୍ସିତ ହେଉଥିବାବେଳେ ୧୭ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ସେହିଭଳି ୭୨ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୧୭ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛି। ଏଥିରେ କଟକରୁ ୪, ଜଗତ୍‌ସିଂହପୁର ୪, କେନ୍ଦ୍ରାପଡ଼ା ୬, ନୟାଗଡ଼ ୨ ଓ ଯାଜପୁରର ଜଣେ ରୋଗୀ ରହିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୪ ସେପ୍ଟେମ୍ବର, ୨୦୧୮





ବିହାରର ଫୁଲଓ୍ୱାରିଶରୀଫ୍‌ରେ ଜଣେ ନାବାଳକଙ୍କୁ ମୋବାଇଲ୍ ଚୋରି ଅଭିଯୋଗରେ ବିବସ୍ତ୍ର କରି ଗଛରେ ବାନ୍ଧି ପିଟିଛନ୍ତି କିଛିଲୋକ। ସ୍ଥାନୀୟ ଇସାପୁର ଅଧପା ମୋହଲାରେ ଘଟିଛି ଏହି ଅଘଟଣ। ନୁଲ୍ ଆଲମ୍ ଏବଂ ତାଙ୍କ ଭାଇ ମହମ୍ମୁଦ୍ ୧୨ ବର୍ଷ ବୟସ୍କ ନାବାଳକଙ୍କୁ ପିଟିବା ସହିତ ତାଙ୍କ ଶରୀରରେ ଚିନିସିରା ଢାଳିଥିଲେ। ପିମ୍ପୁଡ଼ି କାମୁଡ଼ିଲେ ନାବାଳକ ସତ ପ୍ରକାଶ କରିବେ ବୋଲି ଏପରି କରାଯାଇଥିଲା। ନାବାଳକଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗ ଆଧାରରେ ନୁଲ୍ ଆଲମ୍ ଏବଂ ତାଙ୍କ ଭାଇ ମହମ୍ମୁଦଙ୍କୁ ପୋଲିସ ଗିରଫ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ମୋନାଲି
ପରିବାରବର୍ଗ



ରୁଦ୍ରାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified


automobile

SALE

For sale Scorpio, Honda City- 2014, Bolero- 2015. Contact: 9090448711, 9861026700. D-64328

real estate

SALE

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64165

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9778832554, 9040307584. D-8497

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

Book 3BHK duplex house Jagamara, Bhubaneswar. Having land area 1260 sqft. and 1900 sqft. construction area. Price- 77 lakh. Bank finance available. 9078151122. D-64172

BDAର ଅରଗୁଳଠାରେ ନିର୍ମିତ IITକୁ ଲାଗି ପିଚୁ ରାସ୍ତାର ସୁବିଧାଥାଇ ଘରବାରି plot ମିଳୁଅଛି। 9777342153. D-64316

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାକୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି। 9938177361, 9776934361. D-64323

ନଖରା ତ୍ରିନାଥ ବଜାରଠାରେ SC plotଘରବାରିପାଚେରିସହ1200କୁ 3,40,000/-ରେ ବିକ୍ରିହେବ। (out right) 9776934361, 9658523912. D-64322

healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Newly open herbal full body massage with re-freshment well trained therapist. 7381239385. D-63097

Newly opening ayurvedic full body massage by expert lady therapist. 9583125024. D-63098

Newly opening ayurvedic body massage in joint pains, smart therapist. 9776383819. D-64168

Newly opening ayurvedic body massage smart therapist, Shree Herbal. 7750020754. D-64169

Experience full body massage with us by experts. Enquiry: 7377048581. D-64170

Physiotherapy and herbal massage by trained ladies/ gents therapist: 7008773793. D-63500

All type of massage and good therapy full body massage Sai herbal spa. 7609005923. D-64202

Opening newly ayurvedic full body massage ladies, gents. 7609923705, 7438851534. D-38532

All type of massage and good therapy full body massage Sai herbal spa. 7609005923. D-64205

G.S Spa herbal full body massage ladies/ gents. 9938526614, 8658292358. D-63099

Saishree ayurvedic full body massage ladies & gents. 9078429117, 7438896074. D-63100


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନିରୁଦ୍ଦିଷ୍ଟ



**ନାମ- କୁଞ୍ଜ ମଲିକ**, ବୟସ- ୫୫, ଗ୍ରାମ- ବଡକୁଜଙ୍ଗ, ଜଗତସିଂହପୁର। ବିଗତ ବାରଦିନ ହେବ ନିଖୋଜ ଅଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି, ଏହି ନମ୍ବରରେ ଯୋଗାଯୋଗ କରନ୍ତୁ। 8763061760, 7609031320. D-63204

## ଜନ୍ମଦିନ ଶୁଭେଚ୍ଛା



(ଦୀପଙ୍କର)

**ବିଶ୍ୱଜିତ ଲେଙ୍କା**

ବାପା-ମନୋଜ ଲେଙ୍କା, ମା- ପ୍ରିୟଦର୍ଶିନୀ ଅନିମା ଲେଙ୍କା

ପଞ୍ଚମ ବାର୍ଷିକ ଜନ୍ମଦିବସରେ ତୋର ଉଜ୍ଜ୍ୱଳମୟ ଭବିଷ୍ୟତ ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ସମସ୍ତଙ୍କର ଏତିକି ପ୍ରାର୍ଥନା ଶୁଭେଚ୍ଛା ସହ: ଜେଜେ, ଜେଜେମା, ଅଜା, ଆଈ, ମାମୁ, ମାଇଁ, ବଡବାବା, ବଡମା, ଦାଦା, ଖୁଡ଼ୀ, ଭାଇ, ବନ୍ଧୁ ଓ ପରିବାରବର୍ଗ। ଧ-୬୩୨୦୫

## ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



(ମୋନାଲି)

**ସ୍ୱୟଂପ୍ରଭା ସାହୁ**

ପଳାଶୁଣୀ, ଭୁବନେଶ୍ୱର-୨୫

ଆଜି ତୋର ଷଷ୍ଠ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଓ ମା' ଖଣ୍ଡେଶ୍ୱରୀଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେମା, ଆଈ, ବାପା, ମା, ବାବା, ମାମା, ଦାଦା, ନାନା, ଭାଇ, ନାନୀ, ମାଉସୀ, ମଉସା, ଖାନ୍‌ସି, ଆର୍ୟନ୍, ବନ୍ଧୁ ଓ ପରିବାରବର୍ଗ। ଧ-୩୮୫୩୩

## ଦଶମ ଜନ୍ମଦିନ ଶୁଭେଚ୍ଛା



(ଗେଲୁ)

**ରୁଦ୍ରାଣୀ ମଲ୍ଲିକ୍**

ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବାପା, ମା, କକା, ଖୁଡ଼ୀ, ପିଉସା, ପିଉସୀ, ଆଈ, ମଉସା, ମାଉସୀ ଓ ପରିବାରବର୍ଗ। ଧ-୮୫୩୬

## ଅଶୋକ ବିହନ ନିଗମର ନିର୍ଦ୍ଦେଶକ ନିର୍ବାଚିତ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

କୃଷକ ନେତା ଅଶୋକ ବରାଳ ଓଡ଼ିଶା ରାଜ୍ୟ ବିହନ ନିଗମର ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି। ଲଗାତର ୩ୟ ଥର ପାଇଁ ଅଶୋକ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ଅଶୋକ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୋରାପୁଟ ଜିଲା ଜୟପୁରର ମନୋଜ ପାତ୍ରଙ୍କୁ ୨,୫୭,୬୭୦ ଭୋଟରେ ପରାସ୍ତ କରିଛନ୍ତି। ଏଥର ନିର୍ବାଚନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ସର୍ବାଧିକ ଚାଷୀଙ୍କ ଭୋଟ୍ ଅଶୋକଙ୍କ ନିକଟକୁଯାଇଛି।ଅଶୋକମୋଟ୩,୭୩,୩୭୦ଭୋଟପାଇଥିବାବେଳେମନୋଜ ୧,୧୫,୭୦୦ ଭୋଟ ଏବଂ ସାନନ୍ଦ ପାଣ୍ଡେ ୩୭,୫୬୦ ଖଣ୍ଡ ଭୋଟ ପାଇଛନ୍ତି।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଶୁକଦେବ ରଣଜିତ୍**

ନିରଞ୍ଜନପୁର, ସୁନ୍ଦରପଦା
ଆବିର୍ଭାବ: ୧୮।୦୬।୧୯୩୬
ତିରୋଧାନ: ୧୪।୦୯।୨୦୧୮

ତୁମର ଅନୁପସ୍ଥିତିରେ ସବୁ ପୂର୍ଣ୍ଣତା ମଧ୍ୟରେ ଏକ ବିରାଟ ଶୂନ୍ୟତା ଯାହାକି ଅପୂରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସମସ୍ତ ବନ୍ଧୁ ଓ ପରିବାରବର୍ଗ। ଧ-୬୪୧୭୫

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଶୈଳଜା କୁମାର ଦାସ**
(କହ୍ନେଇ)

ଧରାବତରଣ: ୨୧।୦୭।୧୯୨୫
ସ୍ୱର୍ଗାରୋହଣ: ୧୪।୦୯।୨୦୧୮
(ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି)
୧୬, ଇଣ୍ଡଷ୍ଟ୍ରିଆଲ କଲୋନୀ, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର

ଆପଣଙ୍କର କର୍ମମୟ ଜୀବନ, କର୍ତ୍ତବ୍ୟନିଷ୍ଠା, ନୀତି, ଆଦର୍ଶ, ତ୍ୟାଗ, ଚିନ୍ତାଧାରା, ଦିଗଦର୍ଶନ, ସଚ୍ଚୋଟପଣିଆ, ପରୋପକାରିତା, ମହାନତା, ଉଦାରପଣତା, ଧର୍ମପରାୟଣତା, ନିର୍ଭୀକତା ଓ ସର୍ବୋପରି ଈଶ୍ୱର ବିଶ୍ୱାସୀ ଗୁଣ ଆମ୍ଭମାନଙ୍କର ନିତ୍ୟ ପାଥେୟ ହେଉ। ଆପଣଙ୍କର ପବିତ୍ର ଅମର ଆତ୍ମାର ଶାନ୍ତି ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ଏବଂ ନାତିନାତୁଣୀମାନେ। ଧ-୬୩୮୪୫

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



**ସାଗରିକା ବେହେରା** (ଟଙ୍କି)

ମୁକୁନ୍ଦପୁର, ଆସିକା (ଗଞ୍ଜାମ)
ଆବିର୍ଭାବ : ୦୬.୦୯.୧୯୯୨
ତିରୋଧାନ : ୧୪.୦୯.୨୦୧୮

ତୋର ବାହାଘର ପରେ ତୋର ସୁଖ ସଂସାରକୁ ନେଇ ଆମେ କେତେ ଆଶା କରିଥିଲୁ। ହେଲେ ବାହାଘରର ବର୍ଷେ ନପୁରୁଣୁ ଆମେ ସମସ୍ତଙ୍କୁ ପାଶୋରୀ ଦେଇ ତୁ କେଉଁ ଅଜଣା ରାଇଜକୁ ଚାଲିଗଲୁ। ଆଜି ତୋର ତିରୋଧାନର ଏକାଦଶାହ ଦିବସରେ ତୋ ଅମର ଆତ୍ମାର ସଦ୍‌ଗତି ଲାଗି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।

ଆଇମା, ବାବା, ମମି, ମାମୁଁ, ମାଇଁ, ମଉସା, ମାଉସୀ, ଲିଜାଅପା, ରୋଜିଅପା, ଦୀପୁ, ଗେଲୁ, ପୁତୁଲି, ଇଶାନୀ, ଇରା, ଛୋଟୁ ଓ ପିଲୁ

ଧ-୮୫୪୧

### ଶ୍ରଦ୍ଧାଞ୍ଜଳି
### ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**୰ ବିମଳ ଚରଣ ମହାନ୍ତି**

(ନାଗଣପୁର, କୁଦାନଗରୀ, କେନ୍ଦ୍ରାପଡ଼ା)
ଆବିର୍ଭାବ ତା. ୨୧.୦୭.୧୯୨୮
ତିରୋଧାନ ତା. ୦୫.୦୯.୨୦୧୭

ସମୟର ଗତି ଆଜି ଆପଣଙ୍କ ବିୟୋଗର ଏକବର୍ଷ ପୂରଣ କରି ଦେଇଛି। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଦାନଧର୍ମ କଥା ଭୁଲି ହେଉନି। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକ ସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ସମସ୍ତ ପରିବାର ଓ ବନ୍ଧୁବର୍ଗ।
କାମିନୀ କୁଟୀର, ପୁରୁଣା ଭୁବନେଶ୍ୱର

ଧ-୮୫୯୬

# ଓଡ଼ିଶା ଆସିବା ପୂର୍ବରୁ ବିଜେଡିକୁ ଶାହଙ୍କ ଟାର୍ଗେଟ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ଦିନିକିଆ ଓଡ଼ିଶା ଗସ୍ତରେ ଆସି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଉଦ୍‌ଘାଟନ କରିବା ସହ ବିଭିନ୍ନ ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟ ସରକାର ବର୍ଜନ କରିବା ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ସୋମବାର ଦିନିକିଆ ଓଡ଼ିଶା ଗସ୍ତରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଆସୁଥିବାରୁ ବିଜେଡି ବିରୋଧରେ ତାଙ୍କ ଆଭିମୁଖ୍ୟ କ'ଣ ହେବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଏଭଳି ସ୍ଥିତିରେ ଓଡ଼ିଶା ଗସ୍ତରେ ଆସିବାର ଦିନକ ପୂର୍ବରୁ ଶାହ ଟୁଇଟ୍ କରି ବିଜେଡି ସରକାର ଉପରେ ବର୍ଷିଛନ୍ତି।

ଶାହ ନିଜ ଟୁଇଟର୍ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିଶ୍ୱର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ଯୋଜନା 'ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା- ଆୟୁଷ୍ମାନ ଭାରତ'ର ଶୁଭାରମ୍ଭ ହୋଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ରାଜନୈତିକ ସ୍ୱାର୍ଥ ଅଥବା ବିଦ୍ୱେଷ କାରଣରୁ ରାଜ୍ୟବାସୀଙ୍କୁ ଏହି ସୁବିଧାରୁ ବଞ୍ଚିତ ରଖିବା ଦୁଃଖଦ ଓ ନିନ୍ଦନୀୟ ଅଟେ। ବିଜେଡିର ସଙ୍କୀର୍ଣ୍ଣ ମାନସିକତା କାରଣରୁ ଓଡ଼ିଶାର ଗରିବ ଜନତାଙ୍କୁ ଏହି ଯୋଜନାର ଲାଭ ମିଳିପାରୁ ନାହିଁ। ଆପଣଙ୍କର ଏଭଳି ହୀନ ରାଜନୀତି ପାଇଁ ଜନତାଙ୍କୁ ଜବାବ୍ ଦେବାକୁ ପଡ଼ିବ ବୋଲି ଶାହ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି କହିଛନ୍ତି। ଏହାସହ ଭାଜପା କାର୍ଯ୍ୟକର୍ତ୍ତାମାନେ ଆପଣଙ୍କର ଏହି ଗରିବ ବିରୋଧୀ ରାଜନୀତି ବିରୋଧରେ ପ୍ରତ୍ୟେକ ଘରକୁ ଯାଇ ଜନତାଙ୍କୁ ଏହି ଅଧିକାର ପାଇଁ ଜାଗ୍ରତ କରିବେ ବୋଲି ସେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ବିଜେଡି ସରକାରକୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ କରିବା ଘଟଣା ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିଥିବାବେଳେ ଶାହଙ୍କ ଆଭିମୁଖ୍ୟ କ'ଣ ହେବ ତାକୁ ଅପେକ୍ଷା କରିଛନ୍ତି।

## ପୂର୍ବତନ ବିଧାୟକ ପ୍ରସନ୍ନ ପାଲଙ୍କ ପରଲୋକ

ବଲାଙ୍ଗୀର ଅଫିସ,୨୩।୯

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରସନ୍ନ ପାଲଙ୍କ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ପରଲୋକ ହୋଇଯାଇଛି। ସେ ପ୍ରଥମେ ୧୯୭୭ରୁ ୧୯୮୦, ୧୯୮୦ରୁ ୧୯୮୫ କଂଗ୍ରେସ ଦଳରୁ ଏବଂ ୧୯୯୦ରୁ ୧୯୯୫ ଜନତା ଦଳରୁ ଏଭଳି ତିନିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ତାଙ୍କପରଲୋକ ଖବର ପ୍ରଚାରିତ ହେବା ପରେ ବଲାଙ୍ଗୀର ଓ କଣ୍ଟାବାଞ୍ଜିରେ ଶୋକ ପ୍ରକାଶ ପାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତେବେ ବହୁଚର୍ଚ୍ଚିତ ପର୍ଶୁରାମ ଶତପଥୀ ହତ୍ୟାକାଣ୍ଡର ରାୟ ୪୦ ବର୍ଷ ପରେ ପ୍ରକାଶ ପାଇବା ପରେ ସେ ଦୋଷୀ ସାବ୍ୟସ୍ତ ହୋଇ ଜାମିନ୍‌ରେ ବାହାରିଥିଲେ।

ପ୍ରଥମ ପୃଷ୍ଠାରୁ...

## ମୋଦି କେୟାର...

ଦେଉଥିବା ସର୍ବଦା ଭାବୁଥିଲେ ଗରିବ କିଛି ଆବଶ୍ୟକତା ନାହିଁ। ସେମାନଙ୍କର ଏହି ଭାବନା ଭୁଲ୍। କାରଣ ଗରିବଙ୍କ ଠାରୁ ବଡ଼ ସ୍ୱାଭିମାନୀ ଆଉ କେହି ନାହିଁ। ଆଜି ଦେଶର ଧନୀକ ଶ୍ରେଣୀକୁ ଯେଉଁ ସ୍ୱାସ୍ଥ୍ୟ ସେବା ମିଳୁଛି ତାହା ଗରିବଙ୍କୁ ମଧ୍ୟ ମିଳିବା ଆବଶ୍ୟକ। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆରୋଗ୍ୟ ମିତ୍ରମାନେ ଏହି ଯୋଜନାର ଫାଇଦା ନେବାରେ ସହାୟକ ହେବେ। ଏଥିସହିତ ଅଙ୍ଗନଓ୍ୱାଡି କର୍ମୀ ଓ ଏଏନଏମ୍ ଭଉଣୀମାନଙ୍କୁ ଏଥିରେ ଯୋଡାଯିବ। ଏହି ଯୋଜନା ଅଧୀନରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯେଉଁ ଖର୍ଚ୍ଚ ହେବ ସେଥିରେ ହସ୍ପିଟାଲରେ ଭର୍ତ୍ତି ହେବା ଠାରୁ ଆରମ୍ଭ କରି ଆବଶ୍ୟକୀୟ ଯାଞ୍ଚ, ଔଷଧ, ଭର୍ତ୍ତି ପୂର୍ବ ତଥା ଚିକିତ୍ସା ଶେଷ ପର୍ଯ୍ୟନ୍ତ ଖର୍ଚ୍ଚକୁ ସାମିଲ କରାଯିବ। ଆଗାମୀ ଦିନରେ ଦେଶରେ ୧.୫ ଲକ୍ଷ ଓ୍ୱେଲନେସ ସେଣ୍ଟର ଖୋଲାଯିବ ବୋଲି ମୋଦି କହିଛନ୍ତି। ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଜରିଆରେ ଦେଶର ୫୦ କୋଟି ଗରିବଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ମିଳିବ। ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ ନିଜର ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦି ଏହି ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ସେ କହିଛନ୍ତି ଯେ, ଏହି ଯୋଜନା ଦ୍ୱାରା ଭବିଷ୍ୟତରେ ନିମ୍ନ ମଧ୍ୟ, ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତଙ୍କୁ ଫାଇଦା ମିଳିବ। ଏଥିସହିତ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ନୂଆ ନିଯୁକ୍ତି ସୃଷ୍ଟି ହେବ। ଟିୟର-୨ ଏବଂ ଟିୟର-୩ ସହରରେ ନୂଆ ହସ୍ପିଟାଲ ତିଆରି ହେବ। ଉଲ୍ଲେଖଥାଉ କି, ସାମାଜିକ ଓ ଆର୍ଥିକ ଜାତି ଜଣଗଣନା ୨୦୧୧ ଆଧାରରେ ଦେଖିଲେ ଏହି ଯୋଜନା ଅଧୀନରେ ଗ୍ରାମାଞ୍ଚଳର ପ୍ରାୟ ୮.୦୩ କୋଟି ଓ ସହରାଞ୍ଚଳରେ ପ୍ରାୟ ୨.୩୩ କୋଟି ପରିବାର ଲାଭାନ୍ୱିତ ହେବେ। ପିଲା ଓ ବୃଦ୍ଧାବୃଦ୍ଧ ଯେପରି ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସ୍ୱତନ୍ତ୍ର ଯତ୍ନ ନିଆଯାଇଛି। ଏଥିସହ ଏଥିରେ ବୟସସୀମାର କଟକଣା ରଖାଯାଇନି। ବର୍ତ୍ତମାନ ଏହି ଯୋଜନା ପାଇଁ କେନ୍ଦ୍ର ସରକାର ୫ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରିଛନ୍ତି। ଆସନ୍ତା ବର୍ଷରୁ ଏହା ସାରା ଦେଶରେ ଲାଗୁ ହୋଇଯିବା ପରେ ସରକାର ଏଥିପାଇଁ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଜାତୀୟ ସାମ୍ପଲ ସର୍ଭେ ସଂସ୍ଥାର ତଥ୍ୟ ଅନୁଯାୟୀ ୮୫.୯ ପ୍ରତିଶତ ଗ୍ରାମାଞ୍ଚଳ ଓ ୮୨ ପ୍ରତିଶତ ସହରୀ ବାସିନ୍ଦା ସ୍ୱାସ୍ଥ୍ୟ ବୀମା ସହ ଜଡିତ ନୁହନ୍ତି। କ୍ୟାନସର, ହୃତଘାତ ସମେତ ୧୩୦୦ ପ୍ରକାର ରୋଗକୁ ଏହି ଯୋଜନା ଅଧୀନରେ ସାମିଲ କରାଯାଇଛି। ଦେଶର ପ୍ରାୟ ୧୩ ହଜାର ଘରୋଇ ଓ ସରକାରୀ ହସ୍ପିଟାଲ ଏଥିରେ ସାମିଲ ହୋଇଥିବା ବେଳେ ୧୪୫୫୫ ନମ୍ବରରେ ଡାଏଲ କରି ଅଥବା କମନ ସର୍ଭିସ ସେଣ୍ଟର ଜରିଆରେ ଯେକୌଣସି ବ୍ୟକ୍ତି ଏହି ଯୋଜନା ସମ୍ପର୍କରେ ଜାଣିପାରିବେ। ୧୩୫୪ ପ୍ୟାକେଜକୁ ଏଥିରେ ସାମିଲ କରାଯାଇଥିବା ବେଳେ ରୋଗୀ ଦେହରେ ବ୍ୟବହୃତ ହେଉଥିବା ମେଡିକାଲ ଯନ୍ତ୍ରପାତି ଖର୍ଚ୍ଚ ପ୍ରାୟ ୧୫ରୁ ୨୦ ପ୍ରତିଶତ ହ୍ରାସ ପାଇବ। ଅଦ୍ୟାବଧି ୩୧ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଏହି ଯୋଜନା ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। ଆସନ୍ତା ୨୫ରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଜନ୍ମ ଦିବସ ଅବସରରେ ଏହାକୁ ସାରା ଦେଶରେ କାର୍ଯ୍ୟକାରୀ କରାଯିବ। ଉଦଘାଟନ ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ଟିଡିପି ବିଧାୟକଙ୍କୁ...

ବେଆଇନ ଖଣି କାରବାର ଓ ଅନେକ ଜନବିରୋଧୀ କାର୍ଯ୍ୟର ଅଭିଯୋଗ ରହିଥିଲା। ବକ୍ସାଇଟ ଖଣି ଉତ୍ତୋଳନ ପାଇଁ ଘରୋଇ କମ୍ପାନୀକୁ ସମର୍ଥନ ଦେଉଥିବାରୁ ପୂର୍ବରୁ ମାଓବାଦୀମାନେ ତାଙ୍କୁ ଧମକ ଦେଇଥିଲେ। ନିଜ ଶଳା ସୁରେଶଙ୍କ ନାଁରେ ବେଆଇନ କ୍ରଶର ଚଳାଇବା, ଜମି ମାଫିଆଙ୍କ ସହ ସମ୍ପୃକ୍ତି ଭଳି ଅନେକ ଦୁର୍ନୀତିରେ ସେ ଜଡ଼ିତ ଥିବା ଅଭିଯୋଗ କରି ମାଓବାଦୀମାନେ ତାଙ୍କୁ ବାରମ୍ବାର ଚେତାବନୀ ଦେଇଆସୁଥିଲେ। ଗତ ୨୧ ତାରିଖରୁ ଲାଲବାହିନୀ ନିଜ ସଙ୍ଗଠନର ପ୍ରତିଷ୍ଠା ସପ୍ତାହ ପାଳନ କରୁଛି। ଏଥିପାଇଁ ପୂର୍ବରୁ ସୀମାନ୍ତର ଅନେକ ସ୍ଥାନରେ ସେମାନେ ପୋଷ୍ଟର ବ୍ୟାନର ଲଗାଇଥିଲେ। ଏହି ସପ୍ତାହ ଅବସରରେ ସେମାନେ ବଡ଼ଧରଣର ହିଂସାକାଣ୍ଡ ଭିଆଇବେ ବୋଲି ଆଶଙ୍କା କରାଯାଉଥିଲା। ସର୍ବେଶ୍ୱରଙ୍କ ଗତିବିଧି ଓ କାର୍ଯ୍ୟକ୍ରମ ଉପରେ ସତର୍କ ଦୃଷ୍ଟି ରଖିଥିଲା ଲାଲବାହିନୀ। ଶେଷରେ ପ୍ରତିଷ୍ଠା ସପ୍ତାହ ଚାଲିଥିବାବେଳେ ରବିବାର ଅପରାହ୍ନରେ ସର୍ବେଶ୍ୱରଙ୍କ ସହ ସୋମାଙ୍କୁ ହତ୍ୟାକରି ମାଓବାଦୀମାନେ ନିଜ ଯୋଜନାକୁ ଅନ୍ତିମ ରୂପ ଦେଇଛନ୍ତି। ସ୍ଥାନୀୟ ପୋଲିସ କହିଛି ଯେ, ମାଓବାଦୀ ପ୍ରବଣ ଅଞ୍ଚଳକୁ କୌଣସି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯିବାବେଳେ ଆମକୁ ପୂର୍ବରୁ ଜଣାଇବା ପାଇଁ ସମସ୍ତ ରାଜନେତାଙ୍କୁ ସତର୍କ କରାଯାଇଥିଲା। କିନ୍ତୁ ସର୍ବେଶ୍ୱର ଓ ସିବେରୀ ନିଜର ଡୁମ୍ବରିଗୁଡ଼ା ଗସ୍ତ ନେଇ ପୋଲିସକୁ କୌଣସି ସୂଚନା ଦେଇ ନଥିଲେ। ଏହି ହତ୍ୟାକାଣ୍ଡରେ ଆନ୍ଧ୍ର-ଓଡ଼ିଶା ସ୍ୱତନ୍ତ୍ର ଜୋନାଲ କମିଟି ସମ୍ପାଦକ ରାମକ୍ରିଷ୍ଣାଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି। ଏହି ଘଟଣା ପରେ ସୀମାନ୍ତ ଓଡ଼ିଶାରେ ହାଇ ଆଲର୍ଟ ଜାରି କରାଯାଇଛି। ଏସ୍‌ଓଜି, ବିଏସ୍‌ଏଫ୍ ଓ ସିଆରପିଏଫ୍ ସଜାଗ ରହିବା ସହ ସୀମାନ୍ତ ପୋଲିସ ଆଉଟପୋଷ୍ଟଗୁଡ଼ିକୁ ସତର୍କ ରହିବା ପାଇଁ କୁହାଯାଇଥିବା ଆଇଜି ଅପରେସନ ଆର୍.ପି. କୋଚେ ସୂଚନା ଦେଇଛନ୍ତି। କୋରାପୁଟ ଜିଲା ପୋଲିସର ସୂଚନା ଅନୁଯାୟୀ, ସୀମାନ୍ତ ସିଲ୍ କରାଯିବା ସହ ନିରାପତ୍ତା ବାହିନୀ ପକ୍ଷରୁ କୋମ୍ବିଂ ଜୋରଦାର କରାଯାଇଛି।

## ଡାହାଣୀ ସନ୍ଦେହରେ...

୨ ମହିଳା ସୂର୍ଯ୍ୟ ହେମ୍ବ୍ରମ ଏବଂ କାର୍ମୀ ମୁର୍ମୁଙ୍କୁ ହାଣିବା ପାଇଁ ସେ କୁରାଢ଼ି ଧରି ଗୋଡ଼ାଇଥିଲେ। ଲୋକଙ୍କ ଆଖି ସାମ୍ନାରେ ରକ୍ତମୁଖା ଶ୍ୟାମ ୨ ମହିଳାଙ୍କୁ ହାଣି ପକାଇଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ସୂର୍ଯ୍ୟ ଓ କର୍ମୀଙ୍କ ମୃତ୍ୟୁ ଘଟିଥିଲା। ଉପସ୍ଥିତ ଲୋକେ ଏଭଳି ହତ୍ୟା ଘଟଣାରେ ଆତଙ୍କିତ ହୋଇ ଜୀବନ ରକ୍ଷା ପାଇଁ ଧାଇଁ ପଳାଇଯାଇଥିଲେ। ଏହାପରେ ଅଭିଯୁକ୍ତ ଥାନାକୁ ଯାଇ ଆତ୍ମସମର୍ପଣ କରିଥିବା କହିଥିବାବେଳେ ପୋଲିସ ଏହାକୁ ଖଣ୍ଡନ କରିଛି। ପୋଲିସ ହତ୍ୟା ଖବର ପାଇ ମଧୁପୁର ଗ୍ରାମକୁ ଯିବାବେଳେ ବାଟରୁ ଅଭିଯୁକ୍ତ ଶ୍ୟାମଙ୍କୁ ଗିରଫ କରିଥିବା ଏସଡିପିଓ ଧର ସୂଚନା ଦେଇଛନ୍ତି। ଏନେଇ ଜାମଦା ଥାନାରେ ଏକ ହତ୍ୟା ମାମଲା (ନଂ. ୨୯/୧୮) ରୁଜୁ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ି ଓ ଧନୁ ତୀରକୁ ଜବତ କରାଯାଇଛି। ଡାହାଣୀ ସନ୍ଦେହଜନିତ ହତ୍ୟାକୁ ରୋକିବାପାଇଁ ପୋଲିସ ଓ ପ୍ରଶାସନ ଉଦ୍ୟମ କରୁଥିବା କହୁଥିଲେ ହେଁ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ଏହାର କିଛି ପ୍ରଭାବ ପଡ଼ି ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସପ୍ତମ ଦ୍ୱାଦଶାଧିପ ଏକତ୍ର ରହିଥିବାରୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ। ଶତ୍ରୁତା କରୁଥିବା ଲୋକ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବାକୁ ମନସ୍ଥ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ସହମତିରେ କାର୍ଯ୍ୟକରିବା ହିତକର ହେବ। ଅଫିସ୍‌ରେ ସ୍ଥଗିତ କାମ ପାଇଁ କୈଫିୟତ ଦେବାକୁ ପଡ଼ିପାରେ।

**ବୃଷ** ଭାଗ୍ୟସ୍ଥାନରେ ସପ୍ତମାଧିପ ପରିବାରର ସହଯୋଗରେ କାର୍ଯ୍ୟ ସାଧିତ କରାଇବ। ବନ୍ଧୁମାନଙ୍କ ପରୋକ୍ଷ କାର୍ଯ୍ୟାବଳୀ ସାମୟିକ ଅସ୍ଥିରତାର କାରଣ ହୋଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ଅସହଯୋଗ ଓ ପରୋକ୍ଷ ସମାଲୋଚନାରେ କ୍ଷୁବ୍ଧ ହେବେ।

**ମିଥୁନ** ଧନାଧିପତି ଧର୍ମଭାବରେ ଅବସ୍ଥାନ କରି ମହତ କାମରେ ବ୍ୟୟ ବରାଦ କରାଇବେ। ବନ୍ଧୁମାନଙ୍କ ସାହାଯ୍ୟ ଲାଭକରି ନୂତନ କାମ ଆରମ୍ଭ କରିବା ସକାଶେ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ସାଙ୍ଗସାଥୀମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ।

**କର୍କଟ** ଶୁଭଗ୍ରହ ପ୍ରଭାବରୁ କର୍ମକ୍ଷେତ୍ରରେ ସମସ୍ତ ପ୍ରକାରର ସୁବିଧା ହାସଲ କରି କାର୍ଯ୍ୟ ସାଧନ କରିବେ। ବାଣିଜ୍ୟ, ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ନିଜର ଚତୁଃପାର୍ଶ୍ୱରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ମନ ହାଲୁକା ହୋଇଯିବ।

**ସିଂହ** ସପ୍ତମଭାବରେ ବ୍ୟୟାଧିପ ବ୍ୟବସାୟ ଅନୁକୂଳ ରହିବ। ଯାତ୍ରା କାଳରେ ସତର୍କରେ ନ ରହିଲେ ବିବାଦ ଘେରରେ ପଡିପାରନ୍ତି। ସଭାସମିତି, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ଅନର୍ଥର କାରଣ ହେବାର ଆଶଙ୍କା ରହିଛି।

**କନ୍ୟା** ଗ୍ରହସ୍ଥିତିର ସାମ୍ୟତା ପ୍ରତ୍ୟେକ କ୍ଷେତ୍ରରେ ଶୁଭଫଳ ପ୍ରଦାନରେ ସହାୟକ ହେବ। ଆଜି ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା** ଶନିଙ୍କ କ୍ଷେତ୍ରରେ ଚନ୍ଦ୍ରଙ୍କ ସ୍ଥିତି କାରଣରୁ ମାନସିକ ସ୍ତରରେ ଶିଥିଳତା ଜନିତ ଅବସାଦଗ୍ରସ୍ତ ହୋଇପାରନ୍ତି। ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନତୁବା ଅଯଥା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିବାରରେ ସୁଖ, ଶାନ୍ତି ରାଜୁତି କରିବ, କିନ୍ତୁ ଏଥିପାଇଁ କିଛିଟା ସ୍ୱାର୍ଥତ୍ୟାଗ ଜରୁରୀ ହୋଇପାରେ।

**ବିଛା** ପୁହଁ ସ୍ଥାନରେ ଶନି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା କରି ରଖିପାରେ। ତଥାପି ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ ଓ ଲକ୍ଷ୍ୟ ପୂରଣ କରିବାରେ ଅସୁବିଧା ହେବନାହିଁ। ଆଜିର ଯାତ୍ରା ସମୟ,ବନ୍ଧୁମିଳନ, ଆଲୋଚନା କିମ୍ବା ସଭା ସମିତିରେ ଆଗ୍ରହୀ ହୋଇପାରନ୍ତି। ମାଲିମକଦ୍ଦମାରେ ବିଜୟପ୍ରାପ୍ତିର ଆଶା କରିବେ।

**ଧନୁ** ଦ୍ୱିତୀୟରେ ମଙ୍ଗଳ ଓ ରାଶିରେ ଶନି ଆପଣଙ୍କ ରୁକ୍ଷ ଭାଷାର କଠୋରତା ଓ ଜିଦ୍ ସମସ୍ୟା ସୃଷ୍ଟି କରିବ। କାର୍ଯ୍ୟ ହାସଲ କରିବା କ୍ଷେତ୍ରରେ କୌଶଳପୂର୍ଣ୍ଣ କଥା ମାଧ୍ୟମରେ ବନ୍ଧୁମାନଙ୍କୁ ମନାଇ କାମ ହାସଲ କରପାରିବେ। ପ୍ରତ୍ୟେକ କ୍ଷେତ୍ରରେ ଭାବି ଚିନ୍ତି କାମ କରନ୍ତୁ, ଅଯଥା ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନାହିଁ।

**ମକର** ରାଶିରେ କେତୁଙ୍କ ପ୍ରଭାବରେ ଅନ୍ୟମାନଙ୍କ ବେଖାତିର ଓ ଶ୍ରୁତିକଟୁ ବ୍ୟବହାରରୁ ଅସନ୍ତୁଷ୍ଟ ରହିବେ। ବାଣିଜ୍ୟ, ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ ହେବେ। ଯାତ୍ରାକାଳୀନ ଯାନବାହନରେ ସତର୍କ ରହିବା ଭଲ ହେବ, ଅନ୍ୟଥା ସମସ୍ୟା ଆସିପାରେ। ସଭାସମିତିରେ ବନ୍ଧୁମାନଙ୍କ ସହ ମତ ପାର୍ଥକ୍ୟ କାରଣରୁ ଅଶାନ୍ତି ଉପୁଜିବ।

**କୁମ୍ଭ** ରାଶିରେ ଚନ୍ଦ୍ରଙ୍କ ଅବସ୍ଥାନ ବିବାଦୀୟ ପରିସ୍ଥିତି ସକାଶେ ଚିନ୍ତିତ କରାଇବ। ଆପଣଙ୍କ କାମ ହାସଲରେ ବନ୍ଧୁଙ୍କ ବାଚନିକ ସାହାଯ୍ୟ ସାମାନ୍ୟ ସହାୟକ ହୋଇପାରେ। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ୍ ହେବେ।

**ମୀନ** ରାଶିପ୍ରତି ବଳିଷ୍ଠ ବୁଧଙ୍କ ପ୍ରତ୍ୟକ୍ଷ ଦୃଷ୍ଟି କାରଣରୁ ସକାଳୁ ସକାଳୁ ଶୁଭ ଖବର ପାଇ ମନଟା ଖୁସି ହୋଇଯିବ। ଦୀର୍ଘ ଦିନରୁ ପାଉ ନ ଥିବା ଅର୍ଥକୁ କୌଶଳ ପ୍ରୟୋଗ କରି ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ଋଣ ପରିଶୋଧ କରିପାରିବେ ନାହିଁ।

ଆଜି ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ସୋମବାର, ସେପ୍ଟେମ୍ବର ୨୪ ତାରିଖ, ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ, ରାଶି ନକ୍ଷତ୍ର- ପୂର୍ବଭାଦ୍ରପଦ/କୁମ୍ଭ, ଧନୁ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ, ଦିବା ଘ୭।୧୧ମି. ମଧ୍ୟେ, ଘ୧।୦୭ମି. ଗତେ ଘ୨।୩୭ମି. ମଧ୍ୟେ, ଘ୪।୦୭ମି. ଗତେ ଘ୫।୩୭ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୧ମି. ଗତେ ଘ୧୦।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୦୯ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।



ମଧ୍ୟପ୍ରଦେଶ ଆମ୍ବେଡକର ହସ୍ପିଟାଲରେ ଘଟିଛି ଏକ ଅଘଟଣ। ଏଠାରେ ଜଣେ ଗର୍ଭବତୀଙ୍କ ମାତୃତ୍ୱ ଅସ୍ତ୍ରୋପଚାର ମୋବାଇଲ୍ ଆଲୋକରେ କରାଯାଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି। ଅସ୍ତ୍ରୋପଚାର ଚାଲିଥିବା ସମୟରେ ଏକଘଣ୍ଟା ପାଇଁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଅସ୍ଥାୟୀ କର୍ମଚାରୀଙ୍କୁ କାମରୁ ବାହାର କରାଯାଇଥିବାରୁ ଜେନେରେଟର ମଧ୍ୟ କାମ କରି ନ ଥିଲା। ଫଳରେ ଡାକ୍ତରମାନେ ବାଧ୍ୟହୋଇ ମୋବାଇଲ୍ ଆଲୋକରେ ଅସ୍ତ୍ରୋପଚାର ଶେଷ କରିଥିଲେ ବୋଲି ହସ୍ପିଟାଲ ମୁଖ୍ୟ ଡାକ୍ତର ହଂସରାଜ ବର୍ମା ସୂଚନା ଦେଇଛନ୍ତି।




## ସଂକ୍ଷେପରେ

### ଆଜିଠୁ ବିଜେଡିର ରାଜ୍ୟବ୍ୟାପୀ ମହିଳା ସମାବେଶ

■ ରାଜ୍ୟ ସରକାରଙ୍କ ସଫଳତା ଏବଂ କେନ୍ଦ୍ର ସରକାରର ବିଫଳତା ଲୋକଙ୍କୁ ଜଣାଯିବ: ମଲ୍ଲିକ

ଭୁବନେଶ୍ୱର,୨୩।୯(ବ୍ୟୁରୋ): ରାଜ୍ୟର ସବୁ ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହେବ। ସୋମବାରଠାରୁ ଆରମ୍ଭ ହେବାକୁ ଥିବା ଏହି ସମାବେଶ ଆସନ୍ତା ୩୦ ପର୍ଯ୍ୟନ୍ତ ଚାଲିବ। ପର୍ଯ୍ୟାୟକ୍ରମେ ସବୁ ନିର୍ବାଚନ ମଣ୍ଡଳୀରେ ଏହି ସମାବେଶ କରାଯିବ। ରାଜ୍ୟ ସରକାରଙ୍କ ସଫଳତା ଏବଂ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ମହିଳାମାନେ ରାଜ୍ୟର ସମସ୍ତ ଲୋକଙ୍କୁ ଏହି ସମାବେଶ ଜରିଆରେ ଜଣାଇବେ। ରାଜ୍ୟ ସରକାରଙ୍କ ସଫଳତାର ବାର୍ତ୍ତା ତଥା ମହିଳାଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ପ୍ରୋତ୍ସାହିତ କରିବା, ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ କ୍ଷେତ୍ରରେ ମହିଳାଙ୍କୁ ସଶକ୍ତୀକରଣ କରିବା, ତୃଣମୂଳସ୍ତର ପର୍ଯ୍ୟନ୍ତ ମହିଳାଙ୍କୁ ସଂଗଠିତ କରିବା ପାଇଁ ରାଜ୍ୟ ସରକାରଙ୍କ ଅବଦାନ ଲୋକମାନଙ୍କୁ ଜଣାଯିବ। ଏହାସହ ମହାନଦୀ, ପୋଲାଭରମ୍ ତଥା ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ସମ୍ପର୍କୀୟ ବିଭିନ୍ନ ପ୍ରସଙ୍ଗକୁ ଏହି ସମାବେଶ ଦ୍ୱାରା ପ୍ରତ୍ୟେକ ଘରେ ପହଁଚାଯିବ। ଓଡ଼ିଶା ପ୍ରତି କେନ୍ଦ୍ରର ଅବିଚାର, ଭାରତବର୍ଷର ରାଜନୈତିକ ପରିସ୍ଥିତି ଏବଂ ଏଭଳି ପରିସ୍ଥିତିରେ ଓଡ଼ିଶା କେତେ ଲାଭାନ୍ୱିତ ଓ କ୍ଷତିଗ୍ରସ୍ତ ହୋଇଛି, ରାଜ୍ୟର ପ୍ରଗତି, ଅଗ୍ରଗତି ଓ ବିକାଶ କେତେ ହୋଇଛି, ବିଶେଷଭାବେ ମହିଳାମାନଙ୍କ ସମାଜ ଗଠନରେ ଅବଦାନ, ଯୋଗଦାନ ଏବଂ ଭବିଷ୍ୟତରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ଗୁରୁତ୍ୱ ଦେବା ଏହି ସମାବେଶର ମୂଳ ଲକ୍ଷ୍ୟ ବୋଲି ବିଜେଡି ମହିଳା ସଭାପତି ପ୍ରମିଳା ମଲ୍ଲିକ ସୂଚନା ଦେଇଛନ୍ତି।

# 'ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ'

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ଓଡ଼ିଶା ଏବେ ଆମ ଫୋକସ୍‌ରେ ଅଛି। ରାଜ୍ୟର ବିଜେଡି ସରକାର ମହିଳା ବିରୋଧୀ। ଏ ସରକାର ମହିଳାମାନଙ୍କ ପାଇଁ କିଛି କରି ନାହିଁ। ମହିଳାଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଏସବୁ କଥା ଲୋକମାନଙ୍କ ସାମ୍ନାକୁ ନେବୁ। ମହିଳାମାନଙ୍କୁ ସୁରକ୍ଷା ଯୋଗାଇଦେବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ବିଜୟା ରାହତ୍‌କର ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ମହିଳା ବିରୋଧୀ କାର୍ଯ୍ୟକ୍ରମ ବିରୋଧରେ ଭାଜପା ନିକଟରେ ରାଜ୍ୟବ୍ୟାପୀ ମହିଳା ସୁରକ୍ଷା ଯାତ୍ରା କରିଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ମହିଳା ମୋର୍ଚ୍ଚା ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଛୋଟବଡ଼ ହୋଇ ୪୫୦ଟି ସଭା କରିଥିଲା। ସବୁ ସ୍ଥାନରେ ଆମକୁ ସଫଳତା ମିଳିଛି। ସବୁ ଦିଗରୁ ଚିନ୍ତା କରିବା ପରେ ଓଡ଼ିଶାରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ କରିବାକୁ ସ୍ଥିର କରିଥିବା ସେ କହିଛନ୍ତି। ଓଡ଼ିଶାରେ ଆମେ ସରକାର କରିବୁ। ଆଉ ଏଠାରେ ସରକାର ବଦଳାଇବାର ମୁଖ୍ୟ ଭୂମିକା ମହିଳାମାନେ ନେବେ। ଆଗାମୀ ନିର୍ବାଚନରେ ମହିଳାଙ୍କୁ ଅଧିକ ଟିକେଟ ଦିଆଯିବ ବୋଲି ରାହତ୍‌କର କହିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷା ବିଜୟା ରାହତ୍‌କର(ମଝି)ଙ୍କ ସହ ଅନ୍ୟମାନେ।

■ ଆମକୁ ଅନୁସରଣ କରୁଛନ୍ତି: ପ୍ରମିଳା ମଲ୍ଲିକ

ଦଳୀୟ ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ହୋଇଥିବା ଖବରଦାତା ସମ୍ମିଳନୀରେ ରାହତ୍‌କର କହିଛନ୍ତି ଯେ, ଭାଜପାର ୩ଦିନିଆ ମହିଳା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ପୁରୀରେ ଆରମ୍ଭ ହୋଇଛି । ଦେଶରୁ ଆସିଥିବା ୨ଶହ ପଦାଧିକାରୀମାନଙ୍କ ବୈଠକ ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ନେଇ କରାଯାଉଛି। ଓଡ଼ିଶା ସହ ଦେଶରେ ଥିବା ସମସ୍ତ ବୁଥ୍‌କୁ ମଜଭୁତ କରାଯିବ। ସବୁ ସ୍ଥାନରେ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ରଖିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ବୁଥ୍‌ରେ ଅତି କମ୍‌ରେ ୫ଜଣ ମହିଳା କାର୍ଯ୍ୟକର୍ତ୍ତା କାମ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚା ଭଲ କାମ କରୁଛି। ମହିଳାମାନଙ୍କ ପାଇଁ ମୋଦି ସରକାର ବହୁ ଯୋଜନା ମଧ୍ୟ କରିଛନ୍ତି। ବେଟି ବଚାଓ ବେଟି ପଢ଼ାଓ, ମୁଦ୍ରା, ସ୍ୱଚ୍ଛ ଭାରତ, ସୁକନ୍ୟା ସମୃଦ୍ଧି, ଉଜ୍ଜ୍ୱଳା ଯୋଜନା ଦ୍ୱାରା କୋଟି କୋଟି ମହିଳା ଉପକୃତ ହୋଇଛନ୍ତି । ସେହିପରି ମୋଦି ସରକାର ତ୍ରିପଲ ତଲାକକୁ ଉଚ୍ଛେଦ କରି ପାଖାପାଖି ଦେଶର ୮କୋଟିରୁ ଊର୍ଦ୍ଧ୍ୱ ମୁସଲିମ ମହିଳାଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା ସହ ପୋକ୍‌ସୋ ଆକ୍ଟରେ ସଂଶୋଧନ ଆଣି ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଓଡ଼ିଶାରେ ମହିଳାଙ୍କ ପ୍ରତି ଅତ୍ୟାଚାର ଓ ବ୍ୟଭିଚାର ବୃଦ୍ଧି ପାଉଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୌଣସି ମନ୍ତବ୍ୟ ନ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି କାର୍ଯ୍ୟକ୍ରମରେ ୩ଟି ପ୍ରସ୍ତାବ ପାରିତ ହେବ। ରାଜନୈତିକ, ମହିଳାଙ୍କ ପାଇଁ ହୋଇଥିବା ଯୋଜନା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପାଇଁ ଶୋକ ଭଳି ପ୍ରସ୍ତାବ ରହିବ। ଏହି କାର୍ଯ୍ୟସମିତିରେ ବିଜେଡି ସରକାରର ଅପାରଗତା ବିରୋଧରେ ଆଲୋଚନା ହେବା ସହ ଦେଶର ମହିଳାମାନଙ୍କୁ ନୂତନ ଦିଶା ଦିଆଯିବାର ରୋଡମ୍ୟାପ ପ୍ରସ୍ତୁତ କରାଯିବ ବୋଲି ରାହତକର୍ କହିଛନ୍ତି। ସୋମବାର ଅପରାହ୍ନରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀର ଉଦ୍‌ଘାଟନ କରିବେ।

ବିଜେଡି ମହିଳା ସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ସେମାନେ ଦିଲ୍ଲୀରେ କିମ୍ବା ଭାଜପା ଶାସିତ ରାଜ୍ୟଗୁଡ଼ିକରେ ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହେଉଛନ୍ତି। ସେକଥା ଚିନ୍ତା ନ କରି ଓଡ଼ିଶା ସରକାରଙ୍କ ବିରୋଧରେ କ'ଣ କହୁଛନ୍ତି। ଭାଜପା ସବୁବେଳେ ବିଜେଡିକୁ ଅନୁସରଣ କରି ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ କରୁଛି। ଆମେ ଯଦି ମହିଳା କାର୍ଯ୍ୟକ୍ରମ କରି ନ ଥାଆନ୍ତୁ ତେବେ ସେମାନେ ମଧ୍ୟ ଓଡ଼ିଶାରେ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ କରି ନ ଥାଆନ୍ତେ ବୋଲି ପ୍ରମିଳା କହିଛନ୍ତି।

# ପୁରୀରେ ଆଜିଠାରୁ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ

ପୁରୀ ଅଫିସ, ୨୩।୯

■ ଉଦ୍‌ଘାଟନ କରିବେ ଅମିତ ଶାହ
■ ପହଞ୍ଚିଲେ ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୨ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଦଳୀୟ ସାଧାରଣ ସଭାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଶନିବାର ସେ ଯେଉଁଭଳି ଭାବେ ରାଜ୍ୟ ସରକାରଙ୍କୁ ଆକ୍ଷେପ କରିଥିଲେ ତାହା ରାଜନୈତିକ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ସୋମବାର ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ ପୁରୀ ଆସୁଛନ୍ତି। ରାଜ୍ୟ ସରକାରଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ପରିବର୍ତ୍ତନ ପରେ ଶାହ ପୁରୀରେ କିଭଳି ମନ୍ତବ୍ୟ ରଖୁଛନ୍ତି ତାହାକୁ ନେଇ ଏବେ ରାଜନୈତିକ ସମୀକ୍ଷକଙ୍କ ମହଲରେ ଆଲୋଚନା ଜୋର୍ ଧରିଛି।

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସବୁ ଦଳ ନିଜ ସଂଗଠନ ସଜାଡିବା ଆରମ୍ଭ କରିଦେଇଛନ୍ତି। ତୃଣମୂଳ ସ୍ତରର କର୍ମୀଙ୍କଠାରୁ ଏହି ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ସୋମବାର ପୁରୀରେ ଭାଜପା ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ। ଏହାସହିତ ଭାଜପାର ମହିଳା ସମାବେଶ ମଧ୍ୟ ଅନୁଷ୍ଠିତ ହେବ। ଦଳର ଏହି ଦୁଇଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରୀୟ ସଭାପତି ଶାହ। ମହିଳା ସମାବେଶ ଲାଗି ଦଳ ପକ୍ଷରୁ ଶରଧାବାଲିରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିରେ ରାଜ୍ୟର ପ୍ରତି ପଞ୍ଚାୟତର ୫ଟି ବୁଥ୍‌ର ମହିଳା ପ୍ରମୁଖ ଯୋଗଦେବେ। ପ୍ରାୟ ୧୦ରୁ ୧୨ ହଜାର ମହିଳା କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶାହ ଏହି ସମାବେଶକୁ ଉଦ୍‌ଘାଟନ କରି ମହିଳା କର୍ମୀଙ୍କୁ ସଂଗଠନ ସଜାଡିବା ସହିତ ୨୦୧୯ ନିର୍ବାଚନରେ ଭାଜପା କିଭଳି ମହିଳା ଭୋଟ ହାତେଇବ ସେ ନେଇ ମନ୍ତ୍ର ଦେବେ। ଅପରାହ୍ନ ୩ଟାରେ ହୋଟେଲ ଗୋଲଡେନ୍ ପ୍ୟାଲେସରେ ହେବାକୁ ଥିବା ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀକୁ ଉଦ୍‌ଘାଟନ କରିବେ। କାର୍ଯ୍ୟକାରିଣୀରେ ଦେଶର ବିଭିନ୍ନ ରାଜ୍ୟରୁ ୨ଶହ ପ୍ରତିନିଧି ଯୋଗଦେବେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକାରିଣୀରେ ମହିଳା ମୋର୍ଚ୍ଚା ତା'ର ରୋଡ ମ୍ୟାପ ପ୍ରସ୍ତୁତ କରିବ ବୋଲି ସୂଚନା ମିଳିଛି।

ସୋମବାର ମଧ୍ୟାହ୍ନ ୧୨ଟା ୧୦ରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶାହ ଶରଧାବାଲି ସମାବେଶ ସ୍ଥଳରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସମାବେଶରେ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ସମେତ ବହୁ ହେଭିୱେଟ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଦଳୀୟ ସୂତ୍ରରୁ ଜଣାପଡିଛି।

ଅନ୍ୟପକ୍ଷରେ ରବିବାର ଅପରାହ୍ନରେ ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ବିଜୟା ରାହାତ୍‌କର ପୁରୀରେ ପହଞ୍ଚିଛନ୍ତି। ଦଳ ପକ୍ଷରୁ ଅଠରନଳାରୁ ଏକ ଶୋଭାଯାତ୍ରା ହୋଟେଲ ଗୋଲଡେନ୍ ପ୍ୟାଲେସ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା। ତାଙ୍କ ସହ ଦଳର ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଉକ୍ତ ହୋଟେଲରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଥିଲା। ୩୦ଜଣ ରାଷ୍ଟ୍ରୀୟ ପଦାଧିକାରୀ ବୈଠକରେ ଉପସ୍ଥିତ ଥିଲେ।

# ୧୩ ଜିଲାରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ସମୁଦ୍ର ପତନଠାରୁ ୦.୯ କିମି କେନ୍ଦ୍ରୀୟ ଆସାମ ଏବଂ ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଓଡ଼ିଶାର ୧୩ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏନେଇ ପାଣିପାଗ କେନ୍ଦ୍ର କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ରାୟଗଡା, ଖୋର୍ଦ୍ଧା, କଟକ, ଯାଜପୁର, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଏବଂ ସୁନ୍ଦରଗଡ ଜିଲାଗୁଡ଼ିକୁ ସତର୍କ କରାଇ ଦେଇଛି। ରବିବାର ଅପରାହ୍ନ ସାଢେ ୫ଟା ସୁଦ୍ଧା କଟକରେ ସର୍ବାଧିକ ୨୧ ମିମି ଏବଂ ଭୁବନେଶ୍ୱରରେ ୩ ମିମି ବର୍ଷା ରେକର୍ଡ କରାଯାଇଛି। ଗତ ଚାରିଦିନ ଧରି ସାମୁଦ୍ରିକ ବାତ୍ୟା ଡାଏ ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ସହିତ ପବନ ହୋଇଥିଲା। ରବିବାର ସକାଳେ ଏହି ପାଗରେ ପରିବର୍ତ୍ତନ ଆସିଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରେ ପାଗ ଖରାଟିଆ ରହିଥିବାବେଳେ ମଧ୍ୟାହ୍ନରେ ରାଜଧାନୀରେ କିଛି ସମୟ ପାଇଁ ବର୍ଷା ହୋଇଛି। ଚାନ୍ଦବାଲିରେ ସର୍ବାଧିକ ତାପମାତ୍ରା ୩୪.୭ ଡିଗ୍ରୀ ସେଲସିୟସ୍ ଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ୧୯ ଡିଗ୍ରୀ ସେଲସିୟସ୍ ରହିଛି।

■ ଗସ୍ତ ସାରି ଫେରିଲେ ଆମିକସ୍ କ୍ୟୁରି

# ସେବାୟତଙ୍କୁ ସମୟାନୁବର୍ତ୍ତିତା ପରାମର୍ଶ

ପୁରୀ ଅଫିସ, ୨୩।୯

ଶ୍ରୀମନ୍ଦିର ସଂସ୍କାର ମାମଲାରେ ନିଯୁକ୍ତ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କ ଦୁଇଦିନିଆ ପୁରୀ କାର୍ଯ୍ୟକ୍ରମ ଶେଷ ହୋଇଛି। ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗରେ ସେ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରି ରବିବାର ସକାଳେ ଦିଲ୍ଲୀ ଫେରିଯାଇଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଶ୍ରୀମନ୍ଦିର ସେବାୟତମାନେ ଭକ୍ତଙ୍କ ପ୍ରତି ଭଲ ବ୍ୟବହାର ପ୍ରଦର୍ଶନ କରିବା ଦରକାର। ସେବକଙ୍କୁ ସେମାନଙ୍କ ଆଚାର, ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ପଡିବ। ସମୟାନୁବର୍ତ୍ତିତା ହୋଇ ମହାପ୍ରଭୁଙ୍କ ସେବାପୂଜାକୁ ପ୍ରାଥମିକତା ଦେବାକୁ ହେବ। ଶ୍ରୀମନ୍ଦିରରେ ସଂସ୍କାର ଆଣିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଅଧିକ ଗୁରୁତ୍ୱ ଦିଆଯିବ। ଏ ନେଇ ଗଜପତି ମହାରାଜା, ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିଛନ୍ତି। ଏହାବ୍ୟତୀତ ସେବାୟତଙ୍କ ସାମାଜିକ ଏବଂ ଆର୍ଥିକ ଦିଗକୁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଛି ବୋଲି ଆମିକସ୍ କ୍ୟୁରି କହିଥିଲେ।

KHALLIKOTE UNIVERSITY
BERHAMPUR-760001

ADMISSION NOTICE

Applications are invited from the students who have completed +2 for Skill Development Courses funded by UGC under National Skill Qualification Framework (NSQF) for Community Colleges Certificate Course (6 months)/ Diploma Course (1 year) in.

Courses Offered
- Tourism and Hospitality Management
- Media and Entertainment Sector
- Retail Management

Important Dates
- Last date for submission of Application: 5th October 2018.
- Counselling and Admission: 10th-12th October 2018.

For details visit: www.khalikoteuniversity.ac.in.
Contact: 9840275563, 9437133384, 9439652646, 7979850640.

Sd./- Registrar

# କଂଗ୍ରେସ କାମର ଶ୍ରେୟ ନେଉଛି ଭାଜପା

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଳଚେର ଫର୍ଟିଲାଇଜର୍ସର ଶିଳାନ୍ୟାସ କରିଯିବା ପରେ ଶ୍ରେୟ ନେଇ ରାଜନୀତି ଆରମ୍ଭ ହୋଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏବଂ ଭକ୍ତ ଚରଣ ଦାସ ରବିବାର ମିଳିତ ଭାବେ କେନ୍ଦ୍ର ସରକାର ଉପରେ ଆକ୍ରମଣ କରିଛନ୍ତି। କାମ କଂଗ୍ରେସର, ଶ୍ରେୟ ଭାଜପାର ଅଭିଯୋଗ କରିବା ସହ କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀ କରି ବିଭିନ୍ନ ତଥ୍ୟ ରଖିଛନ୍ତି।

ଶ୍ରୀକାନ୍ତ କହିଛନ୍ତି ଯେ, ବହୁ ପ୍ରତୀକ୍ଷିତ ତାଳଚେର ଫର୍ଟିଲାଇଜର୍ସର ଭିତ୍ତି ୟୁପିଏ ଅମଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମୟରେ ପଡିଥିଲା। ସାରକାରଖାନା ୨୦୦୦ରେ ବନ୍ଦ ନିଷ୍ପତ୍ତି ନିଆଯିବା ସହ ୨୦୦୨ରେ ବନ୍ଦ ହୋଇଥିଲା। ଏହିପରି ଦେଶର ୮ଟି ଫର୍ଟିଲାଇଜରକୁ ବନ୍ଦ କରାଯାଇଛି। ସେ ସମୟରେ ଏନ୍‌ଡିଏ ସରକାର ଶାସନରେ ଥିଲା। ରାଜ୍ୟକୁ ୧୮ ବର୍ଷ ଶାସନ କରିଥିବା ବିଜୁ ଜନତା ଦଳ ମଧ୍ୟ ତାଙ୍କର ଅଂଶୀଦାର ରହିଥିଲା। ପରବର୍ତ୍ତୀ ସମୟରେ ୨୦୦୭ରେ ୟୁପିଏ-୧ରେ ହୋଇଥିବା ଏକ କ୍ୟାବିନେଟ୍ ବୈଠକରେ ବନ୍ଦ ହୋଇ ପଡିଥିବା ଫର୍ଟିଲାଇଜରର ପୁନରୁଦ୍ଧାର ନିଷ୍ପତ୍ତି ନିଆଯାଇଥିଲା। ୫ ସେପ୍ଟେମ୍ବର ୨୦୧୩ରେ ତାହାର ପୁନରୁଦ୍ଧାର ପାଇଁ ଫର୍ଟିଲାଇଜର କର୍ପୋରେଶନଅଫ୍‌ଇଣ୍ଡିଆ ଲିଃ(ଏଫ୍‌ସିଆଇଏଲ୍), କୋଲଇଣ୍ଡିଆ ଲିଃ(ସିଆଇଏଲ୍), ରାଷ୍ଟ୍ରୀୟ କେମିକାଲ ଫର୍ଟିଲାଇଜର ଲିଃ(ଆରସିଏଫ୍) ଏବଂ ଗେଲ୍ ମଧ୍ୟରେ ରାଜିନାମା ହୋଇଥିଲା। ସେ ସମୟରେ ଏଥିପାଇଁ ୯୦୦୦ କୋଟି ଟଙ୍କାର ବ୍ୟୟବରାଦ ଆକଳନ କରାଯାଇଥିବା ଶ୍ରୀକାନ୍ତ କହିଛନ୍ତି। ୨୦୧୪ରେ ଏନ୍‌ଡିଏ ସରକାର ଆସିବା ପରେ ସେହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ଭୁଲିଯାଇଥିଲା। ଯେମିତି ନିର୍ବାଚନ ବର୍ଷ ପାଖେଇ ଆସିଛି, ସେପରି ଭାବେ ପରକାମର ଶ୍ରେୟ ନେବାକୁ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଆସିଛନ୍ତି। ୨୦୧୭ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସରିବା କଥା। କେନ୍ଦ୍ର ସରକାର ନିଜର ଦାୟିତ୍ୱ ଠିକ୍ ସମୟରେ ପାଳନ କରି ନ ଥିଲେ। ଏଥିସହ ରାଜ୍ୟ ସରକାର ମଧ୍ୟ ଏ ବିଷୟରେ ପଦେ ପାଟି ଫିଟାଇ ନ ଥିବା ସେ କହିଛନ୍ତି। ୮ରୁ ୯ ହଜାର କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଥିବା ଏହି ପ୍ରକଳ୍ପର ମୂଲ୍ୟ ଏବେ ୧୩,୦୦୦ କୋଟିରେ ପହଞ୍ଚିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ଦାୟୀ ବୋଲି ଶ୍ରୀକାନ୍ତ ଅଭିଯୋଗ କରିଥିଲେ।

ସେହିପରି ଝାରସୁଗୁଡାରେ ଦୀର୍ଘଦିନ ଧରି ଅବ୍ୟବହୃତ ହୋଇଥିବା ଏୟାରପୋର୍ଟର ପୁନରୁଦ୍ଧାର ପାଇଁ ସ୍ଥାନୀୟ ବିଧାୟକ ନବ ଦାସ ୟୁପିଏ-୨ରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଥିବା ପ୍ରଫୁଲ୍ଲ ପଟେଲଙ୍କୁ ଅନୁରୋଧ କରିଥିଲେ। ଏହା ପରେ ମନ୍ତ୍ରଣାଳୟ ପକ୍ଷରୁ ବୈଷୟିକ ରିପୋର୍ଟ ସଂଗୃହୀତ ହୋଇଥିଲା। ରିପୋର୍ଟ ପାଇବା ପରେ ୨୦୧୩ରେ ନବୀକରଣ ନିଷ୍ପତ୍ତି ନିଆଯାଇଥିଲା ଏବଂ ପ୍ରାଥମିକ କାର୍ଯ୍ୟକ୍ଷମ ଆରମ୍ଭ ହୋଇଥିଲା। ରାଜ୍ୟ ସରକାର ଏମିତିକି ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଜାଣି କାହାର ଅବଦାନ ବକ୍ତବ୍ୟ ନ ରଖିବା ଦୁର୍ଭାଗ୍ୟଜନକ। ଜାତୀୟ ରାଜନୀତିରେ ବିଜେଡି କେଉଁ ପଟର ହେବ, ସେଥିନେଇ ଦ୍ୱନ୍ଦ୍ୱ ରହିଥିବାରୁ ଏପରି ହୋଇଥିବା ଶ୍ରୀକାନ୍ତ କହିଛନ୍ତି। ସେହିପରି ରାଜ୍ୟ ହେଉ କି କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସୁବିଧା ଯୋଜନା ନାଁରେ ବୀମା କମ୍ପାନୀଙ୍କ ପକେଟକୁ ଗରମ କରୁଥିବା ଭକ୍ତ ଦାସ ଅଭିଯୋଗ କରିଛନ୍ତି।



କଂଗ୍ରେସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ ଚରଣ ଦାସ ଏବଂ ଶ୍ରୀକାନ୍ତ ଜେନା।

■ ରାଜ୍ୟ ସରକାରଙ୍କୁ ଟାର୍ଗେଟ
■ ଏନ୍‌ଡିଏ ବନ୍ଦ କରିଥିଲା ସାର କାରଖାନା
■ ବିମାନବନ୍ଦର ନିଷ୍ପତ୍ତି ୟୁପିଏର

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ
always with U
ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ସା/ପୋ: ପିପିଲି, ଜିଲ୍ଲା: ପୁରୀ,
ଫୋନ୍ ନଂ.: ୦୬୭୫୮ - ୨୪୦୭୫୦, ୨୪୦୪୫୩

ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ
(ପରିଶିଷ୍ଟ-୪ (ରୁଲ୍ -୮(୧)

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ ସହିତ ଧାରା ୧୩ (୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

୧) ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ **ସାଙ୍କେତିକ** ଦଖଲ ନେଇଛନ୍ତି ।

୨) ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପୈଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ । ଦଖଲ ତାରିଖ ସୁଦ୍ଧା ଥିବା ବକେୟା ଦେୟ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି ନିମ୍ନରେ ଦର୍ଶିତ ।

**୩) ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୯୮ ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।**

| **ନିମାପଡ଼ା ଶାଖା** / ଋଣଗ୍ରହୀତା / ଜାମିନଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ମୁକୁନ୍ଦ ଦାସ, ପିତା : ମୁଳି ଦାସ, ସା : ନହମଙ୍ଗା, ପୋ : ସାହଡାପଡା, ଭାୟା : ବଳଙ୍ଗା, ଜିଲ୍ଲା - ପୁରୀ, ପିନ୍ - ୭୫୨୧୦୫ / ଜାମିନଦାରମାନେ: (୧) ଶ୍ରୀ ମନୋଜ କୁମାର ନାୟକ, ପିତା : ଅଚ୍ଯୁତାନନ୍ଦ ନାୟକ, ସା : ଡିହବାରି, ପୋ : ଚଉଁରପଡା, ଭାୟା : ନିମାପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬, (୨) ଶ୍ରୀମତୀ ହୀରା ଦାସ, ସ୍ୱାମୀ : ମୁକୁନ୍ଦ ଦାସ, ସା : ନହମଙ୍ଗା, ପୋ : ସାହଡାପଡା, ଭାୟା : ବଳଙ୍ଗା, ଜିଲ୍ଲା - ପୁରୀ, ପିନ୍ - ୭୫୨୧୦୫ / ଆକାଉଣ୍ଟ ନଂ.: ୦୦୭୨୦୨୦୦୦୦୧୦୩୨୩ | ମୁକୁନ୍ଦ ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ମୌଜା : ନହମଙ୍ଗା, ଖାତା ନଂ.: ୨୪୪, ପ୍ଲଟ: ନଂ.: ଯଥାକ୍ରମେ ୨୯୧, ୩୧୦ ଏବଂ ୩୮୦, କ୍ଷେତ୍ର: ଏକର୧.୩୦ ଡିସିମିଲି, ଏକର୧.୬୪ ଡିସିମିଲି ଏବଂ ଏକର୦.୭୦ ଡିସିମିଲି । | ୨୬.୦୨.୨୦୧୫ ସୁଦ୍ଧା ଟ.୩,୭୯,୪୬୮.୪୦ ୧୭.୦୯.୨୦୧୮ ସୁଦ୍ଧା ଟ.୬,୫୧,୨୩୮/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୩.୧୨.୨୦୧୭ / ୧୭.୦୯.୨୦୧୮ |
| ଋଣଗ୍ରହୀତା ଓ ବନ୍ଧକଦାତା: ଶ୍ରୀ ଦିପ୍ତି ରଞ୍ଜନ ସାହୁ, ପିତା : କାଶୀନାଥ ସାହୁ, ସା : ଅମୁଣିହାଁପାଟଣା, ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬ / ଜାମିନଦାରମାନେ: (୧) ଶ୍ରୀ ଅଶୋକ କୁମାର ତ୍ରିପାଠି, ଅଧ୍ୟାପକ, ଫିଜିକ୍ସ ଡିପାର୍ଟମେଣ୍ଟ, ନିମାପଡା କଲେଜ, ସା/ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍ - ୭୫୨୧୦୬, (୨) ଶ୍ରୀ ହରିହର ସାହୁ, ପିତା : ବାଇଧର ସାହୁ, ସା : ହଳୁପୁର, ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬, (୩) ଶ୍ରୀ ମନୋରଞ୍ଜନ ଦଳେଇ, ସା : ଅନ୍ଧିଆସାହି, ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍ - ୭୫୨୧୦୬ / ଜାମିନଦାରମାନେ ଓ ବନ୍ଧକଦାତା: (୧) ଶ୍ରୀ ସୌମ୍ୟ ରଞ୍ଜନ ସାହୁ, ପିତା : କାଶିନାଥ ସାହୁ, ସା : ପାଟପୁର (ଅମୁଣିହାଁପାଟଣା), ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬, (୨) ଶ୍ରୀ ଜ୍ୟୋତିରଞ୍ଜନ ସାହୁ, ପିତା : କାଶିନାଥ ସାହୁ, ସା : ଅମୁଣିହାଁପାଟଣା, ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬ / ଆକାଉଣ୍ଟ ନଂ.: ୩୩୧୦୦୩୦୦୧ | ଦିପ୍ତି ରଞ୍ଜନ ସାହୁ, ସୌମ୍ୟ ରଞ୍ଜନ ସାହୁ ଏବଂ ଜ୍ୟୋତି ରଞ୍ଜନ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାଡି ଜମି ଯାହାର ମୌଜା : ପାଟପୁର, ଖାତା ନଂ.: ୪୪୭, ପରବର୍ତ୍ତୀ ଖାତା ନଂ.: ୧୪୩୬, ପ୍ଲଟ: ନଂ.: ୩୬୯, ପରବର୍ତ୍ତୀ ପ୍ଲଟ ନଂ.: ୩୬୪୩, କ୍ଷେତ୍ର: ଏକର୦.୦୬ ଡିସିମିଲି । | ୦୬.୦୬.୨୦୧୪ ସୁଦ୍ଧା ଟ.୨,୧୫,୧୦୯/- ୧୭.୦୯.୨୦୧୮ ସୁଦ୍ଧା ଟ.୪,୫୨,୪୧୦/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୨୭.୦୨.୨୦୧୮ / ୧୭.୦୯.୨୦୧୮ |
| ଋଣଗ୍ରହୀତା ଓ ବନ୍ଧକଦାତା: ମେସର୍ସ ଚର୍ଚ୍ଚିକା ମାର୍ବଲସ୍, ସତ୍ୱାଧିକାରୀ : ଶ୍ରୀ ବିନୋଦ ବିହାରୀ ପ୍ରଧାନ, ସୋରୁମ୍ ଠିକଣା : ସା/ପୋ : ନିମାପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬, ବାସସ୍ଥାନ ଠିକଣା : ସା ବରିମୁଣ୍ଡେଇ, ପୋ : ବାମନାଳ, ଜିଲ୍ଲା : ପୁରୀ, ପିନ୍-୭୫୨୧୨୧, ⱱ ନଟବର ପ୍ରଧାନ (ବନ୍ଧକଦାତା ଓ ଜାମିନଦାର)ଙ୍କ ଆଇନଗତ ଉତ୍ତରାଧିକାରୀ ଶ୍ରୀ ବିନୋଦ ବିହାରୀ ପ୍ରଧାନ / ଜାମିନଦାରମାନେ: ⱱ ନଟବର ପ୍ରଧାନ(ବନ୍ଧକଦାତା ଓ ଜାମିନଦାର)ଙ୍କ ଆଇନଗତ ଉତ୍ତରାଧିକାରୀମାନେ (୧) ଶ୍ରୀ ଶୁକଦେବ ପ୍ରଧାନ, (୨) ଶ୍ରୀ ପ୍ରମୋଦ ପ୍ରଧାନ, ସା : ବରିମୁଣ୍ଡେଇ, ପୋ : ବାମନାଳ, ଜିଲ୍ଲା : ପୁରୀ, ପିନ୍-୭୫୨୧୨୧ / ଆକାଉଣ୍ଟ ନଂ.: ୦୦୭୨୦୨୦୦୦୦୧୦୩୨୪ | ⱱ ନଟବର ପ୍ରଧାନ (ବନ୍ଧକଦାତା ଓ ଜାମିନଦାର)ଙ୍କ ଆଇନଗତ ଉତ୍ତରାଧିକାରୀମାନେ ଶ୍ରୀ ବିନୋଦ ବିହାରୀ ପ୍ରଧାନ, ଶ୍ରୀ ଶୁକଦେବ ପ୍ରଧାନ ଓ ଶ୍ରୀ ପ୍ରମୋଦ ପ୍ରଧାନଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଘରବାଡି ଜମି ଯାହାର ମୌଜା : ବରିମୁଣ୍ଡେଇ, ଖାତା ନଂ.: ୮୧, ପ୍ଲଟ: ନଂ.: ୯୯, କ୍ଷେତ୍ର: ଏକର୦.୧୦ ଡିସିମିଲି । | ୨୬.୦୨.୨୦୧୫ ସୁଦ୍ଧା ଟ.୫,୭୩,୮୩୯/- ୧୭.୦୯.୨୦୧୮ ସୁଦ୍ଧା ଟ.୮,୯୭,୧୦୦/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୫.୦୧.୨୦୧୮ / ୧୭.୦୯.୨୦୧୮ |
| ଋଣଗ୍ରହୀତା : ଶ୍ରୀ ପ୍ରଫୁଲ କୁମାର ସାହୁ, ପିତା : ବନମାଳୀ ସାହୁ, ସା : ତଳପାତର, ହଂସପଡା, ପୋ : ଚଉଁରପଡା, ଜିଲ୍ଲା : ପୁରୀ, ପିନ୍-୭୫୨୧୦୬ / ଜାମିନଦାର ଓ ବନ୍ଧକଦାତା: ଶ୍ରୀ ବନମାଳୀ ସାହୁ, ପିତା : ଈଶ୍ୱର ଚନ୍ଦ୍ର ସାହୁ, ସା: ହଂସପଡା, ପୋ : ଚଉଁରପଡା, ଜିଲ୍ଲା : ପୁରୀ, ପିନ୍ - ୭୫୨୧୦୬ / ଆକାଉଣ୍ଟ ନଂ.: ୦୦୭୨୦୨୦୦୦୦୧୦୩୬୬ | ବନମାଳୀ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାଡି ଜମି ଯାହାର ମୌଜା : ହଂସପଡା, ଖାତା ନଂ.: ୫୮୨, ପ୍ଲଟ: ନଂ.: ୩୪୩, କ୍ଷେତ୍ର: ଏକର୦.୦୧୪ ଡିସିମିଲି । | ୨୬.୦୨.୨୦୧୫ ସୁଦ୍ଧା ଟ.୫,୦୮,୯୪୩/- ୧୭.୦୯.୨୦୧୮ ସୁଦ୍ଧା ଟ.୭,୭୩,୧୨୬/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୫.୦୧.୨୦୧୮ / ୧୭.୦୯.୨୦୧୮ |

ତାରିଖ : ୨୨.୦୯.୨୦୧୮
ସ୍ଥାନ : ପିପିଲି
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

# ରାଫାଲ ଧୂଆଁ

ଭାରତର ଯୁଦ୍ଧ ସମ୍ପର୍କିତ ପ୍ରସ୍ତୁତି ବିଷୟରେ ଯେତେ ଅଳ୍ପ ଆଲୋଚନା ହେବ ସେତେ ଭଲ। ଏହାର ମୁଖ୍ୟ କାରଣ ହେଲା ଯେଉଁସବୁ ରାଜନୈତିକ ଦଳଗୁଡ଼ିକ ବିଭିନ୍ନ ସମୟରେ କ୍ଷମତା ହାସଲ କରି କେନ୍ଦ୍ରରେ ସରକାର ଗଢ଼ିଛନ୍ତି, ସେମାନେ ସମସ୍ତେ ପ୍ରତିରକ୍ଷାକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଆସିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତ ଭଳି ବିଶ୍ୱରେ ଆହୁରି ଅନେକ ଦେଶ ଅଛନ୍ତି, ଯେଉଁମାନେ ବିଶ୍ୱ ବଜାରରୁ ଯୁଦ୍ଧ ସାମଗ୍ରୀ କିଣିଥାଆନ୍ତି। ଏହି ବ୍ୟବସାୟ ଅନେକ ହଜାର କୋଟି ଡଲାରର ହୋଇଥିବାରୁ, ତତ୍‌ସହିତ ସମ୍ପୃକ୍ତ ଥିବା ଦୁର୍ନୀତି ବିରାଟକାୟ ହୋଇଥାଏ। ସେହି ଗୋଳାବାରୁଦ, ବନ୍ଧୁକ, ଟ୍ୟାଙ୍କ, ଉଡ଼ାଜାହାଜ, ପାଣିଜାହାଜ ଭଳି ଅନେକ ଯୁଦ୍ଧ ସହ ସମ୍ପୃକ୍ତ ଯନ୍ତ୍ର ଘରୋଇ କମ୍ପାନୀ ପ୍ରସ୍ତୁତ କରୁଥିବା ସତ୍ତ୍ୱେ, ବୃହତ୍ ଦେଶଗୁଡ଼ିକର ସରକାରୀ ହାତ ଏହି ବ୍ୟବସାୟରେ ସ୍ପଷ୍ଟ ଜଣାପଡ଼େ। ଉଦାହରଣ ସ୍ୱରୂପ, ଫ୍ରାନ୍ସ ଭଳି ଏକ କ୍ଷତିଗ୍ରସ୍ତ ଅର୍ଥନୀତିର ପୁନର୍ଜୀବନ ପାଇଁ ଭାରତ କିମ୍ବା କାତାର ଭଳି ଦ୍ୱିତୀୟ ବିଶ୍ୱର ଦେଶଗୁଡ଼ିକ ଫ୍ରାନ୍ସ ପାଇଁ ଗୁରୁତ୍ୱ ଧାରଣ କରିଯାଇଛନ୍ତି। ଆଜିର ପୃଥିବୀରେ ଆମେରିକା, ରୁଷିଆ, ସ୍ୱିଡେନ, ଚାଇନା ଏବଂ ଫ୍ରାନ୍ସ ଭଳି ହାତଗଣତି ଦେଶ ଉଚ୍ଚମାନର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରୁଛନ୍ତି। ସେହି ଦେଶଗୁଡ଼ିକ ଦ୍ୱାରା ଗ୍ରାହକ ଦେଶଗୁଡ଼ିକରେ ଦଲାଲ ନିୟୋଜିତ କରି ଲୁକ୍କାୟିତ ଧନ୍ଦା କରିବା ଏକ ଗତାନୁଗତିକ ସତ୍ୟ। ଭାରତରେ ବୋଫର୍ସ, ଅଗୁସ୍ତା ୱେଷ୍ଟଲାଣ୍ଡ ଦୁର୍ନୀତିର ଅନେକ ବର୍ଷ ବିତିଯାଇଥିବା ସତ୍ତ୍ୱେ କୌଣସି ପ୍ରମାଣ ମିଳିପାରୁନାହିଁ। ସମସ୍ତେ ବୁଝିଛନ୍ତି ଯେ ବିରାଟ ଦୁର୍ନୀତି ହୋଇଥିଲା। କିନ୍ତୁ ପ୍ରମାଣ ଦେବା ପାଇଁ କୌଣସି ଦେଶ ରାଜି ହୁଅନ୍ତି ନାହିଁ। ଏହାର ମୁଖ୍ୟ କାରଣ ହେଲା ଯଦି କୌଣସି ରାଷ୍ଟ୍ର ଏଭଳି ତଥ୍ୟ ପ୍ରକାଶ କରିଦିଏ, ତେବେ ଭବିଷ୍ୟତରେ ଅନ୍ୟ କୌଣସି ଦେଶର ନେତୃତ୍ୱ ସେହି ଦେଶ ସହ ବେପାର କରିବା ପାଇଁ ପସନ୍ଦ କରିବେ ନାହିଁ । ପୃଥିବୀ ସାରା ଜଣାଶୁଣା ଯେ ମାଦକ ଦ୍ରବ୍ୟ, ମାନବ ଚାଲାଣ ଏବଂ ସେହିଭଳି ସବୁ ଅନ୍ତର୍ଜାତୀୟ ଅପରାଧଠାରୁ ପ୍ରତିରକ୍ଷା ସାମଗ୍ରୀ ବ୍ୟବସାୟର ପରିମାଣ ଯଥେଷ୍ଟ ବୃହତ୍। ସେଥିପାଇଁ କୁହାଯାଏ ଯୁଦ୍ଧ ହେଉଛି, ସମ୍ଭବତଃ, ପୃଥିବୀର ସର୍ବବୃହତ୍ ବ୍ୟବସାୟ। ଯୁଦ୍ଧ ଲାଗି ରହିଥିଲେ ଅସ୍ତ୍ରଶସ୍ତ୍ର ବ୍ୟବସାୟ ବଢ଼ିଥାଏ।

ଭାରତରେ ରାଫାଲ ଯୁଦ୍ଧ ବିମାନ କିଣାରେ ଯେ ଦୁର୍ନୀତି ହୋଇଛି, ଏ ବିଷୟରେ କାହାରି ସନ୍ଦେହ ରହିବା ଯୁକ୍ତିଯୁକ୍ତ ନୁହେଁ। ଭାରତୀୟ ବାୟୁସେନାର ଆବଶ୍ୟକତା ଅନୁଯାୟୀ ୧୨୬ଟି ରାଫାଲ ଯୁଦ୍ଧ ବିମାନ କିଣାଯିବା ଲାଗି ଉପା ସରକାର ଅମଳରେ ଫ୍ରାନ୍ସ ସରକାରଙ୍କ ସହ ଚୁକ୍ତି କରାଯାଇଥିଲା। ସେଠାକାର ଦାସଲ୍ଟ ଆଭିଏଶନ୍ ୧୮ଟି ବିମାନ ଭାରତକୁ ଦେଇଥାଆନ୍ତା ଓ ବାକି ୧୦୮ଟି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ଦ୍ୱାରା ଭାରତରେ ନିର୍ମିତ ହୋଇଥାଆନ୍ତା। ଅର୍ଥାତ୍ ସେଠାକାର ପ୍ରଯୁକ୍ତିବିଦ୍ୟା ଆମଦାନୀ କରାଯାଇ ଏଠାରେ ବିମାନ ତିଆରି କରାଯାଇଥାଆନ୍ତା। ହେଲେ ଏନ୍‌ଡିଏ ସରକାର ଉକ୍ତ ଚୁକ୍ତିରେ ପରିବର୍ତ୍ତନ କରି ସମୁଦାୟ ୩୬ଟି ରାଫାଲ ଯୁଦ୍ଧ ବିମାନ କିଣିବ ବୋଲି କୁହାଗଲା। ବିବାଦର ବିନ୍ଦୁଟି ହେଲା ହାଲ୍ ପରିବର୍ତ୍ତେ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ (ଆର୍‌ଡିଏଲ୍)କୁ ଏଠାରେ ଦାସଲ୍ଟ ଆଭିଏଶନର ସହଯୋଗୀ କରାଯାଇ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅନୁଯାୟୀ ବିମାନ ତିଆରି ଲାଗି ଯୋଜନା ହୋଇଥିଲା। ସତେ ଯେମିତି ସରକାରଙ୍କ 'ହାଲ୍' ଏହି ଯୁଦ୍ଧ ବିମାନକୁ ତିଆରି କରିଥିଲେ ତାହା ମେକ୍ ଇନ୍ ଇଣ୍ଡିଆ ହୋଇ ନ ଥାଆନ୍ତା। ଉଲ୍ଲେଖଯୋଗ୍ୟ, ଅନେକ ଦଶନ୍ଧି ଧରି ଭାରତର ବାୟୁସେନାକୁ ବଞ୍ଚାଇ ରଖିଥିବା ବିଭିନ୍ନ ପ୍ରକାରର ମିଗ୍ ବିମାନକୁ ହାଲ୍ ନିର୍ମାଣ କରିଆସୁଥିଲା। ସୂଚନାଯୋଗ୍ୟ, ମିଗ୍ ଜେଟ୍‌ଗୁଡ଼ିକ କୋରାପୁଟର ସୁନାବେଡ଼ାଠାରେ ନିର୍ମିତ ହୁଏ। ତେଣୁ ହାଲ୍‌ରେ କାର୍ଯ୍ୟରତ ବୈଜ୍ଞାନିକ ଓ ବୈଷୟିକବିତ୍‌ମାନେ ଯୁଦ୍ଧ ବିମାନ ନିର୍ମାଣରେ ଦକ୍ଷତା ହାସଲ କରିଆସିଛନ୍ତି। ଅବଶ୍ୟ ସବୁ ଆଧୁନିକ ବିମାନରେ ନୂତନ ପ୍ରକାରର କୌଶଳ ରହିଥାଏ। ତାହାକୁ ଶିଖିବା ହାଲ୍ କର୍ମଚାରୀଙ୍କ ପାଇଁ ଯେତିକି ସହଜ ହେବ, ତାହା କେବେହେଲେ ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ ପାଇଁ ସମ୍ଭବପର ହେବନାହିଁ। ଏହା ବ୍ୟତୀତ ରାଫାଲ ଚୁକ୍ତିର ମାତ୍ର ୧୪ ଦିନ ପୂର୍ବରୁ ଆର୍‌ଡିଏଲ୍ ଏକ ନୂତନ କମ୍ପାନୀ ଭାବେ ପଞ୍ଜୀକୃତ ହୋଇଥିଲା। ଅନିଲଙ୍କ କମ୍ପାନୀ ୨୦୧୫ ମାର୍ଚ୍ଚ ୨୮ରେ ଗଠିତ ହୋଇଥିବା ବେଳେ ୨୦୧୫ ଏପ୍ରିଲ ୧୦ରେ ଏନ୍‌ଡିଏ ସରକାର ରାଫାଲ ଚୁକ୍ତିର ପୁନଃ ନବୀକରଣ କରିଥିଲେ। ଏଥିସହିତ ଉପା ସରକାର ସମୟରେ ଗୋଟିଏ ରାଫାଲ ଯୁଦ୍ଧ ବିମାନ ଲାଗି ୫୬୦ କୋଟି ଟଙ୍କା ସ୍ଥିର ହୋଇଥିବା ବେଳେ ଏବେ ତାହା ୧୬୭୦ କୋଟି ଟଙ୍କାରେ କରାଯାଇଛି ବୋଲି କହି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ହାତ ଥିବା କହୁଛନ୍ତି। ଏତିକିବେଳେ ନିଆଁରେ ଘିଅ ଢାଳିଛନ୍ତି ଓଲାନ୍ଦେ। ତେବେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରମଣ କହିଛନ୍ତି ଯେ ହାଲ୍ ଯୁଦ୍ଧ ବିମାନ ନିର୍ମାଣ କରିବାର କ୍ଷମତା ରଖିନାହିଁ। ଏଠାରେ ପ୍ରଶ୍ନ ଉଠୁଛି, ଏୟାରକ୍ରାଫ୍ଟ ନିର୍ମାଣ କରୁଥିବା ୭୦ ବର୍ଷର ପୁରୁଣା ନବରତ୍ନ କମ୍ପାନୀ 'ହାଲ୍' ଯେତେବେଳେ ଯୁଦ୍ଧବିମାନ ତିଆରି କରିବାରେ ସକ୍ଷମ ନୁହେଁ, ସେତେବେଳେ ନୂଆ କରି ସୃଷ୍ଟି ହୋଇଥିବା ଅନିଲଙ୍କ କମ୍ପାନୀ କିଭଳି ଲକ୍ଷ୍ୟ ହାସଲରେ ସଫଳ ହୋଇପାରିବ। କୁହାଯାଉଛି, ଶିଳ୍ପପତିଙ୍କୁ ସନ୍ତୁଷ୍ଟ କରିବା ଲକ୍ଷ୍ୟରେ ମୋଦି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଆର୍‌ଡିଏଲ୍ ମାଧ୍ୟମରେ ନିର୍ବାଚନୀ ପାଣ୍ଠି ଯୋଗାଡ଼ କରାଯାଇଛି ବୋଲି ଦାବି ଏବେ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି କଲାଣି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 7 | | 1 | D | | 9 | | | | A | 0 | | | |
| | | | | | | | | 0 | C | | | A | | |
| | 0 | 9 | | | | | | E | | | | | 5 | |
| | 6 | | 8 | 0 | | 3 | 4 | | | | | | | |
| | | | 7 | A | | | 1 | | | 3 | 2 | 8 | | 4 |
| E | | | 6 | | A | | | | | 7 | 4 | 0 | | |
| C | | | | | 2 | | 3 | | | | | | | |
| | 1 | 6 | | | | | | 8 | 3 | 5 | C | 2 | E | |
| | | | | | | | | | 2 | 6 | | 9 | | 7 |
| A | 8 | | | 4 | C | | | | D | | 9 | B | | |
| | B | | A | | | | 0 | D | | 2 | 3 | | 1 | |
| 3 | | | 4 | | | C | 5 | | B | | E | | | |
| 9 | 5 | E | | | | | A | | | | | 4 | 7 | |
| 0 | | D | | 3 | | 1 | E | | | C | | | A | |
| | | | | 1 | | 7 | | | 4 | D | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 1 | C | 7 | 9 | 6 | 3 | 0 | E | 2 | 5 | A | B | 8 | D |
| 8 | 2 | A | 0 | E | 5 | 6 | D | B | 3 | 1 | 9 | 7 | C | 4 |
| 5 | B | 3 | A | 1 | D | C | 8 | 4 | E | 7 | 0 | 6 | 2 | 9 |
| E | 9 | 6 | 2 | 8 | C | 1 | 5 | 7 | D | B | 4 | 3 | A | 0 |
| D | 7 | 0 | 4 | B | 3 | 2 | A | 9 | 6 | C | 8 | E | 5 | 1 |
| C | 5 | D | 9 | 3 | 2 | 4 | 7 | 0 | 8 | E | 1 | A | B | 6 |
| 7 | 6 | B | 8 | 0 | 4 | E | 1 | 3 | C | A | D | 5 | 9 | 2 |
| 0 | 4 | 2 | 6 | A | E | 5 | C | 8 | B | 9 | 3 | 1 | D | 7 |
| 9 | 3 | 1 | C | D | B | A | 6 | 2 | 7 | 0 | 5 | 4 | E | 8 |
| A | 8 | E | 5 | 7 | 1 | B | 9 | D | 4 | 2 | 6 | C | 0 | 3 |
| 1 | E | 4 | D | 5 | A | 7 | 2 | 6 | 0 | 8 | C | 9 | 3 | B |
| 3 | A | 9 | B | C | 7 | 8 | 4 | 1 | 5 | D | 2 | 0 | 6 | E |
| 2 | D | 7 | 3 | 4 | 0 | 9 | E | 5 | A | 6 | B | 8 | 1 | C |
| 6 | C | 8 | E | 2 | 9 | 0 | B | A | 1 | 3 | 7 | D | 4 | 5 |
| B | 0 | 5 | 1 | 6 | 8 | D | 3 | C | 9 | 4 | E | 2 | 7 | A |

ଗତକାଲିର ଉତ୍ତର



# ଇନ୍ଦ୍ରଧନୁ ପତାକାରେ ବିଜୟ ଉତ୍ସବ

ସରଳ କୁମାର ଦାସ

ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ଓ ଏହାକୁ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୭୭ରୁ ବାଦ୍ ଦେବା ସଂକ୍ରାନ୍ତ ସୁପ୍ରିମକୋର୍ଟଙ୍କ ରାୟ ପରେ ଏଲ୍‌ଜିବିଟିକ୍ୟୁଆଇ ସମୁଦାୟରେ ଆନନ୍ଦ ପ୍ରକାଶ ପାଇଛି। ଏଣିକି ଆଉ ନିଭୃତ କୋଠରି ମଧ୍ୟରେ ଦୁଇ ପ୍ରାପ୍ତବୟସ୍କଙ୍କ ସମ୍ମତି ଭିତ୍ତିରେ ଯୌନ ସମ୍ପର୍କ ଅପରାଧ ପରିସରଭୁକ୍ତ ହେବ ନାହିଁ। ରାୟରୁ ସ୍ପଷ୍ଟ ହୋଇଛି ଯେ ସାମାଜିକ ନୈତିକତାର ଦୁହାଇ ଦେଇ ମୌଳିକ ଅଧିକାରକୁ କ୍ଷୁଣ୍ଣ କରି ହେବନାହିଁ। ସମଲିଙ୍ଗୀ ସମ୍ପର୍କକୁ ଧାରା ୩୭୭ରୁ ବାଦ୍ ଦେବା ପାଇଁ ୧୯୯୪ରୁ ଚାଲି ଆସିଥିବା ଏହି ଆଇନଗତ ଲଢେଇରେ ଶେଷରେ ଏହି ସମୁଦାୟର ବିଜୟ ହୋଇଛି।

ବିଭିନ୍ନ ଧର୍ମଗୁରୁ ଓ ସମାଜର ଅନେକେ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସେମାନଙ୍କ ଯୁକ୍ତି, ଏହାଦ୍ୱାରା ବ୍ୟଭିଚାର ବୃଦ୍ଧି ପାଇ ସମାଜ କଳୁଷିତ ହେବ, ଏଚ୍‌ଆଇଭି ସଂକ୍ରମଣ ଅଧିକ ହେବ। ସେମାନେ ଆଶଙ୍କିତ ହେବା ସ୍ୱାଭାବିକ। କିନ୍ତୁ ଆମ ଶାସ୍ତ୍ରପୁରାଣରେ ଲିଙ୍ଗ ପରିବର୍ତ୍ତନ, ସମଲିଙ୍ଗୀ, ଉଭୟଲିଙ୍ଗୀ ସମ୍ପର୍କ ଓ ତୃତୀୟ ଲିଙ୍ଗର ବହୁ ଉଦାହରଣ ରହିଛି। ଶିବଙ୍କର ଅର୍ଦ୍ଧନାରୀଶ୍ୱର ରୂପ, ବିଷ୍ଣୁଙ୍କର ମୋହିନୀ ରୂପ ଧାରଣ, ଅର୍ଜୁନଙ୍କର ବୃହନ୍ନଳା ରୂପ, ଶିଖଣ୍ଡି ଆଦିଙ୍କ କାହାଣୀ ସର୍ବଜନବିଦିତ। ସେହିପରି ଶିବପାର୍ବତୀଙ୍କ ଦ୍ୱାରା ଅଭିଶପ୍ତ ରାଜା ଇଲା କିପରି ଗୋଟିଏ ମାସ ପୁରୁଷ ଭାବେ ଏବଂ ତା'ପର ମାସ ସ୍ତ୍ରୀ ଭାବେ ଜୀବନ ଅତିବାହିତ କରୁଥିବା ବେଳେ ପୂର୍ବ ମାସର କଥା ସମ୍ପୂର୍ଣ୍ଣ ଭୁଲି ଯାଉଥିଲେ ଓ ସ୍ତ୍ରୀ ଅବସ୍ଥାରେ ଥିବା ବେଳେ ବୁଧଙ୍କ ସହ ତାଙ୍କର ବିବାହ ହୋଇଥିବାର ଏକ ରୋଚକ କାହାଣୀ ପୁରାଣରେ ବର୍ଣ୍ଣିତ। ମନ୍ଦିର ଗାତ୍ରମାନଙ୍କରେ ଥିବା ସମଲିଙ୍ଗୀ ସମ୍ପର୍କର ମୂର୍ତ୍ତିଗୁଡିକ ମଧ୍ୟ ବିଭିନ୍ନ କାଳରେ ଥିବା ସମଲିଙ୍ଗୀ ସମ୍ପର୍କର ବାସ୍ତବତାକୁ ବଖାଣିଥାଏ। ମନୁସ୍ମୃତିରେ ସମଲିଙ୍ଗୀ ସମ୍ପର୍କ ବର୍ଜନୀୟ ବୋଲି ଉଲ୍ଲେଖ ଥିଲେ ମଧ୍ୟ ଏଥିପାଇଁ ଦଣ୍ଡବିଧାନର ଉଲ୍ଲେଖ ନାହିଁ। ଅନ୍ୟ ପକ୍ଷରେ ଶିଖଣ୍ଡି, ବୃହନ୍ନଳାଙ୍କ ପରି ତୃତୀୟ ଲିଙ୍ଗର ଲୋକେ ସମାଜରେ ବିଭିନ୍ନ ସୁବିଧା ସୁଯୋଗ ସହ ସମ୍ମାନଜନକ ଜୀବନଯାପନ କରୁଥିଲେ। ଅତ୍ରି ସ୍ମୃତିରେ ସମଲିଙ୍ଗୀ ଓ ଅପ୍ରାକୃତିକ ସମ୍ପର୍କର ପ୍ରାୟଶ୍ଚିତ୍ତ ସନ୍ତାପ ମାଧ୍ୟମରେ ହୋଇଥାଏ ବୋଲି ଉଲ୍ଲେଖ ଅଛି। ଅନ୍ୟ ଶାସ୍ତ୍ରରେ ସମଲିଙ୍ଗୀ ସମ୍ପର୍କକୁ 'ଜାତିଭ୍ରଂଶକର ପାପ' ବୋଲି କୁହାଯାଇ ଏହାର ପ୍ରାୟଶ୍ଚିତ୍ତ ପାଇଁ 'ମହାସାନ୍ତପନ ବ୍ରତ' କରିବାର ବିଧି ଅଛି।

ତେବେ ଏଲ୍‌ଜିବିଟିକ୍ୟୁଆଇ ବର୍ଗର ଲୋକଙ୍କୁ ନେଇ ସମାଜରେ ଅନେକ ଭ୍ରମଧାରଣା ରହିଛି ଓ ଏମାନଙ୍କୁ ସାଧାରଣତଃ ସମଲିଙ୍ଗୀ ବୋଲି କହି ଗୋଟିଏ ବନ୍ଧନୀ ଭିତରେ ରଖି ଦିଆଯାଇଥାଏ। କେହି କେହି ଏମାନଙ୍କୁ 'ମାଇଚିଆ', 'ହିଞ୍ଜଡା' ବୋଲି ସମ୍ବୋଧନ କରିଥାନ୍ତି। ଅନେକେ ଏମାନଙ୍କୁ ଯୌନ ବିକାରଗ୍ରସ୍ତ ବୋଲି ଅଭିହିତ କରିଥାନ୍ତି। ଏମାନଙ୍କୁ ସମଲିଙ୍ଗୀ କହିବା ଯଥେଷ୍ଟ ନୁହେଁ, ବରଂ ଏମାନଙ୍କୁ ବୁଝିବାକୁ ହେଲେ ଏହି ଏଲ୍‌ଜିବିଟିକ୍ୟୁଆଇରେ ଥିବା ଛଅଟି ଅକ୍ଷରର ତାତ୍ପର୍ଯ୍ୟକୁ ବୁଝିବାକୁ ହେବ, ଯାହା ସମ୍ପୃକ୍ତ ବ୍ୟକ୍ତିଙ୍କ ଯୌନ ଆଗ୍ରହ (ସେକ୍ସୁଆଲ ଓରିଏଣ୍ଟେଶନ) ଓ ଅନ୍ୟ ପରିପ୍ରକାଶ ଉପରେ ନିର୍ଭର କରିଥାଏ। ଇଂଲିଶ ଶବ୍ଦ 'ଲେସବିଆନ'ର ପ୍ରଥମ ଅକ୍ଷରରୁ 'ଏଲ୍' ନିଆଯାଇଛି, ଯାହା ମହିଳା ସମଲିଙ୍ଗୀଙ୍କୁ ବୁଝାଇଥାଏ। ଗ୍ରୀସ୍‌ର ଲେସ୍‌ବସ ଦ୍ୱୀପରୁ ଉଦ୍ଭବ ଲେସ୍‌ବିଆନ ଶବ୍ଦଟି ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ଗ୍ରୀକ୍ କବି ସାଫୋଙ୍କ କବିତାରୁ ଅନୁପ୍ରେରିତ। ଇଂଲିଶ ଶବ୍ଦ 'ଗେ'ର ପ୍ରଥମ ଅକ୍ଷରରୁ 'ଜି' ନିଆଯାଇଛି, ଯାହା ପୁରୁଷ ସମଲିଙ୍ଗୀଙ୍କୁ ବୁଝାଇଥାଏ। ବିଂଶ ଶତାବ୍ଦୀର ଷଷ୍ଠ ଦଶକରେ ହୋମୋସେକ୍ସୁଆଲ ପରିବର୍ତ୍ତେ ସେମାନଙ୍କୁ ଯୌନ ଆଗ୍ରହ ଆଧାରରେ 'ଗେ' ଭାବେ ସମ୍ବୋଧନ କରିବା ଗ୍ରହଣୀୟ ହେବାକୁ ଲାଗିଲା। ଇଂଲିଶ୍ ଶବ୍ଦ 'ବାଇସେକ୍ସୁଆଲ'ରୁ 'ବି' ନିଆଯାଇଛି, ଯାହା ଉଭୟଲିଙ୍ଗୀ ଯୌନ ଆଚରଣକୁ ବୁଝାଇଥାଏ। ଏଥିରେ ସମ୍ପୃକ୍ତ ବ୍ୟକ୍ତି ଉଭୟ ପୁରୁଷ ଓ ମହିଳାଙ୍କ ପ୍ରତି ଆକୃଷ୍ଟ ହୋଇଥାନ୍ତି। ଇଂଲିଶ ଶବ୍ଦ 'ଟ୍ରାନ୍ସଜେଣ୍ଡର'ରୁ 'ଟି' ଅକ୍ଷରଟିକୁ ନିଆଯାଇଛି। 'ମାଇଚିଆ' କୁହାଯାଉଥିବା ଏହି ଧରଣର ଲୋକଙ୍କ ଲିଙ୍ଗଗତ ପରିଚିତି ଓ ପରିପ୍ରକାଶ ସେମାନଙ୍କ ନିରୂପିତ ଲିଙ୍ଗଠାରୁ ଭିନ୍ନ ହୋଇଥାଏ, ଯାହା ସହିତ ସେମାନଙ୍କର ଯୌନ ଆଗ୍ରହର କୌଣସି ସମ୍ପର୍କ ନ ଥାଏ। ସେମାନେ ବିଷମଲିଙ୍ଗୀ, ସମଲିଙ୍ଗୀ, ଉଭୟଲିଙ୍ଗୀ ବା ଯୌନ ପ୍ରବଣତାହୀନ ହୋଇପାରନ୍ତି। ଶରୀରରେ ହରମୋନ ପରିବର୍ତ୍ତନ କାରଣରୁ ଗୋଟିଏ ଲିଙ୍ଗରୁ ଅନ୍ୟ ଏକ ଲିଙ୍ଗକୁ ପରିବର୍ତ୍ତନ ଦେଖା ଦେଉଥିବାରୁ କେହି କେହି ହରମୋନ ପ୍ରତିବଦଳ ମାଧ୍ୟମରେ ତ କିଏ ପୁଣି ଅପରେଶନ ମାଧ୍ୟମରେ ଲିଙ୍ଗ ପରିବର୍ତ୍ତନ କରାଇଥାନ୍ତି, ଯାହା ହୁଏତ ଆର୍ଥିକ ଦୃଷ୍ଟିରୁ ସମସ୍ତଙ୍କ ପକ୍ଷରେ ସମ୍ଭବ ହୋଇ ନ ଥାଏ। ଇଂଲିଶ ଶବ୍ଦ 'କୁଇର'ରୁ 'କ୍ୟୁ' ଅକ୍ଷରଟିକୁ ନିଆଯାଇଛି। ସେମାନଙ୍କର କୌଣସି ନିର୍ଦ୍ଦିଷ୍ଟ ଯୌନ ଆଗ୍ରହ ଥାଉ କି ନ ଥାଉ ସେମାନେ ପାରମ୍ପରିକ ଲିଙ୍ଗଗତ ବିଭାଜନ (ପୁରୁଷ ଓ ମହିଳା)ରେ ବିଶ୍ୱାସ କରନ୍ତି ନାହିଁ। ତେଣୁ ବିଷମଲିଙ୍ଗୀ ହୋଇ ନ ଥିବା ଏଲ୍‌ଜିବିଟି ବର୍ଗର ଯୌନ ଓ ଲିଙ୍ଗଗତ ସଂଖ୍ୟାଲଘୁ ସମସ୍ତଙ୍କୁ ମଧ୍ୟ 'କୁଇର' ବୋଲି କୁହାଯାଇଥାଏ। ଇଂଲିଶ୍ ଶବ୍ଦ 'ଇଣ୍ଟର୍‌ସେକ୍ସ'ରୁ 'ଆଇ' ଅକ୍ଷରଟିକୁ ନିଆଯାଇଛି। ଏହି ଧରଣର ଲୋକଙ୍କଠାରେ ଜନ୍ମରୁ ଯୌନାଙ୍ଗ ଓ ପ୍ରଜନନ ପ୍ରଣାଳୀରେ ବିବିଧତା ପରିଲକ୍ଷିତ ହୋଇଥାଏ। ଏମାନଙ୍କ କ୍ରୋମୋଜୋମ୍, ହରମୋନ, ବାହ୍ୟିକ ଲିଙ୍ଗ ଓ ପ୍ରଜନନ ପ୍ରଣାଳୀ, ସାଧାରଣ ପୁଅଝିଅଙ୍କଠାରୁ ଭିନ୍ନ ହୋଇଥାଏ। ଏହି ଛଅ ଶ୍ରେଣୀର ଲୋକଙ୍କ ମଧ୍ୟରୁ କେବଳ ଟ୍ରାନ୍ସଜେଣ୍ଡରମାନେ ସେମାନଙ୍କ ବେଶଭୂଷା, ଚାଲିଚଳନ, ଆଚାର ବ୍ୟବହାରରେ ଭିନ୍ନତା ପାଇଁ ସହଜରେ ବାରି ହୋଇପଡନ୍ତି ଓ ସେଥିପାଇଁ ସେମାନେ ପାଠପଢା, ନିଯୁକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ସର୍ବାଧିକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅନ୍ୟ ପାଞ୍ଚଟି ଶ୍ରେଣୀର ଲୋକେ ସାଧାରଣ ସମାଜ ଭିତରେ ରହିପାରିଥାନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଉଚ୍ଚ ଶିକ୍ଷିତ ଓ ଉଚ୍ଚ ପଦପଦବୀରେ ମଧ୍ୟ ଅଧିଷ୍ଠିତ।

ବିଶ୍ୱରେ କୌଣସି ଦେଶ ଏଲ୍‌ଜିବିଟିକ୍ୟୁଆଇ ସମୁଦାୟର ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ। କେଉଁଠି ସେମାନଙ୍କ ପ୍ରତି ନିଯୁକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ପାତରଅନ୍ତର ହେଉଛି ତ କେଉଁଠି ସେମାନଙ୍କୁ ନିନ୍ଦିତ କରାଯାଉଛି। ପୁଣି କେଉଁଠି ସେମାନେ ହିଂସାର ଶିକାର ହେଉଛନ୍ତି। ଆଇଏଲ୍‌ଜିଏ ଦ୍ୱାରା ୨୦୧୭ରେ ପ୍ରକାଶିତ 'ଷ୍ଟେଟ ସ୍ପୋନ୍‌ସର୍ଡ ହୋମୋଫୋବିଆ' ରିପୋର୍ଟ ଅନୁଯାୟୀ ଏବେ ବି ବିଶ୍ୱର ୭୨ଟି ଦେଶରେ ସମଲିଙ୍ଗୀ ସମ୍ପର୍କ ଏକ ଅପରାଧ ଭାବେ ପରିଗଣିତ। ଏମାନଙ୍କ ମଧ୍ୟରୁ ୪୫ଟି ଦେଶରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ। ଏଥିପାଇଁ ଇରାନ, ସୁଦାନ, ସଉଦି ଆରବ, ୟେମେନ ଭଳି ୮ଟି ଦେଶରେ ମୃତ୍ୟୁଦଣ୍ଡ ଦିଆଯାଇଥାଏ। ୨୨ଟି ଦେଶରେ ସମଲିଙ୍ଗୀ ବିବାହକୁ ଅନୁମତି ମିଳିଛି। ଏଥିପାଇଁ ସର୍ବପ୍ରଥମେ ନେଦରଲାଣ୍ଡ ୨୦୦୩ ମସିହାରେ ଆଇନ ପ୍ରଣୟନ କରିଥିଲା। ସେହିପରି ଫ୍ରାନ୍ସ, ବେଲଜିୟମ ଭଳି ୨୬ଟି ଦେଶରେ ସମଲିଙ୍ଗୀ ପୋଷ୍ୟ ସନ୍ତାନ ଗ୍ରହଣକୁ ସ୍ୱୀକୃତି ମିଳିଛି।

ସୁପ୍ରିମକୋର୍ଟଙ୍କ ରାୟ ପରେ ଏଲ୍‌ଜିବିଟିକ୍ୟୁଆଇ ବର୍ଗର ଲୋକେ ଦଳଦଳ ହୋଇ 'ଆଜାଦୀ' (ସ୍ୱାଧୀନତା) ସ୍ଲୋଗାନ ମାଧ୍ୟମରେ ନିଜର ଖୁସି ଜାହିର କରି ସେମାନଙ୍କ ସମୁଦାୟର ସ୍ୱାଭିମାନର ପ୍ରତୀକ ଲାଲ, କମଳା, ହଳଦିଆ, ନୀଳ, ସବୁଜ ଓ ବାଇଗଣି ରଙ୍ଗ ବିଶିଷ୍ଟ ଛଅଟି ପଟି ଥିବା 'ଇନ୍ଦ୍ରଧନୁ ପତାକା'କୁ ଉଡାଇ ଆନନ୍ଦରେ ଉତ୍ସବ ମୁଖର ହୋଇପଡିଥିଲେ। ତେବେ ଏବେ ବି ସେମାନଙ୍କର ସମ୍ପୂର୍ଣ୍ଣ ବିଜୟ ହୋଇନାହିଁ। ସଂଗ୍ରାମର ପରବର୍ତ୍ତୀ ପର୍ଯ୍ୟାୟରେ ରହିଛି ବିବାହ, ଉତ୍ତରାଧିକାର, ଅଭିଭାବକତ୍ୱ, ପୋଷ୍ୟ ସନ୍ତାନ ଗ୍ରହଣ ଭଳି ଜଟିଳ ଓ ବିବାଦୀୟ ପ୍ରସଙ୍ଗ, ଯେଉଁ କ୍ଷେତ୍ରଗୁଡିକରେ ସାଧାରଣ ଲୋକଙ୍କ ଭଳି ସେମାନଙ୍କର ଏବେ ବି ସମାନ ଅଧିକାର ନାହିଁ। କିନ୍ତୁ ବର୍ତ୍ତମାନ ହେଉଛି ସେମାନଙ୍କ ପାଇଁ ସୁଦୀର୍ଘ ପ୍ରତୀକ୍ଷା ପରେ ମିଳିଥିବା ଏହି ପ୍ରଥମ ବିଜୟର ସ୍ୱାଦକୁ ନିର୍ଭୟରେ ଉପଭୋଗ କରିବାର ସମୟ। ତେବେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ମିଶାଇବାକୁ ହେଲେ ଆଇନଗତ ବିଧିବିଧାନ ଅପେକ୍ଷା ସେମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ହେବା ସହ ପାରିବାରିକ ଓ ସାମାଜିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନର ଅଧିକ ଆବଶ୍ୟକତା ରହିଛି।

୪୮୬, ନୀଳକଣ୍ଠ ନଗର, ନୂଆପଲ୍ଲୀ,
ଭୁବନେଶ୍ୱର, ମୋ- ୯୪୩୭୦୩୮୦୧୫

# 'ବନ୍ଦ'ର ବିକଳ୍ପ ଜରୁରୀ

ଚିନ୍ମୟ ବିବେକ

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ବିରୋଧରେ ଗତ ୯ ତାରିଖରେ କଂଗ୍ରେସ ଦ୍ୱାରା ବନ୍ଦ ଡାକରା ଦିଆଯାଇଥିଲା। ଗୋଟେ ଛୁଟି ମିଳିଗଲା ସଭିଙ୍କ ପାଇଁ- ମୂଲିଆ ମଜୁରିଆଠୁ ହାକିମଙ୍କ ଯାଏ। ହାକିମ କାମ ନ କଲେ ଦରମା ପାଆନ୍ତି। କିନ୍ତୁ ବିଚରା ମୂଲିଆଟି? ଦିନଟା ବରବାଦ ହେଲା- ଗୋଟେ ଦିନର ମଜୁରି ଗଲା। ବନ୍ଦର କୁପ୍ରଭାବ ଏପରି ହୋଇଛି ଯେ ଆମେ ବାହାରକୁ ଗୋଡ଼ ବା ଗାଡ଼ି କାଢ଼ିବାକୁ ସାହସ ଜୁଟାଇ ପାରୁନାହୁଁ। ଗାଡ଼ି କାଢ଼ିଲେ ମାଡ଼। ଦୋକାନ, ଅଫିସ ଖୋଲିଲେ ପୋଡ଼ାଜଳା, ସ୍ଥଳବିଶେଷରେ ପାହାର, ନାନା ଦୁର୍ଦ୍ଦଶା, ଦୁଃସମ୍ବାଦ। ସ୍ୱାଧୀନତା ସଂଗ୍ରାମବେଳେ ଚୌରିଚୌରାଠାରେ ଏକଦା ହରତାଳ ଚାଲିଥିଲା। ଲୋକେ ଥାନା ପୋଡ଼ିଦେବାରୁ ଜାତିର ପିତା ମହାତ୍ମା ଗାନ୍ଧୀ ଏହି ହରତାଳକୁ ସେଦିନ ବନ୍ଦ କରିଦେଇଥିଲେ।

ଏପରି ହିଂସାକୁ ରାଷ୍ଟ୍ର ନୀରବରେ ଦେଖିଥାଏ। ପୋଲିସ ବିଭାଗର ସଫଳ କାର୍ଯ୍ୟାନୁଷ୍ଠାନ କ୍ୱଚିତ୍ ଦେଖିବାକୁ ମିଳେ। ଏଠାରେ ଏହା ପ୍ରତିଷ୍ଠିତ ହୋଇସାରିଛି ଯେ, ହିଂସା ନ ଘଟିଲେ ରାଷ୍ଟ୍ର କୌଣସି ଗୋଷ୍ଠୀର ଦାବି ଶୁଣିବ ନାହିଁ, ଏହା ଯେତେ ମୌଳିକ ହୋଇଥାଉନା କାହିଁକି? ଏ ସବୁ ବନ୍ଦ ଆମର ଦେହସୁହା ହେବାକୁ ବସିଲାଣି। ବର୍ତ୍ତମାନ ପିମ୍ପୁଡ଼ିଟିଏ ବି ଯଦି ଭାରତ ବନ୍ଦ କରିବାକୁ କହିବ ତେବେ ବି ତାହା ସମ୍ଭବ। କାରଣ ଜୀବନ ଓ ସମ୍ପତ୍ତିକୁ ନେଇ ଭୟ। ଏହା ଆମ ଗଣତନ୍ତ୍ରର ସାଂଘାତିକ ଦୁରବସ୍ଥାକୁ ସୂଚାଏ। ସାଧାରଣ ଲୋକର ସାମାଜିକ ନିରାପତ୍ତା ନାହିଁ। ଗାଡ଼ି ଚଳାଉଥିବା ଲୋକ ତୈଳଦର ବିରୋଧରେ ପ୍ରତିବାଦ କରୁ ବା ନ କରୁ, ରାଜନୈତିକ ଦଳଙ୍କୁ ଏହାର ବାଧା ବହୁତ। କେବଳ ରାଜନୈତିକ ଲାଭ ପାଇଁ ସଉଦା।

ମୁଁ ସେଦିନ ଆସ୍କାରେ ଥାଏ। ସକାଳଚଲାକୁ ବାହାରି ଲକ୍ଷ୍ମୀବଜାର ଛକରେ ଦେଖିଲି ଟ୍ରଲି, ରିକ୍ସା, ବତା ଓ ବାଉଁଶ ମିଶି ରାସ୍ତା ଅବରୋଧ କରିଛନ୍ତି। ସେମାନଙ୍କ ଉପରେ କମ୍ୟୁନିଷ୍ଟମାନଙ୍କ ଲାଲ୍ ପତାକା ଖୋସି ଦିଆଯାଇଛି। ୫/୭ ଜଣ ସେଠି ଟହଲ ମାରୁଛନ୍ତି। ମୋ ଭଳି ସକାଳଚଲା ଲୋକେ ଚାଲିବା ସାରି ଚା' ଖଟିରେ ବ୍ୟସ୍ତ। ଆଖପାଖରେ ପରିବା ବିକାଳିମାନେ ବଜାରରେ ଅନୁପସ୍ଥିତ। ହୋଟେଲ, ବଜାର ସହିତ ମୋର ବି ଖାଇବା ବନ୍ଦ। ଫେରିବା ବାଟରେ ଦେଖିଲି ସାଇକେଲ ଧରି ୫/୧୦ ଲୋକ ଉକ୍ତ ଲାଲ୍‌ଝଣ୍ଡା ଧରି ସ୍ଲୋଗାନ ଦେଇ ଚାଲିଥାନ୍ତି 'ମୋଦି ସରକାର ଡାଉନ୍ ଡାଉନ୍', 'ଆମେରିକା ଦଲାଲ ଡାଉନ୍ ଡାଉନ୍'। ମୋ ମନରୁ ସ୍ୱତଃ ବାହାରି ଆସିଲା 'ଚାଇନା ସରକାର ଡାଉନ୍ ଡାଉନ୍'। ଚାଇନା ଆମ ସହ ଯୁଦ୍ଧ କରୁଥିବା ବେଳେ, ଆମ ସୀମାରେ ସୈନ୍ୟ ଠୁଳ କରି ରାସ୍ତା, ବଙ୍କର ତିଆରୁଥିବା ବେଳେ, ଆମକୁ ସକାଳେ ସଞ୍ଜେ ଧମକାଉଥିବା ବେଳେ ଆମ ଭାରତୀୟ କମ୍ୟୁନିଷ୍ଟମାନେ ସେମାନଙ୍କ ସହ ଉତ୍ତମ ସମ୍ପର୍କରେ ଥା'ନ୍ତି। ଏ କି ଦେଶପ୍ରେମ ବୁଝିହୁଏ ନାହିଁ। ଗୋଟେ ହେଲେ କଂଗ୍ରେସ ପତାକା ଦେଖିବାକୁ ପାଇଲି ନାହିଁ।

ପେଟ୍ରୋଲ ଦର ବଢ଼ିଲା ବୋଲି ଯେଉଁମାନେ କହୁଛନ୍ତି ସେମାନେ ବେଶି ଗାଡ଼ି ଚଢ଼ୁଛନ୍ତି। ଦର ବଢ଼ିଲା ତ ତେଲ କମ୍ ପୋଡ଼ନ୍ତୁ। ପରିବେଶ ସୁରକ୍ଷା ହେଉ। ସୁସ୍ଥ ରୁହନ୍ତୁ। ଆମ ଡଲାର ବଞ୍ଚୁ। ଲୋକେ ପରା ଝାଡ଼ା ବସିବା ପାଇଁ ଗାଡ଼ି ଚଢ଼ନ୍ତି। ଖୋଜେ ବାଟରେ ପରିବା ଦୋକାନକୁ ଗାଡ଼ି ନେଇଥାନ୍ତି। ରାସ୍ତାରେ କେହି ବନ୍ଧୁ ଦେଖାହେଲେ ଗାଡ଼ି ଷ୍ଟାର୍ଟ ଥାଇ ଆମେ ଗପ ମାରୁ, ତେଲ ସାରୁ, ଟଙ୍କା ବି। ମାଲ୍ ବୁହା ହେବା ପରି ସକାଳୁ ସକାଳୁ ପିଲାଙ୍କୁ ଗାଡ଼ିରେ ବୁହାଉ। ସାଇକେଲରେ ଏ ସବୁ କାମ ହୋଇପାରନ୍ତା। ବେଶି ଇଲେକ୍ଟ୍ରିକ୍ ଓ ସୋଲାର ଅଟୋ ଚାଲୁ। ବିଗତ ଦଶନ୍ଧିରେ ତୈଳଦର ଓ ପରିବେଶ ପ୍ରଦୂଷଣ ପାଇଁ ଚାଇନାର ଲୋକେ ପାଦରେ ଚାଲିଚାଲି ବା ସାଇକେଲ ଯୋଗେ ଅଫିସ ଯାଇଛନ୍ତି। ଆମ ଲୋକେ ପରିବେଶ ଓ ଦେଶ କଥା କେତେ ଭାବନ୍ତି? ଗତବର୍ଷ ଦିଲ୍ଲୀରେ ପ୍ରଦୂଷଣ କାରଣରୁ କାରଗୁଡ଼ିକୁ ସୁପ୍ରିମ୍‌କୋର୍ଟ ଦ୍ୱାରା ନିୟନ୍ତ୍ରଣ କରାଯାଇଥିଲା, ତାହା ସମସ୍ତେ ଜାଣନ୍ତି। ତେଲ ଦର ବଢ଼ିଗଲେ ଗାଡ଼ି ବିକ୍ରି ତ କମିନି।

ରାଜ୍ୟଗୁଡ଼ିକ ସର୍ବାଧିକ ୩୫% ଭାଟ୍ ବ୍ୟବସ୍ଥା ଆପଣାଇଛନ୍ତି। ଏହାକୁ କମାଇଲେ ତୈଳଦର କମନ୍ତା। କିନ୍ତୁ କିଛି ରାଜ୍ୟ ଦର କମେଇଲେ ମଧ୍ୟ ସମସ୍ତେ ଏଥିରେ ସହମତ ନୁହନ୍ତି। କେନ୍ଦ୍ର ଓ ରାଜ୍ୟ ପରସ୍ପର କାଦୁଅ ଫିଙ୍ଗିବାରେ ବ୍ୟସ୍ତ। କିନ୍ତୁ ଜନସାଧାରଣଙ୍କ ପ୍ରମୁଖ ସମସ୍ୟା ନିବାରଣ କରିବାରେ ଏମାନେ ବିଫଳ। ଯେଉଁମାନେ ତୈଳଦରକୁ ନେଇ ଖୁସି ନୁହନ୍ତି- ସେମାନେ ସର୍ବସାଧାରଣ ଯାନ ବ୍ୟବହାର କରନ୍ତୁ ଯାତାୟାତ ପାଇଁ। ବ୍ୟକ୍ତିଗତ ଗାଡ଼ି ପରିହାର କରନ୍ତୁ। ସମ୍ପ୍ରତି ଅନ୍ତର୍ଜାତୀୟ ତୈଳ ବ୍ୟବସ୍ଥା ସମ୍ପର୍କରେ ସମସ୍ତଙ୍କର ପ୍ରାୟ ସମ୍ୟକ୍ ଧାରଣା ରହିଛି। ଆମେରିକା ଓ ଇରାନ ଲଢ଼େଇରେ ଆମେ ବଳିବୋଦା। ତୈଳ ଆମ ଦେଶର ସମ୍ପତ୍ତି ନୁହେଁ। ତେଣୁ କମ୍ ତେଲର ବ୍ୟବହାର ସବୁଠୁ ଉପଯୋଗୀ। ଏଣୁ ଏହା ଆମ ପକେଟ ଓ ପରିବେଶ ପାଇଁ ଅନୁକୂଳ। ଆମ ଡଲାର ଭଲ, ଦେଶ ବି ଭଲ। ଗୋଟିଏ ଦିନର ବନ୍ଦରେ କ୍ଷତିର ପରିମାଣ ସଚେତନ ଜନଗଣ, ରାଜନୈତିକ ଦଳ ସମୂହ ଓ ସର୍ବୋଚ୍ଚ ବିଚାର ବ୍ୟବସ୍ଥାର ବିଚାରଣା ପରିସରକୁ ପ୍ରବେଶ କଲେ ଦେଶର ମଙ୍ଗଳ। ନଚେତ ପୁଣି ଗୋଟେ ବନ୍ଦ ପାଇଁ ମାନସିକ ପ୍ରସ୍ତୁତି ଏବେଠୁ କରିନେବା। ଏହାଠାରୁ ବୋଧହୁଏ ବଡ଼ ଦୁର୍ଦ୍ଦଶା ଓ ମାନସିକ ନିର୍ଯାତନା ଗଣତନ୍ତ୍ରରେ ଆଉ କିଛି ଥାଇପାରେ ବୋଲି ଭାବିହୁଏ ନାହିଁ।

ଗଣତନ୍ତ୍ରରେ ପ୍ରତିବାଦ ନିଶ୍ଚୟ ରହିବ। କିନ୍ତୁ ରୋକ୍, ବନ୍ଦ, ହରତାଳ ବ୍ୟତିରେକେ ପ୍ରତିବାଦର ବିକଳ୍ପ ଉପାୟ କ'ଣ ସଭ୍ୟ ସମାଜଟିଏ ଖୋଜି ପାଇବ ନାହିଁ?

ଦଇତାପଡ଼ା ସାହି, ମାର୍କେଟ ଲେନ୍, ପୁରୀ,
ମୋ-୯୪୩୭୨୮୫୬୨୩,
chinmayavibek65@gmail.com

## ଆମ ସମସ୍ୟା

### ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ମହାଶୟ,

ଭୁବନେଶ୍ୱର ଗଡ଼ଗୋପୀନାଥପ୍ରସାଦ କଲୋନୀରେ ଅବସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ବର୍ତ୍ତମାନ ବହୁ ଅବ୍ୟବସ୍ଥା ଦେଇ ଗତି କରୁଛି। ଏହି କେନ୍ଦ୍ର ଉପରେ ଜିଜିପି କଲୋନୀ, ରସୁଲଗଡ଼, ପାଣ୍ଡରା, ପଳାଶୁଣୀ ପ୍ରଭୃତି ଅଞ୍ଚଳର ହଜାର ହଜାର ରୋଗୀ ନିର୍ଭର କରୁଥିଲେ ମଧ୍ୟ ଠିକ୍ ସମୟ (ସକାଳ ୮ ରୁ ୧୧ ଏବଂ ସନ୍ଧ୍ୟା ୫ରୁ ରାତ୍ରି ୮ ଘଟିକା) ପର୍ଯ୍ୟନ୍ତ ଏହା ଖୋଲା ରହୁନାହିଁ। ଏଠାରେ ନିୟୋଜିତ ଡାକ୍ତରମାନେ ସବୁଦିନ ଡେରିରେ ଆସନ୍ତି ଏବଂ ସନ୍ଧ୍ୟାବେଳେ ପ୍ରାୟ ଆସନ୍ତି ନାହିଁ। ଏମାନଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ ଔଷଧ ଲେଖୁଛନ୍ତି। ଗରିବ, ଅସହାୟ ରୋଗୀ ବାଧହୋଇ ଚିକିତ୍ସା ପାଇଁ ଅନ୍ୟତ୍ର ଯାଉଛନ୍ତି। ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଉଚିତ ପଦକ୍ଷେପ ଗ୍ରହଣ କରନ୍ତୁ।

ନିରୁପମା, କବିତା ସାମଲ, ଗଡ଼ଗୋପୀନାଥପ୍ରସାଦ କଲୋନୀ,
ରସୁଲଗଡ଼, ଭୁବନେଶ୍ୱର

### ପୋଷ୍ଟକାର୍ଡ ମିଳୁନି

ସାକ୍ଷୀଗୋପାଳ ଡାକଘରେ କେତେଦିନ ହେଲା ନାହିଁ ନ ଥିବା ଅବ୍ୟବସ୍ଥା ଦେଖାଦେଇଛି। ଆବଶ୍ୟକ କର୍ମଚାରୀ ନ ଥିବାରୁ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କମ୍ପ୍ୟୁଟର ପୂରା ଅଚଳ। ପୁରୁଣା ଭଙ୍ଗା କ୍ୱାର୍ଟର ଘରେ ଅଫିସ ଚାଲିଛି। ଦୀର୍ଘ ୪/୬ ମାସ ହେଲା ଏଠାରେ ପୋଷ୍ଟକାର୍ଡ, ଲଫାପା, ଅନ୍ତର୍ଦ୍ଦେଶୀୟ ପତ୍ର, ଡାକଟିକେଟ କିଛି ମିଳୁନି। ବିଭାଗୀୟ ମୁଖ୍ୟ ଏଥି ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଇଚ୍ଛା ଥିଲେ ଉପାୟ ଆସେ। ଅସାଧ ସାଧନ କରିହୁଏ। ଗୋଟିଏ ପଦବୀରେ ନିଯୁକ୍ତି ପାଇବା କ୍ଷେତ୍ରରେ ଜଣେ ବ୍ୟକ୍ତି ପ୍ରଥମ ଭାରତୀୟ ମହିଳା ହେବାର ଗୌରବ ଅର୍ଜନ କରିଛନ୍ତି। ସେ ହେଉଛନ୍ତି କୋଲକାତାର ବାସିନ୍ଦା ୨୬ବର୍ଷ ବୟସ୍କା ତାନିୟା ସାନ୍ୟାଲ୍। ସେ ଭାରତର ପ୍ରଥମ ମହିଳା ଅଭିଏଶନ୍ ଫାୟାର ଫାଇଟର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେ ଏହି ପଦବୀରେ ନିଯୁକ୍ତି ପାଇବା ପରେ ନିଜର ହୋମଟାଉନ୍ କୋଲକାତା ଏୟାରପୋର୍ଟରେ ନିଯୁକ୍ତି ପାଇଛନ୍ତି। ଏୟାରପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆର ଫାୟାର ଫାଇଟିଂ କୋର୍ସରେ ପ୍ରଥମ ମହିଳା ଭାବରେ ସେ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତରେ ୩,୧୧୦ ଅଭିଏଶନ୍ ଫାୟାରଫାଇଟରଙ୍କ ମଧ୍ୟରେ ତାନିୟା ହେଉଛନ୍ତି ପ୍ରଥମ ମହିଳା। ବର୍ତ୍ତମାନ ସାନ୍ୟାଲ୍ କୋଲ୍‌କାତାରେ ୧୬୧ଜଣିଆ ଟିମ୍‌ରେ ଜଣେ ଜୁନିୟର ଆସିଷ୍ଟାଣ୍ଟ ଭାବରେ ନିଯୁକ୍ତି ପାଇଛନ୍ତି। ବଟାନିରେ ପୋଷ୍ଟ ଗ୍ରାଜୁଏଶନ୍ ପାଶ୍ କରିଥିବା ସାନ୍ୟାଲ୍ ଅନ୍ୟ କିଛି କରିବାକୁ ଚାହିଁଥିଲେ। କିନ୍ତୁ ବିଧିର ବିଧାନ ଥିଲା ଭିନ୍ନ। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ବିଜ୍ଞାପନରେ ଫାୟାରଫାଇଟର ନିଯୁକ୍ତ ପାଇଁ ମହିଳାଙ୍କଠାରୁ ଆବେଦନପତ୍ର ଆମନ୍ତ୍ରଣ କରାଯିବା ପରେ ସେ ଏହାର ସୁଯୋଗ ନେଇଥିଲେ। ଏହି ପଦବୀ ନିମନ୍ତେ ହୋଇଥିବା ପରୀକ୍ଷାରେ ପାଶ୍ କରିବା ସହ ଶାରୀରିକ ଦକ୍ଷତା ଓ ସୁସ୍ଥତା ପରୀକ୍ଷାରେ ମଧ୍ୟ ଯୋଗ୍ୟ ବିବେଚିତ ହୋଇଥିଲେ। ଏହାପରେ ଉତ୍ତର କୋଲକାତାର ଟାଲା ପାର୍କଠାରେ କଠୋର ତାଲିମ ଗ୍ରହଣ କରିଥିଲେ। ବାସ୍ତବିକ ତାନିୟାଙ୍କ ଦୁଃସାହସିକ ପଦକ୍ଷେପ ଅନ୍ୟ ମହିଳାଙ୍କ ନିମନ୍ତେ ପ୍ରେରଣାଦାୟୀ।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ସେପ୍ଟେମ୍ବର ୧୯୯୩

- କୃଷ୍ଣସାଗର ଉପକୂଳବର୍ତ୍ତୀ ପଶ୍ଚିମ ଆବଖାଜିଆର ବନ୍ଦର ନିକଟରେ ବିଦ୍ରୋହୀମାନଙ୍କ କ୍ଷେପଣାସ୍ତ୍ର ଆକ୍ରମଣରେ ୮୦ ସୈନ୍ୟଙ୍କ ମୃତ୍ୟୁ।
- ବମ୍ବେରେ ପ୍ରବଳ ବର୍ଷା ଯୋଗୁ ୨୦ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ବିରହୀ ଚକୋର ଦମ୍ପତି
ତାଙ୍କୁ, ଦେବି ମୁଁ ମିଳନ-ସମ୍ପତ୍ତି,
ଭୁବନ ଚାହିଁଛି କାତରେ, ତାକୁ ମୁଁ
ବିରଚିବି ଶୋଭା ସଦନ
ହାହାକାରେ ପୂରେ ଗଗନ!
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୧୬- ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଚାରି ବାମଦଳର ଛାତ୍ର ସଂଗଠନକୁ ନେଇ ଗଠିତ ମେଣ୍ଟ ୟୁନାଇଟେଡ୍ ଲେଫ୍ଟର ସମସ୍ତ ଚାରୋଟି ପଦବୀରେ ବିଜୟ।

୧୭- ଜମ୍ମୁ-କଶ୍ମୀରରେ ଅନ୍ତର୍ଜାତୀୟ ସୀମାରେଖା (ଆଇବି)ରେ ସ୍ମାର୍ଟଫେନ୍ସିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା।

୧୮- ଓଡ଼ିଶା ବିଧାନସଭାରେ ଗୃହୀତ ସଂଶୋଧିତ ବିଧେୟକ ଅନୁସାରେ ଏଣିକି ମହାନଗର ନିଗମ, ପୌର ପରିଷଦ ଓ ଏନ୍‌ଏସିର ଅଧ୍ୟକ୍ଷ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହେବେ।

୧୯- ଜଣେ ୪ ବର୍ଷୀୟା ଛାତ୍ରୀକୁ ଅପହରଣ କରି ବଳାତ୍କାର କରିଥିବା ମଧ୍ୟପ୍ରଦେଶ ସାଗ୍ନା ଜିଲାର ଚୁକ୍ତିଭିତ୍ତିକ ଶିକ୍ଷକ ମହେନ୍ଦ୍ର ସିଂ ଗଣ୍ଡଙ୍କୁ ଫାଶୀ ଦଣ୍ଡାଦେଶ।

୨୧- ତାଞ୍ଜାନିଆର ଭିକ୍ଟୋରିଆ ହ୍ରଦରେ ଏକ ବୋଟ୍ ବୁଡ଼ି ୧୩୬ ଜଣ ପ୍ରାଣ ହରାଇଛନ୍ତି।

# ଭୋଟବ୍ୟାଙ୍କ ସାଜିଛନ୍ତି ବାଂଲାଦେଶୀ

**କେନ୍ଦ୍ରାପଡା ଜିଲା**
- ଦେଶାନ୍ତର ନୋଟିସକୁ ବେଖାତିର
- ସୁରକ୍ଷା ଦେଉଛନ୍ତି କେତେଜଣ ରାଜନେତା

କେନ୍ଦ୍ରାପଡା ଅଫିସ୍, ୨୩।୯

କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶ ଏକ ମୁଖ୍ୟ ସମସ୍ୟା ରହିଆସିଛି। ଏହା ଜିଲା ତଥା ଦେଶର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ବୁଦ୍ଧିଜୀବୀମାନେ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗତ ଅଗଷ୍ଟରେ ଲଶ୍କର-ଇ-ତୋଇବାର ସନ୍ଦିଗ୍ଧ ଆତଙ୍କବାଦୀ ସନ୍ଦେହରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ପାଟକୁରା ଥାନା ତେଣ୍ଡାକୁଦା ପଞ୍ଚାୟତସ୍ଥିତ ମୀରମହଲା ଗ୍ରାମର ହବିବୁର ରହମନଙ୍କୁ ଦିଲ୍ଲୀ ଏୟାରପୋର୍ଟରୁ ଗିରଫ କରିଥିଲା। ଏହା ଜିଲାବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଥିବା ବେଳେ ଚଳିତ ଭୋଟର ତାଲିକା ସଂଶୋଧନ ବେଳେ ଦେଶାନ୍ତର ନୋଟିସ୍ ପାଇଥିବା ୧୩୭ଜଣ ବାଂଲାଦେଶୀଙ୍କୁ ଜିଲା ପ୍ରଶାସନ ତାଲିକାରୁ ବାଦ୍ ଦେଇଥିବା ଜଣାଯାଇଛି। ଉପାନ୍ତ ଅଞ୍ଚଳରେ ଏବେ ବି ବାଂଲାଦେଶୀଙ୍କ ଅନୁପ୍ରବେଶ ଜାରି ରହିଥିବା ବେଳେ ଏମାନେ ଜିଲାସାରା କାୟା ବିସ୍ତାର କରିସାରିଲେଣି। ଅନୁପ୍ରବେଶକାରୀ ରାଜନେତାଙ୍କ ଭୋଟବ୍ୟାଙ୍କ ହୋଇଥିବାରୁ ଦେଶାନ୍ତର ନୋଟିସ୍‌କୁ ମଧ୍ୟ ସେମାନେ ବେଖାତିର କରୁଛନ୍ତି।

ଆତଙ୍କବାଦୀଙ୍କ ସହ ଜିଲାର ଲିଙ୍କ୍‌କୁ ନେଇ ଆଇନଜୀବୀ ଆଶିଷ କୁମାର ମହାପାତ୍ର କୁହନ୍ତି, ହବିବୁର୍ ରହମନ ଜିଲାର ପ୍ରଥମ ସନ୍ଦିଗ୍ଧ ଆତଙ୍କବାଦୀ ନୁହନ୍ତି। ଏହା ପୂର୍ବରୁ ୨୦୦୭ରେ ଟାଉନ ଥାନା ଅଧୀନ ସହରର ରଣପଡ଼ା ଗ୍ରାମର ମହମ୍ମଦ ଜାଭେଦ ଭାରତ-ପାକିସ୍ତାନ ସୀମାରେଖାରୁ ଆତଙ୍କବାଦୀ ସନ୍ଦେହରେ ଗିରଫ ହୋଇଥିଲେ। ୨୦୧୦ରେ ଜେଲରୁ ମୁକୁଳିବା ପରେ ତାଙ୍କର ପତ୍ତା ମିଳୁନାହିଁ। ରାଜସ୍ଥାନ ପୋଲିସ ଗତ ଜାନୁୟାରୀରେ ଜାଭେଦଙ୍କୁ ଖୋଜିବା ପାଇଁ କେନ୍ଦ୍ରାପଡ଼ା ଜିଲାକୁ ଆସିଥିଲା। ତେବେ ଜାଭେଦଙ୍କୁ ନ ପାଇ ରାଜସ୍ଥାନ ପୋଲିସଙ୍କୁ ଖାଲି ହାତରେ ଫେରିବାକୁ ପଡିଥିଲା। ସେହିପରି ୨୦୧୬ରେ ସନ୍ଦିଗ୍ଧ ଅଲକାଇଦା ଆତଙ୍କବାଦୀ ଅବଦୁଲ ରହମନ ଗିରଫ ହୋଇଛନ୍ତି। ଏହି ବ୍ୟକ୍ତି କେନ୍ଦ୍ରାପଡ଼ା ଜିଲାର କେତେକ ମଦ୍ରାସା ଓ ସ୍ଥାନୀୟ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିଥିବା ନେଇ ତତ୍କାଳୀନ ସମୟରେ ଆଲୋଚନା ହୋଇଥିଲା। ଏଥିସହ ସହରର ଗୌଡ଼ଗୋପ ଅଞ୍ଚଳର ଅଶ୍ରଫୁଲ ଉଲୁମା ମଦ୍ରାସାରେ ୧୯୯୦-୧୯୯୫ପର୍ଯ୍ୟନ୍ତ ଅବଦୁଲ ରହମାନ ପାଠ ପଢ଼ିଥିବା ଜଣାପଡ଼ିଥିଲା। ସେହିପରି ଜାତୀୟ ଉଦ୍ୟାନ ଭିତରକନିକା ଏବେ ଅନୁପ୍ରବେଶକାରୀଙ୍କ କବଳରେ ବୋଲି ସୂଚନା ଅଧିକାର କର୍ମୀ ରଞ୍ଜନ ଦାସ କହିଛନ୍ତି। ସେ କହିଛନ୍ତି, ଜିଲାର ୧୬୭୭ଜଣ ଦେଶାନ୍ତର ନୋଟିସ ପାଇବା ପରେ ମଧ୍ୟ ଏଠାରେ ରହିଛନ୍ତି। ୧୯୬୧ରୁ ୨୦୧୭ ମସିହା ମଧ୍ୟରେ ଭିତରକନିକାର ସଂରକ୍ଷିତ ଅଞ୍ଚଳରେ ୪୩ ଖଣ୍ଡ ନୂତନ ଗ୍ରାମ ସୃଷ୍ଟି ହୋଇଛି। ୧୯୬୧ ପୂର୍ବରୁ ଭେକ୍ଟା, ଅହିରାଜପୁର, ବଗପାଟିଆ, ବାଘମାରୀ, ବନିପାଳ, ବାଙ୍କୁଆଳ, ଦଳେଇସାହି, ମଗରକନ୍ଦା ଆଦି ୪୩ଟି ରାଜସ୍ୱ ଗ୍ରାମର ନାଁ ନ ଥିଲା। ଏହି ୪୩ ଗ୍ରାମରେ ଲୋକସଂଖ୍ୟା ୧ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ୨୨ ହଜାରରୁ ଊର୍ଦ୍ଧ୍ୱ ବାଂଲାଦେଶୀ ବୋଲି ଏକ ବେସରକାରୀ ସଂସ୍ଥା ଆକଳନ କରିଥିବା ସେ ସୂଚନା ଦେଇଛନ୍ତି। ଅନୁପ୍ରବେଶକାରୀ ରାଜନଗର ଓ ମହାକାଳପଡା ସମୁଦ୍ର ତଟ ଦେଇ ଜିଲାକୁ ଆସିଥିବା ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ହାତକରି ଏମାନେ ଜଙ୍ଗଲ ଜମିକୁ ଲିଜ୍ ଓ ପରେ ନିଜ ନାମରେ କରି ନେଇଛନ୍ତି। ଭିତରକନିକାରେ ଅନୁପ୍ରବେଶକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ବିଦେଶୀ ନାଗରିକ ଆଇନ ୧୯୪୭ ଧାରା ୩ ବଳରେ ଦେଶାନ୍ତର ନୋଟିସ ଲାଗିବା ଆବଶ୍ୟକ। ତେବେ ସ୍ଥାନୀୟ ରାଜନେତା ଏମାନଙ୍କୁ ସୁରକ୍ଷା ଦେଇ ଚାଲିଛନ୍ତି। ମାନବାଧିକାର କର୍ମୀ ପ୍ରତାପ କୁମାର ପାଢ଼ୀ କୁହନ୍ତି, ଦେଶ ଓ ଜିଲାର ସୁରକ୍ଷା ପାଇଁ ପ୍ରଥମେ ଅନୁପ୍ରବେଶକୁ ରୋକିବା ଆବଶ୍ୟକ। ଜିଲାରେ ୭୮ ହଜାରରୁ ଅଧିକ ବଙ୍ଗଳାଭାଷୀ ରହିଥିବା ୨୦୧୧ ଜନଗଣନା ସର୍ଭେରେ ଜଣାପଡିଥିବା ବେଳେ ଏବେସୁଦ୍ଧା ସେମାନଙ୍କ ମଧ୍ୟରୁ ୩୯ ହଜାର ଭୋଟର କାର୍ଡ ଓ ଆଇକାର୍ଡ ହାସଲ କରିସାରିଛନ୍ତି। ସମୁଦ୍ର ତଟରେ ଅନୁପ୍ରବେଶ ରୋକିବା ପାଇଁ ଜିଲା ପୋଲିସର ୩ଟି ସାମୁଦ୍ରିକ ଥାନା ତାଳଚୁଆ, ଜମ୍ବୁ ଓ ତନ୍ତିଆପାଳରେ ପୋଲିସ ମୁତୟନ ହେଉନାହିଁ। ସେହିପରି ତଟରକ୍ଷା ବାହିନୀର ଏହି ଅଞ୍ଚଳ ପ୍ରତି ଗତାଗତ ନାହିଁ। ନିଷିଦ୍ଧାଞ୍ଚଳ ଘୋଷଣା ସତ୍ତ୍ୱେ ବହୁ ଅନୁପ୍ରବେଶକାରୀ ମତ୍ସ୍ୟଜୀବୀ ଭାବେ ଗିରଫ ହେଉଥିବା ଦେଖାଯାଇଛି। ଏହି ଅଞ୍ଚଳର ମାତ୍ର ୧ କିଲୋମିଟର ଦୂରରେ ସମ୍ବେଦନଶୀଳ ହୁଇଲର ଦ୍ୱୀପକୁ ଅଣଦେଖା କରାଯାଉଥିବାରୁ ଏହା ଦେଶ ପାଇଁ ଆଗାମୀ ଦିନରେ ବିପଦ ସୃଷ୍ଟି କରିବ।

## ଅଧ୍ୟାପକ ନିଯୁକ୍ତିରେ ତ୍ରୁଟି ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ, ୨୩।୯

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମହିଳା କଲେଜର ଅଧ୍ୟାପକ ନିଯୁକ୍ତିରେ ଅନିୟମିତତା ହୋଇଛି। ଏଭଳି ଅଭିଯୋଗ ଆଣି ଜିଲାପାଳ ଦାଶରଥି ଶତପଥୀଙ୍କୁ ଅଧ୍ୟାପକ ଶ୍ରୀଧର ବେହେରା ଏକ ଦାବିପତ୍ର ଶନିବାର ପ୍ରଦାନ କରିଛନ୍ତି। ଏ ନେଇ ଅଧ୍ୟାପକ ବେହେରା ସୂଚନା ଦେଇଛନ୍ତି ଯେ, ପଟ୍ଟାମୁଣ୍ଡାଇ ଯୁକ୍ତ ୩ ମହିଳା କଲେଜରେ ୨୦୧୩ ଅଗଷ୍ଟ ୧୪ ତାରିଖରେ ତାଙ୍କୁ ଅଧ୍ୟାପକ ପଦବୀରେ ନିଯୁକ୍ତି ମିଳିଛି। ଏହା ସତ୍ତ୍ୱେ ତାଙ୍କର ବରିଷ୍ଠତାକୁ ଗଣନା କରା ଯାଇନାହିଁ। ଏ ନେଇ ୨୦୧୭ ଜୁନ ମାସରେ ସେ କଲେଜ ଅଧକ୍ଷାଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ ସେହିପରି ଅନ୍ୟ ଜଣେ ଅଧ୍ୟାପିକାଙ୍କୁ ବରିଷ୍ଠ ବୋଲି ଏହି କଲେଜର କାଗଜପତ୍ରରେ ଦର୍ଶାଯାଇଛି। ୨୦୧୮ ଜାନୁୟାରୀରୁ ଦରମା ବନ୍ଦ ହୋଇଥିବା ଅଧ୍ୟାପକ ବେହେରା ସୂଚନା ଦେଇଛନ୍ତି। ଅନିୟମିତତାର ତଦନ୍ତ ନହେଲେ ଆସନ୍ତା ୨୬ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଯୋରରେ ବୁଡ଼ି ଯୁବକ ମୃତ

**ଆଳି, ୨୩।୯ (ଡି.ଏନ୍.ଏ.):** ଆଳି ଥାନା ଅଧୀନ ମହୁ ଗ୍ରାମର ଜନୈକ ଯୁବକ ରବିବାର ପାଣିରେ ବୁଡ଼ି ମୃତ୍ୟୁ ବରଣ କରିଛନ୍ତି। ସେ ହେଲେ ସେହି ଗ୍ରାମର ପ୍ରଫୁଲ୍ଲ ତରାଇଙ୍କ ପୁଅ ଶରତ(୧୮)। ଶରତ ରବିବାର ସନ୍ଧ୍ୟାରେ ନିକଟସ୍ଥ ଯୋରକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ଗୋଡ଼ ଖସିଯିବା ଯୋଗୁ ସେ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ସ୍ଥାନୀୟ କେତେଜଣ ଯୁବକ ଜୋର ଭିତରେ ପଶି ତାଙ୍କୁ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ଶରତଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଡାକ୍ତରଖାନା ସୂତ୍ରରୁ ପ୍ରକାଶ।

### ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡା ଅଫିସ୍, ୨୩।୯:** ଆସନ୍ତା ଅକ୍ଟୋବର ୨୪ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜାଓ୍ୱାବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଟାଉନ ହଲଠାରେ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରବୀନ୍ଦ୍ର କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂଜାଓ୍ୱାବର ସମୟ ନିର୍ଘଣ୍ଟ ପ୍ରସ୍ତୁତି ସହିତ ଶୃଙ୍ଖଳିତ ଉତ୍ସବ ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନା ଅନୁଯାୟୀ, ଅକ୍ଟୋବର ୨୪ରୁ ୩୦ ପର୍ଯ୍ୟନ୍ତ ମଣ୍ଡପରେ ମା'ଙ୍କ ପୂଜାଓ୍ୱାବ ହେବ। ନଭେମ୍ବର ୧ ତାରିଖ ପୂର୍ବାହ୍ନ ୧୦ଟାରେ ମେଲଣ ମଣ୍ଡପରେ ଭୋଗଲାଗି ହେବ। ସେହିପରି ଏହାର ୧ ଘଣ୍ଟା ପୂର୍ବରୁ ମା'ଙ୍କ ଶୋଭାଯାତ୍ରା ମେଲଣ ମଣ୍ଡପରେ ନ ପହଞ୍ଚିଲେ, ମା'ଙ୍କ ନିକଟକୁ ଭୋଗ ପଠାଯିବ। ସେହିପରି ୨ ତାରିଖ ରାତି ୧୦ଟା ସୁଦ୍ଧା ମା'ଙ୍କ ବିସର୍ଜନ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସହର ମଧ୍ୟସ୍ଥ ୪୨ଟି ମଣ୍ଡପର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

### ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସେବା କାର୍ଯ୍ୟକ୍ରମ




**ଡେରାବିଶ, ୨୩।୯ (ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ସେପ୍ଟେମ୍ବର ୧୫ ତାରିଖରୁ ବିଭିନ୍ନ ଗ୍ରାମରେ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହା ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବ୍ଲକ ଅଧୀନ କୁରୁଜଙ୍ଗା ଗ୍ରାମରେ ରବିବାର ନେହେରୁ ଯୁବକେନ୍ଦ୍ର ଓ ପତିତପାବନ ଯୁବକ ସଂଘର ମିଳିତ ସହଯୋଗରେ 'ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଥିଲା। ଯୁବକେନ୍ଦ୍ର ସଂଯୋଜକ ଲକ୍ଷ୍ମୀକାନ୍ତ ଜେନା ଓ ପତିତପାବନ ଯୁବକ ସଂଘର କର୍ମକର୍ତ୍ତା ଦିବ୍ୟଜ୍ୟୋତି ଜେନା, ତ୍ରିଲୋଚନ ବେହେରାଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ଗ୍ରାମ ରାସ୍ତା ଓ ପୋଖରୀ ସଫେଇ କରିଥିଲେ। ପରେ ଗ୍ରାମରେ ଯୁବକ ସଂଘ ସଭାପତି ଆଇନଜୀବୀ ନାରାୟଣ ଚନ୍ଦ୍ର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ରାଜୀବ ଲୋଚନ ରାଉତ, ଆଶିଷ ବିହାରୀ, ରାଜେଶ ମଲ୍ଲ, ଡେରାବିଶ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଅତିଥିଭାବେ ଯୋଗଦେଇ ଗାଁ ପରିବେଶକୁ ସଫା ରଖିବା, ଶୌଚାଳୟ ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ।

### ଶ୍ରଦ୍ଧାଞ୍ଜଳି ସଭା

**କେନ୍ଦ୍ରାପଡା ଅଫିସ, ୨୩।୯:** ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ସାମାଜିକ କର୍ମୀ ରବୀନ୍ଦ୍ରନାଥ ଦାସଙ୍କ ବିୟୋଗରେ ରବିବାର ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ପ୍ରେସ୍ କ୍ଲବ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ଡା. ବିଶ୍ୱପ୍ରକାଶ କାନୁନଗୋ, ଡା. ଅଲେଖଚନ୍ଦ୍ର ଦାସ, ଈଶ୍ୱର ଚନ୍ଦ୍ର, କୁଞ୍ଜବିହାରୀ ସାହୁ, ଡା. ରମାନାଥ ମହାନ୍ତି, ନୃସିଂହ ତ୍ରିପାଠୀ, ଅମରବର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ସାମାଜିକ କର୍ମ ସମ୍ପର୍କରେ ନିଜର ମତ ଦେଇଥିଲେ। ସମ୍ପାଦକ ଅଶୋକ ସାହୁ, ଗୋଲକ ଚନ୍ଦ୍ର ପଡ଼ିଆରୀ, ପ୍ରମୋଦ ମହାପାତ୍ର, ନାରାୟଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଜିଲା କଂଗ୍ରେସର ବୈଠକ
# ବୁଥ୍ କମିଟି ଗଠନକୁ ଗୁରୁତ୍ୱ



ବୈଠକରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

କେନ୍ଦ୍ରାପଡା ଅଫିସ, ୨୩।୯

ସହରର କଜଳାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଜିଲା କଂଗ୍ରେସର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛ। ଜିଲା ସଭାପତି ଚିନ୍ମୟ ବେହୁରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଅକ୍ଟୋବର ୧୫ ତାରିଖ ସୁଦ୍ଧା ବୁଥ୍, ପଞ୍ଚାୟତ ଓ ଜୋନସ୍ତରୀୟ କମିଟି ଗଠନକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଗତ ଲଘୁଚାପ ବର୍ଷାରେ ଫସଲ ନଷ୍ଟ ପାଇଁ ଚାଷୀଙ୍କୁ କ୍ଷତିପୂରଣ ଓ ଋଣଛାଡ ଆନ୍ଦୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ପ୍ରଭାରୀ ଶୁଭେନ୍ଦୁ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ବରିଷ୍ଠ ନେତା ଧରଣୀଧର ନାୟକ, ଜୟନ୍ତ ମହାନ୍ତି, ପ୍ରଫୁଲ୍ଲ ଦାସ ପ୍ରମୁଖ ଯୋଗଦେଇ ଜିଲା ସଂଗଠନକୁ ମଜଭୁତ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ସୌମେନ୍ଦ୍ର ପୃଷ୍ଟି, ପ୍ରଦୀପ ପ୍ରଧାନ, ଦିଲ୍ଲୀପ ରାଉତ, ସମ୍ବିତ ଶ୍ରୀଚନ୍ଦନ, ସଞ୍ଜୟ ରାଉତ ପ୍ରମୁଖ ଭାଗ ନେଇଥିଲେ।

## ବର୍ଷା ଦୁର୍ଗତଙ୍କୁ ସହାୟତା

ଡେରାବିଶ, ୨୩।୯ (ସ୍ୱ.ପ୍ର.)

ଗତ ୬ ତାରିଖରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକେ ଜଳବନ୍ଦୀ ଥିବା ବେଳେ ବହୁ ସ୍ଥାନରେ ଘରର କାନ୍ଥ ଭୁଶୁଡ଼ି ଯାଇଥିଲା। ଭଙ୍ଗା ଘର ଭିତରେ ଦିନ କଟାଉଥିବା ବର୍ଷା ଦୁର୍ଗତଙ୍କୁ ରବିବାର ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ଭେଟିଥିଲେ। ଏହି ଅବସରରେ ନହଙ୍ଗ ପଞ୍ଚାୟତ ସନ୍ଥପୁରା ଗ୍ରାମର ନକୁଳ ସାହୁ ଓ ବୀରନୀଳକଣ୍ଠପୁର ଗ୍ରାମର ଫକୀର ଜେନା, ବାରିମୂଳ ପଞ୍ଚାୟତ ରାୟପୁର ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁ, ହରିଅଙ୍କ ପଞ୍ଚାୟତ ପାଣିଓଳା ଗ୍ରାମର ଗନ୍ଧର୍ବ ପରିଡ଼ା, ଗୋଲଖ ନାୟକ ଓ ଅନିରୁଦ୍ଧ ଦାସ, ହରିଅଙ୍କ ଗ୍ରାମର ସରୋଜକାନ୍ତ ଦାସ, ଇନ୍ଦାଲୋ ପଞ୍ଚାୟତ ବାରଗୋଡ଼ିଆ ଗ୍ରାମର ମାଧବ ମଲ୍ଲିକ ଓ ନୟନା ମଲ୍ଲିକଙ୍କୁ ପାଲ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧୀରେନ୍ଦ୍ର ଜେନା, ସୁଖଦାନନ୍ଦ ପ୍ରଧାନ ଓ ସ୍ଥାନୀୟ ୱାର୍ଡ ସଭ୍ୟ ଗାଲକ ନନ୍ଦ, ଅଚ୍ୟୁତାନନ୍ଦ ମଳିକ ପ୍ରମୁଖ ଭାଗ ନେଇଥିଲେ।

## ■ ଅନୁପ୍ରବେଶ ଓ ଏହାର ପ୍ରଭାବ ସମ୍ପର୍କିତ ଆଲୋଚନା ଚକ୍ର
# ଥ୍ରୀ ଡି ଦ୍ୱାରା ସମସ୍ୟାର ସମାଧାନ ସମ୍ଭବ



ଆଲୋଚନା ଚକ୍ରରେ ଉପସ୍ଥିତ ଆଲୋଚକଗଣ।

କେନ୍ଦ୍ରାପଡ଼ା ଅଫିସ, ୨୩।୯

ରାଷ୍ଟ୍ରବାଦୀ ବିଚାର ମଞ୍ଚ କେନ୍ଦ୍ରାପଡ଼ା ଶାଖା ଓ ନୂଆଦିଲ୍ଲୀସ୍ଥିତ ପ୍ରଜ୍ଞା ଶିକ୍ଷା ଫାଉଣ୍ଡେଶନ ମିଳିତ ଆୟୋଜନାରେ କେନ୍ଦ୍ରାପଡ଼ାରେ ବାଂଲାଦେଶୀଙ୍କ ଅନୁପ୍ରବେଶ ଓ ଏହାର ପ୍ରଭାବ ଶୀର୍ଷକ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ସହରର ଗରାପୁରସ୍ଥିତ ସ୍ୱୟଂସିଦ୍ଧା ମଣ୍ଡପରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ପ୍ରସନ୍ନ କୁମାର ପରିଡା ଅଧକ୍ଷତା କରିଥିଲେ। ଏଥିରେ ଅନୁପ୍ରବେଶର କାରଣ, ସମସ୍ୟା ଓ ନିରାକରଣକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ଡିଟେକ୍ଟ, ଡିଲିଟ, ଡିପୋଟ (ଥ୍ରୀ ଡି) ଆବଶ୍ୟକ ବୋଲି ଆଲୋଚକମାନେ ମତ ଦେଇଥିଲେ। ଏଥିରେ ପୂର୍ବତନ ଆଡିସନାଲ ଡିଜିପି ଅରୁଣ ଉପାଧ୍ୟାୟ, ଭାରତ ରକ୍ଷା ମଞ୍ଚର ସର୍ବଭାରତୀୟ ସହ ଆବାହକ ମୁରଲୀ ଶର୍ମା, ଆଇନଜୀବୀ ଅନଙ୍ଗ କୁମାର ସାହୁ, ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସ, ପ୍ରାଧ୍ୟାପକ ଡା. ଅଂଶୁମାନ ବେହେରା, ଜେଏନ୍‌ୟୁର ପ୍ରାଧ୍ୟପକ ଡା. ପ୍ରକାଶ ଚନ୍ଦ୍ର ସାହୁ ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକମାନେ ଦର୍ଶାଇଥିଲେ ଯେ, ସାମ୍ପ୍ରତିକ ସମୟରେ ଜିଲାରେ ବାଂଲାଦେଶୀଙ୍କ ଅନୁପ୍ରବେଶ ବଢ଼ିଚାଲିଛି। ଏମାନେ ଜାତୀୟ ଉଦ୍ୟାନକୁ କ୍ଷତି ପହଞ୍ଚାଉଥିବା ବେଳେ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ପ୍ରତ୍ୟକ ଦେଶରେ ବିଦେଶୀଙ୍କ ପାଇଁ ସ୍ୱତନ୍ତ୍ର ଚିହ୍ନଟ ବ୍ୟବସ୍ଥା ସହ ରହିବାର ସମୟ ଅବଧି ନିର୍ଦ୍ଧାରଣ କରାଯାଇଥାଏ। ଯାହା ଏହି ଦେଶରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଅନୁପ୍ରବେଶକାରୀଙ୍କୁ ଦେଶରୁ ବାହାର ପାଇଁ ଆଇନ ଅଛି। ତେବେ ଭୋଟ ବ୍ୟାଙ୍କ ପାଇଁ ସ୍ଥାନୀୟ ରାଜନେତା ସେମାନଙ୍କୁ ଅନୁକମ୍ପା ଦେଖାଉଛନ୍ତି। ସେହିପରି ଅନୁପ୍ରବେଶକାରୀଙ୍କ ଚିହ୍ନଟ ଏକ ସମସ୍ୟା ହୋଇଛି। ଏହାର ନିରାକରଣ ପାଇଁ ୧୯୫୧ରେ ପ୍ରଜାସତ୍ତ୍ୱ ଓ ୧୯୭୧ ମାର୍ଚ୍ଚ ୨୪ତାରିଖର ଭୋଟର ଲିଷ୍ଟ ତଦାରଖ କଲେ ଜଣାପଡିବ। ଏଥିସହ ସ୍ଥାନୀୟ ଅଞ୍ଚଳରେ ଜନ ସଚେତନତା ଏହାର ସମାଧାନ ଦିଗରେ ସହାୟକ ହୋଇପାରିବ ବୋଲି ଆଲୋଚକମାନେ ମତ ଦେଇଥିଲେ। ଆଲୋଚନା ଚକ୍ରକୁ ବିନୋଦ ବିହାରୀ ଦାସ ପରିଚାଳନା କରିଥିଲେ।

## ■ ବୈତରଣୀରେ ଜଳସ୍ତର ବୃଦ୍ଧି
# ଶତାଧିକ ଏକର ଚାଷଜମି ଜଳମଗ୍ନ


ବୈତରଣୀରେ ବନ୍ୟା ଜଳ।

ରାଜକନିକା, ୨୩।୯ (ଡି.ଏନ୍.ଏ)

ଲଘୁଚାପ ବର୍ଷା ଯୋଗୁ ପ୍ରବଳ ବର୍ଷା ଫଳରେ ରାଜକନିକା ବ୍ଲକ ଅଞ୍ଚଳର ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଥିବା ବେଳେ ରବିବାର ପୁଣି ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ଯୋଗୁ ଚାଷୀଙ୍କ ନିଦ ହଜିଯାଇଛି। ବ୍ଲକର ଉପାନ୍ତ ଅଞ୍ଚଳ ବାଲିସାହି, ବଡ଼ହଲୁପଡ଼ା, ସାନହଲୁପଡ଼ା, ହାଟସାହି, ଅବଦୁଲପୁର, ପଧାନପଡା, ଅହମଦପୁର, ଦୂର୍ଗାଦେବୀପଡ଼ା, ପଣସଗଣ୍ଡ, ଫାଜିଲପୁର, ସିହୋପଡ଼ା, ଆଗପଡ଼ା, ଭାମଣ୍ଡା, କନପୁର ଅଞ୍ଚଳର ଶତାଧିକ ଏକର ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ବୈତରଣୀରେ ଜଳସ୍ତର ବୃଦ୍ଧି ଯୋଗୁ ଚାଷ ଜମିରୁ ପାଣି ନିଷ୍କାସିତ ହୋଇପାରୁନାହିଁ। ଅପରପକ୍ଷେ ବାଲିସାହି ଗାଁ ରାସ୍ତାରେ ବନ୍ୟା ଜଳ ଜମି ରହିଥିବା ବେଳେ ପଧାନପଡା ଗାଁରୁ ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତା ବୁଡିଯାଇଛି। ସେହିପରି ବେଙ୍ଗାନଦୀ କୂଳରେ ଥିବା ବଡହଲୁପଡା ଗ୍ରାମର ଦାସ ଓ ମଳିକସାହି ବସ୍ତିରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଗତ ଲଘୁଚାପ ଜନିତ ଲଗାଣ ବର୍ଷା ଓ ପରେ ପରେ ବୈତରଣି ବନ୍ୟାରେ ଉକ୍ତ ଗ୍ରାମର ବହୁ ଘର ଧରାଶାୟୀ ହୋଇଥିଲା। ଅନ୍ୟପଟେ ବନ୍ୟା ପାଣିରେ ଆସିଥିବା ବିଷଧର ସାପଗୁଡ଼ିକ ଘରେ ପଶି ଯାଉଥିବାରୁ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି।

# ଗୋବିନ୍ଦପୁର ସେତୁ ଆପ୍ରୋଚ ରୋଡ୍‌ରେ ଗାତ


ପାନପେଣ୍ଠଠାରେ ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ଆଳି, ୨୩।୯ (ଡି.ଏନ.ଏ)

ଆଳି ବ୍ଲକ ଧୋୟାଞ୍ଚଳର ଗୋବିନ୍ଦପୁରଠାରେ ଥିବା ଖରସ୍ରୋତା ସେତୁର ଆପ୍ରୋଚ ରୋଡ୍‌ରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ସମେତ ଏହି ରାସ୍ତା ଦେଇ ଯା'ଆସ କରୁଥିବା ଲୋକମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଅବଗତ ଥିବା ବେଳେ ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଧୋୟାଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶପାଇଛି। କେନ୍ଦ୍ରାପଡା ଜିଲା ଓ ଯାଜପୁର ଜିଲା ସହିତ ସିଧାସଳଖ ଯୋଗାଯୋଗ ନିମନ୍ତେ ଗୋବିନ୍ଦପୁରଠାରେ ଖରସ୍ରୋତା ନଦୀ ଉପରେ ଏହି ସେତୁ ନିର୍ମାଣ କରାଯାଇଥିଲା। ଫଳରେ ଧୋୟାଞ୍ଚଳବାସୀ ଦୈନିକ ବିଭିନ୍ନ କାର୍ଯ୍ୟରେ ସିଂହପୁର ଓ ଯାଜପୁରକୁ ଯାତାୟାତ କରିପାରିବା ସହିତ ଦୈନିକ ହଜାର ହଜାର ଯାନବାହନ ଏହି ରାସ୍ତା ଦେଇ ଯାତାୟାତ କରିଥାଏ। କିନ୍ତୁ ଗତ ଲଘୁଚାପ ବର୍ଷାରେ ପୋଲକୁ ଯାଇଥିବା ଆପ୍ରୋଚ ରୋଡର ପାନ ପେଣ୍ଠଛକଠାରେ ରାସ୍ତାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତା ଉପରେ ଆଳି ସମେତ ଧୋୟାଞ୍ଚଳର ଗୋବିନ୍ଦପୁର, କେତୁଆପାଳ, ପାଳିମି, ଦେସାହି, ଏରଡ଼ଙ୍ଗ, ସଂସିଧା, ପେତପଡ଼ା, ଜୁଆଣିଆ ଅରଗଳ ଓ ଡିମିରିପାଳ ଆଦି ଗ୍ରାମବାସୀ ମୁଖ୍ୟତଃ ନିର୍ଭରଶୀଳ। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତା ମରାମତି କରିବା ନିମନ୍ତେ ଏରଡ଼ଙ୍ଗ ଗ୍ରାମର ଅରୁଣ ବେହେରା, କେତୁଆପାଳ ଗ୍ରାମର ମନ୍ମଥ ଦାସ, ପାନପେଣ୍ଠ ଗ୍ରାମର ହିରଣ୍ୟ ସାମଲ, ସୁଦର୍ଶନ ସାମଲ ପ୍ରମୁଖ ଦାବି କରିଛନ୍ତି।

# ଆଦ୍ୟାଶକ୍ତି ଭବନରେ ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

ଆଳି, ୨୩।୯ (ଡି.ଏନ୍.ଏ.)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଆଳି ବ୍ଲକ ନେମାଳସ୍ଥିତ ଆଦ୍ୟାଶକ୍ତି ଭବନ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲ କଲେଜରୁ ଅଷ୍ଟମରୁ ଯୁକ୍ତ ୩ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ କନିଷ୍ଠ ଓ ଯୁକ୍ତ୨ ଏବଂ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ବିଭାଗରେ ବିଭକ୍ତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇଛି। ଚିତ୍ରାଙ୍କନ ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ୪୮ ଜଣ ଓ ବରିଷ୍ଠ ବିଭାଗରେ ୧୨ ଜଣ ଅଂଶଗ୍ରହଣ କରିଥିଲେ। ସେହିପରି ପ୍ରବନ୍ଧ ପ୍ରତିଯୋଗିତାରେ କନିଷ୍ଠ ବିଭାଗର ୫୭, ବରିଷ୍ଠ ବିଭାଗର ୧୧ ଜଣ ଓ ବକ୍ତୃତାରେ କନିଷ୍ଠ ବିଭାଗରେ ୩୯ ଓ ବରିଷ୍ଠ ବିଭାଗରେ ୧୪ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବକ୍ତୃତା ସଭାରେ ବିଚାରକ ଭାବେ ଶିକ୍ଷାବିତ୍ ବିଶ୍ୱମ୍ଭର ପାଣି, ନରହରି ପାତ୍ର, କୈଳାସ ଚନ୍ଦ୍ର ପଣ୍ଡା, ବାବାଜୀ ସ୍ୱାଇଁ ଓ ନଗେନ ରାୟ ଉପସ୍ଥିତ ଥିଲେ।

# ବଢୁଛି ବେଆଇନ ବାଲି ଚାଲାଣ, ବିପଦରେ କାଜୁ ଜଙ୍ଗଲ

- ଡଙ୍ଗା, ଟ୍ରାକ୍ଟର ଯୋଗେ ଉଠାଯାଉଛି ବାଲି
- କାଜୁଜଙ୍ଗଲ ଲୀନ ହେବା ନେଇ ଆଶଙ୍କା


ମହାନଦୀ ପାର୍ଶ୍ୱ ବାହାକୁଦ କାଜୁ ଜଙ୍ଗଲରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଛି।

ମହାକାଳପଡା, ୨୩।୯(ଡି.ଏନ୍.ଏ.)

ମହାକାଳପଡା ବ୍ଲକ ରାମନଗର ପଞ୍ଚାୟତ ଅନ୍ତର୍ଗତ ମହାନଦୀ କୂଳ ବାହାକୁଦ କାଜୁ ଜଙ୍ଗଲରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଛି। ଫଳରେ କାଜୁ ଜଙ୍ଗଲ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ଟ୍ରାକ୍ଟର ଯୋଗେ ଦିନ ଦ୍ୱିପ୍ରହରରେ ବାଲି ଚୋରାଚାଲାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ସୂଚନା ଯୋଗ୍ୟ, ଅସାଧୁ ବ୍ୟବସାୟୀମାନେ ଟ୍ରାକ୍ଟର ଯୋଗେ ଏହି କାଜୁ ଜଙ୍ଗଲରୁ ବାଲି ନେଇ ବାହାରେ ବିକ୍ରି କରି ଲାଭବାନ ହେଉଛନ୍ତି। ଏହାଛଡା କେତେଜଣ ଠିକାଦାର ବଡ ବଡ ଡଙ୍ଗା ସାହାଯ୍ୟରେ ଏହି ଜଙ୍ଗଲ ନିକଟବର୍ତ୍ତୀ ମହାନଦୀ ବେଳାଭୂମିରୁ ବାଲି ଚାଲାଣ କରି ଡଙ୍ଗା ଯୋଗେ ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛନ୍ତି। ବିଶେଷ କରି ବତିଘର, ଖରିନାସୀ, ବରକନ୍ଧା ଓ ପାରାଦୀପ ଆଦି ଅଞ୍ଚଳକୁ ଅବାଧରେ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏହା ଦ୍ୱାରା ସରକାରଙ୍କ ବହୁ ରାଜସ୍ୱ ହାନି ହେଉଛି। ଏଥିପ୍ରତି ରାଜସ୍ୱ ଓ କାଜୁ ଉନ୍ନୟନ ନିଗମର ବରିଷ୍ଠ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ବାଲି ଚାଲାଣ ବନ୍ଦ ନ ହେଲେ ଆଗାମୀ ଦିନରେ କାଜୁ ଜଙ୍ଗଲ ମହାନଦୀ ଗର୍ଭରେ ଲୀନ ହେବା ଆଶଙ୍କା ଏଡାଇ ଦେଇ ହେବ ନାହିଁ ବୋଲି ସାମାଜିକ କର୍ମୀ ସୁବାସ ସ୍ୱାଇଁ ଓ ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବିଡିଓ ତଥା ମହାକାଳପଡା ତହସିଲଦାର ରମେଶ ଚନ୍ଦ୍ର ସେଠୀ କହିଛନ୍ତି ଏନେଇ ତଦନ୍ତ ହେବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ଡେରାବିଶ ବ୍ଲକରେ କଳାକାର ଚୟନ

**ଡେରାବିଶ, ୨୩।୯ (ସ୍ୱ.ପ୍ର.):** ବିଭିନ୍ନ କଳାରେ ପାରଦର୍ଶିତା ହାସଲ କରିଥିବା କଳାକାରଙ୍କ ପାଇଁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ରାଜ୍ୟ ସରକାର ଆରମ୍ଭ କରିଛନ୍ତି । ଏଥିପାଇଁ ଡେରାବିଶ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ୍ ଚଇନିଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଡିଓ ଗୋପବନ୍ଧୁ ଭୋସାଗର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଯୋଜନାର ରୂପରେଖ ବିଷୟରେ ଉପସ୍ଥିତ କଳାକାରଙ୍କୁ ସୂଚନା ପ୍ରଦାନ କରିଥିଲେ । ସହାୟତା ପାଇଁ କଳାକାର ଚିହ୍ନଟ କାର୍ଯ୍ୟକ୍ରମରେ ବ୍ଲକର ୨୬ ଗୋଟି ପଞ୍ଚାୟତ ମଧ୍ୟରୁ ୧୪ ପଞ୍ଚାୟତର ୧୮୦ ଜଣ କଳାକାର ଭାଗ ନେଇଥିଲେ । ଏହି ସହାୟତା ଯୋଜନା ଚୟନ ପ୍ରକ୍ରିୟାରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଗାୟକ ଲକ୍ଷ୍ମୀଧର ରାଉତ, ଖୋର୍ଦ୍ଧା ନନ୍ଦସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ନନ୍ଦ, ଦୂରଦର୍ଶନର ନାଟ୍ୟକାର ଅଭିରାମ ନାୟକ, ସଙ୍ଗୀତଜ୍ଞ ଦିନେଶ କୁମାର ମଲ୍ଲିକ, ଚିନ୍ମୟୀ ଶୁଭଦର୍ଶିନୀ ବେହେରା, ବସନ୍ତ ଦାସ ପ୍ରମୁଖ ବିଚାରକ ଭାବେ ଯୋଗଦେଇ କଳାକାର ଚୟନରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କଳାକାରମାନେ ସେମାନଙ୍କ କଳା ନୈପୁଣତା ପ୍ରଦର୍ଶନ କରିଥିଲେ । ସୋମବାର ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ଅବଶିଷ୍ଟ ୧୨ଟି ପଞ୍ଚାୟତର କଳାକାରମାନେ ଯୋଗ ଦେବେ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ଚଇନି ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ କଳାକାର ନିରାକାର ମହାରଣା ପରିଚାଳନା କରିଥିଲେ ।

### ପଲିଥିନ ପାଇଁ ତହସିଲ ଆଗରେ ଭିଡ

**ମାର୍ଶାଘାଇ, ୨୩।୯ (ଡିଏନଏ):** ଗତ ୬ ତାରିଖରେ ହୋଇଥିବା ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଶନିବାର ପଲିଥିନ ବଣ୍ଟନ ବେଳେ ମାର୍ଶାଘାଇ ତହସିଲ କାର୍ଯ୍ୟାଳୟରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏହି ତହସିଲ ଅଧୀନ ପଳାଶପୁର ରାଜସ୍ୱ ସର୍କଲର ଦଶିପୁର, ବାଲଣା, ଆଦମପୁର, ପଳାଶପୁର, ବାଘଡିଆ ଗ୍ରାମର କ୍ଷତିଗ୍ରସ୍ତ ପରିବାରକୁ ତହସିଲ ପକ୍ଷରୁ ପଲିଥିନ ପାଲ ବଣ୍ଟନ କରାଯାଉଥିଲା। ତେବେ କାର୍ଯ୍ୟାଳୟ ନିକଟ ମାର୍ଶାଘାଇ ରାଜସ୍ୱ ସର୍କଲର ମାର୍ଶାଘାଇ, ଜୁଣ, ପୁରୁଷୋତ୍ତମ ଗ୍ରାମର କ୍ଷତିଗ୍ରସ୍ତ ପରିବାରଙ୍କୁ ପାଲ ମିଳି ନ ଥିବାରୁ ସେମାନେ ତହସିଲ ନିକଟରେ ଭିଡ ଜମାଇ ହୋ ହଲ୍ଲା କରିଥିଲେ। ତୁରନ୍ତ ମାର୍ଶାଘାଇ ସର୍କଲ ଅଧୀନ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଏବଂ ଘରଭଙ୍ଗା ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

### ମାର୍ଶାଘାଇରେ କଳାକାର ଚୟନ ଶେଷ

**ମାର୍ଶାଘାଇ, ୨୩।୯ (ଡିଏନଏ):** ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ୩ ଦିନ ଧରି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ଚୟନ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ଗୁରୁବାର ପ୍ରଥମ ଦିବସରେ ୧୦୨ ଜଣ ନାମ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ୮୨ ଜଣ, ଶୁକ୍ରବାର ଦ୍ୱିତୀୟ ଦିବସରେ ୨୧୨ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ୧୯୦ ଜଣ ଚୟନ ସମୟରେ ଉପସ୍ଥିତ ଥିଲେ । ଶନିବାର ଶେଷ ଦିବସରେ ୨୫୧ ଜଣ କଳାକାରଙ୍କ ସମେତ ମୋଟ୍ ୫୨୩ ଜଣ କଳାକାର ଚୟନ କମିଟି ସମ୍ମୁଖରେ ଉପସ୍ଥିତ ହୋଇ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ପ୍ରଚାର ପ୍ରସାର ଠିକ୍ ଭାବରେ ହୋଇ ନ ଥିବାରୁ ଅନେକ କଳାକାର ଚୟନ ପ୍ରକ୍ରିୟାରେ ସାମିଲ ହୋଇ ପାରି ନ ଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ ଚୟନ କମିଟି ମୁଖ୍ୟ ଅତିରିକ୍ତ ବିଡିଓ ଦେବେନ୍ଦ୍ର ନାଥ ସ୍ୱାଇଁଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ । ଅତିରିକ୍ତ ବିଡିଓଙ୍କ ସମେତ ଏହି ଚୟନ କମିଟିରେ ସଦସ୍ୟ ଥିବା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ପରିଦର୍ଶିକା ମାଳତୀ ହାଁସଦା, ବ୍ଲକ କଳା ସଂସ୍କୃତି ପରିଷଦର ଉପାଧକ୍ଷ ସୁରେନ୍ଦ୍ରନାଥ ଶତପଥୀ, ପାଲା ଗାୟକ ଜୟଚନ୍ଦ୍ରପୁରର ଯୋଗେନ୍ଦ୍ର ଲେଙ୍କା, ତବଲାବାଦକ ଅଙ୍ଗୁଳାଇର ପ୍ରଶାନ୍ତ କୁମାର ପଣ୍ଡା, କେୟାରବାଙ୍କର ପୀତବାସ ଦାସ, ଆଦମପୁରର ରବିନ୍ଦ୍ରନାଥ ବେହେରା ଉପସ୍ଥିତ ରହି କଳାକାରମାନଙ୍କର ପ୍ରତିଭା ଦେଖି ଚୟନ କରିଥିଲେ। ତେବେ ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିବା ୫୨୩ ଜଣ କଳାକାରଙ୍କ ମଧ୍ୟରୁ ଚୟନ ହୋଇଥିବା କଳାକାରଙ୍କ ସଂଖ୍ୟା ଏବଂ ନାମ ପ୍ରକାଶ କରାଯାଇ ନ ଥିବା ଜଣାପଡିଛି।

■ ଭିତରକନିକା ଜାତୀୟ ଉଦ୍ୟାନ

# ଗତବର୍ଷ ଚିହ୍ନଟ ହୋଇଥିବା ୨ୟ ଧଳାକୁମ୍ଭୀର ଶାବକ ପତ୍ତା ମିଳୁନି

**ରାଜନଗର, ୨୩।୯ (ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ରହିଛି ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ । ଏହି ଉଦ୍ୟାନରେ ପ୍ରବାହିତ ନଦୀନାଳରେ ବସବାସ କରୁଥିବା ଧଳା କୁମ୍ଭୀର ଗୋରୀ ପାଇଁ ପର୍ଯ୍ୟଟକମାନଙ୍କର ସ୍ୱତନ୍ତ୍ର ଆକର୍ଷଣ ରହିଛି। ତେବେ ଦୀର୍ଘ ବର୍ଷ ବ୍ୟବଧାନ ପରେ ଗତବର୍ଷ ଚିହ୍ନଟ ହୋଇଥିବା ଆଉ ଏକ ଧଳା କୁମ୍ଭୀର ଛୁଆ ଏବେ ଦେଖିବାକୁ ମିଳୁ ନ ଥିବାରୁ ନା ନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

୧୯୭୫ ମସିହାରେ ବିଶ୍ୱର ସର୍ବପ୍ରଥମ ବଉଳା କୁମ୍ଭୀର ପ୍ରଜନନକେନ୍ଦ୍ର ଏହି ଜାତୀୟ ଉଦ୍ୟାନରେ ସ୍ଥାପନ କରାଯାଇଥିଲା। ସେତେବେଳେ ଅଷ୍ଟ୍ରେଲିଆର ବିଶିଷ୍ଟ ପ୍ରାଣୀବିଜ୍ଞାନୀ ଡ. ଏଚ୍.ଆର୍. ବଷ୍ଟାର୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଉଳା କୁମ୍ଭୀରମାନଙ୍କ ଜୀବନଶୈଳୀ ଉପରେ ଗବେଷଣା କରାଯାଇଥିଲା। ଏହି ସମୟରେ ଡ. ବଷ୍ଟାର୍ଡ ଜାତୀୟ ଉଦ୍ୟାନର କାଳିଭଞ୍ଜଡିଆ ଦ୍ୱୀପର ଏକ କୁମ୍ଭୀର ବସାରୁ ୨୫ଟି ଅଣ୍ଡା ସଂଗ୍ରହ କରିଥିଲେ। ଏହି ଅଣ୍ଡାଗୁଡିକୁ କୁମ୍ଭୀର ଗବେଷଣା କେନ୍ଦ୍ରରେ କୃତ୍ରିମ ଉପାୟରେ ପ୍ରଜନନ କରାଯାଇଥିଲା। ଏଥିରୁ ୧୧ଟି ଶାବକ ଜନ୍ମ ନେଇଥିଲେ। ସେଥିମଧ୍ୟରୁ ଗୋଟିଏ ଧଳା ମାଈ କୁମ୍ଭୀର ଛୁଆ ଜନ୍ମ ନେଇଥିଲା। ଏହାର ଯତ୍ନ ସ୍ୱତନ୍ତ୍ର ଭାବରେ ନିଆଯାଇଥିଲା। ଗୋଟିଏ ଆବଦ୍ଧ ପୋଖରୀରେ ଏହି ଧଳା କୁମ୍ଭୀର ଛୁଆକୁ ରଖାଯାଇ ତା ନାଁ ଗୋରୀ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଗୋରୀ ପର୍ଯ୍ୟଟକମାନଙ୍କର ସ୍ୱତନ୍ତ୍ର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ଆସୁଥିବା ବେଳେ ସେ ବର୍ତ୍ତମାନ ଏକ ଆବଦ୍ଧ ପୋଖରୀରେ ନିଃସଙ୍ଗ ଜୀବନ ବିତାଉଛି । ଏପରିସ୍ଥଳେ ଗତବର୍ଷ ଭିତରକନିକାରେ ଆଉ ଏକ ଧଳା କୁମ୍ଭୀର ଛୁଆ କୃତ୍ରିମ ଉପାୟରେ ଜନ୍ମ ନେଇଥିଲା। ଏହାକୁ ମଧ୍ୟ ସ୍ୱତନ୍ତ୍ର ଭାବରେ ରାଜନଗର ବନବିଭାଗର କର୍ମଚାରୀମାନଙ୍କ ଦ୍ୱାରା ଯତ୍ନ ନିଆଯାଉଥିଲା। କିନ୍ତୁ ଏବେ ଏହି ଛୁଆ ଜାତୀୟ ଉଦ୍ୟାନରେ ଦୃଶ୍ୟମାନ ହେଉନାହିଁ।

ସୂଚନାଯୋଗ୍ୟ ଯେ, ୨୦୧୭ ମସିହା କୁମ୍ଭୀର ପ୍ରଜନନ ଋତୁରେ ଭିତରକନିକାଠାରେ ଏକ କୁମ୍ଭୀର ବସା ଜୁଆର ମାଡରେ ନଷ୍ଟ ହୋଇଯାଇଥିଲା। ବନବିଭାଗ ପକ୍ଷରୁ କୁମ୍ଭୀର ବସାରୁ ୫୮ଟି ଅଣ୍ଡା ସଂଗ୍ରହ କରାଯାଇଥିଲା। ଏହି ଅଣ୍ଡାକୁ ଡାଙ୍ଗମାଳଠାରେ ବଉଳା କୁମ୍ଭୀର କୃତ୍ରିମ ପ୍ରଜନନ କେନ୍ଦ୍ରରେ ରଖାଯାଇ ଯତ୍ନ ନିଆଯାଇଥିଲା। କୃତ୍ରିମ ଉପାୟରେ ଏହି ଅଣ୍ଡାରୁ ଛୁଆ ଫୁଟାଯାଇଥିଲା। ଅଗଷ୍ଟ ୨୦୧୭ରେ ୫୮ଟି ଅଣ୍ଡାରୁ ୩୨ଟି ଛୁଆ ବାହାରିଥିଲେ। ୩୨ଟି ଛୁଆକୁ ପ୍ରଜନନ କେନ୍ଦ୍ରରେ ରଖାଯାଇଥିଲା। ଛୁଆ ବାହାରିବା ସମୟରେ ସେଗୁଡିକର ଧଳା କଳା ରଙ୍ଗ ନେଇ ଜାଣି ହୋଇ ନ ଥିଲା। ମାତ୍ର ଛୁଆଗୁଡିକ ବଢିବା ପରେ ପ୍ରଜନନ କେନ୍ଦ୍ରର କୁଣ୍ଡ ମଧ୍ୟରେ ଧଳା କୁମ୍ଭୀର ଛୁଆ ପହଁରୁଥିବା ଗତ ଅକ୍ଟୋବର ମାସରେ ଦେଖିବାକୁ ମିଳିଥିଲା। ଏହି ବିରଳ ଧଳା ଛୁଆ ଗୋରୀ ପରି ଶଙ୍ଖ ମଲମଲ ଧଳା ରଙ୍ଗର ହୋଇଥିବାରୁ ଏହାକୁ ନେଇ ସବୁ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ଏହି ଧଳା କୁମ୍ଭୀର ଛୁଆ ସଂପର୍କରେ ସେତେବେଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହି ଧଳା କୁମ୍ଭୀର ଛୁଆର ଯତ୍ନ ସ୍ୱତନ୍ତ୍ର ଭାବେ ନିଆଯାଉଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଥିଲା। ମାତ୍ର ବର୍ଷକର ଧଳା କୁମ୍ଭୀର ଛୁଆ କୃତ୍ରିମ ପ୍ରଜନନ କେନ୍ଦ୍ରରେ ଦେଖିବାକୁ ନ ମିଳିବା ଘଟଣା ଉଦ୍‌ବେଗ ସୃଷ୍ଟି କରିଛି। ଧଳା କୁମ୍ଭୀର ଛୁଆ କୁଆଡେ ଗଲା, ସେ ନେଇ ବନବିଭାଗର ଅଧିକାରୀମାନେ ଠିକ୍ ଉତ୍ତର ଦେଉ ନ ଥିବାରୁ ସନ୍ଦେହ ବଢିବାରେ ଲାଗିଛି। କନିକା ରେଞ୍ଜ ଅଫିସର ସୁବ୍ରତ କୁମାର ପାତ୍ରଙ୍କୁ ଏ ସମ୍ପର୍କରେ ପଚରାଯାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମନ ଗଣ୍ଡିରେ**
**ବାବାଜି ମନ କଣ୍ଠିରେ ।**
**ବେପାରୀ ମନ ପାଣ୍ଠିରେ ।**

ଯିଏ ଚୋରି ଭଳି କିଛି ପାପ ବା ଭୁଲ୍ କାମ କରିଥାଏ ତା' ମନ ସଦାସର୍ବଦା ସେହି ଭୁଲ୍‌ରେ ହିଁ ଘାଣ୍ଟି ଚକଟି ହେଉଥାଏ। କାଳେ ତା'ର ଏପରି କୁକର୍ମ ଅନ୍ୟ ଆଖିରେ ଧରାପଡ଼ି ନ ଯିବ ସେ ନେଇ ମନରେ ବ୍ୟଗ୍ରତା ସୃଷ୍ଟି ହୋଇଥାଏ। ସେହିପରି ବାବାଜି ଭଳି ସାଧୁ ସନ୍ଥଙ୍କ ମନ ଈଶ୍ୱର ସାଧନା ସହ ମାଳା ଜପିବାରେ ଲାଗି ରହିବା ଭଳି ବେପାରୀ ମନ ଅର୍ଥ ପାଖରେ ବନ୍ଧା ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚାଉଳ ସେରକୁ ତିନି ପରାଣୀ**
**ଆହୁରି ଯାଉଛି ବୋହୂକୁ ଆଣି ।**

ଖାଦ୍ୟର ପରିମାଣ ବହୁତ କମ୍ ଅଥଚ ଖାଇବାକୁ ଲୋକ ବହୁତ। ଏପରିସ୍ଥଳେ ଖାଦ୍ୟ ନିଅଣ୍ଟିଆ ପଡ଼ିବା ସୁନିଶ୍ଚିତ। ଯେତେବେଳେ ଖାଦ୍ୟାଭାବ ପରିସ୍ଥିତି ଲାଗି ରହିଥାଏ ସେତେବେଳେ ଅନ୍ୟକୁ ଆଣି ପାଖରେ ରଖିବା ନେଇ ଯୋଜନା ବା ମନସ୍ଥ କରିବା ମୂର୍ଖାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ୧୦ଦିନ ହେଲା ଦୁବାଇରୁ ଓଡିଆ ଶ୍ରମିକଙ୍କ ମୃତଦେହ ଆସିପାରୁନି

# ଗାଁକୁ ଆଣିବାକୁ ବାପାଙ୍କ ଆକୁଳ ନିବେଦନ

**ରାଜନଗର, ୨୩।୯ (ଡି.ଏନ.ଏ.)**

ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ମଧ୍ୟପଡା ଗାଁର ବାମନ ଚରଣ ଜେନାଙ୍କ ସାନପୁଅ ଦେବାଶିଷ (୨୫ )ଙ୍କର ଦୁବାଇରେ ସନ୍ଦେହଜନକ ଭାବରେ ମୃତ୍ୟୁ ହେବାର ୧୦ଦିନ ବିତିଯାଇଛି। ତେବେ ଏଯାଏଁ ମୃତଦେହ ଗାଁକୁ ଫେରିନି। ଦେବାଶିଷଙ୍କ ବାପା ପୁଅର ମୃତଦେହକୁ ଗାଁକୁ ଆଣିବା ପାଇଁ ଭାରତ ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି । ବାମନଙ୍କ ପରିବାରରେ ଏହାକୁ ନେଇ ଶୋକାକୁଳ ପରିବେଶ ଲାଗି ରହିଥିବା ବେଳେ ଘରେ ଏଯାଏଁ ଚୁଲି ବି ଜଳିନି। ଦେବାଶିଷଙ୍କ ବାପା ବାମନ ରବିବାର ପୁନର୍ବାର ଦୁବାଇସ୍ଥିତ ଭାରତୀୟ ଦୂତାବାସ ଅଧିକାରୀ, ମୁମ୍ବାଇସ୍ଥିତ ବୈଦେଶିକ ଅଧିକାରୀ ,କେନ୍ଦ୍ର ବୈଦେଶିକ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପୂର୍ବତନ ଏମପି, ରାଜନଗର ବିଧାୟକ, ଶ୍ରମ କମିଶନରଙ୍କୁ ଚିଠି ଲେଖି ପୁଅର ମୃତଦେହ ଫେରାଇ ଆଣିବା ପାଇଁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଦେବାଶିଷଙ୍କର ଗତ ୧୪ ତାରିଖ ରାତିରେ ମୃତ୍ୟୁ ଘଟିଥିଲା। ୧୫ ତାରିଖ ଦିନ ଦୁବାଇରେ ରହୁଥିବା ସେହି ପଞ୍ଚାୟତର ଖଣ୍ଡେଇପଡା ଓ ସନ୍ଥପଡାର ଦୁଇ ଜଣ ଯୁବକ ଫୋନ୍ କରି ଏ ନେଇ ସୂଚନା ଦେଇଥିଲେ। ଦେବାଶିଷଙ୍କ ସହ ସେଠାରେ ରହୁଥିବା ଯୁବକ ଓ ସେ କାମ କରୁଥିବା କମ୍ପାନୀ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ଦେବାଶିଷଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢିବାରେ ଲାଗିଛି। ଏହି ଘଟଣାରେ ଦୁବାଇ ପୋଲିସ ଦେବାଶିଷଙ୍କ ସହ ରହୁଥିବା ଅନ୍ୟ ରାଜ୍ୟର ୫ଜଣ ଯୁବକଙ୍କୁ ଥାନାକୁ ନେଇ ପଚରା ଉଚରା କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ କରିଛି। ପରିବାର ଲୋକଙ୍କ ଠାରୁ ମିଳିଥିବା ସୂଚନା ମୁତାବକ ଦେବାଶିଷ ଦୁଇବର୍ଷ ହେଲା ଦୁବାଇର ବେଭାର ଗଲ୍ଫ କଂଟ୍ରାକ୍ଟିଙ୍ଗ୍ ଏଲଏଲସି କମ୍ପାନୀରେ କାମ କରୁଥିଲେ। ଆସନ୍ତା ମାସ ୩ ତାରିଖ ଦିନ ଘରକୁ ଆସିବା ପାଇଁ ବିମାନ ଟିକେଟ୍ ବୁକିଂ ସରିଥିଲା। ଦେବାଶିଷ ଅନ୍ୟ ରାଜ୍ୟର ୫ଜଣଙ୍କ ସହ ଗୋଟିଏ ଜାଗାରେ ରହୁଥିଲେ। କିପରି ତାଙ୍କର ମୃତ୍ୟୁ ଘଟିଲା ତାହା ଠିକ ଭାବେ ଜଣାପଡିନାହିଁ । ତେଣୁ ତାଙ୍କ ସହ ରହୁଥିବା ଯୁବକମାନେ କୌଣସି କାରଣରୁ ତାକୁ ହତ୍ୟା କରିଥିବା ନେଇ ସନ୍ଦେହ ବଢିବାରେ ଲାଗିଛି।

## ନଳକୂପ ସ୍ଥାନ ନିରୂପଣକୁ ନେଇ ବିବାଦ

**ରାଜନଗର, ୨୩।୯ (ଡି.ଏନ.ଏ.)**

ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଅନ୍ତର୍ଗତ ପ୍ରହରାଜପୁର ଗ୍ରାମରେ ନଳକୂପ ବସାଇବା ପାଇଁ ସ୍ଥାନ ନିରୂପଣକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହାକୁ ନେଇ ରାଜନଗର ଥାନାରେ ଏତଲା ଦିଆଯାଇଛି। ଶନିବାର ସକାଳେ ଠିକାଦାର ନରେନ୍ଦ୍ର କୁମାର ଜେନା ଉକ୍ତ ଗାଁର ଗୌରାଙ୍ଗ ବେହେରାଙ୍କ ଘର ନିକଟରେ କାମ ଆରମ୍ଭ କରିଥିଲେ । ଏହା ଦେଖି ଗାଁର କେତେଜଣ ମହିଳା ଏହାକୁ ବିରୋଧ କରିବା ସହ ନଳକୂପ ଯନ୍ତ୍ରାଂଶ ନେଇ ଯାଇଥିବା ଅଭିଯୋଗ ହୋଇଛି। ଠିକାଦାର ଜେନାଙ୍କ ଅଭିଯୋଗ ମୁତାବକ , ନଳକୂପ ବସିବା ପାଇଁ କାମ ଆରମ୍ଭ ବେଳେ ତାଙ୍କୁ ଓ ତାଙ୍କ ସହ ଥିବା ମିସ୍ତ୍ରୀ , ଶ୍ରମିକଙ୍କୁ ଗ୍ରାମର କେତେକ ମହିଳା ଗାଳିଗୁଲଜ କରିଥିଲେ। ଏପରିକି ଜୋରଜବରଦସ୍ତ ଯନ୍ତ୍ରାଂଶ ନେଇ ଯାଇଥିଲେ। ସେହିପରି ଗାଁର ଦେବୀ ମଳିକ, ମାଣିକ ମଳିକ, ମାନସୀ ମଳିକ, ଅହଲ୍ୟା ମଳିକ, ଗୋଲେଖ ମଳିକ ପ୍ରମୁଖଙ୍କ ଅଭିଯୋଗ ମୁତାବକ ଗାଁର ଗୋଲେଖ ପରିଡାଙ୍କ ଘର ନିକଟରେ ନଳକୂପ ବସିବାକୁ ଠିକ ହୋଇଥିଲା। ସେଠାରେ ଜାଗା ଚିହ୍ନଟ ହୋଇ ନ ପାରିବାରୁ ପ୍ରହରାଜପୁରର ଦଳିତପଡାରେ ବସିବାକୁ ସ୍ଥିର ହୋଇଥିଲା। ମାତ୍ର ଠିକାଦାର ଗୌରାଙ୍ଗଙ୍କ ଘର ନିକଟରେ ନଳକୂପ ବସାଉଥିଲେ। ତାଙ୍କୁ ପଚାରିବାରୁ ଏହା ବ୍ୟକ୍ତିଗତ ନଳକୂପ କହି ଆମକୁ ଗାଳିଗୁଲଜ କରିଥିଲେ। ଉଭୟ ପକ୍ଷ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ରଙ୍ଗଣୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ଗ୍ରାମବାସୀ।

**ରାଜନଗର, ୨୩।୯ (ଡି.ଏନ.ଏ.)**

ରାଜନଗର ବ୍ଲକର ରଙ୍ଗଣୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ୨ଶହରୁ ଊର୍ଦ୍ଧ୍ୱ ବିପନ୍ନ ପରିବାର ଧାରଣା ଦେଇଛନ୍ତି। ଗତ ଲଗାଣ ବର୍ଷାରେ ବହୁ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ରାଜସ୍ୱ ନିରୀକ୍ଷକ ଗାଁକୁ ନ ଯାଇ ମନଇଚ୍ଛା ଘର ଭାଙ୍ଗିଥିବା ଲୋକଙ୍କ ତାଲିକା ତିଆରି କରିବା ଓ ପ୍ରକୃତ ବିପନ୍ନ ବାଦ ପଡିବା ପ୍ରତିବାଦରେ ଏହି ଧାରଣା ଦିଆଯାଇଛି । ଶନିବାର ରାତିରେ ବିପନ୍ନ ଲୋକେ ରାଜସ୍ୱ ନିରୀକ୍ଷକଙ୍କ ରଙ୍ଗଣୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ । ଅଭିଯୋଗ ମୁତାବକ ଚଳିତମାସ ୪ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଲଗାଣ ବର୍ଷା ଯୋଗୁ ରଙ୍ଗଣୀ ଓ କେରୁଆଁପାଳ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଶହ ଶହ ଲୋକଙ୍କ ଘର ଭାଙ୍ଗିଥିବା ବେଳେ ଏବେ ବି ବର୍ଷାପାଣି ଧାନ ଜମିରେ ଜମି ରହିଛି। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକମାନେ ପ୍ରତି ଗାଁକୁ ଯାଇ ଘର ଭାଙ୍ଗିଥିବା ଲୋକଙ୍କ ତାଲିକା କରିଥିଲେ। ତାଲିକା ପରେ ବିପନ୍ନ ପରିବାରକୁ ପଲିଥିନ ଯୋଗାଣ ଆରମ୍ଭ ହୋଇଛି। ମାତ୍ର ରଙ୍ଗଣୀ, ପଟ୍ଟାପାରିଆ, ଚାଆଁରାକୋଳା, ଗର୍ତ୍ତ, କେରୁଆଁପାଳ ଲୋକଙ୍କ ଅଭିଯୋଗ ମୁତାବକ ରାଜସ୍ୱ ନିରୀକ୍ଷକ କୌଣସି ଗାଁକୁ ନ ଯାଇ ଦଲାଲଙ୍କ ମାଧ୍ୟମରେ ତାଲିକା ପ୍ରସ୍ତୁତ କରିଛନ୍ତି । ଫଳରେ ପଲିଥିନ ପାଇବାରୁ ଏହିସବୁ ଗାଁର ବହୁ ଲୋକ ବଞ୍ଚିତ ହୋଇଛନ୍ତି । ଏହାର ପ୍ରତିବାଦରେ ସାବିତ୍ରୀ ପାତ୍ର, ଭବାନୀ ଦଳାଇ, ଏସ. ମଣ୍ଡଳ, ବାସନ୍ତୀ ଜେନା, ମମତା ସେଠୀ, ପାର୍ବତୀ ଭୂୟାଁ ପ୍ରମୁଖ ଧାରଣାରେ ବସିଥିଲେ। ଏହାସତ୍ତ୍ୱେ ଆରଆଇ କାର୍ଯ୍ୟାଳୟକୁ ଆସି ନ ଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସଂପର୍କରେ ରାଜନଗର ତହସିଲଦାର ନିହାର ରଞ୍ଜନ ମଲ୍ଲିକଙ୍କୁ ପଚାରିବାରୁ ଯେଉଁମାନେ ବାଦ ପଡିଛନ୍ତି ସେମାନେ ଜିଲାପାଳଙ୍କୁ ଭେଟିବାକୁ କହିଛନ୍ତି ।

# ବିଭିନ୍ନ ବିଦ୍ୟାଳୟରେ ଆମ ପାଠାଗାର କାର୍ଯ୍ୟକ୍ରମ

**ଡେରାବିଶ, ୨୩।୯ (ସ୍ୱ.ପ୍ର.)**



ଆମ ପାଠାଗାର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସର୍ବଶିକ୍ଷା ଅଭିଯାନ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପାଠାଗାର ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ବିଦ୍ୟାଳୟରେ ଆମ ପାଠାଗାର କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି । ଏହି ଅବସରରେ ଡେରାବିଶ ବ୍ଲକ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଆମ ପାଠାଗାର କାର୍ଯ୍ୟକ୍ରମ କରାଯାଉଛି । ବ୍ଲକ ଅଧୀନସ୍ଥ ଯୁଗଜ୍ୟୋତି ଆଞ୍ଚଳିକ ସାଧନ କେନ୍ଦ୍ରର କୁରୁଜଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମ ପାଠାଗାର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସଚେତନତା ସଭାରେ ସାଧନକେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ମହାପାତ୍ର ଅଧକ୍ଷତା କରିଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ମୁଖ୍ୟଅତିଥି ଓ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନରହରି ସୂତାର ଅତିଥି ଭାବେ ଯୋଗଦେଇ ପାଠାଗାର ପ୍ରତି ଛାତ୍ରୀଛାତ୍ରମାନେ କିଭଳି ନିଜର ଆନ୍ତରିକତା ପ୍ରଦର୍ଶନ କରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ସପ୍ତାହର ପ୍ରତ୍ୟେକ ବୁଧବାର ପ୍ରତ୍ୟେକ ବିଦ୍ୟାଳୟରେ ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ଖୋଲା ଯାଇଥିବା ପାଠାଗାରରେ ଛାତ୍ରୀଛାତ୍ରମାନେ ପଠନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଗୋଷ୍ଠୀ ସମ୍ବଳ ଶିକ୍ଷକ ଜୟନ୍ତ ସ୍ୱାଇଁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶୁତୋଷ ବେହେରା, ଶିକ୍ଷୟିତ୍ରୀ ସୁଜାତା ନାୟକ, ଦୈତାରୀ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ନାମାଚାର୍ଯ୍ୟ ବାୟାବାବାଙ୍କ ସ୍ମରଣ ଉତ୍ସବ

**ରାଜନଗର, ୨୩।୯ (ଡି.ଏନ.ଏ.)**

ରାଜନଗର ବ୍ଲକ କେରଡାଗଡସ୍ଥିତ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମପୀଠ ତଥା ଶ୍ରୀ ଶ୍ରୀ ରାଧା ମଦନମୋହନଜୀଉ ମନ୍ଦିରରେ ବାୟାବାବାଙ୍କ ୩୮ତମ ସ୍ମରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ମନ୍ଦିରରେ ଗୀତାଯଜ୍ଞ ଆୟୋଜନ କରାଯାଇଥିଲା। ଆୟୋଜିତ ପ୍ରବଚନ ସଭାରେ ପ୍ରଜ୍ଞା ମିଶନର ପ୍ରବକ୍ତା ସ୍ୱାମୀ ସମର୍ପଣା ନନ୍ଦଗିରି ମହାରାଜ ଗୀତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିସହ ବାୟାବାବାଙ୍କ ଆତ୍ମଜୀବନୀ ଏବଂ ତାଙ୍କ ରଚିତ ନାମାବଳୀ ଉପରେ ଭାଷଣ ଦେଇଥିଲେ। କେରଡାଗଡ, ରାଜପୁରୁ, ବାଲିସାହିପାଟଣା, ଏକମାଣିଆ ପ୍ରଭୃତି ଗ୍ରାମର ଶତାଧିକ ଭକ୍ତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କେରଡାଗଡ ବାଲିସାହିପାଟଣା ମହିଳା ଶାଖା ସଂଘର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ଅନିଲ କୁମାର ବଳ , ସଂପାଦକ କପିଳ ଚନ୍ଦ୍ର ଦାସ ଏବଂ କେରଡାଗଡର ଗ୍ରାମବାସୀ ସହଯୋଗ କରିଥିଲେ।

■ ରାଜନଗର ଆରଡି ବିଭାଗରେ ଦୁର୍ନୀତି

# ଅଜଗରପାଟିଆ-ନାରାୟଣପୁର ରାସ୍ତା ନିର୍ମାଣ ନାଁରେ ଅର୍ଥ ହରିଲୁଟ

■ ୬ଟି ପଞ୍ଚାୟତବାସୀଙ୍କ ଯାତାୟାତ ଠପ୍
■ ଯନ୍ତ୍ରୀ-ଠିକାଦାର-ରାଜନେତାଙ୍କ ଅସାଧୁ ମେଣ୍ଟ, ସାଧାରଣ ଲୋକ ହୀନସ୍ତା
■ ସରକାରୀ ଆଇନକୁ ଫୁ, ଏଫ-୨ରେ ଦେଢ଼ କୋଟି ହଡପ

**ପଟ୍ଟାମୁଣ୍ଡାଇ, ୨୩।୯ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡି)ରେ ମହାଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ଆଇନକୁ ଉଲ୍ଲଂଘନ କରାଯାଇ ଏଫ-୨ରେ ଏଗ୍ରିମେଣ୍ଟ କରି ୧ କୋଟି ୪୫ ଲକ୍ଷ ୫୦ ହଜାର ଟଙ୍କା ହରିଲୁଟ ହୋଇଛି ବୋଲି ବିଭାଗୀୟ ରେକର୍ଡରୁ ଜଣାପଡ଼ିଛି। ଏହି କାର୍ଯ୍ୟ ୪ ଜଣ ଠିକାଦାରଙ୍କ ନାମରେ ୫୦ ହଜାର ଟଙ୍କା ଲେଖାଏ ଏଫ-୨ ଏଗ୍ରିମେଣ୍ଟରେ ମାଟି ପକାଇବା ନାଁରେ ହରିଲୁଟ କରାଯାଇଛି। ଠିକାଦାର ଏମ. ନାୟକଙ୍କ ନାଁରେ ୨୦୧୪-୧୫ରେ ୫୮ ଲକ୍ଷ ୫୦ ହଜାର, ୨୦୧୫-୧୬ରେ ୧୨ ଲକ୍ଷ ଟଙ୍କାର ଏଗ୍ରିମେଣ୍ଟ ହୋଇଛି। ଠିକାଦାର ଜେ.ମହାପାତ୍ରଙ୍କ ନାମରେ ୨୦୧୪-୧୫ରେ ୧୯ ଲକ୍ଷ ୫୦ ହଜାର ଓ ୨୦୧୫-୧୬ରେ ୧୦ ଲକ୍ଷ ଟଙ୍କାର ଏଗ୍ରିମେଣ୍ଟ କରାଯାଇ ଅର୍ଥ ହରିଲୁଟ ହୋଇଛି। ଠିକାଦାର ଏମ୍. ସ୍ୱାଇଁଙ୍କ ନାମରେ ୨୦୧୪-୧୫ରେ ୨୧ ଲକ୍ଷ ୫୦ ହଜାର ଓ ୨୦୧୫-୧୬ରେ ୧୦ ଲକ୍ଷ ଟଙ୍କାର ଏଗ୍ରିମେଣ୍ଟ ହୋଇଥିବାବେଳେ ଠିକାଦାର ଜି.ସି. ପ୍ରଧାନଙ୍କ ନାମରେ ୨୦୧୪-୧୫ରେ ୧୪ ଲକ୍ଷ ଟଙ୍କାର ଏଫ-୨ ଏଗ୍ରିମେଣ୍ଟ କରାଯାଇ ଅର୍ଥ ହରିଲୁଟ କରାଯାଇଛି। ଏହି ରାସ୍ତାର ପୁନଃନିର୍ମାଣ ପାଇଁ ୨୦୧୪-୧୫ରେ ୧ କୋଟି ୧୩ ଲକ୍ଷ ଟଙ୍କାର ଏଫ୍-୨ ଏଗ୍ରିମେଣ୍ଟରେ ମାଟି ପକାଯାଇଥିବା ବେଳେ ୨୦୧୫-୧୬ରେ ୩୨ ଲକ୍ଷ ଟଙ୍କାର ଏଫ-୨ ଏଗ୍ରିମେଣ୍ଟରେ ମାଟି ପକାଯାଇଥିବା ଦର୍ଶାଇ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାର ନବୀକରଣ ନାଁରେ ଏହି ଅର୍ଥ ମିଥ୍ୟା ବିଲ୍ କରି ଉଠାଇ ନିଆଯାଇଥିଲେ ମଧ୍ୟ ମାଟି ମୁଠାଏ ପଡ଼ି ନାହିଁ । ଏ ନେଇ ସମ୍ପୃକ୍ତ ଅଞ୍ଚଳବାସୀ କେନ୍ଦ୍ରାପଡା ନିର୍ବାହୀ ଯନ୍ତ୍ରୀ ଓ ରାଜନଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ସଙ୍ଗୀନ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ରାଜ୍ୟ ସରକାର ଏଫ-୨ ଏଗ୍ରିମେଣ୍ଟ କାମ ବନ୍ଦ କରିଦେଇଥିଲେ ମଧ୍ୟ ରାଜନଗର ଆରଡିରେ କିପରି କାହା ସ୍ୱାର୍ଥରେ ଏଫ-୨ ଏଗ୍ରିମେଣ୍ଟରେ କାମ କରାଯାଇଥିବା ଦର୍ଶାଇ କୋଟି କୋଟି ଟଙ୍କା ହରିଲୁଟ କରାଯାଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯନ୍ତ୍ରୀ-ଠିକାଦାର-ରାଜନେତାଙ୍କ ଅସାଧୁ ମେଣ୍ଟ ଯୋଗୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଅଜଗରପାଟିଆ-ନାରାୟଣପୁର ୯ କି.ମି. ରାସ୍ତା ମଧ୍ୟରୁ ୨ କି.ମି. ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କାମ କରାଯାଇଥିଲା। ଏହାଛଡ଼ା ୩.୨ କି.ମି. ରାସ୍ତାରେ ଏଫ-୨ ଏଗ୍ରିମେଣ୍ଟ ମାଧ୍ୟମରେ ଚାଲିଥିବା କାମ ବର୍ଷ ବର୍ଷ ଧରି ଶେଷ ହୋଇପାରୁ ନାହିଁ। ଅବଶିଷ୍ଟ ୩.୮ କି.ମି. ରାସ୍ତାରେ ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ଶୋଚନୀୟ ହୋଇପଡିଛି । ଫଳରେ ସାଧାରଣ ଲୋକଙ୍କ ଯାତାୟାତରେ ଘୋର ସମସ୍ୟା ଉପୁଜିଛି। ରାଜ୍ୟ ଓ କେନ୍ଦ୍ର ସରକାର ଜନସାଧାରଣଙ୍କ ଗମନାଗମନ ଉପରେ ଗୁରୁତ୍ୱ ଦେଉଥିବାବେଳେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ଦୁର୍ନୀତିଖୋର ମନୋବୃତ୍ତି ଯୋଗୁ ସମ୍ପୃକ୍ତ ଅଞ୍ଚଳର ୪ଟି ପଞ୍ଚାୟତବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଏଥିନେଇ କେନ୍ଦ୍ରାପଡ଼ା ଆରଡି ନିର୍ବାହୀ ଯନ୍ତ୍ରୀ ଗୁଣନିଧି ସାମଲଙ୍କୁ ଯୋଗାଯୋଗ କରିବାରେ ସେ ସମୟରେ ମୁଁ ନ ଥିଲି। ରାଜନଗର ଆରଡି ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଅକ୍ଷୟ କୁମାର ଦାସମହାପାତ୍ର କାର୍ଯ୍ୟ କରୁଥିଲେ ବୋଲି କହିଥିଲେ। ତେବେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଦାସମହାପାତ୍ରଙ୍କୁ ଯୋଗାଯୋଗ କରିବାରେ ମୋ ଜାଣିବାରେ କାମ ଠିକ ହୋଇଛି ବୋଲି କହିଥିଲେ। ବୈଷୟିକ କମିଟି ଦ୍ୱାରା ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି। ଏଥିନେଇ ବିଧାନସଭାରେ ସ୍ଥାନୀୟ ବିଧାୟକ ଅଂଶୁମାନ ମହାନ୍ତି ବିଧାନସଭାରେ ଦୁଇ ଦୁଇ ଥର ପ୍ରଶ୍ନ ଉଠାଇଛନ୍ତି । କିନ୍ତୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନାହିଁ । ଏହାର ଭିଜିଲାନ୍ସ ତଦନ୍ତ ପାଇଁ ବିଧାୟକ ମହାନ୍ତି ଦାବି କରିଛନ୍ତି ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା

## ସଂକ୍ଷେପରେ

### ଆରଟିଆଇରେ ତଥ୍ୟ ମିଳୁ ନ ଥିବା ଅଭିଯୋଗ

**ରସୁଲପୁର, ୨୩।୯(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଅଞ୍ଚଳର ମାନବାଧିକାର କର୍ମୀ ମଣ୍ଟୁ ଦାସଙ୍କୁ ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ତଥ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ସେ ୨ମାସ ତଳେ ଶିଶୁ ସୁରକ୍ଷା ସମ୍ପର୍କିତ କେତେକ ତଥ୍ୟ ଆରଟିଆଇ ବଳରେ କାର୍ଯ୍ୟାଳୟରେ ମାଗିଥିଲେ। ତାଙ୍କୁ ମଗାଯାଇଥିବା ବିଷୟ ସମ୍ପର୍କରେ ସୂଚନା ପ୍ରଦାନ ପରିବର୍ତ୍ତେ ସୂଚନା ଅଧିକାରୀ ତଥ୍ୟ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରିଆସୁଥିବା ଦାସ ଅତିରିକ୍ତ ଜିଲାପାଳ ମହିର ପ୍ରସାଦ ମହାନ୍ତିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସେ ଅଗଷ୍ଟ ୩୧ରେ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଯାଜପୁର ଜିଲାର ଉଦ୍ଧାର କରାଯାଉଥିବା ଶିଶୁଙ୍କୁ କିପରି ଥଇଥାନ କରାଯାଉଛି ଓ ସେମାନଙ୍କ ଥଇଥାନ ଦିଗରେ କରାଯାଉଥିବା ବ୍ୟୟ ସମ୍ପର୍କରେ ସୂଚନା ପାଇଁ ଆବେଦନ କରିଥିଲେ। ଆବେଦନର ମାସକ ଭିତରେ ଆବେଦନକାରୀଙ୍କୁ କାର୍ଯ୍ୟାଳୟ ପକ୍ଷରୁ ତଥ୍ୟ ମିଳିବାର ବିଧି ରହିଛି। ଏହା ମଧ୍ୟରେ ୨ମାସ ବିତିବାକୁ ବସିଲାଣି। ଏ ନେଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଉ ନାହିଁ। ଏ ନେଇ ବିଭିନ୍ନ ସମୟରେ ସେ ସମ୍ପୃକ୍ତ କାର୍ଯ୍ୟାଳୟକୁ ଦୌଡାଦୌଡି କରି ସୂଚନା ହାସଲ କରିବାରେ ବିଫଳ ହେବାରୁ ଅତିରିକ୍ତ ଜିଲାପାଳ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ସୂଚନା ଅଧିକାରୀ ବଳରେ ମଗାଯାଇଥିବା ତଥ୍ୟକୁ ତୁରନ୍ତ ପ୍ରଦାନ କରିବା ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ବୋଲି କର୍ମୀ ଦାସ ପ୍ରକାଶ କରିଛନ୍ତି।

### ବିଜେଡିର ସାଙ୍ଗଠନିକ ପ୍ରସ୍ତୁତି ବୈଠକ

**ଧର୍ମଶାଳା, ୨୩।୯(ଡି.ଏନ୍.ଏ.):** ନିର୍ବାଚନକୁ ଦୃଷ୍ଟିରେ ରଖି ଧର୍ମଶାଳା ବିଜେଡି ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିକଟରେ ବିଧାୟକ ପ୍ରଣବ ବଳବନ୍ତରାୟ ଅନୁସୂଚିତ ଜାତି ଓ ଜନଜାତିଠାରୁ ଆରମ୍ଭ କରି ମହିଳା ବିଜେଡି, ଯୁବବିଜେଡି, ଛାତ୍ର ବିଜେଡି, ପଞ୍ଚାୟତସ୍ତରୀୟ ନେତାଙ୍କୁ ନେଇ ଏକ ବୈଠକ କରିଥିଲେ। ଏହାକୁ ନେଇ ରବିବାର ଛାତ୍ର ବିଜେଡି ଓ ମହିଳା ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବିଜେଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଛାତ୍ର ବିଜେଡି ସମ୍ମିଳନୀ ମଙ୍ଗଳବାର ଗଡ଼ମଧୁପୁରଠାରେ ଓ ବିଜୁ ମହିଳା ଜନତା ଦଳର ସମ୍ମେଳନ ୨୮ ତାରିଖ ଶୁକ୍ରବାର କାଏମାଠାରେ ଅନୁଷ୍ଠିତ ହେବା ନେଇ ସୂଚନା ଦିଆଯାଇଛି। ଏହି ଅବସରରେ ବିଧାୟକ ପ୍ରଣବ ବଳବନ୍ତ ରାୟ ଉପସ୍ଥିତ ରହି କର୍ମୀଙ୍କ ସହିତ ସମ୍ମେଳନକୁ ସଫଳ କରିବାକୁ ଆଲୋଚନା କରିଥିଲେ। ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ମହାନ୍ତି, ମହିଳା ନିର୍ବାଚନ ମଣ୍ଡଳୀ ସଭାପତି ମିନତି ପଣ୍ଡା, ମହିଳା ବ୍ଲକ ସଭାପତି ରେଣୁବାଳା ଶତପଥୀ, କୁଞ୍ଜଲତା ପଣ୍ଡା, ଜିଲାପରିଷଦ ସଭ୍ୟା ମମତା ଦଣ୍ଡପାଟ, ପ୍ରଣତି ଲେଙ୍କା, ବିଶ୍ୱବନ୍ଦନା ଜେନା ପ୍ରମୁଖଙ୍କ ସମେତ ବହୁ ମହିଳା କର୍ମୀ ବୈଠକରେ ଉପସ୍ଥିତ ଥିଲେ।

■ ଉପଯୁକ୍ତ କ୍ଷେତ୍ରରେ ବ୍ୟବହାର ହେଉନି ଏମ୍ଏଲ୍ଏ ଲାଡ

# ଲୋକାଲ ଫଣ୍ଡ ଅଡିଟରେ ଧରାପଡିଲା ଅନିୟମିତତା

**ଯାଜପୁର ଅଫିସ, ୨୩।୯**

**ବଡ଼ଚଣା ପଞ୍ଚାୟତ ସମିତି**

- ■ପାନୀୟ ଜଳ, ବିଦ୍ୟୁତୀକରଣ, ଦକ୍ଷତା ବୃଦ୍ଧି ତାଲିମକୁ ଅଣଦେଖା
- ■ଲାଭଦାୟକ କଂକ୍ରିଟୀକରଣକୁ ଅଧିକ ଗୁରୁତ୍ୱ
- ■ଚାଲିଛି ଠିକାଦାରୀ ରାଜନୀତି

ଯାଜପୁର ଜିଲା ବଡଚଣା ବିଧାନସଭା ସଦସ୍ୟ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଏମଏଲଏଲାଡ)ର ବାସ୍ତବ କ୍ଷେତ୍ରରେ ପ୍ରୟୋଗ ନ ହୋଇ ନିୟମ ସମୂହକୁ ଉଲ୍ଲଂଘନ କରାଯାଇଛି। ଆବଣ୍ଟିତ ଅନୁଦାନର ଅନ୍ୟୁନପକ୍ଷେ ୧୦ପ୍ରତିଶତ ଦକ୍ଷତା ବୃଦ୍ଧି ଓ ବେକାର ଯୁବତୀଯୁବକଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ କରିବା କଥା। କିନ୍ତୁ ୨୦୧୬-୧୭ ଆର୍ଥିକ ବର୍ଷରେ ବଡଚଣା ପଞ୍ଚାୟତ ସମିତିରେ ଏହି ଉଦ୍ଦେଶ୍ୟରେ ପାଣ୍ଠି ବିନିଯୋଗ ହୋଇନାହିଁ। କୌଣସି ଧାର୍ମିକ ପୀଠରେ ଏମ୍ଏଲ୍ଏଲାଡ ବିନିଯୋଗ ହେବାର ନିୟମ ନାହିଁ। କିନ୍ତୁ ଏଠାରେ କମ୍ୟୁନିଟି ସେଣ୍ଟର ନାମରେ ଅଧିକାଂଶ ପ୍ରକଳ୍ପ ଧାର୍ମିକ ପୀଠଗୁଡିକରେ ବ୍ୟବହାର ହୋଇଛି। ଯାହାକି ଏମଏଲଏଲାଡର ମୁଖ୍ୟ ଲକ୍ଷ୍ୟ ପରାହତ ହୋଇଛି। ବଡଚଣା ପଞ୍ଚାୟତ ସମିତିରେ ପାନୀୟ ଜଳର ଘୋର ଅଭାବ ରହିଛି। ଏଥିପାଇଁ ଏମ୍ଏଲ୍ଏ ଲାଡରୁ ଅଧିକ ପାଣ୍ଠି ବିନିଯୋଗ ହେବା ବିଧେୟ। ତାହା ମଧ୍ୟ ପାଳନ ହୋଇନାହିଁ। ଏହିସବୁ ଅନିୟମିତତା ଲୋକାଲ ଫଣ୍ଡ ଅଡିଟର ୨୪।୧।୨୦୧୮ ତାରିଖ ରିପୋର୍ଟରେ ଦର୍ଶାଯାଇଛି। ଅଡିଟ ରିପୋର୍ଟରେ ସିଧାସଳଖ ଏମ୍ଏଲ୍ଏ ଲାଡ ପାଣ୍ଠିର ଅନିୟମିତତା ହୋଇଥିବା ସ୍ପଷ୍ଟ ଭାବେ ଇଙ୍ଗିତ କରାଯାଇଛି। ଅନ୍ୟପକ୍ଷେ ୨୦୧୬-୧୭ରେ କାର୍ଯ୍ୟକାରୀ ହୋଇଥିବା ୮୩ଟି ପ୍ରକଳ୍ପରୁ ମାତ୍ର ୨୪ଟି ସମ୍ପୂର୍ଣ୍ଣ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଦକ୍ଷତା ବୃଦ୍ଧି, ଯୁବବର୍ଗଙ୍କୁ ତାଲିମ, ପାନୀୟ ଜଳ ପ୍ରକଳ୍ପ, ସର୍ବସାଧାରଣ ଶୌଚାଳୟ, ବିଦ୍ୟୁତୀକରଣ, ସ୍କୁଲ ଓ ହଷ୍ଟେଲ ଗୃହ ପ୍ରଭୃତି କାର୍ଯ୍ୟରେ ପାଣ୍ଠି ବିନିଯୋଗ ହେବା ସ୍ଥଳେ ଠିକାଦାରୀରେ ଅଧିକ ଲାଭ ମିଳୁଥିବା କଂକ୍ରିଟକରଣ ପ୍ରକଳ୍ପଗୁଡିକ ଉପରେ ଅଧିକ ଧ୍ୟାନ ଦିଆଯାଇଥିବା ପରିଲକ୍ଷିତ ହୋଇଛି। ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ଅଣଦେଖା କରି ଠିକାଦାରୀ ରାଜନୀତି ହୋଇଥିବା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି।

ଯାଜପୁର ଜିଲା ବଡଚଣା ପଞ୍ଚାୟତ ସମିତିର ୨୦୧୬-୧୭ ଆର୍ଥିକ ବର୍ଷର ଏମଏଲଏ ଲାଡ ଲୋକାଲ ଫଣ୍ଡ ଅଡିଟ ଗତ ୧୧।୭।୨୦୧୭ରୁ ୭।୯।୨୦୧୭ ମଧ୍ୟରେ ହୋଇଥିଲା। ଏଥିରେ ଲିଡ ଅଡିଟର ସନ୍ତୋଷ କୁମାର ମିଶ୍ର ଓ ଅଡିଟର ମିତା ସେଠୀ ଭାଗ ନେଇଥିଲେ। ଅଡିଟରେ ୩୧।୩।୨୦୧୭ ତାରିଖ ପର୍ଯ୍ୟନ୍ତ କ୍ଲୋଜିଂ ବାଲାନ୍ସ ୨କୋଟି ୯୨ଲକ୍ଷ ୨୪ହଜାର ୯୦୯ଟଙ୍କା ରହିଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏମ୍ଏଲ୍ଏ ଲାଡ ବାବଦରେ ୮୩ଟି ପ୍ରକଳ୍ପ ମଞ୍ଜୁର ହୋଇଥିଲା। ସାଉଡିଆ ପଞ୍ଚାୟତର ବାଲିକୁଦା ମା’ ମଙ୍ଗଳା କଂକ୍ରିଟକରଣ(ସିସି), ନେଳିଆ ପଞ୍ଚାୟତର ମା’ ମଙ୍ଗଳା ସିସି, ଗୋପାଳପୁର ପଞ୍ଚାୟତର କୈଳାଶ୍ରୀ ଧବଳେଶ୍ୱର ସିସି, ଅଣକା ପଞ୍ଚାୟତର ରାହାଳ ଗାୟତ୍ରୀ ସିସି, ତାରିଣୀ ସିସି, ଭୁଲୁକା ଗ୍ରାମର ଆଦିଶକ୍ତି ସିସି, କୁନ୍ଦଳ ପଞ୍ଚାୟତର ହରିପୁର ହନୁମାନ ସିସି, କାଇମାଟିଆ ପଞ୍ଚାୟତର ଗଣେଶ ସିସି ଏଭଳି ୮୩ଟି ପ୍ରକଳ୍ପରେ ପ୍ରାୟ ୧କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ରିପୋର୍ଟରେ ଧରାପଡିଛି। ସେହିପରି ପତରାଜପୁର ପଞ୍ଚାୟତର ଆମ୍ବସଡରି ଗ୍ରାମର ଅନନ୍ତଗୋପାଳ କୋଠଘର ନାମରେ ଆବଣ୍ଟିତ ଅନୁଦାନ ପତରାଜପୁରଠାରେ ଜଣଙ୍କ ବ୍ୟକ୍ତିଗତ ଜମିରେ କୋଠଘର ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି। ଏପରିଭାବେ ଅନୁଦାନ ଅର୍ଥ ଉପଯୁକ୍ତ ଭାବେ ଖର୍ଚ୍ଚ ହୋଇ ପାରୁ ନ ଥିବାରୁ ଏବେ ବି ଗ୍ରାମାଞ୍ଚଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ସମସ୍ୟା ଲାଗି ରହିଛି। ଏହି ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସମ୍ପୃକ୍ତ ଲୋକପ୍ରତିନିଧି ବ୍ରତୀ ଅଛନ୍ତି ବୋଲି ବିଭିନ୍ନ ସଭାସମିତି ତଥା ଗଣମାଧ୍ୟମ ଆଗରେ ବାହାସ୍ଫୋଟ ମାରୁଛନ୍ତି। କିନ୍ତୁ ଏମଏଲଏ ଲାଡର ସ୍ଥିତିକୁ ଦେଖିଲେ ତାହା ସାଧାରଣ ଗରିବ, ନୀରିହ ଲୋକଙ୍କ ପାଇଁ ନା କର୍ମୀଙ୍କ ପାଇଁ ତାହା ସ୍ପଷ୍ଟ ଜଣାପଡୁଛି। ଲୋକାଲ ଫଣ୍ଡ ଅଡିଟ ରିପୋର୍ଟରେ ମଧ୍ୟ ଏହିକଥା ଦର୍ଶାଯାଇଛି। ଏଥିରୁ ବଡଚଣା ବ୍ଲକ ବା ବଡଚଣା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ହେଉଥିବା ବିଭିନ୍ନ ଦୁର୍ନୀତି କଥା ଉଣାଅଧିକ ସତ ବୋଲି ବାରି ହୋଇପଡୁଛି। ଉପରୋକ୍ତ ତଥ୍ୟକୁ ଅବଲୋକନ କଲେ ବିଧାୟକ ଅନାବନ୍ଧ ପାଣ୍ଠିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଅନେକ ପ୍ରକଳ୍ପ ତିଆରି ହେବାର ବର୍ଷବର୍ଷ ବିତିଯାଇଥିଲେ ସୁଦ୍ଧା ଲୋକଙ୍କ କାମରେ ଆସିପାରୁ ନାହିଁ। ଅଧାପନ୍ତରିଆ ଅବସ୍ଥାରେ ପଡିଥିବା ପ୍ରକଳ୍ପଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବିଧାୟକଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଓ ଆନ୍ତରିକତା ଅଭାବ ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ ମତାମତ ପାଇଁ ବଡଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ବହୁବାର ଫୋନ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ।

ଭୋଟର ସଂଶୋଧନ କେନ୍ଦ୍ରରେ ବିଏଲ୍ଓ ଅନୁପସ୍ଥିତ

### କ୍ଷୋଭ ପ୍ରକାଶ କଲେ ଉପଜିଲାପାଳ

**ବିଞ୍ଝାରପୁର, ୨୩।୯(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଚାଲିଥିବା ବେଳେ ରବିବାର ଥିଲା ସ୍ୱତନ୍ତ୍ର ଭୋଟର ସଂଶୋଧନ ଦିବସ। ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ବିଞ୍ଝାରପୁର ବ୍ଲକର ଶାସନ୍ଦା, ଅରେଇ, ଗୁହାଳି, କରୁଣାରଘୁନାଥପୁର, ସିଂହପୁର, ଓଳେଇଚନ୍ଦନପୁର, ଫତେପୁର, ବାଚ୍ଛୋଳ, କଲ୍ୟାଣପୁର, ବାଙ୍ଗରା, ଘଣ୍ଟିଆଳି ସମେତ ବିଭିନ୍ନ ପଞ୍ଚାୟତକୁ ଯାଇ ସ୍ୱତନ୍ତ୍ର ଭୋଟର ସଂଶୋଧନ କେନ୍ଦ୍ର ତଦନ୍ତ କରିଥିଲେ। ବ୍ରଜସୁନ୍ଦର ହାଇସ୍କୁଲ, ବାଙ୍କିପାଳ ନୋଡାଲ, କଏଣାରଘୁନାଥପୁର ସମେତ କେତେକ କେନ୍ଦ୍ରରେ ବିଏଲ୍ଓ ଅନୁପସ୍ଥିତ ଥିବା ଦେଖି ଉପଜିଲାପାଳ କ୍ଷୋଭ ପ୍ରକାଶ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି କହିଥିଲେ। ତେବେ ବିଞ୍ଝାରପୁର ବ୍ଲକରେ କାର୍ଯ୍ୟରତ ସୁପରଭାଇଜରମାନେ ସମସ୍ତ ବିଏଲ୍ଓଙ୍କୁ ସ୍ୱତନ୍ତ୍ର ଭୋଟର ସଂଶୋଧନ ଦିବସ ସମ୍ପର୍କରେ କୌଣସି ସୂଚନା ଦେଇ ନ ଥିବା କେତେଜଣ ଶିକ୍ଷକ ଅଭିଯୋଗ କରିଛନ୍ତି।

■ କଳିଙ୍ଗନଗରରେ ପ୍ରଥମ ନୂଆଁଖାଇ ଭେଟଘାଟ

# ମନମୋହିଲା ସମ୍ବଲପୁରୀ ନୃତ୍ୟ, ଗୀତ




ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ମଞ୍ଚାସୀନ ଅତିଥି।

**ଯାଜପୁର ଅଫିସ, ୨୩।୯**

ରଙ୍ଗବତୀ, ଡାଲଖାଇ, ରସରକେଳି ଆଦି ସମ୍ବଲପୁରୀ ନୃତ୍ୟ ଓ ଗୀତରେ କଳିଙ୍ଗନଗରର ମୁଖଶାଳା ବ୍ୟାସନଗର ମାରୱାଡି ଧର୍ମଶାଳା ରବିବାର ଚଞ୍ଚଳ ହୋଇଉଠିଛି। ବ୍ୟାସନଗର ପଶ୍ଚିମ ଓଡିଶା ପରିବାର ପକ୍ଷରୁ ରବିବାର ପ୍ରଥମ କରି ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲାରେ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟକରୁଥିବା ପଶ୍ଚିମ ଓଡ଼ିଶାର ୧୦ଟି ଜିଲାର ୩୦୦ଜଣ ଉପସ୍ଥିତ ଥିଲେ। ବାଙ୍କ ବିହାରୀ ମିଶ୍ର, ସୁବୋଧ ପଣ୍ଡା ଓ ଶ୍ୱେତଲୀନା ମହାପାତ୍ରଙ୍କ ସଂଯୋଜନାରେ ମା’ ସମଲେଇଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ନୂଆଖାଇ ଭୋଗ ଅର୍ପଣ ହୋଇଥିଲା। ଏହାପରେ ଉପସ୍ଥିତ ସମସ୍ତେ ନୂଆଖାଇ ପ୍ରସାଦ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ପରିବେଷିତ ସୁବଳ ପ୍ରଧାନଙ୍କ କଣ୍ଠସ୍ୱରରେ ସମଲେଇ ଭଜନ ସମସ୍ତଙ୍କ ହୃଦୟ କିଣି ନେଇଥିଲା। ଏହାପରେ ସଂସ୍କୃତି ପଣ୍ଡାଙ୍କ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ଝୁମି ଉଠିଥିଲେ। ଝାରସୁଗୁଡାର ରାଇଁଝାଇଁ ସାଂସ୍କୃତିକ ଦଳର ଟୁକୁନା ମିଶ୍ର, ବାରଲି ତାଣ୍ଡି, ମନନ ପ୍ରଧାନଙ୍କ ନୃତ୍ୟ ଓ ସଂଗୀତ ପରିବେଷଣ ସମସ୍ତଙ୍କୁ ବେଶ ଆମୋଦିତ କରିଥିଲା। କଳାକାରମାନଙ୍କ ଛାନ୍ଦାୟିତ ନୃତ୍ୟରେ ଦର୍ଶକ ବିଭୋର ହୋଇଯାଇଥିଲେ। ପଶ୍ଚିମ ଓଡିଶା ପରିବାରର ସଭାପତି ନୀଳକଣ୍ଠ ପ୍ରଧାନ, ଉପସଭାପତି ନରେନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରୀତିଶ ଗରଟିଆ, ସତ୍ୟବ୍ରତ ଭୋଇ, ପୂର୍ଣ୍ଣେନ୍ଦୁ ଶୁକ୍ଳା, ବରିଣ ବନଛୋର, ଟଙ୍କଧର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ ରାଧାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଉଜ୍ଜ୍ୱଳ ଯୋଜନାର ସମୀକ୍ଷା କଲେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ

**ରସୁଲପୁର, ୨୩।୯(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ ଉଜ୍ଜ୍ୱଳ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଯୋଜନାର ଶିକ୍ଷା ପଦ୍ଧତି ଅଗ୍ରଗତିକୁ ଆହୁରି ଅଧିକ କ୍ରିୟାଶୀଳ କରିବାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ଶତପଥୀଙ୍କୁ ପରାମର୍ଶ ଦେଇଛନ୍ତି। ସରକାର ସେପ୍ଟେମ୍ବର ୩୦ ସୁଦ୍ଧା ଏହି ଯୋଜନାର କାର୍ଯ୍ୟକାରୀତାକୁ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେହି ମୁତାବକ ଅଗ୍ରଗତି ହୋଇପାରି ନାହିଁ। ଏହି ପାଠ୍ୟକ୍ରମକୁ ଶୀଘ୍ର ସାରିବା ସହ ମୂଳ ପାଠ୍ୟକ୍ରମକୁ ଫେରିବା ପାଇଁ ଶିକ୍ଷକଙ୍କୁ ପରାମର୍ଶ ଦିଆଯାଇଛି। ଏହି ବିଦ୍ୟାଳୟରେ ଉପସ୍ଥାନ ସଂଖ୍ୟା ଖୁବ୍ କମ୍ ଥିବାରୁ ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ଦିଗରେ ପ୍ରୟାସ କରିବା ପାଇଁ ସାଧନକେନ୍ଦ୍ର ଅଧିକାରୀ ପ୍ରତାପରୁଦ୍ର ପଣ୍ଡାଙ୍କୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ସମୟରେ ଉଜ୍ଜ୍ୱଳ ଯୋଜନାରେ ଅନ୍ତର୍ଭୁକ୍ତ ଗଣିତ, ଭାଷାସାହିତ୍ୟ, ପରିବେଶ ଆଦି ବିଷୟର ବିଭିନ୍ନ ଦିଗ ଉପରେ ସମୀକ୍ଷା କରାଯାଇଥିଲା। ସହକାରୀ ଶିକ୍ଷକ ରାମଚନ୍ଦ୍ର ଶତପଥୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ

**ବିରଜାକ୍ଷେତ୍ର, ୨୩।୯(ଡି.ଏନ୍.ଏ)**

ଯାଜପୁର ବ୍ଲକ ଛତିଶଦେବିଲ ପଞ୍ଚାୟତର ମହିଳାମାନେ ମଦ ବିରୋଧୀ ଆନ୍ଦୋଳନ ପାଇଁ ଶନିବାର ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଥିଲା। ତନ୍ତିଘାଇ ସେତୁ ନିକଟରୁ ସମ୍ପୃକ୍ତ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ପ୍ରକାର ମଦ ବିରୋଧୀ ସ୍ଲୋଗାନ ଦେଇ ଛତିଶଦେବିଲ, ଋଷିପୁର, ମହମ୍ମଦ ଜମାପୁର ଗ୍ରାମ ପରିକ୍ରମା କରିଥିଲେ। ଉପରୋକ୍ତ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚୋରାରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରାଯାଉଥିବା ନେଇ ମହିଳାମାନେ ଅଭିଯୋଗ କରିଥିଲେ। ଚୋରାରେ ମଦ ବିକ୍ରି କରାଯାଉଥିବାରୁ ଗ୍ରାମ୍ୟ ପରିବେଶ ନଷ୍ଟ ହେବା ସହ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ଘଟୁଛି ବୋଲି ଅଭିଯୋଗ କରିଥିଲେ। ଫଳରେ ଛୋଟ ପିଲାମାନେ ସ୍କୁଲ ଯିବାକୁ ନିଜକୁ ସୁରକ୍ଷିତ ମଣୁ ନ ଥିବା ଓ ମହିଳାମାନେ ଛକ ରାସ୍ତା ଦେଇ ଗଲା ବେଳେ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହେଉଥିବା କହିଥିଲେ। ମଦ କାରବାର ବନ୍ଦ କରିବା ପାଇଁ ଅବକାରୀ ବିଭାଗ ଓ ସଦର ଥାନାରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଏଥିପ୍ରତି ଦୁଇ ବିଭାଗ ନୀରବଦ୍ରଷ୍ଟା ସାଜିଥିବା ଆନ୍ଦୋଳନରତ ମହିଳାମାନେ ଅଭିଯୋଗ କରିଥିଲେ। ପଞ୍ଚାୟତକୁ ନିଶାମୁକ୍ତ ପଞ୍ଚାୟତ ଭାବେ ଗଢ଼ି ତୋଳିବା ପାଇଁ ମଦ୍ୟ ପାନରୁ ଦୂରେଇ ରହିବାକୁ ମହିଳାମାନେ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଶୋଭାଯାତ୍ରାରେ ସ୍ଥାନୀୟ ସରପଞ୍ଚ ଅଶ୍ୱିନୀ କୁମାର ବିଶ୍ୱାଳ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ବରୀ ବିଧାୟକଙ୍କ ପ୍ରତିନିଧି ଗଣେଶ ଚନ୍ଦ୍ର ମହାକୁଡ଼, କନକଲତା ବିଶ୍ୱାଳ, କାନନବାଳା ଦାସ, ମଞ୍ଜୁଲତା ଦାସ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ବୀଣାପାଣି ଦାସ, ଶାନ୍ତିଲତା ଦାସ, ମଞ୍ଜୁଲତା ଦାସ, ଛାୟାବିନୋଦିନୀ ଦାସ, ଚାନ୍ଦିନୀ ବିଶ୍ୱାଳ, ବାସନ୍ତୀ ଜେନା, ମୀନତୀ ଜେନା, ଗୀତା ସାମଲଙ୍କ ସମେତ ପଞ୍ଚାୟତର ଶତାଧିକ ମହିଳା ସାମିଲ ହୋଇଥିଲେ।




ମହିଳାମାନେ ମଦ ବିରୋଧରେ ଆନ୍ଦୋଳନ କରୁଛନ୍ତି।

# ରସୁଲପୁର ବ୍ଲକରେ କମିଲା ୫ଟି ବୁଥ୍

**ରସୁଲପୁର, ୨୩।୯(ଡିଏନଏ)**

**ଭୋଟର ତାଲିକା ସଂଶୋଧନ, ପୋଲିଂ ବୁଥ ପୁନର୍ଗଠନ**

ରସୁଲପୁର ବ୍ଲକର ୨୮ଟି ପଞ୍ଚାୟତ ୩ଟି ନିର୍ବାଚନ ମଣ୍ଡଳୀରେ ବିଭକ୍ତ ହୋଇଛି। ବରୀ ନିର୍ବାଚନ ମଣ୍ଡଳୀରେ ୧୦ଟି, ଧର୍ମଶାଳା ଓ କୋରେଇରେ ୯ଟି ଲେଖାଏ ପଞ୍ଚାୟତ ସାମିଲ ହୋଇଛି। ଏହି ୩ ନିର୍ବାଚନ ମଣ୍ଡଳୀରୁ ୫ଟି ବୁଥ କମିଛି। ବରୀ ନିର୍ବାଚନ ମଣ୍ଡଳୀରୁ ୩ଟି, ଧର୍ମଶାଳା ଓ କୋରେଇ ନିର୍ବାଚନ ମଣ୍ଡଳୀରୁ ଗୋଟିଏ ଲେଖାଏ ମୋଟ ୫ଟି ବୁଥ୍ କମି ଯାଇଛି। ଉକ୍ତ ବୁଥ୍‌ଗୁଡିକୁ ପାଖ ପୋଲିଂ ବୁଥରେ ସଂଯୁକ୍ତ କରିଦିଆଯାଇଛି। ବରୀ ନିର୍ବାଚନ ମଣ୍ଡଳୀର ୪୮ଟି ବୁଥ ସଂଖ୍ୟା ୪୫ରେ ପହଞ୍ଚିଛି । ଏହି ନିର୍ବାଚନ ମଣ୍ଡଳୀର ଅତଲାପୁର ପଞ୍ଚାୟତ ଅନ୍ତର୍ଗତ ଅତଲାପୁର ପ୍ରାଥମିକ ବିଦ୍ୟାଳୟରେ ବୁଥ ନଂ-୧୧ ଓ ୧୨ ଦୁଇଟି ପୋଲିଂ ବୁଥ ରହିଥିଲା। ୧୧ନଂ ବୁଥଟି ୧୨ବୁଥ ସହ ମିଶ୍ରଣ କରାଯାଇ ଗୋଟିଏ ବୁଥ୍‌ରେ ପରିଣତ ହୋଇଛି। ସାମନ୍ତରାପୁର ପଞ୍ଚାୟତର ସାମନ୍ତରାପୁର ପ୍ରାଥମିକ ବିଦ୍ୟାଳୟର ବୁଥ୍ ନଂ ୧୬କୁ ୧୫ନଂ ବୁଥରେ, ମଙ୍ଗରାଜପୁର ପଞ୍ଚାୟତର ବିରଭାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ୨୧ନଂ ବୁଥକୁ ୨୨ନଂରେ ମିଶାଇ ଦିଆଯାଇ ଗୋଟିଏ ବୁଥ୍‌ରେ ପରିଣତ କରାଯାଇଛି । ସେହିପରି ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଯାବରା ନୋଡାଲ ଉଚ୍ଚ ବିଦ୍ୟାଳୟର ୧୩୪ନଂ ପୁରଣା ବୁଥ୍‌କୁ ୧୫ ଓ ୧୩୩ନଂ ବୁଥ୍‌ରେ ସାମିଲ କରାଯାଇଛି। କୋରେଇ ନିର୍ବାଚନ ମଣ୍ଡଳୀର ବଡକଇଁଚି ପଞ୍ଚାୟତର ଗୋପିନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୮୯ନଂ ବୁଥକୁ ୧୮୮ନଂରେ ମିଶ୍ରଣ କରାଯାଇ ଗୋଟିଏ ବୁଥ କରାଯାଇଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଛି। ଏ ଦିଗରେ ଭୋଟରଙ୍କର ରହିଥିବା ଆପତ୍ତି ଅଭିଯୋଗ ଆସନ୍ତା ଅକ୍ଟୋବର ୩୧ ପର୍ଯ୍ୟନ୍ତ ପ୍ରତ୍ୟକ ବୁଥ୍‌ରେ ବୁଥସ୍ତରୀୟ ଅଧିକାରୀମାନେ ଗ୍ରହଣ କରିବେ। ଭୋଟରଙ୍କ ନିକଟରୁ ଆସିଥିବା ଆପତ୍ତି ଅଭିଯୋଗଗୁଡିକୁ ୩୦ ନଭେମ୍ବର ସୁଦ୍ଧା ଯାଞ୍ଚ ପରେ ଦାଖଲ କରାଯିବ। ଚୂଡାନ୍ତ ଭୋଟର ତାଲିକା ୪ ଜାନୁଆରୀ ୨୦୧୯ରେ ପ୍ରକାଶ ପାଇବ। ନିର୍ବାଚନ ଖର୍ଚ୍ଚ କମାଇବା ଉଦ୍ଦେଶ୍ୟରେ କମ୍ ସଂଖ୍ୟକ ଭୋଟର ଥିବା ବୁଥକୁ ଗୋଟିଏ ବୁଥରେ ପରିଣତ କରାଯାଇଛି ବୋଲି ରସୁଲପୁର ବ୍ଲକ ଗ୍ରାମପଞ୍ଚାୟତ ଅଧିକାରିଣୀ ଦିବ୍ୟକାନ୍ତି ମିଶ୍ର ପ୍ରକାଶ କରିଛନ୍ତି।

■ ସନ୍ଦେହରେ କାଠ ବୋଝେଇ ଟ୍ରକ୍

# ଅଟକାଇଲା ପୋଲିସ, ଛାଡ଼ିଲା ବନ ବିଭାଗ

**ବିଞ୍ଝାରପୁର, ୨୩।୯(ଡି.ଏନ.ଏ)**

ବିଞ୍ଝାରପୁର ଥାନା ଅଞ୍ଚଳରେ ଏକ କାଠ ବୋଝେଇ ଟ୍ରକକୁ ପୋଲିସ ଅଟକାଇ ଥିଲେ ହେଁ ବନ ବିଭାଗ ଛାଡ଼ିଦେବା ପରେ ଏ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତିରେ ଏକ ଟ୍ରକ (ଓଆର୦୯ଏଫ୫୦୨୫)ରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଶାଳ ଓ ଅନ୍ୟାନ୍ୟ କାଠ ବୋଝେଇ କରାଯାଇ ନିକଟସ୍ଥ କରତକଳକୁ ନିଆ ଯାଉଥିଲା। ଖବରପାଇ ବିଞ୍ଝାରପୁର ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ଉକ୍ତ କାଠ ବୋଝେଇ ଟ୍ରକକୁ ଅଟକାଇ ଆବଶ୍ୟକ କାଗଜପତ୍ର ଯାଞ୍ଚ କରିବାକୁ ଚାହିଁଥିଲେ। ହେଲେ ଟ୍ରକ ଡ୍ରାଇଭର ଆବଶ୍ୟକ କାଗଜପତ୍ର ଦେଖାଇ ନ ପାଇବାରୁ ସେ ଟ୍ରକଟିକୁ ଅଟକ ରଖିଥିଲେ। ରବିବାର ପୂର୍ବାହ୍ନରେ ଟ୍ରକ ମାଲିକ ଓ ନିକଟସ୍ଥ କରତକଳ ମାଲିକ ଆବଶ୍ୟକ କାଗଜପତ୍ର ଦେଖାଇଥିଲେ। ତେବେ ଥାନାଧିକାରୀ ଜଙ୍ଗଲ ବିଭାଗ କାଗଜପତ୍ର ଯାଞ୍ଚ କରିବାକୁ ବିଞ୍ଝାରପୁର ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ସୁଷମା ସାହୁ କାଗଜପତ୍ର ଦେଖି ସାରି ଟ୍ରକଟିକୁ ଛାଡି ଦେବାକୁ ପୋଲିସକୁ ପରାମର୍ଶ ଦେଇଥିଲେ। ପରେ ପୋଲିସ ଏହି ଟ୍ରକଟିକୁ ଛାଡି ଦେଇଥିଲା। ଜଙ୍ଗଲ ବିଭାଗର ପରାମର୍ଶ କ୍ରମେ ଅଟକ ଟ୍ରକଟିକୁ ଛାଡି ଦିଆ ଯାଇଥିଲା ବୋଲି ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଥିବା ବେଳେ କାଠ ବୋଝେଇ ଟ୍ରକର କାଗଜ ପତ୍ର ଠିକ ଥିଲା ବୋଲି ଜଙ୍ଗଲ ବିଭାଗ କର୍ମଚାରୀ ସୁଷମା ସାହୁ କହିଛନ୍ତି। ଅପରପକ୍ଷେ ଟ୍ରକଟିକୁ ଛାଡିଦେବା ପଛରେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। କାଠ ବୋଝେଇ ଟ୍ରକ ଆବଶ୍ୟକ କାଗଜ ପତ୍ର ନ ନେଇ କିପରି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଠ ପରିବହନ କରୁଥିଲା ଏବଂ ରାତାରାତି କିପରି ଟ୍ରକ ମାଲିକ ଜଙ୍ଗଲ ବିଭାଗର କାଗଜ ପତ୍ର ଯୋଗାଡ କରି ପାରିଲେ ତାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏହା ବ୍ୟତୀତ ରାଜ୍ୟ ସରକାର କରତକଳ ଉପରେ ନିଷେଧାଦେଶ ଜାରି କରିଥିବା ବେଳେ କରତକଳ କିପରି ଚାଲୁଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଅଟକ ହୋଇଥିବା କାଠ ବୋଝେଇ ଟ୍ରକ।

୫ରେ ତୈଳଦର ବୃଦ୍ଧି ବିରୋଧରେ ପ୍ରତିବାଦ ସଭା

# ଯୁବ ସମାବେଶରେ ଶକ୍ତି ପ୍ରଦର୍ଶନ ଯୋଜନା

**ରସୁଲପୁର, ୨୩।୯(ଡିଏନଏ)**

ରସୁଲପୁର ବ୍ଲକ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଯାଜପୁର ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୫ରେ କୁଆଖିଆ ବଜାରର ବିଜୁ ଗ୍ରାମୀଣ ବଜାରଠାରେ ଏକ ବିଶାଳ ସମାବେଶ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ସମାବେଶ ଜରିଆରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅହେତୁକ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ପ୍ରତିବାଦ କରାଯିବ। ଏହି ମାଧ୍ୟମରେ ବିଜୁ ଜନତା ଦଳ ତାର ଶକ୍ତି ପ୍ରଦର୍ଶନ କରିବ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଯୁବକଙ୍କୁ ଏକଜୁଟ କରି ଦଳ ବିରୋଧୀ ଦଳଙ୍କୁ ଆହ୍ୱାନ ଜଣାଇବାକୁ ଯୋଜନା ରଖିଥିବା ଏହାର ଉଦ୍ଦେଶ୍ୟ ଥିବା କୁହାଯାଉଛି। ଉକ୍ତ ସମ୍ମିଳନୀରେ ଯାଜପୁର ଜିଲା ଯୁବ ବିଜୁ ଯୁବ ଜନତା ଦଳର ସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ବଡଚଣା ନିର୍ବାଚନ ମଣ୍ଡଳୀର ସଭାପତି ଗଣେଶ୍ୱର ବରାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଯାଜପୁର ଜିଲା ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ କ୍ଷିତୀଶ ନାୟକ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ମତ ରଖିଥିଲେ। ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକ ବିଶାଳ ସମାବେଶ ଆୟୋଜନ କରାଯିବ। ଏଥିରେ ଜିଲାର ୭ଟି ନିର୍ବାଚନ ମଣ୍ଡଳୀର ବିଧାୟିକା ବିଧାୟକ, ଲୋକସଭା ଏମ୍ପି, ରାଜ୍ୟ ବିଜୁ ଯୁବ ଜନତାଦଳର ସଭାପତି ଅମରେଶ ପତ୍ରି ପ୍ରମୁଖ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେବେ। ଏହି ହାରରେ ସମାବେଶରେ ୩୫ ହଜାରରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଯୋଗଦେବେ ବୋଲି ସମ୍ମିଳନୀ ଜରିଆରେ ସୂଚନା ଦିଆଯାଇଛି। ସମାବେଶ ସ୍ଥଳକୁ ବିଧାୟକ କିପରି ଭାବରେ ପଟୁଆରରେ ଆସିବେ ସେ ନେଇ ଯୁବକ ନେତାଙ୍କୁ ପକ୍ଷରୁ ନକ୍ସା ପ୍ରସ୍ତୁତ କରାଯାଇଥିବା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ରସୁଲପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯତୀନ୍ଦ୍ର ସାହୁ, ଯୁବନେତା ପ୍ରକାଶ ସାମଲ, ଦେବଦତ୍ତ ଦାସ, ଧନେଶ୍ୱର ବାରିକ୍, ପ୍ରଶାନ୍ତ ମହାପାତ୍ର, ମନିଷ କୁମାର ସାହୁ, ମାନସରଞ୍ଜନ ଜେନା, ସାନ୍ତନୁ ରାଉତ, ଦିପ୍ କୁମାର ସ୍ୱାଇଁ, ବିରଜା ମଲିକ ପ୍ରମୁଖ ଯୋଗ ଦେଇଥିଲେ।



ଘୋର ସଙ୍କଟ ସମୟରେ ସାହସଠାରୁ ବଳି ବଡ଼ ସହାୟକ ବନ୍ଧୁ ଆଉ କେହି ନାହିଁ।
- ସକ୍ରେଟିସ୍



## ସଂକ୍ଷେପରେ

### ଦୋକାନ ତାଲାଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

**ତୁବୁରୀ, ୨୩।୯(ଡି.ଏନ୍.ଏ.):** ଶନିବାର ବିଳମ୍ବିତ ରାତିରେ ତୁବୁରୀ ଛକ ବଜାରରେ ଏକ ବଡ଼ଧରଣର ଲୁଟ ହୋଇଥିବା ଜଣାପଡିଛି । ଦୁର୍ବୃତ୍ତମାନେ ବଜାରରେ ଥିବା ସ୍ୱସ୍ତି ଟାୟାର ଦୋକାନ ତାଲା ଭାଙ୍ଗି ପ୍ରାୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ପ୍ରକାର ଟାୟାର ସହ କ୍ୟାଶ୍ ବାକ୍ସରେ ଥିବା ସମସ୍ତ ଟଙ୍କା ଚୋରି କରିନେଇଛନ୍ତି। ଏ ନେଇ ରବିବାର ଦୋକାନ ମାଲିକ ସହଦେବ ମହାନ୍ତ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଦୁର୍ବୃତ୍ତମାନେ ଦୋକାନରୁ ୮୬ ଟି ବାଇକ ଟାୟାର, ୨୩ଟି ସ୍କୁଟି ଟାୟାର, ୭ ଟି ଟେମ୍ପୋ ଟାୟାର, ୧୧ଟି ଟାଟା ମେଜିକ୍ ଟାୟାର, ୭୫ଟି ବିଭିନ୍ନ ପ୍ରକାର ଟ୍ୟୁଉବ ସହିତ ଦୋକାନ କ୍ୟାଶ୍ ବାକ୍ସରେ ଥିବା ୧୪ ହଜାର ୨ଶହ ଟଙ୍କା ମଧ ଚୋରି କରିନେଇଥିବା ସହଦେବ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଇନ୍ସପେକ୍ଟର ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ କହିଛନ୍ତି ।

### ଭେଣ୍ଡିଂ ଜୋନ୍‌ର ଶିଳାନ୍ୟାସ

**ଯାଜପୁରରୋଡ,୨୩।୯(ନି.ପ୍ର.):** ବ୍ୟାସନଗର ପୌର ପରିଷଦ ପକ୍ଷରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ଚୋରଦା ଛକ ନିକଟରେ ରବିବାର ଦୈନିକ ମାର୍କେଟ ବା ଭେଣ୍ଡିଂ ଜୋନ୍‌ର ଶିଳାନ୍ୟାସ ହୋଇଛି । କୋରେଇ ବିଧାୟକ ଆକାଶ ଦାସ ନାୟକ, ପୌରଧକ୍ଷା ସବିତା ରାଉତ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପୌରଧକ୍ଷା ସବିତା ରାଉତଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ୩୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୩୦ ଦୋକାନ ଘର ନିର୍ମାଣ ହେବ । ୨୦୦୮ ଅଗଷ୍ଟ ୮ ତାରିଖରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପୂର୍ବତନ ନଗର ଉନ୍ନୟନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସଞ୍ଚିତା ମହାନ୍ତି, ଧିରେନ କୁମାର ଦାସ, ସରୋଜୀନି ବଳ ଶିଳାନ୍ୟାସ କରିଥିଲେ । ହେଲେ ପାଣ୍ଠି ନ ଥିବାରୁ ୧୦ ବର୍ଷ ମଧରେ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇପାରିଲା ନାହିଁ । ଉପନଗରପାଳ ସୁବାସ ଚନ୍ଦ୍ର ବଳ, ନିର୍ବାହୀ ଅଧିକାରୀ ମୋହନ ଚରଣ ଜେନା, କାଉନସିଲର ଓ ବିଜେଡିର ନେତୃବୃନ୍ଦ ଉପସ୍ଥିତ ଥିଲେ । ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ପୌରାଧକ୍ଷା ରାଉତ ସୂଚନା ଦେଇଛନ୍ତି ।

### ବ୍ୟାଟେରି ଚୋର କୋର୍ଟ ଚାଲାଣ

**ଦଶରଥପୁର,୨୩।୯(ଡିଏନ୍ଏ):** ଟ୍ରାକ୍ଟରରୁ ବ୍ୟାଟେରି ଚୋରି ଅଭିଯୋଗରେ ରବିବାର ମଙ୍ଗଳପୁର ପୋଲିସ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଥାଲକୁଡ଼ି ପଞ୍ଚାୟତ ଅନ୍ତର୍ଗତ ଥାଲକୁଡ଼ି ଗ୍ରାମର ନାରାୟଣ ପାତ୍ର। ଏ ନେଇ ପୋଲିସ ଏକ ମାମଲା(୨୨୬/୧୮) ରୁଜୁ କରିଛି। ପ୍ରକାଶ ଯେ, ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ଅନ୍ତର୍ଗତ ବନକୁଆଁଳ ଗ୍ରାମର ଅଚ୍ୟୁତାନନ୍ଦ ସାହାଣୀ ଶନିବାର ଘରଠାରୁ ମାତ୍ର କିଛି ଦୂରରେ ଟ୍ରାକ୍ଟର ରଖିଥିଲେ। ନାରାୟଣ ରାତିରେ ଟ୍ରାକ୍ଟରରୁ ବ୍ୟାଟେରି ଚୋରି କରି ଖସି ପଳାଉଥିବାବେଳେ ଗ୍ରାମବାସୀ ତାଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ବାମଦେବ ନନ୍ଦଙ୍କ ନିର୍ଦ୍ଦେଶରେ ଏଏସ୍ଆଇ ସନ୍ତୋଷ କୁମାର ସିଂ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବ୍ୟାଟେରି ଜବତ କରିବା ସହ ନାରାୟଣଙ୍କୁ ଥାନାକୁ ଆଣିଥିଲେ।

### ପୂର୍ବତନ ମନ୍ତ୍ରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ଧର୍ମଶାଳା, ୨୩।୯(ଡି.ଏନ୍.ଏ.):** ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ବିୟୋଗରେ ଜାରକା ମା' ଜେମାଶୁଣୀ ପୀଠରେ ରବିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପୂର୍ବତନ ବ୍ଲକ ସଭାପତି ଶ୍ୟାମସୁନ୍ଦର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିସିସି ସମ୍ପାଦକ ଅଧୀର କୁମାର ଜେନା ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଆତ୍ମଜୀବନୀର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧରେ ବରିଷ୍ଠ କଂଗ୍ରେସ କର୍ମୀ କୁଳମଣି ପଣ୍ଡା, ଶ୍ୟାମସୁନ୍ଦର ବାରିକ, ଘଣ୍ଟେଶ୍ୱର ରାଉତ୍, ମହେନ୍ଦ୍ର ସାହୁ, ଭରତ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ସାମଲ, ବିଜୟ କୁମାର ସ୍ୱାଇଁ, ହରିହର ମଲ୍ଲିକ, ପ୍ରଫୁଲ୍ଲ କୁମାର ରାଉତ, ଅନନ୍ଦ ଚରଣ ରାଉତ୍, ପ୍ରଭାକର ସାହୁ, ସତ୍ୟବ୍ରତ ରାଉତ, ପ୍ରଶାନ୍ତ କୁମାର ରାୟ, ଦୁର୍ଯ୍ୟୋଧନ ମଲ୍ଲିକ, ଭାଗ୍ୟଧର ମଲ୍ଲିକ, କଳ୍ପତରୁ ନାଥ ଓ ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦୋଳଗୋବିନ୍ଦଙ୍କ ଗୁଣାବଳୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶେଷରେ ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ବିପଜ୍ଜନକ ଅବସ୍ଥାରେ ବ୍ରାହ୍ମଣୀ ସେତୁ

# ଭଙ୍ଗା ସେତୁକୁ ପାଳଭୂତ ସାହା

**କଳିଙ୍ଗନଗର, ୨୩।୯(ଡି.ଏନ୍.ଏ.)**




ପୋଲ ଭାଙ୍ଗିପଡିଥିବା ସ୍ଥାନରେ ପାଳଭୂତ ବନ୍ଧା ଯାଇଛି ।

- ■୬୦ବର୍ଷରୁ ଉର୍ଦ୍ଧ୍ୱ ହେବ ସେତୁଟି ମରାମତି ହୋଇପାରି ନାହିଁ
- ■ସେତୁର ଭାଙ୍ଗି ଯାଇଥିବା ସୁରକ୍ଷାବାଡ଼ରେ ବାଉଁଶ ବନ୍ଧା ହୋଇଛି
- ■ଚଲାପଥର ଅନେକ ସ୍ଥାନରେ ଢାଙ୍କୁଣୀ ନାହିଁ

କଳିଙ୍ଗନଗର ଶିଳ୍ପାଞ୍ଚଳର ଜୀବନ ରେଖା କୁହାଯାଉଥିବା ନଂ-୫୩ର ଜାତୀୟ ରାଜପଥର ବ୍ରାହ୍ମଣୀ ସେତୁ ଏବେ ବିପଜ୍ଜନକ ଅବସ୍ଥାରେ ରହିଛି। ଦୀର୍ଘ ୬୦ବର୍ଷରୁ ଉର୍ଦ୍ଧ୍ୱ ହେବ ସେତୁଟି ମରାମତି ନ ହୋଇ ପଡିରହିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରବିବାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ସେତୁର ମରାମତି ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଏହାର ଏକ ନକଲ ଯାଜପୁର ଜିଲାପାଳଙ୍କ ନିକଟକୁ ମଧ ପଠାଯାଇଛି। ସେତୁ ଦେଇ ପ୍ରତ୍ୟେକ ଦିନ ସୁକିନ୍ଦା ଅଞ୍ଚଳରେ ଥିବା କ୍ରୋମାଇଟ ଖଣିରୁ କ୍ରୋମାଇଟ ପରିବହନ କରଯାଉଥିବାବେଳେ କଳିଙ୍ଗନଗର ଶିଳ୍ପାଞ୍ଚଳକୁ କଞ୍ଚାମାଲ ଆସିଥାଏ । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଟାଳଟୁଳନୀତି ଯୋଗୁ ସେତୁଟି ଦିନକୁଦିନ ଶୋଚନୀୟ ହୋଇପଡୁଛି। ସେତୁଟିର ଭାଙ୍ଗିଯାଇଥିବା ସୁରକ୍ଷା ବାଡ଼ରେ ବାଉଁଶ ବନ୍ଧା ଯାଇଥିବାବେଳେ ଚଲାପଥର ସ୍ଥାନେସ୍ଥାନେ ଢାଙ୍କୁଣି ନାହିଁ। ଫଳରେ ଏହା ଉପରଦେଇ ଯାଉଥିବା ପଥିକ ଓ ପଶୁଙ୍କର ଜୀବନହାନି ହେବା ସହିତ ଦୁର୍ଘଟଣାର ଶିକାର ମଧ ହେଉଛନ୍ତି । ଏଭଳିସ୍ଥିତିରେ ଭାଙ୍ଗି ଯାଇଥିବା ସ୍ଥାନରେ ଏକ ପାଳଭୂତ କରି ଠିଆ କରାଯାଇଛି । ପାଳଭୂତଟି ବିପଦ ସଚେତକଭାବେ ସେତୁଟିକୁ ଜଗି ରହିଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ଦୃଷ୍ଟି ନ ପଡ଼ିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେତୁଟିର ୩୦ଟି ସ୍ୱାନ ମଧରେ ଥିବା ୧୫୦ଟି ବେଅରିଂ ମଧରୁ ମାତ୍ର ୨୦ଟି ବଦଳା ଯାଇଥିବାବେଳେ ଆହୁରି ୧୩୦ଟିର କାମ ବାକି ରହିଛି। ନିୟମ ଅନୁସାରେ ୨୦ବର୍ଷରେ ଥରେ ସେତୁର ନିର୍ମାଣ କାର୍ଯ୍ୟ କରାଯାଇଥାଏ ହେଲେ ବ୍ରାହ୍ମଣୀ ସେତୁରେ ବ୍ୟତିକ୍ରମ ଦେଖାଦେଇଥିବା ନାଗରିକ ମଞ୍ଚ ଅଭିଯୋଗ କରିଛି। ମଞ୍ଚ ପକ୍ଷରୁ ସରୋଜ କୁମାର ବେହେରା, ଶକ୍ତି ପ୍ରସାଦ ସାମନ୍ତ ,ଦେବାଶିଷ ବେହେରା, ସୁବ୍ରତ ସାହୁ, ଯଶୋବନ୍ତ ସାହୁ, ସୌମ୍ୟ ସାହୁ ଓ ସନ୍ତୋଷ ମହାନ୍ତି ପ୍ରମୁଖ ସେତୁର ଚଲାପଥ ଓ ସୁରକ୍ଷା ବାଡ଼ ମରାମତି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

ଚାଷୀଙ୍କ କ୍ଷତିପୂରଣ ଦାବି

# ୨୯ରେ ଦର୍ପଣ ତହସିଲ ଘେରିବ ଭାଜପା

**ବାଲିଚନ୍ଦ୍ରପୁର, ୨୩।୯(ସ୍ୱ.ପ୍ର.)**

ବର୍ଷା ଯୋଗୁ ବଡ଼ଚଣା ବ୍ଲକରେ ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ କ୍ଷୟକ୍ଷତି ଆକଳନ କରାଯାଇନାହିଁ। ତୁରନ୍ତ କ୍ଷତିପୂରଣ ଦିଆ ନ ଗଲେ ଆସନ୍ତା ୨୯ରେ ବଡ଼ଚଣା ଭାଜପା ପକ୍ଷରୁ ଦର୍ପଣ ତହସିଲ ଘେରାଉ କରାଯିବ ବୋଲି ବଡ଼ଚଣା ଭାଜପା ନେତା ଅମର ନାୟକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ବର୍ଷା ଯୋଗୁ ଗୋବରୀ ନଦୀରେ ବନ୍ୟାଜଳ ପ୍ରବେଶ କରିଥିଲା। ଫଳରେ ଭରତପୁର, ପଲାଇ, ବାଲିପଡ଼ିଆ, ବରଦା, ବିକ୍ରମତିରଣ ଆଦି ୫ ପଞ୍ଚାୟତର ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଥିସହ ବଡ଼ ବାଲିକୁଦା, ରଇପୁର, କୋଲଣଗିରି, ସାଉଡ଼ିଆ, ମଝିପଡ଼ା, ଅଚ୍ୟୁତବସନ୍ତ, ଗୋପାଳପୁର, ଚାରିନଙ୍ଗଳ, ଅଣକା, ମାଣ୍ଡୁକା, କୁନ୍ଦଳ, ରାଧାଦେଈପୁର, ବଡ଼ଘୁମୁରୀ, ଶାନ୍ତିପୁର ଆଦି ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତରୁ ଜଳ ନିଷ୍କାସନ ହୋଇ ନ ପାରି ବହୁ କ୍ଷତି ହୋଇଥିଲା। ପ୍ରଶାସନିକ ଅଧିକାରୀ ଏ ପର୍ଯ୍ୟନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ନ ଦେବା ଘଟଣାକୁ ଭାଜପା ନିନ୍ଦା କରିଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ଅଶୋକ କୁମାର ଦାଶଙ୍କୁ ପଚାରିବାରେ, କ୍ଷୟକ୍ଷତିର ଆକଳନ କରାଯାଉଛି। ୨/୩ ଦିନ ଭିତରେ କ୍ଷତିପୂରଣ ଦିଆଯିବ ବୋଲି କହିଥିଲେ।

## ଗଣେଶ ଭସାଣି ଉତ୍ସବ

**ଧର୍ମଶାଳା, ୨୩।୯(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗଣେଶ ପୂଜା କମିଟି ପକ୍ଷରୁ ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାଜା ରୋଶଣି ସହ ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯିବାପରେ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଥିଲା। ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

## ବନ୍ୟାଞ୍ଚଳ ପରିଦର୍ଶନ କଲେ ବିଭାଗୀୟ ଯନ୍ତ୍ରୀ

**ସିଂହପୁର,୨୩।୯(ଡି.ଏନ୍.ଏ):** ଜରୀ ନୂଆ ମାହାରାର ପଧାନପଡ଼ା ନିକଟରେ ଅତଡ଼ା ଧସୁଥିବାରୁ ରବିବାର ବିଭାଗୀୟ ସହକାରୀ ଯନ୍ତ୍ରୀ ସତ୍ୟ ସାଗର ଭୂୟାଁ ଓ କନିଷ୍ଠ ଯନ୍ତ୍ରୀ ନବୀନ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସୋମବାର ବାଲିବସ୍ତା ଜାଫିଲ କରାଯିବ ବୋଲି ସୂଚନା ଦେଇଛନ୍ତି। ପାଣି କମିବା ପରେ ମରାମତି ହେବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି। ଖରସ୍ରୋତା ନଦୀରେ ତୃତୀୟ ଥର ବନ୍ୟାଜଳ ପ୍ରବେଶ କରିଛି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ଗାଇଡ ବନ୍ଧର ଅଢେଇ ସାହି ଆଦି ଅଞ୍ଚଳ ପାଣିଘେରରେ ରହିଛି।

## ଚାନ୍ଦା ଆଦାୟ ଅଭିଯୋଗରେ ଜଣେ କୋର୍ଟ ଚାଲାଣ

**ଯାଜପୁରରୋଡ, ୨୩।୯(ନି.ପ୍ର.)**

ଚାନ୍ଦା ଆଦାୟ ଅଭିଯୋଗରେ ଯାଜପୁରରୋଡ ପୋଲିସ ରବିବାର ନଗୁଆଁର ବିଜୟ ନାୟକଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ରଗଡ଼ିସ୍ଥିତ ତାଙ୍କୁ ଯାଜପୁର ସବ୍‌ଜେଲ୍‌କୁ ପଠାଯାଇଛି। ଏ ନେଇ ପୋଲିସ ଏକ ମାମଲା(୨୪୪/୧୮) ରୁଜୁ କରିଛି। ଅନ୍ୟ ଅଭିଯୁକ୍ତ ମୁନା ଗୁରୁ ପୋଲିସ ହାତରୁ ଖସିଯାଇଥିଲା। ଅନ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ, ଚାନ୍ଦା ଆଦାୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ଶନିବାର ରାତିରେ ଯାଜପୁରରୋଡ ଥାନାର ଅନତି ଦୂରରେ ଥିବା ୨୦ନଂ. ଜାତୀୟ ରାଜପଥ ଦମକଳ ଗୋଲେଇ ଛକ ନିକଟରେ କେତେଜଣ ଯୁବକ ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରୁଥିଲେ । ଖବରପାଇ ଯାଜପୁରରୋଡ ଥାନା ଅଧିକାରୀ ଅମିତାଭ ମହାପାତ୍ର ଏଏସ୍ଆଇ ପ୍ରଭଜନ ବେହେରା ଓ ଅନ୍ୟମାନଙ୍କୁ ଉକ୍ତ ସ୍ଥାନକୁ ପଠାଇଥିଲେ ।

■ ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣା

# ତଦନ୍ତ ଦାବି କଲା ବିଜେଡି, କଂଗ୍ରେସ

**ରତ୍ନଗିରି, ୨୩।୯(ଡି.ଏନ୍.ଏ)**

ଶାସକ ଦଳ ତରଫରୁ ବ୍ଲକ ବିଜେଡି ସଭାପତି ସେକ ସଫିକ୍‌ଉଦ୍ଦିନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ରବିବାର ବରୀ-ରାମଚନ୍ଦ୍ରପୁର ଥାନାରେ ପହଞ୍ଚି ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲେ । ରୌପ୍ୟକାନ୍ତଙ୍କ ବାପା ଅଭିରାମ ଧଳ, କେଦାର ସାମଲ, ହରିହର ପଣ୍ଡା, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ପ୍ରଦିପ ଘଡାଇ, ଶରତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଯୁବ କଂଗ୍ରେସ ନେତା ଅମରେଶ ପରିଡ଼ାଙ୍କ ନେତୃତ୍ୱରେ ଦୀପକ ଘଡେଇ ଓ ଲିପୁ ସାମଲ ତଦନ୍ତ ଦାବି କରିଥିଲେ। ପ୍ରକାଶ ଯେ, ଗତ ୧୦ ତାରିଖରେ ରୌପ୍ୟକାନ୍ତଙ୍କ ମୃତଦେହ ଉଦ୍ଧାର ପରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(୧୨/୧୮) ରୁଜୁ କରି ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିଲା। ଗତ ୧୫ ତାରିଖରେ ପରିବାର ଲୋକେ ଏସ୍‌ପିଙ୍କୁ ଭେଟି ତଦନ୍ତ ଦାବି କରିଥିଲେ। ଗତ ୨୦ ତାରିଖରେ ବ୍ୟବଚ୍ଛେଦ ରିପୋର୍ଟ ଆସିଥିଲେ ମଧ ଏଥିରେ ମୃତ୍ୟୁର କାରଣ ଉଲ୍ଲେଖ ନାହିଁ। ଅଧିକ ପରୀକ୍ଷା ପାଇଁ ଏହି ରିପୋର୍ଟ ଫୋରେନ୍ସିକ ଲ୍ୟାବ୍‌କୁ ପଠାଯାଇଛି। ଏ ସଂକ୍ରାନ୍ତରେ ବରୀ ଥାନା ଅଧିକାରିଣୀ ରୋଜାଲିନ ପଟେଲଙ୍କୁ ପଚାରିବାରେ, ପୋଲିସ ନିରପେକ୍ଷତା ଅବଲମ୍ବନ କରୁଛି । ତଦନ୍ତରେ ଅବହେଳା କରାଯାଉନାହିଁ । ରିପୋର୍ଟ ଆଧାରରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# ୨୭ରେ ଅନଶନ କରିବ ନିର୍ମାଣ ଶ୍ରମିକ ସଂଘ

**ଯାଜପୁରରୋଡ,୨୩।୯(ନି.ପ୍ର.)**

ନିର୍ମାଣ ଶ୍ରମିକମାନେ ବର୍ଷେ ହେବ ସେମାନଙ୍କ ପ୍ରାପ୍ୟ ପାଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଏ ନେଇ ନିଖିଳ ଉତ୍କଳ ନିର୍ମାଣ ଶ୍ରମିକ ସଂଘ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧକ୍ଷତାରେ ରବିବାର ଯାଜପୁରରୋଡଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୭ ତାରିଖରେ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ନିର୍ମାଣ ଶ୍ରମିକ ଗଣ ଅନଶନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହାର ଏକ ଦାବୀପତ୍ର ଶ୍ରମ ଆୟୁକ୍ତ, ଜିଲାପାଳଙ୍କୁ ଅବଗତ କରାଯାଇଛି । ହିତାଧିକାରୀମାନେ ନିଜ ଅର୍ଥରେ ଯନ୍ତ୍ରପାତି କ୍ରୟ କରି ଜିଲା ଶ୍ରମ କାର୍ଯ୍ୟାଳୟରେ ବିଲ୍ ପୈଠ କରିଥିଲେ ମଧ ଏ ପର୍ଯ୍ୟନ୍ତ ଅର୍ଥ ମିଳିନାହିଁ । ପ୍ରକୃତ ନାମରେ ତ୍ରୁଟି ଥିବାରୁ ବହୁ ଶ୍ରମିକ ମୃତ୍ୟୁ ଜନିତ ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ହେଲେ ନାମ ନବୀକରଣ ହୋଇପାରୁନାହିଁ। ଏ ନେଇ ଶ୍ରମିକ ସଂଘ ପକ୍ଷରୁ ବହୁବାର ଶ୍ରମ କାର୍ଯ୍ୟାଳୟରେ ଧାରଣା ଦିଆଯାଇଥିଲା । ହେଲେ କର୍ତ୍ତୃପକ୍ଷ ତୁରନ୍ତ ପ୍ରାପ୍ୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ ଅଦ୍ୟାବଧି ଅର୍ଥ ମିଳିନାହିଁ । ଏପରିକି ଶ୍ରମ କମିଶନର ପତ୍ର ସଂଖ୍ୟା ୨୫୦୮, ୯।୮।୨୦୧୮ରେ ଯନ୍ତ୍ରପାତି ସହାୟତା ନିମନ୍ତେ ଆବେଦନ କରିଥିବା ୩୨୩ ଜଣ ହିତାଧିକାରୀଙ୍କୁ ତୁରନ୍ତ ଅର୍ଥ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ ତାହା କାର୍ଯ୍ୟକାରୀ ହେଉନାହିଁ । ସାଧାରଣ ସମ୍ପାଦକ ମାଧବ ମହାପାତ୍ର, ପରମାନନ୍ଦ ସେଠୀ, ବିଜୟ କୁମାର ବିଶ୍ୱାଳ, ରାଧାକାନ୍ତ ସାମଲ, କୁନି ଓଝା, ରେଣୁପ୍ରଭା ପ୍ରଧାନ, ମନୋରମା ମହାନ୍ତି, ଲତା ଜେନା, ଦାଶରଥୀ ଦେହୁରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଶିବ ପ୍ରସାଦ ମିଶ୍ରଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ଶମିକଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କହିଥିଲେ।

# ଚଢ଼େଇଧରା ଅଞ୍ଚଳରେ ଖୁଦୁରୁକୁଣୀ ଓଷା

**ଚଢ଼େଇଧରା, ୨୩।୯ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଢ଼େଇଧରା ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭାଇଙ୍କ ଶୁଭମନାସି ଭାଦ୍ରବ ମାସର ପ୍ରତି ରବିବାର କୁମାରୀ କନ୍ୟା ଓ ନବ ବିବାହିତା ବଧୂ ମା' ମଙ୍ଗଳାଙ୍କୁ ପୂଜା କରିଥାନ୍ତି। ସେହିପରି ସ୍ଥାନୀୟ ଗଡ଼ମଧୁପୁର, କୁକୁଡ଼ାଖାଳି, ଭୁବନପୁର, ରଗଡିପସି, ଚଢ଼େଇଧରା, ମହୀଶରା, ସଂପାରୁ, କାଦୁଆମାଗୁରା, ଡଙ୍କାରୀ, ରମ୍ଭେଇ, ତୁରଙ୍ଗ, ବାରମାଣ, ରାମଚନ୍ଦ୍ରପୁର, ପନ୍ତୁରୀ, ଆରୁହା, ଚକ୍ରଧରପୁର, ତାଳଜଙ୍ଗ, ଏଣ୍ଡଳବା ଓ କୁସୁନପୁର ଅଞ୍ଚଳରେ ମଧ ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ ହୋଇଯାଇଛି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି କୋରେଇସ୍ଥିତ କାହ୍ନୁଚରଣ ମହାବିଦ୍ୟାଳୟର ଛାତ୍ରୀଛାତ୍ର।

# ଭାଜପାର ଖରସ୍ରୋତା ମଣ୍ଡଳ କର୍ମକର୍ତ୍ତା ଘୋଷିତ

**କୋରେଇ,୨୩।୯(ସ୍ୱ.ପ୍ର.)**

କୋରେଇ ନିର୍ବାଚନମଣ୍ଡଳୀ ଭାଜପାର ଖରସ୍ରୋତା ମଣ୍ଡଳ ସଭାପତି ପ୍ରମୋଦ କୁମାର ସାହୁ ରବିବାର ୩ନଂ. ଜୋନର ମଣ୍ଡଳ କର୍ମକର୍ତ୍ତା ଘୋଷଣା କରିଛନ୍ତି। ଚନ୍ଦ୍ରମଣୀ ଚୌଧୁରୀ, କୃଷ୍ଣ ଚନ୍ଦ୍ର ଦାସ, ଶରତ ମଳିକ, ନୀଳମଣୀ ଦାସ, ମଧୁସୂଦନ ସାହୁ ଉପସଭାପତି, ଦୀପକ ଗୁରୁ, ଅରୁଣ ମହାପାତ୍ର ସାଧାରଣ ସମ୍ପାଦକ, ଗିତାଞ୍ଜଳୀ ଘଡେଇ, ସୂର୍ଯ୍ୟମଣୀ ଦଳାଇ, ଅରୁଣ କୁମାର ସାହୁ, ରବିନ୍ଦ୍ର ନାରାୟଣ ପଣ୍ଡା, ଚିନ୍ମୟ ପଣ୍ଡା, ରମେଶ ବାରିକ ସମ୍ପାଦକ, ଶ୍ରୀଧର ସାହୁ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି । ବସନ୍ତ କୁମାର ସାହୁ ଯୁବ ମୋର୍ଚ୍ଚା ସଭାପତି, ଜୟନ୍ତୀ ରାଉତ ମହିଳା ମୋର୍ଚ୍ଚା ସଭାପତି, କିଶୋର ପାଳ କୃଷକ ମୋର୍ଚ୍ଚା ସଭାପତି, ଅନୁସୂଚିତ ଜାତି ସଭାପତି ଦୋଳଗୋବିନ୍ଦ ସେଠୀ, ଅନୁସୂଚିତ ଉପଜାତି ସଭାପତି ଜଗମୋହନ ଟିୟୁ, ଅନ୍ୟାନ୍ୟ ପଛୁଆବର୍ଗ ସଭାପତି ସ୍ମୃତି ରଞ୍ଜନ ଘଡାଇ, ସଂଖ୍ୟାଲଘୁ ସଭାପତି ଭାବେ ଜାହିର ବେଗ ମନୋନୀତ ହୋଇଛନ୍ତି। ରମେଶ ଚନ୍ଦ୍ର ପରିଡା, ସରୋଜ ବିଶ୍ୱାଳ, ଭୁପେନ୍ଦ୍ର ନାୟକ, ଗୋବିନ୍ଦ ଦାସ, ଶତ୍ରୁଘ୍ନ ସାହୁ, ମଦନମୋହନ ସାହୁ, ଅଭିରାମ ସାହୁ, ସୁରେଶ ସାହୁ, ସନ୍ତୋଷ ମହାକୁଡ, ଇନ୍ଦ୍ରମଣୀ ଦାସ, ସୂର୍ଯ୍ୟମଣୀ ମିଶ୍ର, ସାଧୁ ଚରଣ ମଳିକ, ସୁରେନ୍ଦ୍ର ପଣ୍ଡା, ସନ୍ତୋଷ ମାଝୀ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଅଛନ୍ତି । ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ଯୁବନେତା ବିଶ୍ୱଜିତ ନାୟକ, ଆଲେକଜାଣ୍ଡାର ଦାସ, କୋରାଇ ବ୍ଲକ ଅଧକ୍ଷା ମାଳତୀ ଟୁଡୁ, ଜୋନ ପ୍ରଭାରୀ ଭାସ୍କର ସାହୁ, ପ୍ରମୋଦ ନାୟକ, ନିତ୍ୟାନନ୍ଦ ସାହୁ, ସୁଲୋଚନା ପଣ୍ଡା, ତଣ୍ଡାରା ସମିତିସଭ୍ୟ ଗଭିନ ଦଳେଇ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ମନୋନୀତ ହୋଇଛନ୍ତି ।

■ ସୌଭାଗ୍ୟ ଯୋଜନା ଦିଗହରା

# ବିଦ୍ୟୁତ୍ ସଂଯୋଗ ପାଇଁ ମଗାଯାଉଛି ଟଙ୍କା

**ଦଶରଥପୁର,୨୩।୯(ଡିଏନ୍ଏ)**

**ଦଶରଥପୁର ବ୍ଲକ**
- ■ଠିକାଦାର, ବିଭାଗୀୟ କର୍ମଚାରୀଙ୍କ ଅସାଧୁ ମେଣ୍ଟ
- ■ତଦନ୍ତ ଦାବି କଲା ଭାଜପା, କଂଗ୍ରେସ

କେନ୍ଦ୍ର ସରକାର ସୌଭାଗ୍ୟ ଯୋଜନା କାର୍ଯ୍ୟକାରୀ କରିବା ପାଇଁ କୋଟିକୋଟି ଟଙ୍କା ବ୍ୟୟ କରୁଛନ୍ତି । ହେଲେ ପ୍ରକୃତ ହିତାଧିକାରୀଙ୍କ ପରିବର୍ତ୍ତେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଏବଂ ଠିକାଦାର ଏହି ଯୋଜନାର ଲାଭ ଉଠାଉଥିବା ଦଶରଥପୁର ବ୍ଲକ କଂଗ୍ରେସ ଓ ଭାଜପା ପକ୍ଷରୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ବିଦ୍ୟୁତ୍ ଚୋରି ରୋକିବା ଏବଂ ଗରିବ ହିତାଧିକାରୀଙ୍କ ଘରେ ବିଦ୍ୟୁତ୍ ସଂଯୋଗ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ସୌଭାଗ୍ୟ ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନାରେ ବିଦ୍ୟୁତ୍ ସଂଯୋଗ ପାଇଁ ଉପଭୋକ୍ତା ବିଭାଗକୁ କୌଣସି ଅର୍ଥ ନ ଦେବାର ନିୟମ ରହିଛି। ହେଲେ ଦଶରଥପୁର ବ୍ଲକ୍‌ର ଅଧିକାଂଶ ପଞ୍ଚାୟତରେ ଜନପ୍ରତିନିଧି ନୂତନ ସଂଯୋଗ ପାଇଁ ହିତାଧିକାରୀଙ୍କଠାରୁ ୫ ଶହ ଟଙ୍କା ଦାବି କରୁଥିବା ଜଣାପଡ଼ିଛି । ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ପାଇଁ ଉପଭୋକ୍ତାଙ୍କୁ ସର୍ଭିସ ତାର, ସୁଇଜ୍, ପ୍ଲଗ୍, ୯ ୱାଟର ଏଲ୍ଇଡି ବଲ୍‌ବ, ଗୋଟିଏ ମିଟର ଭଳି ଅନ୍ୟୂନ ୩ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ବିନା ମୂଲ୍ୟରେ ଯୋଗାଇ ଦେବାକୁ ନିୟମ ରହିଛି। ତେବେ ହିତାଧିକାରୀଙ୍କୁ ଦିଆଯାଇଥିବା ବିଦ୍ୟୁତ୍ ସଂଯୋଗରେ ଠିକାଦାର ଏବଂ ବିଭାଗୀୟ କର୍ମଚାରୀ ୧୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ଉପଭୋକ୍ତା କହିଛନ୍ତି। ଦଶରଥପୁର ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ଥିବା ୩୦ ପଞ୍ଚାୟତରେ ସୌଭାଗ୍ୟ ଯୋଜନାରେ ହିତାଧିକାରୀଙ୍କୁ ନୂତନ ସଂଯୋଗ ଉପରେ ଦିଆଯିବାକୁ ଥିବା ୩ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର କିଟ୍ ନ ଦେଇ ପ୍ରାୟ ୧ କୋଟି ଟଙ୍କା ଲୁଟ୍ କରିଥିବା ନେଇ ଭାଜପାର ବରିଷ୍ଠ ନେତା ଶଶଧର ବେହୁରିଆ, ୭ ନଂ ଜୋନ୍ ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ୍, ନକୁଳ ସେଠୀ ପ୍ରମୁଖ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ପ୍ରକାଶ ଯେ, କୟାଁ ଡିଭିଜନ୍‌ରେ ଜଣେ ଇଲେକ୍ଟ୍ରିମ୍ୟାନ୍ ଡ୍ୟୁଟି ନ କରି ଶ୍ରମିକ ଲଗାଇ କାମ କରାଇବା ସହ ଉପଭୋକ୍ତାଙ୍କଠାରୁ ଅର୍ଥ ଆଦାୟ କରୁଥିବା ନେଇ ଅଞ୍ଚଳବାସୀ ବହୁବାର ଉପଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସରକାରୀ ଯୋଜନାକୁ ବାଟମାରଣା କରୁଥିବା ରାଜନେତା, ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ତଦନ୍ତ କରାଯିବାକୁ କଂଗ୍ରେସର ପୂର୍ବତନ ଜିଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡା,ପୂର୍ବତନ ସମିତିସଭ୍ୟ ବିମଳ ମଲ୍ଲିକ୍, ଛାତ୍ରନେତା ଚନ୍ଦ୍ରଶେଖର ସାହୁ, ମଦନ ମଲ୍ଲିକ୍, ଆକାଶ ମଲ୍ଲିକ୍ ପ୍ରମୁଖ ଦାବି କରିଛନ୍ତି । ଏ ସମ୍ପର୍କରେ ଏସ୍‌ଡିଓ ବିରଞ୍ଚି ଦଳାଇଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ନଳୀନି ପ୍ରଧାନଙ୍କୁ ପଚାରିବାରେ, ସେ ଏ ବିଷୟରେ କିଛି କହିପାରିବେ ନାହିଁ ବୋଲି କହିଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୨୪ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ

### ହଂସୁଆ ସଫେଇରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ଏରସମା, ୨୩।୯(ସ୍ୱ.ପ୍ର.):** ଏରସମା ଥାନା ସୋମପୁର ପଞ୍ଚାୟତସ୍ଥିତ ହଂସୁଆ ସଫେଇର ସୋମପୁର ପୋଲ ନିକଟରୁ ରବିବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ବାଲିକୁଦା ଥାନା ବ୍ରହ୍ମପୁର ଗ୍ରାମର ଦୁଃଖୀ ଦେଈ(୬୯)। ପୋଲିସ ମୃତଦେହ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ୩ ଦନ ତଳେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ବର୍ଷା ପବନ ହେଉଥିବାରୁ ମୃତଦେହ ଦାହ କରାଯାଇ ପାରି ନ ଥିଲା। ପରିବାର ଲୋକେ ହଂସୁଆ ସଫେଇରେ ମୃତଦେହ ଭସାଇ ଦେଇଥିଲେ। ତାହା ଭାସି ଆସି ସୋମପୁର ପୋଲ ନିକଟରେ ଲାଗିଥିଲା ବୋଲି ଏରସମା ଥାନା ଏସଆଇ ବିଭୂତି ଭୂଷଣ ସେଠୀ ପ୍ରକାଶ କରିଛନ୍ତି।

### ସ୍ୱର୍ଗତ ଗିରିଧାରୀ ମହାନ୍ତିଙ୍କ ଜନ୍ମ ବାର୍ଷିକ



**ବାଲିଆ, ୨୩।୯:** ବିରିଡ଼ି ବ୍ଲକ ବାଲିଆସ୍ଥିତ ଅଳକା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଗିରିଧାରୀ ମହାନ୍ତିଙ୍କ ୧୦୧ତମ ଜନ୍ମ ବାର୍ଷିକୀ ବିଦ୍ୟାଳୟ ପରିସରରେ ଶନିବାର ପାଳିତ ହୋଇଛି। ଗିରିଧାରୀ ମହାନ୍ତି ସ୍ମୃତି କମିଟି ସମ୍ପାଦକ ସରୋଜ ମହାପାତ୍ରଙ୍କ ସଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ନିକୁଞ୍ଜ କିଶୋର ଦାସ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ୨୦୧୮ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ଛାତ୍ର ଶୁଭ ପ୍ରତୀକ ସେଠୀଙ୍କୁ ସ୍ମୃତି କମିଟି ତରଫରୁ ପୁଷ୍ପଗୁଚ୍ଛ, ମାନପତ୍ର ସହ ୫୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। କମିଟିର ଉପଦେଷ୍ଟା ନେତ୍ରାନନ୍ଦ ରାୟ, ଉପସଭାପତି ଚିତ୍ତରଞ୍ଜନ ଦାସ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ଦାସ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରବୀନ୍ଦ୍ରନାଥ ଭୋଇ, ସ୍ୱର୍ଗତ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଅତୁଲ ଚନ୍ଦ୍ର ମହାନ୍ତି, ଅରୁଣ କୁମାର ଦାସ, ଶ୍ୟାମ ସୁନ୍ଦର ପାଇକରାୟ, ଜୀବନ ପଟ୍ଟନାୟକ, ବସନ୍ତ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର କଣ୍ଡୁରି ଚରଣ ବେହେରା, ଜଗନ୍ନାଥ ବେହେରା, ସୁବାସ ଦାଶ, ଜଗନ୍ନାଥ ସାହୁ, ପ୍ରମୋଦ ମଲ୍ଲିକଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣରେ ବିଳମ୍ବ



**ତିର୍ତ୍ତୋଲ, ୨୩।୯(ଡି.ଏନ.ଏ.):** ଜନସାଧାରଣଙ୍କୁ ଇଣ୍ଟରନେଟ୍ ମାଧମରେ ବିଭିନ୍ନ ସୁବିଧା ପ୍ରଦାନ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ କରାଯାଇଛି। ତିର୍ତ୍ତୋଲ ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ହୋଇଛି। ତେବେ ଏହି ବ୍ଲକର ପୋରଗଦେଇ ପଞ୍ଚାୟତରେ ୮ ବର୍ଷ ତଳେ ନିର୍ମାଣ ଆରମ୍ଭ ହୋଇଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଅଦ୍ୟାବଧି ଶେଷ ହୋଇପାରିନାହିଁ। ଏଥିପାଇଁ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ପ୍ରଥମେ ଜାଗା ନିରୁପଣରେ ବିଳମ୍ବ ହୋଇଥିଲା। ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହାର ନିର୍ମାଣ ଆରମ୍ଭ ହେଲା। କିନ୍ତୁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଥିଯୋଗୁ ପଞ୍ଚାୟତକୁ ଆସିଥିବା କମ୍ପ୍ୟୁଟର, ଇଣ୍ଟରନେଟ୍ ସେଟ୍ ଅପ୍ ବକ୍ସ ଆଦି ବ୍ୟବହାର ନ ହୋଇ ପଡିରହିଛି। ଯେଉଁ ଉଦ୍ଦେଶ୍ୟ ନେଇ ଏହି ସେବାକେନ୍ଦ୍ର ନିର୍ମାଣ ହେଉଥିଲା ତାହା ପୂରଣ ହୋଇପାରୁନାହିଁ। ଏହି ଘର ନିର୍ମାଣ ପାଇଁ ଆସିଥିବା ଅର୍ଥ ପର୍ଯ୍ୟାପ୍ତ ନ ହେବାରୁ ଘର ନିର୍ମାଣ ଶେଷ କରିବା ସମ୍ଭବ ହେଉ ନ ଥିବା ପଞ୍ଚାୟତ କର୍ତ୍ତୃପକ୍ଷ କହୁଛନ୍ତି। ଅଧିକ ଅର୍ଥ ପ୍ରଦାନ ପାଇଁ ବ୍ଲକ ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଅର୍ଥ ମଞ୍ଜୁର ହୋଇନାହିଁ। ଫଳରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଛି। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ପ୍ରେମଚାନ୍ଦ ମହାନ୍ତି, ଦେବେନ୍ଦ୍ର ମହାପାତ୍ରଙ୍କ ସମେତ ପଞ୍ଚାୟତବାସୀ ଦାବି କରିଛନ୍ତି।

# ୨୦ ବର୍ଷ ହେଲା ରାସ୍ତାରେ ମାଟି ମୁଠାଏ ପଡ଼ିନି

**ନାଉଗାଁ, ୨୩।୯(ସ୍ୱ.ପ୍ର.)**



**ନାଉଗାଁ ବ୍ଲକ**
- ଦେଢ଼ କିମି ରାସ୍ତା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ୪୦ ପରିବାର
- ସରକାରୀ ଯୋଜନା ଅପହଞ୍ଚ

ଗ୍ରାମାଞ୍ଚଳରେ ଗମନାଗମନର ସୁବିଧା ପାଇଁ ରାସ୍ତା ନିର୍ମାଣ କ୍ଷେତ୍ରରେ ସରକାର ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ ନାଉଗାଁ ବ୍ଲକରେ ଏପରି ରାସ୍ତା ରହିଛି, ଯେଉଁଠି ୨୦ ବର୍ଷ ହେଲା ମାଟି ମୁଠାଏ ପଡିନାହିଁ। ଫଳରେ ଜନସାଧାରଣ ଯିବା ଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ଲକ ଗୋଠଦା ରାଜସ୍ୱ ଗ୍ରାମର ଏକ ପଡା ଗ୍ରାମ ହେଉଛି ଇଚ୍ଛାପୁର। ଏହି ଗ୍ରାମରେ ୪୦ରୁ ଉର୍ଦ୍ଧ୍ୱ ପରିବାର ତଥା ୨୫୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ରାଜସ୍ୱ ଗ୍ରାମରୁ ଏହି ପଡ଼ା ଗ୍ରାମର ଦୂରତା ହେଉଛି ଦେଢ କି.ମି.। ଏହି ଦେଢ କିମିର ରାସ୍ତା ୧୯୭୦ରେ ମାଟି କାମ ହୋଇଥିଲା। ବର୍ତ୍ତମାନ ଏହି ରାସ୍ତାର ଚିହ୍ନବର୍ଣ୍ଣ ନାହିଁ। ରାସ୍ତାଟି ବେଣା ଘାସ ଓ ବଡ଼ ବଡ଼ ଖାଲରେ ଭର୍ତ୍ତି ହୋଇଛି। ବର୍ଷା ଯୋଗୁ ତାହା କାଦୁଅ ହୋଇପଡିଛି। ରାସ୍ତା ସମସ୍ୟା ଯୋଗୁ ଗ୍ରାମର ମହିଳା ଓ ଶିଶୁମାନେ ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ରାଜସ୍ୱ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ରହୁଥିବା ବେଳେ ଏହି କେନ୍ଦ୍ରକୁ ଛୋଟ ପିଲା ଯିବା ସମ୍ଭବ ହେଉନାହିଁ। ସେହିପରି ପ୍ରସୂତି ଓ ଗର୍ଭବତୀ ମହିଳା ମଧ୍ୟ ଉପଯୁକ୍ତ ସେବା ପାଇପାରୁ ନାହନ୍ତି। ରାଜସ୍ୱ ଗ୍ରାମକୁ ଯିବାକୁ ହେଲେ ପଡାବାସୀ ବାଂଶ, ନାଉଗାଁ ବଜାର ଆଦି ୬ କିଲୋମିଟର ବାଟ ବୁଲି ଯିବାକୁ ପଡିଥାଏ। ତେଣୁ ଅଙ୍ଗନୱାଡିରେ ମିଳୁଥିବା ପିଲାଙ୍କ ଖାଦ୍ୟ ହେଉ କିମ୍ବା ଗର୍ଭବତୀମାନଙ୍କ ପାଇଁ ମିଳୁଥିବା ବିଭିନ୍ନ ପ୍ରକାର ସୁବିଧା ଏଠାରେ ଅପହଞ୍ଚ। ଉକ୍ତ ଦେଢ କିଲୋମିଟର ବାଟକୁ ଯଦି ମରାମତି କରାଯାଆନ୍ତା, ତେବେ ଇଚ୍ଛାପୁର ସହ ନରଣପୁର, ତେଣ୍ଟୋଇ, କୁରିକି, ବନ୍ଧମୁଣ୍ଡା ଆଦି ଗ୍ରାମର ଜନସାଧାରଣ ତହସିଲ, ବ୍ଲକ, ସ୍ୱାସ୍ଥ୍ୟକେନ୍ଦ୍ର ଆଦି ଯିବାକୁ ସୁବିଧା ହୁଅନ୍ତା। କିନ୍ତୁ ପଞ୍ଚାୟତ ଦାୟିତ୍ୱରେ ଥିବା ବେଳେ ଯେତେବେଳେ ରାସ୍ତା ମରାମତି ପାଇଁ ପ୍ରୋଜେକ୍ଟ ଯାଇଛି, ସେତବେଳେ ରାଜସ୍ୱ ଗ୍ରାମରେ ଅଧିକ ଲୋକ ଥିବାରୁ ସମସ୍ତ ପ୍ରୋଜେକ୍ଟ ରାଜସ୍ୱ ଗ୍ରାମରେ କରାଯାଉଥିବା ପଡାବାସୀ ଅଭିଯୋଗ କରିଛନ୍ତି। ପଡାରେ କମ ଲୋକ ରହୁଥିବାରୁ ସେମାନଙ୍କ କଥା କେହି କନ୍‌ପାତ କରୁନାହାନ୍ତି। ଗାଁ କଲ୍ୟାଣ ସମିତିର କିଛି ବି କାର୍ଯ୍ୟ ଏହି ପଡାରେ ହେଉନାହିଁ। ଯଦି ଉକ୍ତ ପଡାକୁ ସଂଯୋଗ କରୁଥିବା ରାସ୍ତାକୁ ମରାମତି କରା ନ ଯାଏ ତେବେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପଡାବାସୀ ଧାରଣାରେ ବସି ରହିବେ ବୋଲି ବିଷ୍ଣୁ ରାୟ, କୃଷ୍ଣ ରାୟ, କୈାଳାସ ବିଶ୍ୱାଳ, ଦ୍ୱିଜ ବିଶ୍ୱାଳ, ଉମେଶ ବିଶ୍ୱାଳ, ଚାରୁଲତା ବିଶ୍ୱାଳ, ଦେବେନ୍ଦ୍ର ତ୍ରିପାଠୀ, ବାଉରୀ ବନ୍ଧୁ ତ୍ରିପାଠୀ, ଦିଲୀପ ରାୟ, ଆଶୀଷ ରାୟ, ବାବଜୀ ଦାସ, ନରେନ୍ଦ୍ର ଦାସ, ଭବାନୀ ଶଙ୍କର ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ନାଉଗାଁ ସରପଞ୍ଚ ବ୍ରଜ କିଶୋର ପରିଡାଙ୍କୁ ପଚାରିବାରେ ଖୁବ ଶୀଘ୍ର ଉକ୍ତ ରାସ୍ତା କାର୍ଯ୍ୟ କରାଯିବା ପାଇଁ ପ୍ରେଜେକ୍ଟ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ନୂଆଗାଁ ଦଳିତ ସାହି ରାସ୍ତା ଶୋଚନୀୟ

**ବାଲିଆ, ୨୩।୯**

ବିରିଡ଼ି ବ୍ଲକ ଉତ୍ତରଶାସନ ଅଧୀନ ନୂଆଗାଁ ଦଳିତ ସାହି ୱାର୍ଡ ନଂ.୧୩ରେ ରାସ୍ତା ଶୋଚନୀୟ ହୋଇପଡିଛି। କମାରଗଡାଠାରୁ ଆଖଣ୍ଡଳମଣୀ ପାଖ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କକୁ ଏହି ରାସ୍ତା ସଂଯୋଗ କରିଛି। ଜଳସେଚନ ବିଭାଗ ଅଧୀନ ଏହି କେନାଲ ବନ୍ଧ ରାସ୍ତା କାମ କରାଯାଉ ନ ଥିବାରୁ ଏହା ଯାତାୟାତ ଅନୁପଯୋଗୀ ହୋଇପଡିଛି। କେନାଲ ବନ୍ଧର ଉଭୟ ପାର୍ଶ୍ୱ ମାଟି ଖାଉଥିବାରୁ ରାସ୍ତାଟି କ୍ରମଶଃ ସଙ୍କୁଚିତ ହୋଇଯାଉଛି। ରାସ୍ତାସାରା ଛୋଟବଡ଼ ଖାଲ ସୃଷ୍ଟି ହୋଇଛି। ଏପରିକି ରାସ୍ତାରେ ବିପରିତ ଦିଗରୁ ଆସୁଥିବା ଗାଡିକୁ ସାଇଡ୍ ଦେବା, କିମ୍ବା କୌଣସି ଗାଡିକୁ ଅତିକ୍ରମ କରିବା କଷ୍ଟକର ହେଉଛି। ଏଥିଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ଉକ୍ତ ରାସ୍ତା ପୁନରୁଦ୍ଧାର ସହ ପ୍ରଶସ୍ତ କରିବାକୁ ଗ୍ରାମର ଧ୍ରୁବଚରଣ ସାହୁ, ନାରଣ ଭୋଇ, ଅଭିମନ୍ୟୁ ମୁଦୁଲି, ନିରଞ୍ଜନ ସାସମଲ, ବୈରାଗୀ ଭୋଇ, ଗେଣ୍ଡୁ ଭୋଇ, ଧଡ଼ି ଭୋଇ, ବନମାଳି ଭୋଇ, ଗୋଲେଖ ଭୋଇ, ମୁରଲୀଧର ସାହୁ, ନୀରଞ୍ଜନ ସାହୁ ପ୍ରମୁଖ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାଯୋଗ୍ୟ, ଏହି ରାସ୍ତା ଦେଇ ଷଡଙ୍ଗୀ ସାହି, ମୁଦୁଲି ସାହି, ମହାରଣା ସାହି, ହୁରା ସାହି, ମହାନ୍ତି ସାହି, ପଣ୍ଡା ସାହିର ଲୋକମାନେ ମଧ ଏହି ରାସ୍ତାରେ ଯାତାୟାତ କରନ୍ତି।

## ଗୋପବନ୍ଧୁ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ



**ବାଲିଆ, ୨୩।୯**

ଅକ୍ଟୋବର ୯ରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ନିମନ୍ତେ ବିରିଡି ବ୍ଲକ ଗୋପବନ୍ଧୁ ନାଗରିକ ପରିଷଦ ତରଫରୁ ଏକ ପ୍ରସ୍ତୁତି ବୈଠକ ଅଲାଣ୍ଡୋସ୍ଥିତ ଜାଗୁଲାଇ ପୀଠରେ ଅନୁଷ୍ଠିତ ହୋଇଛି। ଏଥିରେ ହାଡିବନ୍ଧୁ ସାହୁ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ବିଧାନ ଚନ୍ଦ୍ର ଜେନା, ସମ୍ପାଦକ ରମେଶ ଚନ୍ଦ୍ର ନାୟକ, ସଭ୍ୟ ଗୋପୀନାଥ ନାୟକ, ମଙ୍ଗୁଳି ଦାସ, ନୃସିଂହ ଖୁଣ୍ଟିଆ, ଉମେଶ ଚନ୍ଦ୍ର ନାୟକ, ଦିଗାମ୍ବର ବିଶ୍ୱାଳ, ଶରତ ଚନ୍ଦ୍ର ଜେନା, ବଳରାମ ନନ୍ଦୀ, ପ୍ରକାଶ ଦାସ, ବସନ୍ତ କୁମାର ବେହେରା, ରିତ୍ ଖଣ୍ଡୁଆଳ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପାଳନ ନିମନ୍ତେ ମଧ ଏଥିରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଥିଲା।

# ଗୋରୁଙ୍କୁ ବ୍ୟାପୁଛି ଫାଟୁଆ ରୋଗ

**ତିର୍ତ୍ତୋଲ, ୨୩।୯(ଡି.ଏନ.ଏ.)**

- ଅଜଣା ରୋଗରେ ୨ ବାଛୁରୀ ମୃତ
- ବିପଦରେ ଗୋ ସମ୍ପଦ, ପ୍ରତିଷେଧକ ବ୍ୟବସ୍ଥା କରିବାକୁ ଦାବି

ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତର ବେଗୁନିଆ ଗ୍ରାମ ସମେତ ଅତାମୂଳ, ଗୋପାଳପୁର, ଜଜାଙ୍ଗ, ଇଟାଙ୍ଗ ପ୍ରଭୃତି ଗ୍ରାମରେ ଗୋରୁଙ୍କୁ ଫାଟୁଆ ରୋଗ ହୋଇଛି। ଦିନକୁ ଦିନ ଏହି ରୋଗ ବ୍ୟାପୁଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷରେ ଅଜଣା ରୋଗରେ ବେଗୁନିଆ ଗ୍ରାମର ପ୍ରତାପ ରାଉତ ଓ ବିମ୍ବାଧର ପାଲଙ୍କ ଦୁଇଟି ବାଛୁରୀଙ୍କ ମୃତ୍ୟୁ ଘଟିଛି। ଗତ ଶୁକ୍ର ଓ ଶନିବାର ମଧ କେତେକ ଗାଈଙ୍କ ମୃତ୍ୟୁ ଘଟିଥିବା ଗ୍ରାମବାସୀ କହିଛନ୍ତି। ଫଳରେ ଏହି ଅଞ୍ଚଳରେ ଗୋ ସମ୍ପଦ ଏକ ପ୍ରକାର ଅସୁରକ୍ଷିତ ହୋଇପଡିଛି। ନିଜ ଗୃହପାଳିତ ପ୍ରାଣୀଙ୍କୁ ଫାଟୁଆ ପ୍ରତିଷେଧକ ଦେବା ନିମନ୍ତେ ଗୋ ଚାଷୀମାନେ ପ୍ରାଣୀଧନ ଚିକିତ୍ସକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କର୍ମଚାରୀ ଅଭାବ ଯୋଗୁ ଟିକାକରଣ ସମ୍ଭବ ହୋଇନାହିଁ। ଏବେ ବହୁ ଗାଈ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଅନ୍ୟ ଗୋରୁଙ୍କୁ ମଧ ଏହି ରୋଗ ସଂକ୍ରମିତ ହେବାର ଆଶଙ୍କା ରହିଛି। ଦୀର୍ଘଦିନ ହେବ କଟରା ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଡାକ୍ତର ନ ଥିବାରୁ ଚିକିତ୍ସା ସମ୍ଭବ ହୋଇପାରୁନାହିଁ। ଏଥିସହ ଏଠାରେ ଫାଟୁଆ ପ୍ରତିଷେଧକ ଟିକା ମହଜୁଦ ନାହିଁ। ପ୍ରାୟ ସବୁ ସମୟରେ ପ୍ରାଣୀଧନ କେନ୍ଦ୍ର ବନ୍ଦ ରହୁଥିବାରୁ ଗ୍ରାମବାସୀ ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ଚିକିତ୍ସକଙ୍କ ନିଯୁକ୍ତି, ଟିକା ଓ ଔଷଧ ଆଦି ମହଜୁଦ ରଖିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ତିର୍ତ୍ତୋଲ ବ୍ଲକର କୋଲର, ଗୋପାଳପୁର(ଶ), ତରଜଙ୍ଗା, କନକପୁର, ଜଡତିରା, ମଣିଜଙ୍ଗା, ବୋଧେଇ ପ୍ରଭୃତି ପଞ୍ଚାୟତରେ ଫାଟୁଆ ରୋଗ ଦେଖାଦେଇଛି। ଏହିସବୁ ପଞ୍ଚାୟତର କେତେକ ଗ୍ରାମରେ ଟିକାକରଣ ହୋଇଥିବାବେଳେ ଆଉ କେତେକ ଗ୍ରାମରେ ଆଦୌ ହୋଇନାହିଁ। ଏ ସମ୍ପର୍କରେ ତିର୍ତ୍ତୋଲ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଦେବବ୍ରତ ପାତ୍ରୀଙ୍କୁ ପଚାରିବାରୁ ସେ କହିଲେ ଯେ କେତେକ ଗ୍ରାମରେ ଫାଟୁଆ ରୋଗ ଦେଖାଦେଇଥିବା ବେଳେ ଟିକାକରଣ ଚାଲୁ ରହିଛି। କର୍ମଚାରୀ ଅଭାବରୁ ସବୁ ପଞ୍ଚାୟତରେ ଟିକାକରଣ ସମ୍ଭବ ହୋଇନାହିଁ। ଶୀଘ୍ର ଏଦିଗରେ ପଦକ୍ଷେପ ନିଆଯାଇ ସମସ୍ତ ଗୋରୁଙ୍କୁ ପ୍ରତିଷେଧକ ଟିକା ଦିଆଯିବ। ଏହି ରୋଗରେ କୌଣସି ଗାଈ ମରିଥିବାର ଖବର ନାହିଁ। ବେଗୁନିଆରେ ଥଣ୍ଡାଜନିତ କାରଣରୁ ୨ଟି ବାଛୁରୀଙ୍କ ମୃତ୍ୟୁ ଘଟିଥିବା ସେ ପ୍ରକାଶ କରିଛନ୍ତି। ଅଧିକ ସୂଚନା ପାଇଁ ଜଣେ ଏଲ.ଆଇଙ୍କୁ ପଠାଇ ଏହାର ଅନୁସନ୍ଧାନ ଆରମ୍ଭ କରିଥିବା ସେ ସୂଚନା ଦେଇଛନ୍ତି।

## ଜାତୀୟ ବିଚ୍ ଭଲିବଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ପାରାଦୀପ, ୨୩।୯(ସ୍ୱ.ପ୍ର.)**

ପାରାଦୀପ ସମୁଦ୍ର ବେଳଭୂମିରେ ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ବିଚ୍ ଭଲିବଲ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ୧୭ ବର୍ଷରୁ କମ୍ ବାଳିକାବାଳକ ଭାଗ ନେବା ସହ ସଫଳ ହୋଇଥିବା କ୍ରୀଡ଼ାବିତ ଆସନ୍ତା ୨୭ରୁ ୩୦ ପର୍ଯ୍ୟନ୍ତ ତାମିଲନାଡୁର ନାଗାପଟିନାମଠାରେ ହେବାକୁଥିବା ବିଚ୍ ଭଲିବଲ ପ୍ରତିଯୋଗିତାରେ ଭାଗ ନେବେ। ଅନ୍ତର୍ଜାତୀୟ ରେଫରି ଶାଶ୍ୱତ କୁମାର ଭାରତୀୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ପ୍ରଦୀପ ନାୟକ ଏବଂ ରେଣୁବାଳା ପ୍ରଧାନ ପ୍ରଶିକ୍ଷଣ ଦେଉଥିଲେ।




ଶିବିରରେ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀ।

## ୩ ମାସ ହେଲା ମିଳିନି ରାଶନ ସାମଗ୍ରୀ

**ତିର୍ତ୍ତୋଲ, ୨୩।୯(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ୬ନଂ ୱାର୍ଡର ହିତାଧିକାରୀମାନେ ୩ ମାସ ହେଲା ଚାଉଳ, ଗହମ ଓ କିରୋସିନି ଆଦି ରାଶନ ସାମଗ୍ରୀ ନ ପାଇ ଦହଗଞ୍ଜ ହେଉଛନ୍ତି। ହିତାଧିକାରୀମାନଙ୍କୁ ସମ୍ପୃକ୍ତ ଡିଲର ରାଶନ ସାମଗ୍ରୀ ନ ଦେଇ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ହିତାଧିକାରୀମାନେ ତିର୍ତ୍ତୋଲ ବିଡିଓ, ଯୋଗାଣ ନିରୀକ୍ଷକ ଓ ଥାନାରେ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳିନାହିଁ। ଗତ ପଞ୍ଚାୟତ ସମିତି ବୈଠକ ବେଳେ ହିତାଧିକାରୀମାନେ ଏଥିପାଇଁ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବୈଠକରେ ଯୋଗଦେଇ ଫେରୁଥିବାବେଳେ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକଙ୍କୁ ମଧ ଲିଖିତ ଅଭିଯୋଗ କରିଥିଲେ। ବିଧାୟିକା ସମ୍ପୃକ୍ତ ଡିଲର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ଜିଲାପାଳଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ପରେ ହିତାଧିକାରୀମାନେ ଜିଲାପାଳଙ୍କ ନିକଟରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ଜିଲାପାଳ ଯାମିନୀ ଷଡଙ୍ଗୀ ସମ୍ପୃକ୍ତ ଡିଲର ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ହିତାଧିକାରୀମାନେ କିପରି ସୁବିଧାରେ ସେମାନଙ୍କ ରାଶନ ସାମଗ୍ରୀ ପାଇପାରିବେ ସେଥିପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ଏହି ହିରାଧିକାରୀମାନେ ରାଶନ ସାମଗ୍ରୀ ନ ପାଇ ଅସୁବିଧାରେ ଅଛନ୍ତି। ଜିଲା ଯୋଗାଣ ଅଧିକାରୀ ଏ ଦିଗରେ ପଦକ୍ଷେପ ନେଇ ହିତାଧିକାରୀମାନଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରିବାକୁ ଦାବି ହୋଇଛି।

# କୃଷି ସୂଚନାକେନ୍ଦ୍ର ପାଲଟିଛି ଘୁଷୁରିଙ୍କ ଆବାସସ୍ଥଳୀ



ଏରସମାରେ ଥିବା କୃଷି ସୂଚନା କେନ୍ଦ୍ର ଆଗରେ ଘୁଷୁରି ଚରୁଛନ୍ତି।

**ଏରସମା, ୨୩।୯(ସ୍ୱ.ପ୍ର.)**

ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ୬ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହା ଏବେ ଘୁଷୁରୀଙ୍କ ବାସସ୍ଥଳୀ ପାଲଟିଛି। ଅନ୍ୟପକ୍ଷରେ ଅସ୍ଥାୟୀ ଭାବେ ଏକ ଅସୁରକ୍ଷିତ ଗୃହରେ ଏହି କାର୍ଯ୍ୟାଳୟ ଚାଲିଛି। କୃଷି ଓ କୃଷକଙ୍କ ପ୍ରତି ବିଭାଗୀୟ ଅଧିକାରୀ କେତେ ସଚେତନ ଏହି ଘଟଣାରୁ ସହଜରେ ଅନୁମାନ କରାଯାଇ ପାରିବ। ଏରସମା ଏକ କୃଷି ପ୍ରଧାନ ଅଞ୍ଚଳ। ଏଠାରେ ୯୦ ପ୍ରତିଶତ ଲୋକ କୃଷି, କୁକୁଡା ପାଳନ, ପାନ ବରଜ ଓ ମାଛ ଚାଷ କରି ଜୀବିକା ନିର୍ବାହ କରନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏରସମା ଏକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାକାର ମାଟି ସାଧାରଣତଃ ଲୁଣା। ସେହିପରି ବହୁ ସଂଖ୍ୟାରେ ବେଆଇନ୍ ଚୁଙ୍ଗୁଡ଼ି ଘେରି ଗଢି ଉଠିଥିବାରୁ ଚାଷଜମି ଅଧିକ ଲୁଣା ହେବାରେ ଲାଗିଛି। ଗରିବ ଖଟିଖିଆ, ଯେଉଁମାନଙ୍କ ଅନ୍ୟାନ୍ୟ କୌଣସି ରୋଜଗାର ପନ୍ଥା ନାହିଁ ଓ କେବଳ ଧାନ ଚାଷ ଉପରେ ନିର୍ଭର କରି ଚଳନ୍ତି, ସେମାନେ ଲୁଣା ମାଟିର ପରିଚାଳନା ଉପରେ ପରାମର୍ଶ ନେବା ଜରୁରୀ ହୋଇପଡିଛି। ବିଭିନ୍ନ ସମୟରେ କୃଷି ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଶିବିର ମଧ କରାଯିବାର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ମୁଖ୍ୟ କୃଷି ପରାମର୍ଶ କେନ୍ଦ୍ର ୬ ବର୍ଷ ହେଲା ଭୂତକୋଠି ଅବସ୍ଥାରେ ପଡିଥିବାରୁ ଚାଷୀ ନିରାଶ ହୋଇଛନ୍ତି। କୃଷକ ସଚେତନା ସଭା କରିବା ତ ଦୂରର କଥା, ବିଭାଗ ପକ୍ଷରୁ ବର୍ତ୍ତମାନ ଯେଉଁଠି ଅସ୍ଥାୟୀ ଭାବରେ କୃଷି କାର୍ଯ୍ୟାଳୟ ଚାଲିଛି, ସେଠାରେ ୫ ଜଣ ଚାଷୀ ଏକକାଳୀନ ଛିଡ଼ା ହେବା ପାଇଁ ସ୍ଥାନ ନାହିଁ। ଏ ସମ୍ପର୍କରେ କୃଷି ଅଧିକାରୀ ନିରଞ୍ଜନ ରାଉତଙ୍କ ପଚାରିବାରେ ସେ କହିଲେ ଯେ ସେଠାରେ ବିଦ୍ୟୁତ୍ ନ ଥିବାରୁ କାର୍ଯ୍ୟାଳୟ ଚାଲିପାରୁନାହିଁ। ଖୁବ କମ ଦିନ ଭିତରେ କାର୍ଯ୍ୟାଳୟ ସେଠାକୁ ସ୍ଥାନାନ୍ତର ହେବ।

# ସ୍ୱଚ୍ଛତା ହିଁ ସେବା କର୍ମଶାଳା

**ବାଲିଆ, ୨୩।୯**

ବିରିଡ଼ି ବ୍ଲକ ବଡ଼ଖଣ୍ଡାଏତା ପଞ୍ଚାୟତର ଗୋଠପଦା ଗ୍ରାମରେ ସ୍ୱଚ୍ଛତା ହିଁ ସେବା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲା ରିଲାଏନ୍ସ ଫାଉଣ୍ଡେଶନ ଓ ଜିଲା ଜଳ ପରିମଳ ମିଶନ ସହାୟତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଗୋଠପଦା ଗ୍ରାମର ଭାଗବତ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରୀଛାତ୍ର ଓ ଗ୍ରାମବାସୀ ଯୋଗଦେଇ ସ୍ୱଚ୍ଛତା ସମ୍ପର୍କରେ ସଚେତନ ହୋଇଥିଲେ। ଏଥିସହ ଏକ ସଚେତନତା ଶୋଭାଯାତ୍ରା କରିଥିଲେ। ଏଥିରେ ଜଳ ଓ ପରିମଳ ମିଶନ ତରଫରୁ ମାଷ୍ଟର ଟ୍ରେନର ଭାବେ ମନୋଜ କୁମାର ସେଠୀ, ଲଳିତ ନାରାୟଣ ଦାଶ, ରାଜକିଶୋର ଭୋଇ, ପ୍ରକାଶ ଦାସ ଓ ରିଲାଏନ୍ସ ଫାଉଣ୍ଡେଶନ ଜିଲା ସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇ ଜଳ ଓ ପରିମଳ ପରିଷ୍କାର, ପରିଚ୍ଛନ୍ନତା ସମ୍ପର୍କରେ ବୁଝାଇଥିଲେ। ୱାର୍ଡସଭ୍ୟ ପ୍ରଭାକର ଓଝା, ସାବିତ୍ରୀ ବାରିକ, ସାମାଜିକ କର୍ମୀ ନିରଞ୍ଜନ ଓଝା, ଅଶୋକ ମିଶ୍ର, ଦିଲୀପ ଖଣ୍ଡୁଆଳ, ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ନମିତା ମହାନ୍ତିଙ୍କ ସମେତ ସନ୍ଧ୍ୟାରାଣୀ ମହାନ୍ତି, ମିତା ଭୂୟାଁ, ସଞ୍ଜୁକ୍ତା ବେହେରା, କମଳା ଓଝା, ଜୟଶ୍ରୀ ଖଣ୍ଡୁଆଳ, ଲକ୍ଷ୍ମୀପ୍ରିୟା ବାରିକ, ସୁଚିତ୍ରା ବେହେରା ପ୍ରମୁଖ ଯୋଗ ଦେଇଥିଲେ।




ମହିଳାମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

■ ବେଆଇନ ନର୍ସିଂହୋମ୍‌ରୁ ୨ ଶିଶୁ ଉଦ୍ଧାର ମାମଲା

# ୨ ମାସ ପରେ ବି ପୋଲିସ ହାତ ଖାଲି

**ଜଗତ୍‌ସିଂହପୁର ଅଫିସ, ୨୩।୯**

- ଅଭିଯୁକ୍ତ ଡାକ୍ତରଙ୍କୁ ଖସିବାକୁ ଦିଆଯାଉଛି ସୁଯୋଗ
- ଏଯାଏ ମିଳିଲାନି ଡିଏନ୍‌ଏ ପରୀକ୍ଷା ରିପୋର୍ଟ

ଜଗତ୍‌ସିଂହପୁରସ୍ଥିତ ଆଚାର୍ଯ୍ୟ ନର୍ସିଂହୋମରୁ ଗତ ଜୁଲାଇ ୨୬ରେ ୨ଟି ଶିଶୁ (କନ୍ୟା ୧, ପୁତ୍ର ୧) ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ବିକ୍ରି କରିବାକୁ ଯୋଜନା ଚାଲିଥିବା ସୂଚନା ପାଇ ପୋଲିସ ସହାୟତାରେ ଜଗତ୍‌ସିଂହପୁର ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ପକ୍ଷରୁ ଚଢାଉ କରାଯାଇଥିଲା। ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ତଥା ନର୍ସିଂହୋମ୍ ମାଲିକ ପରମାନନ୍ଦ ଆଚାର୍ଯ୍ୟଙ୍କୁ ଏଯାବତ୍ ଠାବ କରିପାରିନାହିଁ। ଶିଶୁ ଦ୍ୱୟ ଉଦ୍ଧାର ହେବାର ୨ ଦିନ ପର୍ଯ୍ୟନ୍ତ ଡା. ଆଚାର୍ଯ୍ୟ ଜଗତ୍‌ସିଂହପୁରରେ ରହି ଗଣମାଧ୍ୟମକୁ ଅନେକ ବେପରୁଆ ମନ୍ତବ୍ୟ ଦେଇଥିଲେ। କିନ୍ତୁ ପୋଲିସ ତାଙ୍କୁ ଗିରଫ କରିବା ତ ଦୂରର କଥା, ବରଂ ତାଙ୍କୁ ଖସିଯିବାକୁ ସୁଯୋଗ ଦେଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୋଲିସ ଆଚାର୍ଯ୍ୟ ନର୍ସିଂହୋମ୍ ଓ ଡ. ଆଚାର୍ଯ୍ୟଙ୍କ କଟକସ୍ଥିତ ବାସଭବନ କାନ୍ଥରେ ଲଟ୍‌କା ଜାରି କରି ଗତ ଅଗଷ୍ଟ ୧ ସକାଳ ୯ଟା ଭିତରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ଜଣାଇଥିଲା। କିନ୍ତୁ ଡା. ଆଚାର୍ଯ୍ୟ ଥାନାରେ ପହଞ୍ଚି ନ ଥିଲେ। ତେଣୁ ତାଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି ପାଇଁ ପ୍ରକ୍ରିୟା ଚାଲିବ ବୋଲି ତଦନ୍ତକାରୀ ଅଧିକାରୀ ତଥା ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଥିଲେ। ସେ ଏକଥା ମଧ କହିଥିଲେ, ଆବଶ୍ୟକ ପଡିଲେ ତାଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପଦକ୍ଷେପ ନିଆଯିବ। କିନ୍ତୁ ଏହା ମଧରେ ୨ ମାସ ବିତିବାକୁ ବସିଥିଲେ ମଧ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ବରଂ ବିଭିନ୍ନ ବାହାନା ନେଇ ସମୟ ଗଡାଇ ଚାଲିଛି। ଏଥିପାଇଁ ପୋଲିସ ବାବୁମାନଙ୍କୁ ମୋଟା ଅଙ୍କର ଉତ୍କୋଚ ମିଳିଥିବା ଚର୍ଚ୍ଚା ହେଉଛି। ଜଗତ୍‌ସିଂହପୁରରେ ରହୁଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କର ଏଥିରେ ହାତ ରହିଥିବା କୁହାଯାଉଛି। ଡା. ଆଚାର୍ଯ୍ୟ ମଧ ପୋଲିସର ଅନେକ ଗୋଇ ଖୋଳିବାର ଆଶଙ୍କା ଥିବାରୁ ସମ୍ପୃକ୍ତ ଅଧିକାରୀ ଜଣଙ୍କ ମାମଲାକୁ ଦୁର୍ବଳ କରିଦେବାକୁ ଯଥାସମ୍ଭବ ଉଦ୍ୟମ କରୁଛନ୍ତି। ଅନ୍ୟପକ୍ଷରେ ଉଦ୍ଧାର ଶିଶୁଦ୍ୱୟଙ୍କ ମାତାପିତା ଚିହ୍ନଟ ହୋଇପାରିନାହିଁ। ଶିଶୁ ପୁତ୍ରର ମା'ବାପା ବୋଲି ଏକ ଦମ୍ପତି ଦାବି କରୁଥିବାରୁ ଡିଏନ୍‌ଏ ପରୀକ୍ଷା ପାଇଁ ପୋଲିସ ତତ୍ପରତା ପ୍ରକାଶ କରିଥିଲା। ଏଥିପାଇଁ ଶିଶୁ ଓ ଦମ୍ପତିଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଗତମାସ ୨୩ ତାରିଖରୁ ଓଏସ୍‌ଏଫ୍‌ଏସ୍‌ଏଲ୍ (ଓଡ଼ିଶା ଷ୍ଟେଟ୍ ଫରେନ୍ସିକ୍ ସାଇନ୍ସ ଲାବୋରେଟୋରୀ) ପଠାଯାଇଥିଲେ ସୁଦ୍ଧା ଏଯାଏ ରିପୋର୍ଟ ପହଞ୍ଚି ପାରିନାହିଁ। ସମୟ ଯେତିକି ଅତିକ୍ରାନ୍ତ ହେଉଛି ଲୋକଲୋଚନରୁ ମାମଲାର ଗମ୍ଭୀରତା କମିବାରେ ଲାଗିଛି। ଆଉ କିଛି ଦିନ ପରେ ଲୋକେ ଏସବୁ ଭୁଲିଯିବେ ଏବଂ ଅନ୍ୟ ବେଆଇନ ନର୍ସିଂହୋମ୍‌ଗୁଡିକ ପୂର୍ବପରି ସେମାନଙ୍କ କାରବାର କରି ଚାଲିବେ। ପୋଲିସର ନିଷ୍କ୍ରିୟତା ପରୋକ୍ଷରେ ବେଆଇନ ଗର୍ଭପାତ, ପ୍ରସବ ଓ ଶିଶୁ ବିକ୍ରି ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଆଇଆଇସି ରଜନୀକାନ୍ତ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ ଯେ ଏହି ମାମଲାରେ ସେମାନେ ଅଧିକ ଆଗେଇ ପାରିନାହାନ୍ତି। ଡା. ଆଚାର୍ଯ୍ୟ ହାଇକୋର୍ଟରୁ ଜାମିନରେ ଆସିଥିବା କୁହାଯାଉଛି। କିନ୍ତୁ ପୋଲିସ ପାଖରେ ସେଭଳି କିଛି ସୂଚନା ନାହିଁ।

## ସଂକ୍ଷେପରେ

### ଚଷାପଡାରୁ ଟ୍ରାକ୍ଟର ଚୋରି

**ବାଲିକୁଦା, ୨୩।୯(ସ୍ୱ.ପ୍ର.):** ବାଲିକୁଦା ଥାନା କୃଷ୍ଣଦାସପୁର ପଞ୍ଚାୟତର ଚଷାପଡା ଗାଁରୁ ଶନିବାର ରାତିରେ ଏକ ଟ୍ରାକ୍ଟର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଟ୍ରାକ୍ଟରଟି ଉକ୍ତ ଗାଁର ବସନ୍ତ ପତିଙ୍କର ବୋଲି ଜଣାପଡିଛି। ଶନିବାର ରାତି ପ୍ରାୟ ୨ ଟାରେ ଏହା ଚୋରି ହୋଇଥିବା ଅନୁମାନ କରାଯାଉଛି। ଏନେଇ ବାଲିକୁଦା ପୋଲିସ ଟ୍ରାକ୍ଟରର ଚାଳକ ସେହି ଗାଁର କୃପାସିନ୍ଧୁ ସାହୁଙ୍କୁ ସନ୍ଦେହରେ ଅଟକ ରଖି ପଚରା ଉଚରା କରୁଛି। ସୂଚନା ଅନୁଯାୟୀ, ସବୁଦିନ ପରି ବସନ୍ତ ନିଜ ଘର ସମ୍ମୁଖ ଗାଁର ଠାକୁର ଦାଣ୍ଡରେ ଟ୍ରାକ୍ଟର ରଖିଥିଲେ। ରାତି ୧ ଟା ସମୟରେ ସେ ବାହାରକୁ ଉଠି ଦେଖିଥିଲେ ଟ୍ରାକ୍ଟର ଥିଲା। ମାତ୍ର ତାଙ୍କ ପରିବାରର ଆଉ କେହି ସଦସ୍ୟ ରାତି ୨ ଟା ସମୟରେ ବାହାରକୁ ଉଠି ଦେଖିଥିଲେ ଯେ, ଟ୍ରାକ୍ଟର ନଥିଲା। ଏହି କଥା ସେ ପରିବାର ଲୋକଙ୍କୁ ଯାଇ କହିଥିଲେ। ପରେ ପୁରା ପରିବାର ଟ୍ରାକ୍ଟର ଖୋଜିବାରେ ଲାଗି ପଡିଥିଲେ। ମାତ୍ର ପାଇ ନ ଥିଲେ। ରବିବାର ସକାଳେ ବସନ୍ତ ବାଲିକୁଦା ଥାନାରେ ଏନେଇ ଅଭିଯୋଗ କରିଥିଲେ।

### ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସଂକଳ୍ପ ସଭା

**ରଘୁନାଥପୁର, ୨୩।୯( ଡି.ଏନ.ଏ.):** ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବି ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦୀର୍ଘବର୍ଷ ଧରି ସରକାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ସରକାରଙ୍କ ପକ୍ଷରୁ ସାମାନ୍ୟତମ ଆନ୍ତରିକତା ପ୍ରକାଶ ପାଉନାହିଁ। ପେଟ୍ରୋଲ ଓ ଡିଜେଲଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀର ଦର ହୁ ହୁ ହୋଇ ବଢୁଥିବାବେଳେ ରାଜ୍ୟର କୃଷକମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଆଉ ନୁହେଁ ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚାଇବା ପାଇଁ କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତା ଅକ୍ଟୋବର ୨୯ରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ପଦଯାତ୍ରାରେ ବାହାରି ନଭେମ୍ବର ୫ରେ ଭୁବନେଶ୍ୱରରେ ପହଞ୍ଚି ସରକାରୀ କଳକୁ ଜାମ କରିବାକୁ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଓ କର୍ମକର୍ତ୍ତା ଦେବୀ ପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଛାମୁଆ ଚାଷୀମାନଙ୍କୁ ନେଇ ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତରେ ଏକ ସଂକଳ୍ପ ସଭା ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହସଂଯୋଜକ ସ୍ୱାଇଁ ଜଣେ ଚାଷୀ ଦୈନ ଦିନ ଜୀବନରେ ନିଜର ପେଟ ଚାଖଣ୍ଡକ ପାଇଁ କିପରି କଲବଲ ହେଉଛି ସେ ସମ୍ପର୍କରେ ସବିଶେଷ ବିବରଣୀ ରଖିଥିଲେ। ପଡିଶା ଘରେ ଥିବା ସରକାରୀ ଚାକିରିଆ ପରିବାର କିମ୍ବା ବ୍ୟବସାୟୀ ପରିବାର ନିଜ ଇଚ୍ଛାନୁଶାରେ ଖାଇ ପିନ୍ଧି ଅୟସ କରୁଥିବାବେଳେ ଚାଷୀ ପରିବାର ନିଜର ଆବେଗକୁ କୋହ ମଧରେ ସୀମିତ ରଖିବା ଛଡା ଉପାୟ ନାହିଁ। ଶେଷରେ ବଳ ହଟି ଗଲେ ଜୀବନରେ ଶେଷ ପାହାଚରେ ଗଣ୍ଡେ ଖାଇବା ଆଉ ଖଣ୍ଡେ ପିନ୍ଧିବା ପାଇଁ ତା' ପାଖରେ ସାମର୍ଥ୍ୟରେ ଅଭାବ ରହିଛି। ସେହିପରି କର୍ମକର୍ତ୍ତା ମହାରଣା ଧାନର ସହାୟକ ମୂଲ୍ୟ ବୃଦ୍ଧି, ସମାଜରେ ଚାଷୀଙ୍କୁ ସ୍ୱତନ୍ତ୍ର ସମ୍ମାନ ଓ ପେନସନ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ମତ ରଖିଥିଲେ। ଏଥିପାଇଁ ସରକାର ସ୍ୱତନ୍ତ୍ର କାରାଗାରର ବ୍ୟବସ୍ଥା କରନ୍ତୁ ବୋଲି ମହାରଣା ଚେତାଇ ଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ।

### ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ଶାଖା ଉଦ୍‌ଘାଟିତ

**ପାରାଦୀପ, ୨୩।୯(ସ୍ୱ.ପ୍ର.):** ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ପକ୍ଷରୁ ବିଜୁ ମେମୋରିଆଲ ଟ୍ରଷ୍ଟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପର ଏକ ଶାଖା ଖୋଲିବା ସହ ନୂତନ କର୍ମକର୍ତ୍ତା ଗଠନ କରାଯାଇଛି। ଉପଦେଷ୍ଟାଭାବେ ଶଶିଭୂଷଣ ସ୍ୱାଇଁ, ପରିକ୍ଷିତ ଚୂଳୀ, କୈଳାଶ ଚନ୍ଦ୍ର ମହାରଣା ଓ ଯଜ୍ଞ ରାଉତ ରହିଛନ୍ତି। ସଭାପତି ବସନ୍ତ ବିଶ୍ୱାଳ ଓ ସମ୍ପାଦକ ବିଷ୍ଣୁଚରଣ ମୁଦୁଲି ରହିଛନ୍ତି। ଏହା ଏକ ଅଣରାଜନୈତିକ ସଂସ୍ଥା। ବିଭିନ୍ନ କ୍ଷେତ୍ରରେ ଉପୁଜୁଥିବା ଉତ୍ତେଜନା ଓ ସାମ୍ପ୍ରଦାୟିକ ଘଟଣାବେଳେ ଏହା ମୈତ୍ରୀର ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି।

# ଦାମଙ୍କ ଭଳି ବିଷ୍ଣୁଙ୍କୁ ଦିଆଯାଉ ଶୃଙ୍ଖଳାଜ୍ଞାନ

**ପାରାଦୀପ, ୨୩।୯(ସ୍ୱ.ପ୍ର.)**




ରବିବାର ଭୁବନେଶ୍ୱରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ପାରାଦୀପ ନିର୍ବାଚନ ମଣ୍ଡଳୀର କର୍ମୀମାନେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱରରେ ପାରାଦୀପର ବିଜେଡି କର୍ମୀଙ୍କ ବୈଠକ**

- ଖୁବଶୀଘ୍ର ନବୀନଙ୍କୁ ଭେଟିବାକୁ ନିଷ୍ପତ୍ତି
- ଫୋକସରେ କୁଳମଣି, ବିଷ୍ଣୁଙ୍କୁ ଗ୍ରହଣ କରିବାକୁ ନାରାଜ

କୌଣସି ପରିସ୍ଥିତିରେ ଦଳରେ ବିଶୃଙ୍ଖଳାକୁ ପ୍ରଶୟ ଦିଆ ନ ଯାଉ। ବିଶେଷ କରି ସମାନ୍ତରାଳ ସଂଗଠନକୁ ଆଦୌ ବରଦାସ୍ତ କରା ନ ଯାଉ। ଏଭଳି ସମାନ୍ତରାଳ ସଂଗଠନ କରୁଥିବା ନେତାଙ୍କୁ ଆମେ ଗ୍ରହଣ କରିପାରିବୁ ନାହିଁ। ରବିବାର ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଜେଡିର ବରିଷ୍ଠ ନେତା ତଥା କାର୍ଯ୍ୟକର୍ତ୍ତାମାନଙ୍କୁ ଏଭଳି ରୋକଠୋକ୍ ଭାବେ ନିଜ ମତ ଶୁଣାଇ ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସଙ୍କ ବିରୋଧରେ କର୍ମୀମାନେ ଫେରାଦ ହୋଇଛନ୍ତି। ସୂଚନା ଅନୁଯାୟୀ, ବରିଷ୍ଠ ନେତା ତଥା ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ବିଜେଡିରୁ ବହିଷ୍କାର କରାଯିବା ପରେ ଏହି ନିର୍ବାଚନମଣ୍ଡଳୀରେ ଦଳର ନେତୃତ୍ୱ କାହାକୁ ଦିଆଯିବ ସେ ସମ୍ପର୍କରେ ମତ ରଖିବାକୁ ଏହି କର୍ମୀମାନଙ୍କୁ ଭୁବନେଶ୍ୱର ଡକାଯାଇଥିଲା। ତେଣୁ ପାରାଦୀପ ନିର୍ବାଚନଣ୍ଡଳୀର ୫୦୦ରୁ ଉର୍ଦ୍ଧ୍ୱ ଆଗଧାଡିର ବିଜେଡି କର୍ମୀ ଭୁବନେଶ୍ୱର ଯାଇଥିଲେ। ସେମାନେ ନବୀନ ନିବାସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବେ ବୋଲି ପୂର୍ବରୁ କୁହାଯାଇଥିଲା। କିନ୍ତୁ ତାହା ହୋଇପାରିଲା ନାହିଁ। ତେଣୁ ଜଗତ୍‌ସିଂହପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲା ସହ ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ ଜେନା ଓ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରାଶାନ୍ତ ମୁଦୁଲିଙ୍କ ସହ ସେମାନେ ଆଲୋଚନା କରି ଫେରିଲେ। ଏହି ଆଲୋଚନାରେ ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସ, ଏମ୍‌ପି କୁଳମଣି ସାମଲ, ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ ମଧ୍ୟ ଉପସ୍ଥିତ ଥିଲେ। ୫୦୦ କର୍ମୀଙ୍କ ମଧ୍ୟରୁ ୩୦ ଜଣ ଆଗଧାଡିର କର୍ମୀ ଦଳ ସମ୍ପର୍କରେ ନିଜ ମତ ରଖିଥିଲେ। ସେମାନେ କହିଲେ ଯେ ଜିଲାରେ ଯେମିତି ବିଭାଜନ ରାଜନୀତି ଚାଲିଛି ତା'ର ପୁନରାବୃତ୍ତି ନଘଟୁ। ଜିଲା ସଭାପତି ଦାସ ଅଲଗା ଭାବେ ପାରାଦୀପରେ ସଂଗଠନ ଚଳାଇଛନ୍ତି। ଏପରି କି ୨୦୧୫ ପୌର ନିର୍ବାଚନରେ ବିଷ୍ଣୁଙ୍କ ଅନୁଗତ ନେତାମାନେ ପାରାଦୀପର ୧୯ଟି ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ଦେଇଥିଲେ। ସେଭଳି ନେତାଙ୍କୁ ପାରାଦୀପରୁ ଦୂରେଇ ରଖାଯାଉ ବୋଲି ଲିଖିତ ଓ ମୌଖିକ ଭାବେ ଜଣାଇଥିଲେ। ଏପରିକି ଦାମଙ୍କ ଭଳି ବିଷ୍ଣୁଙ୍କୁ ଶୃଙ୍ଖଳା ଜ୍ଞାନ ଦିଆଯାଉ ଓ ତାଙ୍କ ବିରୋଧରେ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଥିଲେ। ତେଣୁ ପାରାଦୀପରେ ଦଳର ସମସ୍ତ କାର୍ଯ୍ୟକ୍ରମ ଏମ୍‌ପି କୁଳମଣି ସାମଲଙ୍କ ନେତୃତ୍ୱରେ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହି କାର୍ଯ୍ୟକ୍ରମକୁ ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ ଓ ପ୍ରଶାନ୍ତ ମୁଦୁଲି ପ୍ରତ୍ୟକ୍ଷ ଭାବେ ପରିଚାଳନା କରିବେ। ପରବର୍ତ୍ତୀ କାର୍ଯ୍ୟକ୍ରମ ବା ୨୦୧୯ରେ କାହାକୁ ପ୍ରାର୍ଥୀ କରାଯିବ ତାହା ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସ୍ଥିର କରିବେ ବୋଲି କୁହାଯାଇଥିଲା। ଆସନ୍ତା ୪ରୁ ୫ ଦିନ ଭିତରେ ନିର୍ବାଚନମଣ୍ଡଳୀର ଆଗଧାଡିର ୩୦ ଜଣ ନେତା ଓ କର୍ମୀଙ୍କ ସହ ନବୀନ ଆଲୋଚନା କରିବେ ବୋଲି ଏଥିରେ ନିଷ୍ପତ୍ତି ହୋଇଥିଲା। ସେହିପରି ବୈଠକରେ ଏତେ ସଂଖ୍ୟକ କର୍ମୀ ଯୋଗଦେବା ମଧ୍ୟ ଏକ ଭିନ୍ନ ସମୀକରଣ ସୃଷ୍ଟି କରିଛି। ଅର୍ଥାତ ଦାମଙ୍କୁ ଛାଡି ପାରାଦୀପରୁ କର୍ମୀମାନେ ଭୁବନେଶ୍ୱର ଆସିବେ କି ନାହିଁ ବୋଲି ଯେଉଁ ସଂଶୟ ରହିଥିଲା ତାହା ଦୂର ହୋଇଛି। କାରଣ ଯେଉଁ ୫୦୦ରୁ ଉର୍ଦ୍ଧ୍ୱ କର୍ମୀ ଏହି ଆଲୋଚନାରେ ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରୁ ସିଂହଭାଗ ଥିଲେ ଦାମଙ୍କ ଅନୁଗତ। ଏହି କର୍ମୀଙ୍କ ମଧ୍ୟରେ ପାରାଦୀପ ନଗର ବିଜେଡି ସଭାପତି ସୁମନ୍ତ କୁମାର ବିଶ୍ୱାଳ, ପୌରାଧ୍ୟକ୍ଷ ତଥା ଦଳ ସମ୍ପାଦକ ବସନ୍ତ ବିଶ୍ୱାଳ, ଦଳୀୟ ୧୬ କାଉନ୍‌ସିଲରଙ୍କ ମଧ୍ୟରୁ ୧୫ ଜଣ, କୁଜଙ୍ଗରୁ ପ୍ରକାଶ ପରିଡ଼ାଙ୍କ ସମେତ ଅନ୍ୟ ପ୍ରମୁଖ କର୍ମୀମାନେ ଯୋଗ ଦେଇଥିଲେ। ସେମାନଙ୍କୁ ଭୁବନେଶ୍ୱର ନ ଯିବାକୁ ଶନିବାରଠାରୁ ଦାମ ଓ ତାଙ୍କର କେତେଜଣ ଖାସ୍ ଲୋକ ବିଭିନ୍ନ ବାହାନାରେ ଅଟକାଇଥିଲେ। କିନ୍ତୁ ତାହା ସଫଳ ହୋଇପାରିଲା ନାହିଁ। କର୍ମୀମାନେ ଦାମଙ୍କ ହାତ ଛାଡି ଦଳ ସହ ରହିବେ ବୋଲି ବୈଠକରେ ମତବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ସେମାନେ ବିଷ୍ଣୁଙ୍କୁ ଯେଭଳି ବିରୋଧ କଲେ ତାହା ପାରାଦୀପରେ ଦଳ କାହାକୁ ନେତୃତ୍ୱ ଦେବ ବୋଲି ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଉଥିଲା, ତାହାକୁ ଅଧିକ ରୋଚକ କରିଛି।

## ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ



କଂଗ୍ରେସ କର୍ମୀଙ୍କୁ ବିଜେଡି ପକ୍ଷରୁ ସ୍ୱାଗତ କରାଯାଉଛି।

**ବାଲିକୁଦା, ୨୩।୯(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅଡଙ୍ଗା ପଞ୍ଚାୟତର କଂଗ୍ରେସ କର୍ମୀ ସୂର୍ଯ୍ୟକାନ୍ତ ମନ୍ତ୍ରୀ ଶନିବାର ନିଜ ଦଳ ଛାଡି ବିଜେଡିରେ ମିଶିବା ପରେ ତାଙ୍କୁ ପଞ୍ଚାୟତ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶନିବାର ସେ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନକୁ ଯାଇ ବିଜେଡିରେ ମିଶିଥିଲେ। ରବିବାର ତାଙ୍କ ସହିତ ତାଙ୍କ ସହଯୋଗୀ ରଞ୍ଜନ ଦାସ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ପଞ୍ଚାୟତ ବିଜେଡି ସଭାପତି ଧ୍ରୁବ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଓ ଯୁବ ନେତା କାଳନ୍ଦି ସ୍ୱାଇଁଙ୍କ ସଂଯୋଜନାରେ ଏକ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ଏଥିରେ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବରିଷ୍ଠ କର୍ମୀ କୈଳାସ ସ୍ୱାଇଁ, ଯୁବ ସଂଗଠକ ଅକ୍ଷୟ ସ୍ୱାଇଁ, ମାନସ ମଲ୍ଲିକ, ପ୍ରଶାନ୍ତ ବିଶ୍ୱାଳ, ସୁବାସ ସାହାଣି, ବିଜୁ ଯୁବ ବାହିନୀ ସଭାପତି ସମ୍ବିତ ମହାପାତ୍ର, ପବିତ୍ର ମୋହନ ସ୍ୱାଇଁ, ନାଏବ ସରପଞ୍ଚ ପ୍ରତାପ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ନୂଆ କର୍ମୀଙ୍କୁ ନେଇ ଦଳ ଆଗାମି ସାଧାରଣ ନିର୍ବାଚନକୁ ସଠିକ ଢଙ୍ଗରେ ପରିଚାଳନା କରିବା ସହିତ ଅଧିକ ସଂଗଠିତ ହୋଇ କାମ କରିବ ବୋଲି କହିଥିଲେ। ଜ୍ୟୋତିରଞ୍ଜନ ନାୟକ, ତପନ ବିଶ୍ୱାଳ, ନିତ୍ୟାନନ୍ଦ ଦାସ, ସୁକାନ୍ତ ବାରିକ, ଶରତ ନାୟକ, ଶରତ ଦାସ, ଉମେଶ ସ୍ୱାଇଁ, ଅମୀୟ ସ୍ୱାଇଁ, ଦିଲୀପ କାଣ୍ଡି, ଜିତେନ୍ଦ୍ର ଦାସ, ବନମାଳି ନାୟକ, ସୁରେନ୍ଦ୍ର ଦାସ, ପ୍ରମୋଦ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଚୁଆରେ ପଡ଼ି ଯୁବକଙ୍କ ମୃତ୍ୟୁ

**ଆଠଗଡ଼, ୨୩।୯(ସ୍ୱ.ପ୍ର.)**

ଗାଧୋଇବାକୁ ଯାଇଥିବାବେଳେ ଚୁଆରେ ପଡ଼ି ଆଠଗଡ଼ ଥାନା କୋରଙ୍ଗା ଗ୍ରାମର ଜଣେ ଯୁବକଙ୍କ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଗ୍ରାମର ଗନ୍ଧର୍ବ ଦେହୁରୀଙ୍କ ଏକମାତ୍ର ପୁଅ ଜ୍ଞାନରଞ୍ଜନ ଦେହୁରୀ(୧୮)। ଜ୍ଞାନରଞ୍ଜନ ଗାଧୋଇକି ଆସିବା ପରେ ତାଙ୍କ ଭଉଣୀ ଘରକୁ ଖୁଦୁରୁକୁଣୀ ଭାର ନେଇ ଯିବାର ଥିଲା। ମାତ୍ର ଗାଧୋଇକି ଫେରିବାରେ ଡେରି ହେବାରୁ ପରିବାର ଲୋକେ ବ୍ୟସ୍ତହୋଇ ଖୋଜିବା ଆରମ୍ଭ କରିଥିଲେ। ଏହି ସମୟରେ ସେ ଗ୍ରାମ ନିକଟ ଚୁଆରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ତାଙ୍କୁ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରାଯାଇ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଠଗଡ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ନଂ-୩୮/୧୮ ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

**ଦିନକର କାହାଣୀ**

## ସାମାଜିକ କାର୍ଯ୍ୟରେ ଶାନ୍ତି ମିଳେ

**ନାଉଗାଁ, ୨୩।୯(ସ୍ୱ.ପ୍ର.)**



ବିଜୟ କୁମାର ଦାସ

ନାଉଗାଁ ବ୍ଲକ ବଛାଲୋ ଗ୍ରାମର ବିଜୟ କୁମାର ଦାସ। ବୟସ ୩୭ ବର୍ଷ। ପରିବାର କହିଲେ ମା' ଭାନୁମତୀ, ସ୍ତ୍ରୀ ମମତା, ୨ପୁଅ ବିଶ୍ୱଜିତ ଓ ବିକାଶ। ପରିବାର ପୋଷିବା ପାଇଁ ଚାକିରି ପଛରେ ନ ଗୋଡାଇ ସେ ଦୀର୍ଘ ୧୦ରୁ ଊର୍ଦ୍ଧ୍ୱ ବର୍ଷ ହେବ ରାଉରକେଲାରେ ଏକ ଚା' ଦୋକାନ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଦୋକାନ ତାଙ୍କ ଅନ୍ୟ ଭାଇମାନେ ବୁଝାବୁଝି କରିବାରୁ ସେ ଗାଁକୁ ପଳାଇ ଆସିଲେ। ଗାଁଠାରୁ ୨ କି.ମି ଦୂର ନାଉଗାଁ ବଜାରରେ ଦୀର୍ଘ ୨ ବର୍ଷ ହେବ ସେ ଏକ ଚା ଦୋକାନ କରିଛନ୍ତି। ପ୍ରତ୍ୟେହ ଭୋର ୪ଟାରୁ ନିତ୍ୟ କର୍ମସାରି ସେ ଦୋକାନକୁ ବାହାରି ପଡନ୍ତି। ସେଠାରେ ଦୋକାନ ଖୋଲି ପ୍ରଥମେ ଚା ପ୍ରସ୍ତୁତ କରନ୍ତି। ଚା' ହେଉ ହେଉ ଦୋକାନରେ ଗ୍ରାହକଙ୍କ ଭିଡ଼ ହୋଇଯାଏ। କାହାର ଅଦା ପକା ନାଲି ଚା ତ ଆଉ କାହାର ବିନା ଚିନି ବାଲା ଚା। କେହି କେହି ମଲାଇ ମାର୍କା କଫି ମଧ ପିଅନ୍ତି। ତେବେ ବରାଦ ଅନୁଯାୟୀ ବିଜୟ ସଙ୍ଗେ ସଙ୍ଗେ ଚା' ତିଆରି କରିଦିଅନ୍ତି। ଚା କପ ୫ ଟଙ୍କାରେ ବିକ୍ରି କରିଥାନ୍ତି। ସକାଳ ୯ଟା ପର୍ଯ୍ୟନ୍ତ ତାଙ୍କ ଚା ଦୋକାନରେ ଗହଳି ଲାଗିଥାଏ। ୯ଟା ପରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥାନ୍ତି। ଏହା ପରେ ଜମିବାଡି କାମ ସହ ବାଡିରେ ଲଗାଇଥିବା ପରିବା ଫସଲ ଯତ୍ନ ନିଅନ୍ତି। ଅପରାହ୍ନ ୨ଟାରେ ଖାଇ ସାରି ବିଶ୍ରାମ ନେବା ପରେ ପୁଣି ୪ଟା ବେଳକୁ ଦୋକାନକୁ ଆସନ୍ତି। ଏହି ଦୋକାନରୁ ପ୍ରତ୍ୟେହ ୩ ଶହରୁ ୪ ଶହ ଟଙ୍କା ରୋଜଗାର କରିଥାନ୍ତି ବିଜୟ। କେବଳ ଘର କାମ କିମ୍ବା ଚା' ଦୋକାନରେ ସୀମିତ ନ ରହି ଦୈନିକ କିଛି ସାମାଜିକ କାର୍ଯ୍ୟରେ ସାମିଲ ହୋଇପାରିଲେ ରାତିରେ ତାଙ୍କୁ ଶାନ୍ତିରେ ନିଦ ହୁଏ ବୋଲି ସେ କୁହନ୍ତି। ଏପରିକି କୌଣସି ଗରିବ ଲୋକ ଯଦି ଚା' ପିଇବା ପାଇଁ ଆସନ୍ତି ଓ ତାଙ୍କ ପାଖରେ ଯଦି ପଇସା ନ ଥାଏ ତେବେ ତାଙ୍କୁ ବିଜୟ ନିରାଶ କରନ୍ତି ନାହିଁ। ଏତଦ୍‌ବ୍ୟତୀତ ପରିବେଶ ପରିଷ୍କାର, ବୃକ୍ଷରୋପଣ ଓ ଅନ୍ୟକୁ ବିପଦ ସମୟରେ ସାହାଯ୍ୟ କରିବାକୁ ସେ ଭଲ ପାଆନ୍ତି। ମାସ ଶେଷ ଶନିବାର ବଜାର ବନ୍ଦ ଦିନ ସେ ପରିବାର ଲୋକଙ୍କ ସହ ସମୟ ବିତାନ୍ତି। ନିଜେ ରୋଷେଇ କରି ସମସ୍ତଙ୍କୁ ଖାଇବାକୁ ଦେବାକୁ ସେ ପସନ୍ଦ କରନ୍ତି। ରାତି ୯ଟାରେ ସେ ଦୋକାନ ବନ୍ଦ କରି ଘରକୁ ଯିବା ପରେ ପରିବାର ଲୋକଙ୍କ ଭଲମନ୍ଦ ବୁଝିବା ସହ ଦୁଇ ପୁଅଙ୍କୁ ପାଠ ପଢାଇଥାନ୍ତି। ବିଜୟ ଭଲ ଚା ପ୍ରସ୍ତୁତ କରୁଥିବାରୁ ବହୁ ଲୋକ ତାଙ୍କ ଦୋକାନକୁ ଆସନ୍ତି।





ପାରାଦୀପରେ ବିଶ୍ୱକର୍ମା ପୂଜା ଉଦ୍‌ଯାପନ ପରେ ରବିବାର ଅପରାହ୍ନରେ ବିଭିନ୍ନ ସଂଗଠନ ପକ୍ଷରୁ ହୋଇଥିବା ମେଢ଼କୁ ଭସାଣି ଶୋଭାଯାତ୍ରାରେ ବିସର୍ଜନ କରିବାକୁ ନିଆଯାଉଛି।



## ବାହୁଡ଼ିଲେ ବିଶ୍ୱନିୟନ୍ତା

**ପାରାଦୀପ, ୨୩।୯ (ସ୍ୱ.ପ୍ର.):** ଗତ ୧୭ ତାରିଖରୁ ଚାଲିଥିବା ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ ରବିବାର ଶେଷ ହୋଇଛି। ସମସ୍ତ ପୂଜା ମଣ୍ଡପରେ ସପ୍ତାହବ୍ୟାପୀ ପୂଜା ପାଉଥିବା ବିଶ୍ୱନିୟନ୍ତା ବିଶ୍ୱକର୍ମାଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଛି। ମଧ୍ୟାହ୍ନରୁ ରାତି ପର୍ଯ୍ୟନ୍ତ ଗୋଟିକ ପରେ ଗୋଟିଏ ମେଢ ସହର ବୁଲୁକେଇ ଶୋଭାଯାତ୍ରାରେ ଯାଇଥିଲେ। ନୂଆବଜାରସ୍ଥିତ ବେଳାଭୂମିରେ ନିର୍ମିତ ବିସର୍ଜନ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଭସାଣି ବେଳେ ଆୟୋଜକମାନେ ବିଭିନ୍ନ ବାଦ୍ୟ ଓ ଗୀତର ତାଳେ ତାଳେ ନାଚି ଶୋଭାଯାତ୍ରାରେ ଯାଇଥିଲେ। ଭସାଣି ସତ୍ତ୍ୱେ ପୂଜା ଉତ୍ସବ ଦେଖିବାକୁ ହଜାରରୁ ଉର୍ଦ୍ଧ୍ୱ ଲୋକ ବଡ଼ପଡିଆରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ରାସ୍ତା କଡ଼ରେ ଖୋଲିଥିବା ଅସ୍ଥାୟୀ ଦୋକାନରେ ଶେଷ ଦିନରେ ଭଲ ବ୍ୟବସାୟ ହୋଇଛି। ପ୍ରତି ଦୋକାନରେ ଭିଡ଼ ଦେଖିବାକୁ ମିଳିଛି। ଚଳିତବର୍ଷ ପୂଜା ଉତ୍ସବକୁ ଲଘୁଚାପଜନିତ ବର୍ଷା ପବନ ୩ ଦିନ ପ୍ରଭାବିତ କରିଥିଲା। ତେବେ ଶେଷ ୨ ଦିନରେ ପ୍ରବଳ ଗହଳି ହୋଇଥିଲା। ଭସାଣି ବେଳେ ପ୍ରତି ତୋରଣ ଆଗରେ ପୋଲିସ ମୁତୟନ ହୋଇଥିଲେ।





ମଧ୍ୟପ୍ରଦେଶ ଗ୍ୱାଲିୟର ବିଲୋଆ ଥାନା ଅନ୍ତର୍ଗତ ଅଡୁପୁରାରେ ଥିବା ଏକ ଆଶ୍ରୟ ଗୃହରେ ଅନ୍ତେବାସୀ ଯୁବତୀଙ୍କୁ ନିୟମିତ ଗର୍ଭନିରୋଧକ ଇଞ୍ଜେକଶନ୍ ଦିଆଯାଉଥିବା ଅଭିଯୋଗ ହୋଇଛି। ଏଠାରେ ଥିବା ସ୍ନେହାଳୟ ଆଶ୍ରୟ ଗୃହରେ ଏଭଳି ହେଉଥିବା ଅଭିଯୋଗ ପରେ ପୋଲିସ ୯ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଆଶ୍ରୟ ଗୃହର ସଞ୍ଚାଳକ ଡ. ବି.କେ. ଶର୍ମାଙ୍କ ନିର୍ଦ୍ଦେଶରେ ୧୮ ଜଣ ଯୁବତୀଙ୍କୁ ଏହି ଗର୍ଭନିରୋଧକ ଇଞ୍ଜେକଶନ୍ ଦିଆଯାଉଥିବା ଅଭିଯୋଗ ହୋଇଛି। ୨୫ ଜଣ ଯୁବତୀଙ୍କୁ ପରୀକ୍ଷା ପରେ ଏହା ଜଣାପଡ଼ିଛି।



## ସଂକ୍ଷେପରେ

### ପୁରୀରେ ଏନ୍ଏସ୍‌ଜି ଟିମ୍ ଆଜି ଶ୍ରୀମନ୍ଦିରର ସୁରକ୍ଷା ଯାଞ୍ଚ

**ପୁରୀ ଅଫିସ, ୨୩।୯:** ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍ଏସ୍‌ଜି)। ସୋମବାର ଏହି ଯାଞ୍ଚ କରାଯିବ। ଏଥିଲାଗି ଏନ୍ଏସ୍‌ଜିର ୩ଜଣିଆ ଟିମ୍ ରବିବାର ସନ୍ଧ୍ୟାରେ ପୁରୀରେ ପହଞ୍ଚି ସ୍ଥାନୀୟ ସର୍କିଟ ହାଉସରେ ଅବସ୍ଥାନ କରିଛନ୍ତି। ଉକ୍ତ ଟିମ୍‌ରେ ଏନ୍ଏସ୍‌ଜିର କର୍ଣ୍ଣେଲ ଅନିଲ କୁମାର, ଆସିଷ୍ଟାଣ୍ଟ କମାଣ୍ଡର-୧ ସୁନୀଲ କୁମାର ସିଂ ଏବଂ କିରନ ବୋଷ ରହିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଦେଶର ଏକ ସମ୍ବେଦନଶୀଳ ଅଞ୍ଚଳ ତାଲିକାରେ ରହିଛି ଶ୍ରୀମନ୍ଦିର। ଗତ କିଛି ବର୍ଷ ହେଲା ଏନ୍ଏସ୍‌ଜି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରି ଆସୁଛି। ୨୦୧୭ ଅଗଷ୍ଟ ୨୬ରେ ଏନ୍ଏସ୍‌ଜିର ଏକ ୩ ଜଣିଆ ଟିମ୍ ଆସି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ କେତେକେ ସୁପାରିସ କରିଥିଲେ। ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ।

### ଡଙ୍ଗା ବୁଡ଼ି ଜଣେ ନିଖୋଜ

**ଲହୁଣୀପଡ଼ା,୨୩।୯(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଦର୍ଜିଂ ପଞ୍ଚାୟତ ଲୁଧୁଣୀ ଗ୍ରାମଦେଇ ଯାଇଥିବା ବ୍ରାହ୍ମଣୀ ନଦୀରେ ରବିବାର ଅପରାହ୍ନ ୪ଟାରେ ଡଙ୍ଗା ବୁଡ଼ି ଜଣେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁର୍ଡା ପଞ୍ଚାୟତ ମୁଣ୍ଡାଗାଁର ଟଙ୍କଧର ମାହାନ୍ତଙ୍କ ସ୍ତ୍ରୀ ବାସନ୍ତୀ (୪୨)। ଏହି ଦୁର୍ଘଟଣାରୁ ଅନ୍ୟ ୫ଜଣଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ବାସନ୍ତୀ ଝିଅ ଧନେଶ୍ୱରୀ (୧୨)ଙ୍କ ସହ କୌଣସି କାମରେ ଲୁଧୁଣୀ ଗ୍ରାମକୁ ଯାଇଥିଲେ। ଅପରାହ୍ନରେ ସେଠାରୁ ଫେରିବା ବେଳେ ଡଙ୍ଗାରେ ନଦୀ ପାର୍ ହେଉଥିଲେ। ଏହି ସମୟରେ ଡଙ୍ଗାରେ ବାସନ୍ତୀ ଓ ଧନେଶ୍ୱରୀଙ୍କ ସମେତ ଦିବାକର ମାହାନ୍ତ (୩୦), ଶିଶିରା ମାହାନ୍ତ (୨୮), ସ୍ନେହମଞ୍ଜରୀ ମାହାନ୍ତ (୮) ଏବଂ ଦେବସ୍ମିତା ମାହାନ୍ତ (୪) ବସିଥିଲେ। ତେବେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ଫଳରେ ବାସନ୍ତୀ ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ଅନ୍ୟମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛନ୍ତି। ଡଙ୍ଗା ଚାଳକ ଫେରାର ହୋଇଯାଇଛନ୍ତି। ଖବର ପାଇ ଲହୁଣୀପଡ଼ା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ବାସନ୍ତୀଙ୍କ ପତ୍ତା ମିଳି ନାହିଁ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଛି। ସୋମବାର ସକାଳେ ପୁଣି ଖୋଜାଖୋଜି କରାଯିବ ବୋଲି ସୂଚନା ଦିଆଯାଇଛି।

# ଗଜପତି ଇଂରେଜ ସରକାରଙ୍କୁ ଲେଖିଥିବା ଚିଠି

ଐତିହ୍ୟର ଓଡ଼ିଶା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି କଲୋନିୟାଲ ରେଜିଷ୍ଟାନ୍ସ ଇନ୍ ଖୁର୍ଦ୍ଧା' ପୁସ୍ତକରେ ପ୍ରାମାଣିକ ଦସ୍ତାବିଜ ଆଧାରରେ ଲେଖକ ଲେଖିଛନ୍ତି ଯେ – କେତେକ ଐତିହାସିକ ଏଭଳି ସମୟରେ ଜଗବନ୍ଧୁଙ୍କର ଆନ୍ଦୋଳନରୁ ଦୂରେଇ ରହିବା ବିଷୟରେ ଆଲୋଚନା କରିଛନ୍ତି। ଆଉ କେତେକ ଇତିହାସକାର ତାଙ୍କର ସ୍ୱ ଇଚ୍ଛାରେ କର୍ମପନ୍ଥା ଗ୍ରହଣ ନ କରିବାର କାରଣ ନିର୍ଦ୍ଦେଶ କରିଅଛନ୍ତି। ଏ ସମ୍ପର୍କରେ ଅଧ୍ୟାପକ ବି.ସି. ରାୟ ନିଜ ପୁସ୍ତକ 'ବକ୍ସି ଜଗବନ୍ଧୁ'ରେ ଉଲ୍ଲେଖ କରିଛନ୍ତି ଖୋର୍ଦ୍ଧା ରାଜା ଓ ବ୍ରିଟିଶ ସରକାର ମଧ୍ୟରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜୀବନ–ମରଣ ଯୁଦ୍ଧରେ ସେନାମୁଖ୍ୟ ଭାବରେ ଜଗବନ୍ଧୁଙ୍କର ଏକ ମୁଖ୍ୟ ଭୂମିକା ଗ୍ରହଣ କରିବା ସମୀଚୀନ ଥିଲା, କିନ୍ତୁ କୌଣସି ବ୍ରିଟିଶ୍ କିମ୍ବା ଦେଶୀୟ ନଥିପତ୍ରରେ ସେହି ଯୁଦ୍ଧରେ ଲିପ୍ତ ରହିବା କଥାର ଚିହ୍ନବର୍ଣ୍ଣ ନାହିଁ। ଏହା ସ୍ପଷ୍ଟ ଭାବରେ ସୂଚାଇ ଦିଏ ଯେ, ସମ୍ଭବତଃ ଖୋର୍ଦ୍ଧା ରାଜ୍ୟ ହରାଇବାର ଆଶଙ୍କାରେ ଜୟୀ ରାଜଗୁରୁଙ୍କର ବ୍ରିଟିଶ ଭଳି ଏକ ବୃହତ୍ ଶକ୍ତି, ଯେଉଁମାନେ କି ମରହଟ୍ଟାମାନଙ୍କୁ ଓଡ଼ିଶାରୁ ତଡ଼ି ଦେଇଥିଲେ, ତାଙ୍କ ସହିତ ଲଢ଼ିବା ଚିନ୍ତାଧାରା ସପକ୍ଷରେ ଜଗବନ୍ଧୁ ନ ଥିଲେ। ସମ୍ଭବତଃ ଏହି କାରଣ ହେତୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାଠାରୁ ସେ ନିଜକୁ ଦୂରେଇ ରଖିଥିବାର ଦେଖାଯାଏ।

ପୁନର୍ବାର ସେ ଉଲ୍ଲେଖ କରିଛନ୍ତି ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଆକ୍ରମଣ ସମୟରେ ବ୍ରିଟିଶ୍ ଭଳି ଏକ ବୃହତ୍ ଶକ୍ତି ସହିତ ମୁକାବିଲା କରିବା ଅପେକ୍ଷା ଜଗବନ୍ଧୁ ଦୂରେଇ ରହିବା ଓ ସାବଧାନତା ଅବଲମ୍ବନ କରିବା ଲକ୍ଷ୍ୟ କରାଯାଏ।

ଏଥିରେ କିଛି ଅସୁବିଧା ନାହିଁ। ଆମେ ସ୍ୱୀକାର କରିବା ଯେ ୧୮୦୪ ମସିହାରେ ଜଣେ ସେନାପତିଙ୍କ ନେତୃତ୍ୱରେ ଯୁଦ୍ଧ ହୋଇଥିଲା। ସେତେବେଳେ ସେ ଯୁଦ୍ଧରୁ ଦୂରେଇ ରହିଥିବା ବ୍ୟକ୍ତିତ୍ୱ ୧୮୧୭ ମସିହାରେ ମଧ୍ୟ ଅଘୋଷିତ ଭାବରେ ହେଉ ପଛେ ସେନାପତି ଦାୟିତ୍ୱ ତୁଲାଇବାରେ ହେଳା କରି ନ ଥିଲେ, ତେଣୁ ପ୍ରଥମ ଯୁଦ୍ଧର ସେନାପତିଙ୍କୁ ଆମେ ଯେମିତି ମର୍ଯ୍ୟାଦା ଦେବା, ପ୍ରଥମ ବିଦ୍ରୋହର ସେନାପତିଙ୍କୁ ମଧ୍ୟ ସେଇଭଳି ମର୍ଯ୍ୟାଦା ଦେବାରେ କୁଣ୍ଠିତ ହେବାକଥା ନୁହଁ। ଦୁହିଁଙ୍କୁ ବୀରପୁରୁଷର ମର୍ଯ୍ୟାଦା ଦେଇ ୧୮୦୪ ମସିହା ବେଳରୁ ଆମେ ଆମର ବୀରତ୍ୱର ଇତିହାସ ଉପସ୍ଥାପନ କରିଥିଲେ ଓଡ଼ିଶାର ଗୌରବମୟ ଐତିହ୍ୟ ବିଶ୍ୱବିଦିତ ହୋଇଥାନ୍ତା। କେବଳ ଏତିକି ନୁହେଁ, ଏଇ ଦୁଇଜଣ ମର୍ଯ୍ୟାଦାବନ୍ତ ବୀରଙ୍କ ସହିତ ତାପଙ୍ଗ ଦଳବେହେରାଙ୍କୁ ଆମେ ଉପସ୍ଥାପନ କରିଥାନ୍ତେ। କାରଣ ଇଂରେଜମାନଙ୍କର ସାମ୍ରାଜ୍ୟବାଦୀ ଆଭିମୁଖ୍ୟକୁ ବର୍ଷେ–ଦି'ବର୍ଷ ନୁହେଁ ୨୩ ବର୍ଷ ଧରି ଓଡ଼ିଶାରେ ବିରୋଧ ହୋଇଥିଲା। ଅର୍ଥାତ୍ ୧୮୦୪ରୁ ୧୮୨୭ ମସିହା ପର୍ଯ୍ୟନ୍ତ।

୧୮୨୭ ମସିହାରେ ୭ ଦିନ ଧରି ଯେଉଁ ଯୁଦ୍ଧ ହୋଇଥିଲା, ତାହା ଉପରେ କିପରି ୧୮୦୪ ମସିହା ଜୟୀ ରାଜଗୁରୁଙ୍କ ଯୁଦ୍ଧର ପ୍ରଭାବ ପଡ଼ିଥିଲା, ତାହା ଆମେ ଆଲୋଚନା ଚକ୍ରରେ ପଞ୍ଚମବିନ୍ଦୁ ଭାବରେ ଉପସ୍ଥାପନ କରିଥିଲୁ। ପୂର୍ବରୁ ୪ଟି ବିନ୍ଦୁ ଆଲୋଚନା ହୋଇ ସାରିଛି। ଚତୁର୍ଥବିନ୍ଦୁ ଆଲୋଚନା କାଳରେ ସରକାରଙ୍କଦ୍ୱାରା ପ୍ରସ୍ତୁତ ହୋଇଥିବା ପୁସ୍ତକରୁ ଜୟୀ ରାଜଗୁରୁଙ୍କ ଭୂମିକାକୁ ଅଦୃଶ୍ୟ ହାତ ଓ ଅଦୃଶ୍ୟ ଇଚ୍ଛାଶକ୍ତି କିପରି ଅନ୍ତରାଳରେ ରଖିଥିଲା ତାହାର ପ୍ରମାଣ ଆମେ ଦେଇଥିଲୁ।

୧୮୧୭ ମସିହା ପାଇକ ବିଦ୍ରୋହ ପରେ ୧୮୨୭ ମସିହାରେ ହୋଇଥିବା ଯୁଦ୍ଧର ବର୍ଣ୍ଣନା ବିପ୍ର ମଧୁସୂଦନଙ୍କ ଲିଖିତ 'ଫିରିଙ୍ଗି କଳି ଭାରତ' ପୁସ୍ତକରୁ ଜଣାଯାଏ। ଫକୀର ହରିଚନ୍ଦନଙ୍କର 'ଖୋରଧା ଇତିହାସର ଏକ ଗୌରବମୟ ଅଧ୍ୟାୟର ଅଧିକତା ତାପଙ୍ଗ ଦଳବେହେରା ମାଧବଚନ୍ଦ୍ର' ଶୀର୍ଷକ ଆଲେଖ୍ୟଟିଏ ତାପଙ୍ଗ ମହୋତ୍ସବ–୨୦୦୦ ମସିହା ସଙ୍କଳନରେ ପ୍ରକାଶିତ ହୋଇଥିଲା। ସେଥିରେ ସେ ଲେଖିଛନ୍ତି– ଗଡ଼ ସାନପୁଟ ଗ୍ରାମର ବିପ୍ର ମଧୁସୂଦନଙ୍କଦ୍ୱାରା ଲିଖିତ ଓ ଡ. ଅର୍ଜୁନ ଜୋଷୀଙ୍କଦ୍ୱାରା ପ୍ରକାଶିତ 'ଫିରିଙ୍ଗି କଳି ଭାରତ'ରୁ ତାପଙ୍ଗ ଗଡ଼ର ଦଳବେହେରା ମାଧବଚନ୍ଦ୍ର ରାଉତରାୟଙ୍କର ୧୮୨୭ ଖ୍ରୀ.ରେ ପ୍ରବଳପ୍ରତାପୀ ବ୍ରିଟିଶ୍ ବାହିନୀ ସହିତ ସପ୍ତାହବ୍ୟାପୀ ଯୁଦ୍ଧ ସମ୍ପର୍କରେ ପ୍ରଦତ୍ତ ବିବରଣୀ ପାଠ କଲା ପରେ ମୂଳ ତାଳପତ୍ର ପୋଥିଟିକୁ ଥରେ ମିଳାଇ ପାଠ କରିବା ପାଇଁ ସ୍ୱତଃ ଆଗ୍ରହ ସୃଷ୍ଟି ହୋଇଥିଲା। କାରଣ ମୂଳ ତାଳପତ୍ର ପୋଥିରେ କେତେକ ସ୍ଥାନରେ କିଛି ଅକ୍ଷର, କିଛି କାଳି, ଏପରି ଧାଡ଼ିଏ–ଦୁଇଧାଡ଼ି ବା ଅଧିକ ପାଠ ପଢ଼ି ହୋଇ ନ ଥିବାରୁ ଅଥବା ନଷ୍ଟ ହୋଇ ଯାଇଥିବାରୁ ପ୍ରକାଶିତ ପୁସ୍ତକରେ ସେ ସବୁକୁ ଛାଡ଼ି ଦିଆଯାଇଛି। ପୁଣି ପ୍ରକାଶିତ ପୁସ୍ତକରେ ଇଂରେଜମାନଙ୍କ ବିପକ୍ଷରେ ୧୮୦୪ ଖ୍ରୀ.ରେ ଜୟୀ ରାଜଗୁରୁଙ୍କର ଏବଂ ୧୮୨୭ ଖ୍ରୀ.ରେ ତାପଙ୍ଗ ଦଳବେହେରା ମାଧବଚନ୍ଦ୍ରଙ୍କର ବିଦ୍ରୋହ ଓ ଯୁଦ୍ଧ ସମ୍ପର୍କରେ ସୁବିସ୍ତୃତ ବର୍ଣ୍ଣନା ଥିବାବେଳେ ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଙ୍ଗଠିତ ପାଇକ ବିଦ୍ରୋହ ସମ୍ପର୍କରେ କିଛିମାତ୍ର ଉଲ୍ଲେଖ ନାହିଁ।'' ଇତିହାସକାର ଫକୀର ହରିଚନ୍ଦନ ୧୮୧୭ ମସିହା ପାଇକ ବିଦ୍ରୋହର ବର୍ଣ୍ଣନା ପ୍ରକୃତରେ ମୂଳ ପୋଥିରେ ଥିଲା କି ନାହିଁ, ତାହାକୁ ଜାଣିବା ପାଇଁ ମୂଳପୋଥି ଖୋଜିଥିଲେ। କାଳେ ପୋଥି ଉତାରିବାରେ ତାହା ବାଦ ପଡ଼ିଯାଇଥିବ, ସେଥିପାଇଁ ସେ ଖୋଜିଥିଲେ, ମାତ୍ର ନିରାଶ ହୋଇଥିଲେ। ବାସ୍ତବରେ ୧୮୧୭ ମସିହାରେ ପାଇକମାନଙ୍କ ଅସନ୍ତୋଷ ତେଜି ଉଠିବା ପରେ ବକ୍ସି ଜଗବନ୍ଧୁ ସିଧାସଳଖ ଏହାର ନେତୃତ୍ୱ ନ ନେଇ ଗଜପତିଙ୍କ ନେତୃତ୍ୱରେ ବିଦ୍ରୋହ କରିବା ପାଇଁ ମନସ୍ଥ କରିଥିଲେ। ଗଜପତିଙ୍କୁ ଆଗରେ ରଖି ଆଗେଇବା ଲାଗି ପାଇକମାନଙ୍କୁ ଧରି ପୁରୀ ଆସିଥିଲେ। ପୁରୀରେ ଗଜପତିଙ୍କୁ ଅନୁରୋଧ କରିବା ପରେ ଗଜପତି କୌଣସି ସମ୍ମତି ଦେଇ ନଥିଲେ। ଓଲଟି ଗଜପତି ନିଜର ସୁରକ୍ଷାପାଇଁ ଇଂରେଜ ସରକାରଙ୍କୁ ଏକ ଚିଠି ଲେଖିଥିଲେ। ଯେଉଁ ଚିଠିଟି ୧୮୧୭ ମସିହା ଜୁନ୍ ମାସରେ ଲେଖା ଯାଇଥିଲା। ଇଂରେଜ ସରକାର ଜୁଲାଇ ମାସ ୩ ତାରିଖରେ ପାଇଥିବା ସେହି ଚିଠିର ଅବିକଳ ନକଲଟି ଏଠାରେ ପ୍ରକାଶ କରୁଅଛୁ।



୯୯

Enclosure to letter dated 15.7.1817. from A. C. Molony Actg. Persian Secretary to govt. teritorial Department.

*Extract translation from petition of Rajah Mukoond Dev to the Governor General, dated June 1817, received by government on the 3rd July 1817.*

" At noon on the 14th April, Jagbundoo the detested approached my house with a body of 2 or 3 thousand men and forced their way into the house and penetrated to the place where I was sitting and said "We Dalaees and Dalbeheras are all of one mind. It is proper that you proceed with the Ranees to the fort of Khoorda." My reply was "How is it that in your folly ye have rebelled against the English, the Lords of Hindustan and have undertaken this bad business and that ye thus endeavour to reduce me from my allegiance to the company' into a participation in your guilt me who have long enjoyed their favour and protection?" To this Jagbundoo replied, 'The inhabitants of Khoorda have sustained in the moffussil a variety of injuries and oppressions from the Bengalees who are the officers under the English Government and who consider and declare themselves to be our masters while no redress is to be obtained at the Sudder by the poor and oppressed from the gentlemen in power, in consequence of the influence of those Bengalees and the favour shown to them, as an instance of which a seer of salt which used to be sold for 1 pan of cowries cannot at present be procured for 12 pans. Moreover where I rupee was once taken on account of revenue 10 are now exacted and after all there are often demands and balances. By the injustice of the Judges, the oppression of the wicked Thanadars and the tyranny of the officers of the salt Mahals the people are altogather overwhelmed and being unable to leave their loved native land are grown desparate and careless of life. They have accordingly with the intention to avenge their injuries appointed me, Jugbundoo Bhownerbur their



୧୦୦

leader'. To this I replied 'why should I like those who forget benefactions, lose sight of the gratitude which I owe to the company? The English have conferred many benefits upon me. They have for example confirmed me in the office which I have long held in the temple of Jauggernauth Jee. Why then should I, not withstanding those objections, follow a course of wickedness the very reverse of what is just and like you wander through the woods and mountains after the manner of mad man?' Jugbundoo replied 'if you will comply with our request and join, I will carry with me to Khoorda both Jenamoni your son and your Ranee while you like a worshiper of God can remain here (i. e. at Juggernauth) and employ yourself in the discharge of religious duties'. As it had frequently happened in former times that treacherous Dewans and Bukshees murdered the Rajahs my forefathers and confirming the Raj upon a child of the family, followed without restraint the bent of their own inclinations, I became alarmed for my life and to preserve it I treated them as one treats fools—I deceived them into a belief that I consented to their with by which I preserved my freedom in the hope of the arrival of the English troops. Thus for the space of 5 days did I put them off with false promises. On the 17th April I secretly despatched my Muktar (i. e manager) Parrostum Bhary with a letter to the Colonel, the Magistrate and collector, containing an account af all this and soliciting military aid. Of this nothing was known to Jagbundoo or the rest. At this time my servants and people were frieghtened into submission by Jugbundoo who when he learnt that Lt. Le Fevre was approaching by way of Kanas, took his sword and accompained by the paiks and attendants came to the door of my private apartments. On hearing this I shut the females in a room and looked the door and despairing of my life asked him "why following. Like him, a cause of folly, I should abonden the temple of Juggernauth and trust him with my infant son Jenamani?" adding that if he means

ଗଜପତି ଇଂରେଜ ସରକାରଙ୍କୁ ଲେଖିଥିବା ଚିଠିର ନକଲ।

## ସିଡ୍‌ନୀ ବିମାନବନ୍ଦରରେ ଶିଳ୍ପା ହଟହଟା

**ମେଲବୋର୍ନ:** ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ରବିବାର ସିଡ୍‌ନୀ ବିମାନବନ୍ଦରରେ ହଟହଟାର ସମ୍ମୁଖୀନ ହୋଇଥିଲେ। ତାଙ୍କ ପ୍ରତି ଜାତିଗତ ଆକ୍ଷେପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଜଣେ ଯାତ୍ରୀଙ୍କ ବର୍ଣ୍ଣକୁ ନେଇ ତାଙ୍କ ପ୍ରତି ଏଭଳି ଆଚରଣ ପ୍ରଦର୍ଶନ କରାଯାଇ ନ ପାରେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



ଏହି ଅଭିନେତ୍ରୀ ସିଡ୍‌ନୀରୁ ମେଲବୋର୍ନ ଯାତ୍ରା କରୁଥିବା ବେଳେ ତାଙ୍କୁ ହଇରାଣ କରାଯାଇଥିବା ସମ୍ପର୍କରେ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ସେ ଦୁଇଟି ବ୍ୟାଗ୍ ବହନ କରିନେଉଥିବାବେଳେ ଗୋଟିଏ ବ୍ୟାଗ୍ ଅଧା ଭର୍ତ୍ତି ହୋଇଥିଲେ ମଧ୍ୟ ଏହା ଓଭରସାଇଜ୍‌ଡ ବୋଲି ଆପତ୍ତି ଉଠାଯାଇଥିଲା। ଏହାପରେ ସେ 'ଓଭରସାଇଜ୍‌ଡ ଲଗେଜ୍' କାରବାର ସହ ସମ୍ପୃକ୍ତ କାଉଣ୍ଟର ପାଖକୁ ଯାଇଥିଲେ। ସେଠାରେ ଜଣେ ମହିଳା କର୍ମଚାରୀ ତାଙ୍କର ବ୍ୟାଗ୍‌କୁ ହାତରେ ଧରି ୫ ମିନିଟ୍ ପର୍ଯ୍ୟନ୍ତ ତନଖି କରିବା ପରେ ମଧ୍ୟ ସେ କୌଣସି ସ୍ଥିର ନିଷ୍ପତ୍ତିରେ ପହଞ୍ଚିପାରି ନ ଥିଲେ। ଏହାପରେ ସେ ବିଚଳିତ ହୋଇପଡିଥିଲେ ଏବଂ ଏଥିପାଇଁ ସେ ସମସ୍ୟା ଭୋଗୁଥିବା ପ୍ରକାଶ କରିଥିଲେ। ଅନ୍ୟ ଜଣେ କର୍ମଚାରୀ ଉକ୍ତ ବ୍ୟାଗ୍ ଓଭରସାଇଜ୍‌ଡ ନୁହେଁ ଏବଂ ଏହାକୁ ସହଜରେ ଚେକ୍ କରାଯାଇପାରେ ବୋଲି ପ୍ରକାଶ କରିଥିଲେ। ସିଡ୍‌ନୀ ଏୟାରଲାଇନ୍ସର କର୍ମଚାରୀଙ୍କ ଏଭଳି ବ୍ୟବହାର ଅସହ୍ୟ ବୋଲି ଶିଳ୍ପା ପ୍ରକାଶ କରିଛନ୍ତି। ଶିଳ୍ପା ୨୦୦୭ରେ ବ୍ରିଟିଶ ରିୟଲିଟି ଶୋ' 'ସେଲିବ୍ରିଟି ବିଗ୍ ବ୍ରଦର'ରେ ଅଂଶଗ୍ରହଣ କରିବାବେଳେ ଅନୁରୂପ ଜାତିଗତ ଆକ୍ଷେପର ସମ୍ମୁଖୀନ ହୋଇଥିଲେ।

## ବନ୍ୟା ସମୟରେ ଚିକିତ୍ସା ନ ପାଇ ୪ ବର୍ଷର ଝିଅ ମୃତ୍ୟୁ ଅଭିଯୋଗ

**କାଳିମେଲା,୨୩।୯(ଡି.ଏନ.ଏ.)**

ମାଲକାନଗିରି ଜିଲା କାଳିମେଲା ବ୍ଲକରେ ୨ ଦିନ ତଳେ ବନ୍ୟା ଯୋଗୁ ଲୋକମାନେ ଘରୁ କୁଆଡେ ବାହାରି ପାରି ନ ଥିଲେ । ପାଣିର ସ୍ରୋତ ଏତେ ଅଧିକ ରହିଥିଲା ଯେ ଭୟରେ ଲୋକମାନେ ଘରୁ ବାହାରି ନ ଥିଲେ। ତେବେ ଏହି ବନ୍ୟା ପ୍ରଭାବରେ ଆଉ ଗୋଟିଏ ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଗିରକାନପାଲି ଗ୍ରାମର ରାମ ପ୍ରସାଦ ଇସ୍ଲାବତଙ୍କ ୪ ବର୍ଷର ଝିଅ ବିଷ୍ଣୁଦେବୀ ଇସ୍ଲାବତକୁ ୩ ଦିନ ତଳେ ଜ୍ୱର ହୋଇଥିଲା । ଶନିବାର ସନ୍ଧ୍ୟା ୭ଟାରେ ଝିଅର ଅବସ୍ଥା ଗୁରୁତର ହୋଇପଡିଥିଲା। ତେବେ ଚାରିଆଡେ ପାଣିଥିବାରୁ ଝିଅକୁ ମେଡିକାଲ ନେବା ପରିବାର ପକ୍ଷେ ସମ୍ଭବ ହୋଇ ନ ଥିଲା । ପରେ କାଳିମେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଳମ୍ବରେ ଆଣିଥିବା ବେଳେ ସେଠାରେ ତା'ର ଅବସ୍ଥା ଅଧିକ ଖରାପ ହୋଇପଡିଥିଲା । କାଳିମେଲା ଡାକ୍ତର ତାଙ୍କୁ ମାଲକାନଗିରି ସ୍ଥାନାନ୍ତର କରି ଦେଇଥିଲେ। ଝିଅକୁ ନେଉଥିବା ବେଳେ ଏମଭି–୭ ଗ୍ରାମ ପାଖରେ ତା'ର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ତାକୁ ସେଠାରୁ ଫେରାଇ ଆଣି ନିଜ ଘରକୁ ନେଇଯାଇଥିଲେ। ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ବନ୍ୟା ପ୍ରଭାବରେ ଘରର କାନ୍ଥ ପଡ଼ି ଶିଶୁଗୁଡା ଗ୍ରାମର ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଥିଲା।

## ଦୁଇ ମହଲାରୁ ଖସି ଶ୍ରମିକ ମୃତ

**ରାୟଗଡା ଅଫିସ୍, ୨୩।୯**

ରାୟଗଡା ସହରର କର୍ପୋଟେ କଲୋନୀ ପ୍ରଥମ ଲାଇନ୍‌ରେ ଦୁଇ ମହଲାରୁ ଖସି ଜଣେ ଶ୍ରମିକଙ୍କ ରବିବାର ମୃତ୍ୟୁ ହୋଇଛି । ସେ ହେଲେ ରାୟଗଡା ବ୍ଲକ୍ ବାଇସିଂ ପଞ୍ଚାୟତ ଜୁରୁଡି ଗ୍ରାମର ରତନ ସିରିକା(୩୦) । ଖବରପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପୋଲିସ ଠିକାଦାରଙ୍କୁ ନେଇ ପଚରାଉଚରା ଚଳାଇଛି। କର୍ପୋରେଟ କଲୋନୀରେ ରହୁଥିବା ସୂର୍ଯ୍ୟ ନାରାୟଣ ମହାରଣାଙ୍କ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିଲା । ଏହାକୁ ଉମେଶ ମହାରଣା ନାମକ ବ୍ୟକ୍ତି ଠିକାରେ ନେଇ ଶ୍ରମିକ ନିୟୋଜିତ କରିଥିଲେ । ରତନ ଦୁଇ ମହଲା କୋଠାର ବାହାର ପାର୍ଶ୍ୱରେ ପ୍ଲାଷ୍ଟର କାର୍ଯ୍ୟ କରୁଥିବା ବେଳେ ଅସାବଧାନତା ଯୋଗୁ ସେ ତଳକୁ ଖସି ପଡ଼ିଥିଲେ। ଠିକାଦାର ମହାରଣା ଏବଂ ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ରତନଙ୍କ ସ୍ତ୍ରୀ ନିଳନ୍ତୀ ସିରିକା, ମା' କୁନୁ ସିରିକା ଏବଂ ଅନ୍ୟ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ । ଲେବର ୟୁନିୟନରେ ନାମ ପଞ୍ଜୀକୃତ କରିଛି । କିନ୍ତୁ ଶ୍ରମିକ ଲାଇସେନ୍ସ କିମ୍ବା କାମ କରିବା ପାଇଁ ଲାଇସେସନ୍ସ କରିନାହାନ୍ତି ବୋଲି ଠିକାଦାର ମହାରଣା ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ରାୟଗଡା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରାଙ୍କୁ ପଚାରିବାରୁ, ଡାକ୍ତରଙ୍କ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ରିପୋର୍ଟ ପହଞ୍ଚିନାହିଁ । ସୂଚନାପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଠିକାଦାରଙ୍କୁ ପଚରାଉଚରା ଚଳାଇଛି ବୋଲି କହିଛନ୍ତି । ମୃତ ଶ୍ରମିକଙ୍କ ପରିବାରକୁ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି ।

## ଚାକିରି ସ୍ଥାୟୀ ଦାବିରେ ଅକ୍ଟୋବର ୨ରୁ ଧାରଣାରେ ବସିବ ଓଡ଼ିଶା ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘ

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

ଚାକିରି ସ୍ଥାୟୀ କରିବା ଦାବିରେ ଓଡ଼ିଶା ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲୋୟର ପିଏମ୍‌ଜିରେ ଅନଶନରେ ବସିବ ବୋଲି ସଂଘର ସଭାପତି ଅନିଲ ମହାନ୍ତି କହିଛନ୍ତି। ମଙ୍ଗଳବାରଠାରୁ ସଂଘର ସଦସ୍ୟ ଅର୍ଥାତ୍ ୫୫ ସରକାରୀ ରକ୍ତଭଣ୍ଡାରରେ କାର୍ଯ୍ୟରତ ୧୮୦ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟସ୍ଥଳରେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିବେ ବୋଲି ମହାନ୍ତି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ଦାବି ପୂରଣ ନେଇ ସଂଘ ପକ୍ଷରୁ ରବିବାର ନେହରୁ ଯୁବ ପ୍ରତିଷ୍ଠାନରେ ସଭାପତି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ମହାନ୍ତି କହିଛନ୍ତି, ରାଜ୍ୟରେ ୫୫ ରକ୍ତ ଭଣ୍ଡାର ସରକାରୀ ମାନ୍ୟତା ପାଇଥିଲେ ମଧ୍ୟ ଏଥିରେ କାର୍ଯ୍ୟରତ ୧୮୦ ଅସ୍ଥାୟୀ କର୍ମଚାରୀଙ୍କୁ ସରକାର ସ୍ଥାୟୀ କରୁନାହାନ୍ତି। ସରକାରଙ୍କୁ ସଂଘ ବାରମ୍ବାର ଦାବିପତ୍ର ଦେବା ସତ୍ତ୍ୱେ ସରକାର ଦାବି ପୂରଣ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ସଂଘ ବାଧ୍ୟହୋଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାକୁ ଓହ୍ଲାଇଛି। ଆନ୍ଦୋଳନା ଚାଲିଥିବା ଦିନଗୁଡିକରେ ରାଜ୍ୟର ସବୁ ସରକାରୀ ଡାକ୍ତରଖାନାରେ ଥିବା ରକ୍ତଭଣ୍ଡାର କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ଧାରଣାରେ ସାମିଲ ହେବେ। ସେହିଦିନଗୁଡିକରେ ରକ୍ତ ପାଇଁ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ସେଥିଲାଗି କେବଳ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମହାନ୍ତି ସରକାରଙ୍କୁ ଖୋଲାଖୋଲି ଭାବେ ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ସଂଘର ସମ୍ପାଦକ ରମଣୀରଞ୍ଜନ ଗଡ଼ନାୟକ, ଉପସଭାପତି ବସନ୍ତ ବେହେରା, ଅକ୍ଷୟ ଜେନା ଏବଂ ରୁଦ୍ର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

OFFICE OF THE DEAN & PRINCIPAL
BHIMA BHOI MEDICAL COLLEGE & HOSPITAL, BALANGIR
At/PO/Dist.- Balangir, PIN- 767002 (Odisha)
Email: gmcbalangir@gmail.com, Tel.- 06652-236001, Fax: 06652-236002
(Formerly known as Government Medical College & Hospital, Balangir)
No. 1482 NOTICE Date: 17.09.2018
**No. 443-E:-** This is for information of all concerned that, the tender noticed floated vide this Office Letter No. 1125/18-19/ GMCH, dated 24.07.2018 for procurement of Models, Charts and Specimens etc. is hereby cancelled. A fresh tender notice will be published soon with inclusion of more items.
*Sd./- Dean & Principal,*
*Government Medical College & Hospital, Balangir*
10126/11/0011/1819

Government of Odisha
"e" Procurement Notice
No.624-B
WORKS DEPARTMENT
Bid Identification No. S.E.K.C., Keonjhar No. 16 / 2018-19
e-mail : sekcpwd_keonjhar@yahoo.com
Letter No. 2908 Dt. 11.09.2018

| | | |
|---|---|---|
| 1. Name of the work | :- | Construction of H.L. Bridge over river Sona at Joda in Keonjhar district under D.M.F for 2018-19 |
| 2. Estimated cost | :- | Rs. 398.71 Lakhs |
| 3. Period of completion | :- | 11 (Eleven) Calendar Months |
| 4. Date and Time of availability of Bid document in the portal | :- | From 11.00 Hours of 25.09.2018 to 16.00 Hours of 10.10.2018 |
| 5. Last date / Time for receipt of bids in the portal | :- | 16.00 Hours of 10.10.2018 |
| 6. Date of opening of Bid from Portal | :- | 12.00 Hours on 12.10.2018 |
| 7. Name and address of the officer inviting Bid | :- | Superintending Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal **"http://tendersodisha.gov.in"**.
Sd./- P.C. Nayak
Superintending Engineer
Keonjhar (R&B) Circle, Keonjhar
34004/11/0024/1819

OFFICE OF THE EXECUTIVE ENGINEER
MINOR IRRIGATION DIVISION, ANGUL
No. 1532 Date: 15 / 09 / 2018
GOVERNMENT OF ODISHA
e- Procurement Notice
No.535-A
Bid ID. E.E, M.I. Division, Angul No.-05/2018-19
E-mail ID: eemidivision_angul@yahoo.com

| | | |
|---|---|---|
| Name of the work | : | Improvement to Ogee Para Minor Irrigation projects in Chhendipada Block of Angul District under M.I. Division, Angul (Double Cover) |
| No. of Works | : | 1 (One) No. |
| Estimated Cost | : | Rs.84.00 Lakhs |
| Cost of Tender Paper | : | From Rs. 10,000 /- (Non-Refundable) to be paid electronically through the payment gateway of designated Banks |
| Period of Completion | : | 06(six) calendar months |
| Availability of bid documents for sale and receipt through On-line | : | From dt.26.09.2018, 10.00 A.M, to dt.09.10.2018, upto 5.00PM in website (**www.tendersorissa.gov.in**) |
| Date of opening of bid documents | : | On dt.10.10.2018 at 10.30 A.M in the Office of the Executive Engineer, M.I. Division, Angul |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC). |
| The detail tender call notice can also be seen in the DOWR website | : | **http:/dowrorissa.gov.in** |
| Name & Address of the OIT | : | Executive Engineer, Minor Irrigation Division, Angul. At / P.O.: Hakimpada, College Square District : Angul, PIN-759143, Ph. No .: 06764- 236522, Email ID: **eemidivision_angul@yahoo.com** |

Further details can be seen from the e-Procurement market place **http://tendersorissa.gov.in**.
(Er. J. C. Nayak)
Executive Engineer
M.I. Division, Angul
32284/11/0007/1819

Tender to operate A/C Deluxe Buses on Charter Basis from District Hqrs. to Rajadhani Bhubaneswar / Cuttack
ODISHA STATE ROAD TRANSPORT CORPORATION, BHUBANESWAR
No. 13194/OSRTC/ Bhubaneswar Dated 22.09.18
CORRIGENDUM
Operation of OSRTC buses on Charter Basis
In continuation to the Tender Notice No. 11531, dated 18.08.2018 published in the Odia daily the "Samaj" and the "Dharitri" and hosted in OSRTC website www.osrtc.in the bid document is modified as follows:
1. In the 10th phase Chartering of buses, Person / Company / Organization desirous of taking five (05) or more routes shall be given preference during selection.
2. OSRTC will operate A/C Deluxe buses as "Rajdhani Express" operating from District Headquarters to State Capital, Bhubaneswar. Person / Company / Organization desirous of taking five (05) or more routes shall be given preference during selection.
All other terms and conditions of the Tender remains unaltered. Once selected the Firm / Person / Organization shall follow the OSRTC policies and terms & conditions.
*Sd./- General Manager (Admn.)*
*OSRTC, Bhubaneswar*

GOVERNMENT OF ODISHA
OFFICE OF THE SUPERINTENDING ENGINEER
PHULBANI (R&B) CIRCLE, PHULBANI
Phone : - 06842 254004/ FAX : - 06842 255054
Email: sernbphulbani@gmail.com
No.606-B
INVITATION FOR BIDS (IFB)
Bid Identification No. SE-(R&B)-PLB- 05/2018-19
No. 1148 Dated 18.09.2018

| | | | |
|---|---|---|---|
| 1 | The Superintending Engineer, Phulbani (R& B) Circle, Phulbani on behalf of the Governor of Odisha invites percentage rate bid (Composite Tender) in double cover system in ONLINE MODE for construction of building works detailed in the table below from eligible contractors. | | |
| 2 | Nature of work | :- | Building work |
| 3 | No. of tenders | :- | 2 nos of Building work |
| 4 | Tender cost | :- | Rs. 10,000/- (through online) only |
| 5 | Class of Contractor | :- | "B" Class and 'A' Class |
| 6 | Date & Time of sale & receipt of bids | :- | 27.09.2018 to 10.10.2018 |
| 7 | Date of Opening of bid | :- | 11.00 AM of 11.10.2018 |
| 8 | The Bidders shall have to participate in online bidding only. Further details can be seen from the website **https://tendersodisha.gov.in**. any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd./- Er. Tushar Ranjan Parida
Superintending Engineer,
Phulbani (R&B) Circle, Phulbani
34129/11/0007/1819

See Career Appointment on every Wednesday & Saturday

GOVERNMENT OF ODISHA
OFFICE OF THE SUPERINTENDING ENGINEER
CUTTACK (R&B) CIRCLE, CUTTACK
Tel/Fax – 0671-2301751/230271, E-mail.ID-sectcrb_2006@yahoo.co.in
('e' – PROCUREMENT NOTICE)
Bid Identification No.S.E.Ctc.(R&B) 7/2018-19
No.607-B
1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road works as mentioned below.
2. No. of work :- 8 Nos.
3. Nature of work :- Road works
4. Class of contractor :- 'B', & 'A' & Special Class
5. Tender paper cost :- Rs.10000/- **(online)**
6. Available of bid documents in the website :- **From 25.09.2018 to 16.00 Hours of 10.10.2018**
7. Date of opening of bid :- **Dt. 12.10.2018 at 11.00 Hours**
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website.
Superintending Engineer
Cuttack(R&B)Circle
34012/11/0016/1819

# ଉଷୁମ ଲେମ୍ବୁପାଣି : କେତେ କଥା



**ଉଷୁମ ଲେମ୍ବୁପାଣିରେ ଅନେକ ଉପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...**

- ଉଷୁମ ଲେମ୍ବୁ ପାଣିରେ ଭିଟାମିନ୍-ସି ଏବଂ ପୋଟାସିୟମ ଭରି ରହିଛି, ଯାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ନିୟମିତ ଉଷୁମ ଲେମ୍ବୁପାଣି ପିଇଲେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।
- ଏହାକୁ ପିଇଲେ ମେଦବୃଦ୍ଧି ସମସ୍ୟାରୁ ଅନେକାଂଶରେ ମୁକ୍ତି ମିଳିଥାଏ।
- ପାଚନକ୍ରିୟାଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ଲେମ୍ବୁ ପାଣି ପିଇଲେ ତାହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ।
- ଏଭଳି ପାଣି ନିୟମିତ ପିଇଲେ ଶରୀରରେ ଇନଫେକସନ ଆଶଙ୍କା ଅନେକାଂଶରେ କମ୍ ଥାଏ।
- ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖେ ଉଷୁମ ଲେମ୍ବୁପାଣି।

# ହୃଦ୍‌ରୋଗଜନିତ ଆଶଙ୍କା ଦୂର କରେ ଦୁଗ୍ଧଜାତୀୟ ଖାଦ୍ୟ



ହୃଦ୍‌ରୋଗଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ଏହାର ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଦୁଗ୍ଧଜନିତ ଖାଦ୍ୟ ଖାଆନ୍ତି ତେବେ ତାହା ହୃତପିଣ୍ଡ (ହାର୍ଟ)କୁ ସୁସ୍ଥ ରଖିଥାଏ। ଏପରି ବିଷୟବସ୍ତୁ ନେଇ ଲଣ୍ଡନ ୟୁନିଭର୍ସିଟିର ହୃଦ୍‌ରୋଗ ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ଦୁଗ୍ଧଜାତୀୟ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ଅପରପକ୍ଷରେ ନିୟମିତ ସମୟ ଅନ୍ତରାଳରେ ଏହାର ପ୍ରଭାବ ହାର୍ଟ ଉପରେ କି ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ନିରୀକ୍ଷଣ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ହାର୍ଟରେ କୌଣସି ସମସ୍ୟା ଦେଖିବାକୁ ମିଳି ନ ଥିଲା। ହେଲେ ଏପରି ଖାଦ୍ୟ ସହ ନିୟମିତ କିଛି ସମୟ ବ୍ୟାୟାମ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ସୌରଜଗତକୁ ପରିକ୍ରମା କରୁଥିବା ସ୍ୱପ୍ନର ମଣିଷ



ସ୍ମିତା ଚାନ୍ଦ

ମହାନ୍ ବୈଜ୍ଞାନିକ ଅବଦୁଲ କଲାମ କହିଥିଲେ, ଯଦି ସ୍ୱପ୍ନ ଦେଖିବ, ତେବେ ଦିନରେ ଦେଖ, ଆଖି ଖୋଲି ସ୍ୱପ୍ନ ଦେଖ । ମୁଁ ବି ଆଖି ଖୋଲି ଦେଖୁଥିଲି କାନ୍ଥରେ ଝୁଲୁଥିବା ସେହି ମହାନ୍ ବ୍ୟକ୍ତିଙ୍କର ଫଟୋଚିତ୍ରକୁ। ଭାବୁଥିଲି ରକେଟ୍ ଓ କ୍ଷେପଣାସ୍ତ୍ର ନିର୍ମାଣ କୌଶଳର କଥା। ଏମିତି ଏକ ରକେଟ୍‌କୁ ସ୍ୱପ୍ନ ଦେଖୁଥିଲି, ଯାହା ସହଜରେ ପୃଥିବୀର ମାଧ୍ୟାକର୍ଷଣ ବଳୟ ବାହାରକୁ ଯାଇପାରିବ। ସେଥିପାଇଁ ସେ ସେକେଣ୍ଡକୁ ୧୧.୨ କିଲୋମିଟର ଗତି କରିପାରୁଥିବ । ସେହି ବେଗକୁ ଆମେ କହୁ 'ପଳାୟନ ବେଗ'। କୌଣସି ବସ୍ତୁକୁ ସେତିକି ବେଗରେ ଉପରକୁ ଫିଙ୍ଗିଲେ ତାହା ପୃଥିବୀର ଆକର୍ଷଣ ବାହାରକୁ ପଳେଇବ। ବସ୍ତୁଟି ଆଉ ପୃଥିବୀପୃଷ୍ଠକୁ ଫେରି ଆସିବ ନାହିଁ। ସେଇଥିପାଇଁ ତ ସେହି ବେଗର ନାମ 'ପଳାୟନ ବେଗ' ରଖାଯାଇଛି, ଯାହାର ପରିମାଣ ଘଣ୍ଟାକୁ ପ୍ରାୟ ୪୦,୦୦୦ କିମି।

କାନ୍ଥରେ ଝୁଲୁଥିବା ସେହି ଫଟୋଚିତ୍ର ଭିତରେ ଦେଖୁଥିଲି ମୋ ସ୍ୱପ୍ନର ମଣିଷଙ୍କୁ । ସେ ମଣିଷ ନୁହନ୍ତି, ବରଂ ହାଡ଼ମାଂସରେ ଗଢା ଜଣେ ଦେବାତ୍ମା। ଜଣେ ଅମାୟିକ ବୈଜ୍ଞାନିକ । ତାଙ୍କ ଭିତରେ କେବଳ ଭଲ ଗୁଣ ହିଁ ଭରପୂର ହୋଇ ରହିଥିଲା। ମନରେ ହିଂସା ନ ଥିଲା, କି ହୃଦୟରେ ରାଗ ଓ ଛଳନା ନ ଥିଲା । ସମସ୍ତଙ୍କ ପ୍ରତି ସ୍ନେହ, ସହାନୁଭୂତି ଓ ଭଲପାଇବା ରହିଥିଲା। ସେ ଥିଲେ ଏକ ଅଜବ ଦୁନିଆର ମଣିଷ । ତାଙ୍କ ଦୁନିଆରେ ସମସ୍ତେ ସମସ୍ତଙ୍କୁ ସାହାଯ୍ୟ କରୁଥିଲେ। ସହନଶୀଳତା ସମସ୍ତଙ୍କର ଭୂଷଣ ଥିଲା। ସମସ୍ତେ ସମସ୍ତଙ୍କର ଦୁଃଖ ଓ ସୁଖକୁ ଅବିଳମ୍ବେ ବୁଝି ପାରୁଥିଲେ। ସମସ୍ତେ ଥିଲେ ପିମ୍ପୁଡ଼ିଠାରୁ ବି ଅଧିକ ଶୃଙ୍ଖଳିତ। ତାଙ୍କ ଦୁନିଆରେ ସବୁଠି ସବୁଜିମା ଭରି ରହିଥିଲା । ପରିବେଶ ସୁସ୍ଥ ଥିଲା। ସମସ୍ତେ ସୁନ୍ଦର ଭାବେ ଭାବ ବିନିମୟ କରିପାରୁଥିଲେ। ସେ ଗଛର ଭାଷା ପଢିପାରୁଥିଲେ । ପାଟି ଫିଟୁ ନ ଥିବା ଜୀବର ମନ କଥା ବୁଝି ପାରୁଥିଲେ।

ତାଙ୍କର ଡେଣା ଥିଲା। ରକେଟ୍ ପରି ଶକ୍ତିଶାଳୀ ଡେଣା । ନିଜର ଡେଣା ସାହାଯ୍ୟରେ ସେ ମହାକାଶରେ ବିଚରଣ କରିପାରୁଥିଲେ । ପୃଥିବୀର ମାଧାକର୍ଷଣ ବଳ ତାଙ୍କୁ ଅଟକାଇ ପାରୁ ନ ଥିଲା। ସେ ଅତି ସହଜରେ ପଳାୟନ ବେଗରେ ଉଡ଼ି ଉଡ଼ି ପୃଥିବୀର ଆକର୍ଷଣ ବଳୟ ବାହାରକୁ ଯାଇପାରୁଥିଲେ। ଅନ୍ୟ ଗ୍ରହର ଜୀବମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରୁଥିଲେ।

ପୃଥିବୀକୁ ମିଶେଇ ଆମ ସୌରଜଗତରେ ଆଠଟି ଗ୍ରହ ଅଛନ୍ତି । ଗ୍ରହଗୁଡିକ ନିଜ ଚାରିପଟେ ନଟୁ ପରି ବୁଲିବା ସହ ସୂର୍ଯ୍ୟଙ୍କ ଚାରିପଟେ ଘୂରୁଛନ୍ତି। ସୂର୍ଯ୍ୟ ମଧ ସ୍ଥିର ନୁହେଁ। ସେ ବି ନିଜ ଚାରିପଟେ ଘୂରିବା ସହ ଆମ ଆକାଶଗଙ୍ଗା ଛାୟାପଥରେ ଘୂରୁଛି। ଆକାଶଗଙ୍ଗା ଛାୟାପଥରେ ସୂର୍ଯ୍ୟ ଭଳି କୋଟି କୋଟି ବଡ଼ ସାନ ନକ୍ଷତ୍ର ରହିଛି। ଆମ ବିଶ୍ୱ ବ୍ରହ୍ମାଣ୍ଡରେ ଆକାଶଗଙ୍ଗା ଛାୟାପଥ ଭଳି ଅନେକ ଛାୟାପଥ ରହିଛି । ସବୁ ଛାୟାପଥ ଘୂରୁଛନ୍ତି । ମୋଟାମୋଟି କହିଲେ, ବିଶ୍ୱ ବ୍ରହ୍ମାଣ୍ଡରେ ସମସ୍ତ ଗ୍ରହ, ଉପଗ୍ରହ, ନକ୍ଷତ୍ର ଓ ଛାୟାପଥ, ସମସ୍ତେ ଘୂରୁଛନ୍ତି। ସତରେ କେତେ ଶୃଙ୍ଖଳିତ ସେମାନେ ?






> "ପୃଥିବୀକୁ ମିଶେଇ ଆମ ସୌରଜଗତରେ ଆଠଟି ଗ୍ରହ ଅଛନ୍ତି। ଗ୍ରହଗୁଡ଼ିକ ନିଜ ଚାରିପଟେ ନଟୁ ପରି ବୁଲିବା ସହ ସୂର୍ଯ୍ୟଙ୍କ ଚାରିପଟେ ଘୂରୁଛନ୍ତି। ସୂର୍ଯ୍ୟ ମଧ ସ୍ଥିର ନୁହେଁ। ସେ ବି ନିଜ ଚାରିପଟେ ଘୂରିବା ସହ ଆମ ଆକାଶଗଙ୍ଗା ଛାୟାପଥରେ ଘୂରୁଛି। ଆକାଶଗଙ୍ଗା ଛାୟାପଥରେ ସୂର୍ଯ୍ୟ ଭଳି କୋଟି କୋଟି ବଡ଼ ସାନ ନକ୍ଷତ୍ର ରହିଛି। ଆମ ବିଶ୍ୱ ବ୍ରହ୍ମାଣ୍ଡରେ ଆକାଶଗଙ୍ଗା ଛାୟାପଥ ଭଳି ଅନେକ ଛାୟାପଥ ରହିଛି। ସବୁ ଛାୟାପଥ ଘୂରୁଛନ୍ତି। ମୋଟାମୋଟି କହିଲେ, ବିଶ୍ୱ ବ୍ରହ୍ମାଣ୍ଡରେ ସମସ୍ତ ଗ୍ରହ, ଉପଗ୍ରହ, ନକ୍ଷତ୍ର ଓ ଛାୟାପଥ ସମସ୍ତେ ଘୂରୁଛନ୍ତି। ସତରେ କେତେ ଶୃଙ୍ଖଳିତ ସେମାନେ?"

ମୋ ସ୍ୱପ୍ନର ମଣିଷ ବେଳେବେଳେ ଆମର ମାମୁଘର ଚନ୍ଦ୍ରପୃଷ୍ଠକୁ ଉଡି ଯାଉଥିଲେ । ଚନ୍ଦ୍ରପୃଷ୍ଠରେ ପଳାୟନ ବେଗ ହେଉଛି ପୃଥିବୀର ପଳାୟନ ବେଗର ପାଞ୍ଚ ଭାଗରୁ ମାତ୍ର ଏକ ଭାଗ, ଅର୍ଥାତ୍ ସେକେଣ୍ଡକୁ ୨.୩୮ କିମି। ସେ ଚନ୍ଦ୍ରପୃଷ୍ଠରେ ପାଦ ରଖି ବଡ଼ ବଡ଼ ଖାଲୁଆ ସ୍ଥାନ ଓ ଛୋଟ ଛୋଟ ପାହାଡ ଭଳି ଉଚ୍ଚା ସ୍ଥାନର ମଜା ନେଉଥିଲେ । ତାଙ୍କ ପାଇଁ ପୃଥିବୀର ଆକର୍ଷଣ ବିପକ୍ଷରେ ଉଡିବା ଯେତିକି କଷ୍ଟ, ଚନ୍ଦ୍ରର ଆକର୍ଷଣ ବିପକ୍ଷରେ ଉଡିବା ସେତେ କଷ୍ଟ ନ ଥିଲା । ସୂର୍ଯ୍ୟଙ୍କର ସବୁଠାରୁ ନିକଟରେ ରହିଛି ବୁଧ ଗ୍ରହ । ସେ ବୁଧଗ୍ରହକୁ ଯାଉଥିଲେ। ବୁଧଗ୍ରହରୁ ବାହାରିବା ପାଇଁ ସେକେଣ୍ଡକୁ ୪.୨୫ କିମି ଆବଶ୍ୟକ, ଯାହାକି ପୃଥିବୀର ପଳାୟନ ବେଗର ପାଞ୍ଚ ଭାଗରୁ ପ୍ରାୟ ଦୁଇ ଭାଗ । ବୁଧ ଗ୍ରହ ଆମ ସୌରଜଗତର ସବୁଠାରୁ ଛୋଟ ଗ୍ରହ। ସୂର୍ଯ୍ୟଙ୍କର ନିକଟରେ ଥିବାରୁ ଅଧିକ ଆଲୋକ ଯୋଗୁ ମୋ' ସ୍ୱପ୍ନର ମଣିଷ ବୁଧ ଗ୍ରହକୁ ଠିକ୍ ଭାବରେ ଦେଖିପାରୁ ନ ଥିଲେ । ଗ୍ରହପୃଷ୍ଠରେ ପାଦ ରଖି କେବଳ ଖାଲ ଢିପ ଅନୁଭବ କରିପାରୁଥିଲେ ।

ବୁଧ ଗ୍ରହକୁ ଛାଡି ସେ ଉଡି ଯାଇଥିଲେ ଶୁକ୍ର ଗ୍ରହକୁ। ଶୁକ୍ର ଗ୍ରହରେ ପାଦ ଦେବାର ଆନନ୍ଦ ଥିଲା କିଛି ନିଆରା। ଏହି ଗ୍ରହଟି ଅନ୍ୟ ଗ୍ରହଗୁଡିକ ପରି ନିଜ ଚାରିପଟେ ପଶ୍ଚିମରୁ ପୂର୍ବକୁ ଘୂରେ ନାହିଁ, ବରଂ ପୂର୍ବରୁ ପଶ୍ଚିମକୁ ଘୂରୁଛି। ହଁ, ଶୁକ୍ର ଗ୍ରହ ପରି ୟୁରାନସ୍ ମଧ ପୂର୍ବରୁ ପଶ୍ଚିମକୁ ଘୂରେ। ଶୁକ୍ର ଗ୍ରହର ପଥୁରିଆ ମୃତ୍ତିକା, ବିଷାକ୍ତ ଘନ ବାୟୁମଣ୍ଡଳ ଓ ଜଳ ଶୂନ୍ୟତା ମୋ' ସ୍ୱପ୍ନର ମଣିଷଙ୍କୁ ଅତିଷ୍ଠ କରୁଥିଲା। ତେଣୁ ସେ ଶୁକ୍ର ଗ୍ରହରୁ ବିଦାୟ ନେଲେ । ଶୁକ୍ରଗ୍ରହର ପୃଷ୍ଠରୁ ବାହାରିବା ପାଇଁ ସେକେଣ୍ଡକୁ ୧୦.୩୬ କିଲୋମିଟର ବେଗ ଜରୁରୀ । ଶୁକ୍ରଗ୍ରହର ପଳାୟନ ବେଗ ଆମ ପୃଥିବୀର ପଳାୟନ ବେଗ ସହିତ ତୁଳନୀୟ । ସେଠାରୁ ଉଡ଼ି ଉଡି, ସେ ମଙ୍ଗଳ ଗ୍ରହରେ ପାଦ ଦେଇଥିଲେ । ସୌରଜଗତର ଲୋହିତ ଗ୍ରହ ମଙ୍ଗଳ ଉପରେ ବସି ଭବିଷ୍ୟତରେ ପୃଥିବୀବାସୀ ସେଠାରେ ରହିବାର ସ୍ୱପ୍ନ ଦେଖିଥିଲେ । ପୃଥିବୀ ପରି ସେଠାରେ ଋତୁ ପରିବର୍ତ୍ତନ ହେଉଥିବା କଥା ଭାବୁଥିଲେ । ସେଠାରେ ଥିବା ଜଳ ବିଷୟରେ ଭାବୁଥିଲେ। ସେଠାରୁ ବାହାରିବାକୁ ତାଙ୍କର ବୋଧହୁଏ ଇଚ୍ଛା ନ ଥିଲା। ସତ କହିଲେ, ଲାଲ ଗ୍ରହରେ ବସି ସେଠାରେ ଆଉ ଏକ ପୃଥିବୀର ପରିକଳ୍ପନା କରୁଥିଲେ। ତାଙ୍କୁ ଲାଗୁଥିଲା, ଏହା ଦିନେ ନା ଦିନେ ବାସ୍ତବତାର ରୂପ ବି ନେଇପାରେ । ଇଚ୍ଛା ନ ଥିଲେ ସେ ମଙ୍ଗଳଗ୍ରହରୁ ବିଦାୟ ନେଲେ । ମଙ୍ଗଳ ପୃଷ୍ଠରୁ ବାହାରିବା ପାଇଁ ପଳାୟନ ବେଗର ପରିମାଣ ଥିଲା ସେକେଣ୍ଡକୁ ୫ କିମି । ଏହା ପୃଥିବୀର ପଳାୟନ ବେଗର ପାଖାପାଖି ଅଢେଇ ଭାଗରୁ ଏକ ଭାଗ।

ସେପଟେ ମୋ ସ୍ୱପ୍ନର ମଣିଷ ଉଡ଼ି ଉଡ଼ି ଗୋଟିଏ ଗ୍ରହରୁ ଆଉ ଗୋଟିଏ ଗ୍ରହକୁ ଚାଲିଯାଉଥିଲେ । ଏପଟେ ମୁଁ ଉଲ୍ଲସିତ ହୋଇ ଉଠୁଥିଲି । ତାଙ୍କର ପରବର୍ତ୍ତୀ ଗନ୍ତବ୍ୟ ସ୍ଥଳ ଥିଲା ଗ୍ରହରାଜ ବୃହସ୍ପତି । ବୃହସ୍ପତି, ଶନି, ୟୁରାନସ ଓ ନେପଚୁନ୍ ଗ୍ରହଗୁଡ଼ିକ ପୃଥିବୀଠାରୁ ଢେର ବଡ଼। ତେଣୁ ଏମାନଙ୍କର ପଳାୟନ ବେଗ ମଧ୍ୟ ପୃଥିବୀର ପଳାୟନ ବେଗଠାରୁ ବେଶ୍ ଅଧିକ। ବୃହସ୍ପତି ପାଇଁ ପଳାୟନ ବେଗର ମୂଲ୍ୟ ସେକେଣ୍ଡକୁ ୬୦ କିମି। ଶନି ପାଇଁ ପଳାୟନ ବେଗର ମୂଲ୍ୟ ସେକେଣ୍ଡକୁ ୩୬ କିମି । ୟୁରାନସ ପାଇଁ ପଳାୟନ ବେଗର ମୂଲ୍ୟ ସେକେଣ୍ଡକୁ ୨୧ କିମି ଏବଂ ନେପଚୁନ୍ ପାଇଁ ପଳାୟନ ବେଗର ମୂଲ୍ୟ ସେକେଣ୍ଡକୁ ୨୪ କିମି। ମୁଁ ସତରେ ଚାହୁଁଥିଲି, ମୋ ପ୍ରିୟ ମଣିଷ ସେସବୁ ଗ୍ରହକୁ ନ ଗଲେ ଭଲ ହେବ । କାରଣ ସେଠାକୁ ଗଲେ, ଗ୍ରହପୃଷ୍ଠ ଛାଡ଼ି ଆକର୍ଷଣ ବଳୟର ବାହାରକୁ ଆସିବା କଷ୍ଟ ହେବ । ତେଣୁ ମଙ୍ଗଳଗ୍ରହରୁ ବାହାରି ଆମର ଜୀବନ୍ତ ସବୁଜିମା ଗ୍ରହ ପୃଥିବୀକୁ ଲେଉଟିବା ଠିକ୍ ହେବ ବୋଲି ମୁଁ ମନେ ମନେ ଭାବୁଥିଲି । କିନ୍ତୁ ସେ କ'ଣ ସାଧାରଣ ମଣିଷ ? ସେ କ'ଣ ମୋ କଥା ଶୁଣିବେ ? ନା, ଶୁଣୁ ନାହିଁ। ପୃଥିବୀକୁ ପଛ କରି ଉଡ଼ିଯାଉଛନ୍ତି ଗ୍ରହରାଜ ବୃହସ୍ପତି ଆଡ଼କୁ। ମୁଁ ଚାହିଁ ରହିଥିଲି ତାଙ୍କର ଫେରିବା ବାଟକୁ। ହଠାତ୍ ପୁଅର 'ମାଆ' ଡାକରେ ମୋର ନିଦ ଭାଙ୍ଗିଗଲା। ସ୍ୱପ୍ନ ହଜିଗଲା। ଆଖି ଖୋଲିଲି। ସୌରଜଗତର ଗ୍ରହଗୁଡ଼ିକ କୁଆଡ଼େ ଉଭେଇ ଯାଇଥିଲେ । ଅମାୟିକ ବୈଜ୍ଞାନିକଙ୍କର ଫଟୋଚିତ୍ର ସେମିତି କାନ୍ଥରେ ଝୁଲୁଥିଲା। ଦୁନିଆକୁ ପୁଣି ଏକ ସାଧାରଣ ମଣିଷ ପରି କାଳାତିପାତ କରିବାର ପ୍ରତିଶ୍ରୁତି ଦେଇ ପୁଅ ପାଖକୁ ଚାଲିଲି।

-ବିଜ୍ଞାନ ଶିକ୍ଷୟିତ୍ରୀ,
ଭଣ୍ଡାରୀପୋଖରୀ ହାଇସ୍କୁଲ, ଭଦ୍ରକ

# ସ୍ୱାସ୍ଥ୍ୟୋପୋକାରୀ ପିଆଜ

**ବିଶେଷ ଭାବରେ ଫାଷ୍ଟଫୁଡ ଜାତୀୟ ଖାଦ୍ୟ ପ୍ରସ୍ତୁତିରେ ପିଆଜର ଆବଶ୍ୟକତା ପଡିଥାଏ। ଅନେକ ଖାଦ୍ୟର ସ୍ୱାଦକୁ ଏହା ବଢ଼ାଇ ଦେଇଥାଏ। ଏଥିରେ ଅନେକ ସ୍ୱାସ୍ଥ୍ୟପୋକାରୀ ଗୁଣ ଭରି ରହିଛି। ସେ ସମ୍ପର୍କରେ ଟିପ୍ସ...**

- ପିଆଜରେ ସଲଫର କମ୍ପାଉଣ୍ଡ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭଳି ତତ୍ତ୍ୱ ଭରି ରହିଛି। ଏହା ଶରୀରର ଭିତର ଭାଗକୁ ଦୃଢ଼ କରିବା ସହ ଶାରୀରିକ ଦୁର୍ବଳତା ଦୂର କରିଥାଏ।
- ଆମ ଶରୀରରେ ଥିବା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ପିଆଜ ସହାୟକ ହୋଇଥାଏ।
- ଏଥିରେ କ୍ୟାନସର ସହ ଲଢ଼ିବାର ଶକ୍ତି ରହିଛି ବୋଲି ଆମେରିକୀୟ କ୍ୟାନସର ବିଶେଷଜ୍ଞମାନେ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି।
- ଆପଣ ଅଲସରଜନିତ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ନିୟମିତ ପିଆଜ ଖାଇଲେ ସେଥିରୁ କେତେକାଂଶରେ ଉପଶମ ମିଳିଥାଏ।



- ପିଆଜରେ ଭିଟାମିନ୍-ଏ, ଇ, ସି ପ୍ରଚୁର ମାତ୍ରାରେ ଭରି ରହିଛି। ଏହାକୁ ନିୟମିତ ଖାଇଲେ ଚର୍ମରେ ଚମକ୍ ଆସିଥାଏ।
- ପିଆଜ ଖାଇଲେ ତାହା ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଏ।

## ମ୍ୟାଲେରିଆ ସଂକ୍ରମଣରୁ ରକ୍ଷା ପାଇବାର ସହଜ ଉପାୟ

ମ୍ୟାଲେରିଆ ସଂକ୍ରମଣଜନିତ ସମସ୍ୟାରୁ ରକ୍ଷା ପାଇବାର ସହଜ ଉପାୟ ହାତ ପାଆନ୍ତାରେ ରହିଛି। ଏଭଳି ଏକ ଉପାୟ ସଦ୍ୟତମ ଗବେଷଣାରୁ ଜଣାପଡିଛି। ମ୍ୟାଲେରିଆ ସଂକ୍ରମଣରୁ କିପରି ସହଜରେ ରକ୍ଷା ପାଇହେବ ସେ ନେଇ ସିଡ୍‌ନୀ ୟୁନିଭର୍ସିଟିର ମ୍ୟାଲେରିଆ ବିଶେଷଜ୍ଞମାନେ ଗବେଷଣା କରିଥିଲେ। ଯଦି ଜଣେ ବ୍ୟକ୍ତି ନିୟମିତ ଭିଟାମିନ ଏଯୁକ୍ତ ଖାଦ୍ୟ ଖାଆନ୍ତି ତେବେ ଏଥିରୁ ଅନେକାଂଶରେ ଉପଶମ ମିଳିବ ବୋଲି ସେମାନେ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଗବେଷଣା ସମୟରେ ସେମାନେ ମ୍ୟାଲେରିଆ ସଂକ୍ରମଣ ସମସ୍ୟା ସହ ଜଡିତ କେତେଜଣ ବ୍ୟକ୍ତିଙ୍କୁ ନିୟମିତ ଭିଟାମିନ୍ 'ଏ'ଯୁକ୍ତ ଖାଦ୍ୟ ଖାଇବାକୁ ଦେଇଥିଲେ। ଅପରପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ମ୍ୟାଲେରିଆ ସଂକ୍ରମଣରୁ ଉପଶମ ଲାଭ କରୁଥିବା ଜଣାପଡିଥିଲା।

# ଫ୍ରଏଡୀୟ ଧାରାରେ ମାନସିକ ସ୍ୱାସ୍ଥ୍ୟ



ପ୍ରଫେସର ଇନ୍ଦୁ ଭୂଷଣ ଦାସ

ଆଧୁନିକ ମନୋବିଜ୍ଞାନର ତୁଙ୍ଗ ଶିଖର- ପୁରୁଷ ସିଗ୍‌ମଣ୍ଡ ଫ୍ରଏଡ। ମନର ଅଜସ୍ର ରହସ୍ୟ ସମ୍ପର୍କରେ ତାଙ୍କର ଯୁଗାନ୍ତକାରୀ ଗବେଷଣା ବିତର୍କ ସୃଷ୍ଟି କରିଆସିଛନ୍ତି ବାରମ୍ବାର। ତେବେ ତାଙ୍କର କେତେକ ବିଶ୍ଲେଷଣ ଏବେ ମଧ ହରାଇ ନାହିଁ ନିଜସ୍ୱ ତାତ୍ପର୍ଯ୍ୟ। ଏବେ ମଧ ମଣିଷ ମନର ବ୍ୟାଖ୍ୟାକାରୀବର୍ଗଙ୍କ ପକ୍ଷରେ ସେ ଗୁରୁ ସ୍ଥାନୀୟ ଭାବମୂର୍ତ୍ତି ନେଇ ବିଦ୍ୟମାନ। ଏ କ୍ଷେତ୍ରରେ ଫ୍ରଏଡ୍‌ଙ୍କ ଦୃଷ୍ଟିଭଙ୍ଗୀ ଥିଲା ଭିନ୍ନ। ସମାଜ ସହିତ ଆପେକ୍ଷିକ ସମ୍ପର୍କ ଓ କାର୍ଯ୍ୟ କରିବାର କ୍ଷମତାକୁ ନେଇ ଜଣଙ୍କର ମାନସିକ ସ୍ୱାସ୍ଥ୍ୟ ଗଠିତ ବୋଲି ସେ ଭାବୁଥିଲେ। ଏଇ ଦର୍ଶନବାଦକୁ ଆହୁରି ସରଳ କରିବାକୁ ଯାଇ ସେ ଉତ୍ଥାନ କରୁଥିଲେ ମଣିଷର ଆପାତତଃ ଉଦ୍ଦେଶ୍ୟ କ'ଣ ଓ ସେଇ ଦୃଷ୍ଟିକୋଣରୁ ତୋ' ଅନୁଭୂତିର ମୂଲ୍ୟବୋଧ। କାରଣ ଦୈନନ୍ଦିନ କାର୍ଯ୍ୟସୂଚୀ ଆମର ଆଚାର, ବ୍ୟବହାର ବିଚାରଶକ୍ତି ଉପରେ ଖୁବ୍ ବେଶି ନିର୍ଭର ନ କରି ଅନୁଭୂତି ଉପରେ ମାତ୍ରାଧିକ ନିର୍ଭର କରେ।

ଏକ ଅନୁଭୂତି ଚାରୋଟି ଭିନ୍ନ ଶକ୍ତିକୁ ଏକ ସୁଷମ ସମନ୍ୱୟରୁ ସୃଷ୍ଟି। ସେଗୁଡ଼ିକ ହେଲା – **ଆତ୍ମୀୟତା ଓ ଘୃଣାଭାବ:** ଆତ୍ମୀୟତାକୁ ସୃଜନଶୀଳ ଓ ଘୃଣାଭାବକୁ ଧ୍ୱଂସାତ୍ମକ ଶକ୍ତି ଭାବରେ ଫ୍ରଏଡ ବର୍ଣ୍ଣନା କରିଛନ୍ତି। ଆମ ଦୈନନ୍ଦିନ ଜୀବନ ସଂଗ୍ରାମ ପାଇଁ ଉଭୟ ସୃଜନଶୀଳ ଓ ଧ୍ୱଂସାତ୍ମକ ଶକ୍ତିର ସମନ୍ୱୟ ଆବଶ୍ୟକ। ଏକ ଶକ୍ତିର ସଦ୍‌ବିନିଯୋଗ ନ ହୋଇ ଅବାସ୍ତବ ବ୍ୟବହାର ହେଲେ, ଏହା ମାନସିକ ସ୍ୱାସ୍ଥ୍ୟ ଉପରେ କୁ-ପ୍ରଭାବ ପକାଏ। ଉଦାହରଣ ସ୍ୱରୂପ ଆକ୍ରମଣାତ୍ମକ ଅନୁଭୂତିକୁ ବାହାରେ ପରିପ୍ରକାଶ ନ କରି, ଜଣେ ଯଦି କ୍ରୋଧ ଓ ଧ୍ୱଂସାତ୍ମକ ମନୋବୃତ୍ତିକୁ ନିଜ ଭିତରକୁ ନିଏ, ଭିତରେ ସବୁ ସମୟରେ ଉତ୍କଣ୍ଠା ଓ ଉଦ୍‌ବେଗ ଲାଗି ରହେ ଏବଂ ନାନାଦି ମାନସିକଜନିତ ଶାରୀରିକ ରୋଗର ଶିକାର ହୋଇ ସେ କ୍ରମଶଃ ପଙ୍ଗୁ ହୋଇଯାଏ। ପୁଣି ଅନେକ ସମୟରେ



> "ଆତ୍ମୀୟତାକୁ ସୃଜନଶୀଳ ଓ ଘୃଣାଭାବକୁ ଧ୍ୱଂସାତ୍ମକ ଶକ୍ତି ଭାବରେ ଫ୍ରଏଡ ବର୍ଣ୍ଣନା କରିଛନ୍ତି । ଆମ ଦୈନନ୍ଦିନ ଜୀବନ ସଂଗ୍ରାମ ପାଇଁ ଉଭୟ ସୃଜନଶୀଳ ଓ ଧ୍ୱଂସାତ୍ମକ ଶକ୍ତିର ସମନ୍ୱୟ ଆବଶ୍ୟକ । ଚାକିରି, ବ୍ୟବସାୟ ବା ଅନ୍ୟ କୌଣସି ବୃତ୍ତି ଅଥବା କୌଣସି ସାମାଜିକ ସମସ୍ୟାର ସମାଧାନ ପାଇଁ ଆମେ ଯେଉଁ ଉତ୍ସାହ ଓ ଆକ୍ରମଣାତ୍ମକ ପଦକ୍ଷେପ ନେଉ, ତାହା ସୃଜନଶୀଳ ଶକ୍ତିର ପ୍ରଭାବ । ଏକ ଶକ୍ତିର ସଦ୍‌ବିନିଯୋଗ ନ ହୋଇ ଅବାସ୍ତବ ବ୍ୟବହାର ହେଲେ, ଏହା ମାନସିକ ସ୍ୱାସ୍ଥ୍ୟ ଉପରେ କୁ-ପ୍ରଭାବ ପକାଏ ।"

ସମସ୍ୟା ସାମାଧାନ ଦିଗରେ ନିଜ କ୍ରୋଧ ବିନିଯୋଗ ନ କରି ସ୍ତ୍ରୀ, ପିଲା କିମ୍ବା ଅଧସ୍ତନ କର୍ମଚାରୀଙ୍କ ଉପରେ ଆମେ



ସିଗ୍‌ମଣ୍ଡ ଫ୍ରଏଡ

ଏହାକୁ ପ୍ରୟୋଗ କରୁ- ଯାହା କୌଣସି ମତେ ସୁସ୍ଥ ମାନସିକ ସ୍ୱାସ୍ଥ୍ୟର ଲକ୍ଷଣ ନୁହେଁ। ନିଜେ ସେତେବେଳେ ନିଜର ସୁବୁଠୁ ବଡ଼ ଶତ୍ରୁ ହୋଇଉଠେ ଏବଂ ଅଧିକ ଗୁରୁତର ପରିସ୍ଥିତିରେ ଜଣେ ଆତ୍ମହତ୍ୟା କରିବାକୁ ବି ଏତେ ଟିକେ ପଛାଏନା। ସେହିପରି ସୃଜନଶୀଳ ଶକ୍ତିର ଆଧିକ୍ୟ ଫଳରେ ଜଣେ ଅତିମାତ୍ରାରେ ସ୍ୱାର୍ଥପରତା ହୋଇଯାଏ, ଫଳତଃ ସମାଜ, ପରିବାର ଓ ପରିବେଶ ସହିତ କୌଣସି ପ୍ରକାରର ସୁସମ୍ପର୍କ ରଖିପାରେନା। ଏହା ବି ସୁସ୍ଥ ମାନସିକତାର ଲକ୍ଷଣ ନୁହେଁ।

-ଲାଇଫ କ୍ଲିନିକ୍, ମହତାବ ରୋଡ,
କଟକ, ମୋ : ୯୪୩୭୨୯୭୮୯୯



ପ୍ରକୃତ ନିବେଶକ ହେବାକୁ ଚାହୁଁଥିଲେ, ଖର୍ଚ୍ଚ ପରେ ବଳକା ଅଂଶ ସଞ୍ଚୟ କରିବା ପରିବର୍ତ୍ତେ ସଞ୍ଚୟ ପରେ ବଳକା ଅଂଶ ଖର୍ଚ୍ଚ କରିବା ଉଚିତ।
– ୱାରେନ ବଫେ, ପ୍ରତିଷ୍ଠାତା, ୱର୍କଶାୟାର ହାଥାୱେ

“ ଏକ ଦ୍ରୁତ ପରିବର୍ତ୍ତନଶୀଳ ପୃଥିବୀରେ ବିପଦକୁ ସାମ୍ନା ନ କରିବା ସବୁଠାରୁ ବଡ ବିପଦ।
– ମାର୍କ ଜୁକରବର୍ଗ, ସହପ୍ରତିଷ୍ଠାତା, ଫେସବୁକ୍



## ସଂକ୍ଷେପରେ

### ଆର୍‌ବିଆଇ, ସେବିର ତୀକ୍ଷ୍ଣ ନଜରରେ ବିତ୍ତ ବଜାର

**ବମ୍ବେ, ୨୩-୯:** ବଜାର ନିୟାମକ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ସହିତ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦେଶର ବିତ୍ତ ବଜାରକୁ ତୀକ୍ଷ୍ଣ ନଜରରେ ରଖିଛନ୍ତି। ଆବଶ୍ୟକ ସ୍ଥଳେ ଉଚିତ ପଦକ୍ଷେପ ନେବା ପାଇଁ ଏହି ଦୁଇ ନିୟାମକ ପ୍ରସ୍ତୁତ ଅଛନ୍ତି। ବର୍ତ୍ତମାନ ସମୟରେ ଦେଶର ଅର୍ଥନୈତିକ ତଥା ବିତ୍ତୀୟ ସ୍ଥିତିକୁ ଅନୁଧ୍ୟାନ କରି ଆର୍‌ବିଆଇ ଏହା କହିଛି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସରେ ପାଖାପାଖି ୧୧୨୭.୫୮ ପଏଣ୍ଟ (୩.୦୩%) ହ୍ରାସ ପାଇ ୩୫,୯୯୩.୬୪ ପଏଣ୍ଟକୁ ଖସି ଆସିଥିଲା। କାରବାର ଶେଷ ବେଳକୁ ଏଥିରେ ସୁଧାର ଘଟି ୩୬,୮୪୧.୬୦ ପଏଣ୍ଟରେ ବନ୍ଦ ହୋଇଥିଲା। ସେହିପରି ନ୍ୟାଶନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ନିଫ୍ଟିରେ ୯୧.୨୫ ପଏଣ୍ଟ ହ୍ରାସ ଘଟି ୧୧.୧୪୩.୧୦ ପଏଣ୍ଟକୁ ଖସିଥିଲା। ସୂଚକାଙ୍କ ନିମ୍ନମୁଖୀ ହେବାଫଳରେ ନିବେଶକମାନେ ପାଖାପାଖି ୫.୬ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ଅନ୍ୟପକ୍ଷରେ ଚଳିତ ମାସରେ ଏ ପର୍ଯ୍ୟନ୍ତ ନିବେଶକମାନେ ପୁଞ୍ଜି ବଜାରରୁ ପ୍ରାୟ ୧୫,୩୬୫ କୋଟି ଟଙ୍କା ପ୍ରତ୍ୟାହାର କରିନେଇଛନ୍ତି। ବର୍ତ୍ତମାନ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ପାଉଥିବା ବେଳେ ଏହା ନିବେଶକଙ୍କୁ ନିରୁତ୍ସାହିତ କରୁଛି।

### ପୁଣି ବଢ଼ିପାରେ ସୁଧ ହାର

**ନୂଆଦିଲ୍ଲୀ, ୨୩-୯(ପି.ଟି.):** ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ପରବର୍ତ୍ତୀ ମୁଦ୍ରା ନୀତି ସମୀକ୍ଷା ବୈଠକରେ ପୁଣି ଥରେ ସୁଧହାର ବୃଦ୍ଧି କରିପାରେ। ଦେଶର ପ୍ରାୟ ୪୨% କମ୍ପାନୀ ଏଭଳି ଆଶା କରୁଛନ୍ତି। ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ଏକ ସର୍ଭେ ଆଧାରରେ ଏହାର ୧୦୪ତମ ତ୍ରୈମାସିକ ବିଜ୍‌ନେସ୍ କନ୍‌ଫିଡେନ୍ସ ଇଣ୍ଡେକ୍ସ(ବିସିଆଇ)ରେ ଏହା ଦର୍ଶାଇଛି। ପ୍ରାୟ ୨୦୦ ଶିଳ୍ପ ସଂସ୍ଥାର ପ୍ରତିକ୍ରିୟା ଆଧାରରେ ସିଆଇଆଇ ଦର୍ଶାଇଛି ଯେ, ଏଥର ସୁଧହାର ବଢ଼ାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଅକ୍ଟୋବର ୩ରେ ଆର୍‌ବିଆଇର ଚତୁର୍ଥ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକ ରହିଛି।

### କୋମଲ ଲାହିରୀ ହ୍ୱାଟ୍ସଆପ୍‌ର ଭାରତ ଲାଗି ଗ୍ରିଭାନ୍ସ ଅଫିସର

**ନୂଆଦିଲ୍ଲୀ, ୨୩-୯:** ଶେଷରେ କେନ୍ଦ୍ର ସରକାରଙ୍କ ଚାପ ଆଗରେ ମୁଣ୍ଡ ନୁଆଇ ହ୍ୱାଟ୍ସଆପ୍ କୋମଲ ଲାହିରୀଙ୍କୁ ଭାରତ ଲାଗି ଏହାର ଗ୍ରିଭାନ୍ସ ଅଫିସର ନିଯୁକ୍ତ କରିଛି। ମିଥ୍ୟା ବାର୍ତ୍ତାକୁ ରୋକିବା ଲାଗି ପଦକ୍ଷେପ ନେଉ ବୋଲି କେନ୍ଦ୍ର ସରକାର ଦାବି କରିବା ପରେ ଫେସବୁକ୍ ଅଧୀନସ୍ଥ ଏହି କମ୍ପାନୀ ନିଜ ୱେବସାଇଟରେ ଉକ୍ତ ନିଯୁକ୍ତି ସମ୍ପର୍କରେ ଉଲ୍ଲେଖ କରିଛି। ଯେକୌଣସି ବ୍ୟକ୍ତି ମୋବାଇଲ ଆପ୍, ଇ-ମେଲ୍ ଅଥବା ଲିଖିତ ଭାବେ ନିଜର ଅଭିଯୋଗ ଉକ୍ତ ଅଧିକାରୀଙ୍କ ନିକଟକୁ ପଠାଇପାରିବେ ବୋଲି ଏଥିରେ ଦର୍ଶାଯାଇଛି।

■ ଟଙ୍କା ମୂଲ୍ୟ ହ୍ରାସ, ସିଏଡି ମୁଖ୍ୟ ସମସ୍ୟା

# ନିବେଶ ପ୍ରତ୍ୟାହାରରେ ବ୍ୟସ୍ତ ଏଫ୍‌ପିଆଇ

**ନୂଆଦିଲ୍ଲୀ, ୨୩-୯**

ଡଲାର ବିନିମୟରେ ଟଙ୍କାର ମୂଲ୍ୟ ହ୍ରାସ ସାଙ୍ଗକୁ ଦେଶର ଚଳନ୍ତି ଜମା ନିଅଣ୍ଟ(ସିଏଡି) ବୃଦ୍ଧି ତଥା ଭୂ-ରାଜନୈତିକ କାରଣରୁ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ମାନେ ଦେଶରୁ ସେମାନଙ୍କର ନିବେଶ ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ଜୁଲାଇ ଓ ଅଗଷ୍ଟରେ ସେମାନେ ଭାରତୀୟ ଷ୍ଟକ୍ ଓ ବଣ୍ଡ ବଜାରରେ ନିବେଶ ବଢ଼ାଇଥିବା ବେଳେ ସେମାନେ ଚଳିତ ମାସର ଆଜିସୁଦ୍ଧା ୧୫,୩୬୫ କୋଟି ଟଙ୍କା କାଢ଼ି ନେଇଛନ୍ତି। ଏଥିପୂର୍ବରୁ ସେମାନେ ଜୁଲାଇରେ ୨୩୦୦ କୋଟି ଓ ଅଗଷ୍ଟରେ ୫୨୦୦ କୋଟି ଟଙ୍କା ନିବେଶ କରିଥିଲେ। ଡିପୋଜିଟୋରୀ ତଥ୍ୟ ଅନୁଯାୟୀ ଏଫ୍‌ପିଆଇ ୩ରୁ ୨୧ ସେପ୍ଟେମ୍ବର ମଧ୍ୟରେ ଶେୟାର ବଜାରରୁ ୬୮୩୨ କୋଟି ଟଙ୍କା କାଢ଼ି ଥିବା ବେଳେ ଋଣ ବଜାରରୁ ୮୫୩୩ କୋଟି ଟଙ୍କା ନେଇ ସାରିଛନ୍ତି। ଏଥିପୂର୍ବରୁ ଏପ୍ରିଲରୁ ଜୁନ୍ ମଧ୍ୟରେ ସେମାନେ ଦେଶରୁ ୬୧ ହଜାର କୋଟି ଟଙ୍କାର ନିବେଶ ପ୍ରତ୍ୟାହାର କରିସାରିଛନ୍ତି। ଅଶୋଧିତ ତୈଳ ଦର ବୃଦ୍ଧି ପାଇବା କାରଣରୁ ଦେଶର ସିଏଡି ବଢ଼ୁଥିବାରୁ ଏଫ୍‌ପିଆଇଙ୍କ ଚିନ୍ତା ବଢ଼ିଯାଇଛି। ଏହାଛଡା ଟଙ୍କାର ମୂଲ୍ୟକୁ ସ୍ଥିର ରଖିବା ଲାଗି କେନ୍ଦ୍ର ସରକାରଙ୍କ ପଦକ୍ଷେପ ଯଥେଷ୍ଟ ନହେବା ଏବଂ ମୁଦ୍ରାସ୍ଫୀତି ବଢ଼ିବାର ଆଶଙ୍କା ବୃଦ୍ଧି ଯୋଗୁ ବିଦେଶୀ ନିବେଶକମାନେ ଏବେ ନିବେଶ କାଢ଼ି ନେଉଛନ୍ତି ବୋଲି ମର୍ନିଂଷ୍ଟାରର ବରିଷ୍ଠ ରିସର୍ଚ୍ଚ ଆନାଲିଷ୍ଟ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି।

**ସେପ୍ଟେମ୍ବରରେ ୧୫,୩୬୫ କୋଟି ଉଠାଇ ନେଲେ**



## ବଜାରରେ ଟାଟା ଟିଆଗୋ ଏନ୍‌ଆର୍‌ଜି




ନୂଆ ମଡେଲକୁ ଟାଟା ମୋଟର୍ସ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଉଛି।

**ଭୁବନେଶ୍ୱର, ୨୩-୯**

ଟାଟା ମୋଟର୍ସ ଲିମିଟେଡ ପକ୍ଷରୁ ଓଡିଶା ବଜାରକୁ ଆସିଛି ନୂଆ ଟିଆଗୋ ଏନ୍‌ଆର୍‌ଜି। ସ୍ଥାନୀୟ ଏକ ହୋଟେଲରେ ଏହି ମଡେଲକୁ ଉନ୍ମୋଚନ କରାଯାଇଛି। କମ୍ପାନୀର ଆଞ୍ଚଳିକ ସେଲସ ପ୍ରବନ୍ଧକ ଶିଶିର ଶ୍ରୀବାସ୍ତବ, ଆଞ୍ଚଳିକ ସର୍ଭିସ ପ୍ରବନ୍ଧକ ରମେଶ ବର୍ଦ୍ଧରାଜନ, ରାଜ ଭଞ୍ଜ, ରୁପେନ୍ଦ୍ର ସିଦ୍ଧାର୍ଥ ପ୍ରମୁଖ ଉପସ୍ଥିତ ରହି ନୂଆ ମଡେଲଟିକୁ ବଜାର ପ୍ରବେଶ କରାଇଥିଲେ। ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ପାସେଞ୍ଜର ଭେଇକିଲ୍ ବର୍ଗରେ ଉକ୍ତ ମଡେଲକୁ ବଜାରକୁ ଛାଡିଛି। ଏହା ଅଲ୍ ନ୍ୟୁ ଏସ୍‌ୟୁଭି ଇନସ୍ପାୟାର୍ଡ ଭେଇକିଲ ହୋଇଥିବା ବେଳେ ଏହାକୁ ଅର୍ବାନ ଟଫ୍‌ରୋଡର ଭାବେ ସ୍ଥାନିତ କରାଯାଇଛି।

ନୂଆ ଷ୍ଟାଇଲ ସେଗମେଣ୍ଟରେ ବଜାରକୁ ଆସିଥିବା ଉକ୍ତ ମଡେଲରେ ଗ୍ରାହକମାନେ ପ୍ରମୁଖ ଡିଜାଇନ ଏବଂ ଟେକ୍ନୋଲୋଜି ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପ୍ରକାଶ କରିଛି। ଏହା ୧.୨ ଲିଟରର ରେଭୋଟ୍ରନ ପେଟ୍ରୋଲ ଇଞ୍ଜିନ ଏବଂ ୧.୦୫ ଲିଟରର ରେଭୋଟର୍କ ଡିଜେଲ ଇଞ୍ଜିନ ସହ ଆସୁଛି। ୫ ସ୍ପିଡ୍ ମାନୁଆଲ୍ ଟ୍ରାନ୍ସମିଶନ, ମାଲାବାର ସିଲଭର, କାନ୍ୟନ୍ ଅରେଞ୍ଜ, ଫୁଜି ହ୍ୱାଇଟ ଭଳି ୩ ଆକର୍ଷକ ରଙ୍ଗରେ ଏହା ଉପଲବ୍ଧ ହେଉଛି। ଏଥିରେ ଡୁଆଲ ଟୋନ ଇନଫିନିଟି ବ୍ଲାକ ରୁଫ୍, ରୁଫ ରେଲ୍ ରହିଛି। ଟିଆଗୋ ଏନ୍‌ଆର୍‌ଜି ପେଟ୍ରୋଲ ଭର୍ସନର ବଜାର ଦର ୫.୪୯ ଲକ୍ଷ ଟଙ୍କା ଏବଂ ଡିଜେଲ ଭର୍ସନ ୬.୩୧ ଲକ୍ଷ ଟଙ୍କା ରହିଛି।

### ଟିଆଗୋ ର୍‌ୟାଲି ଅନୁଷ୍ଠିତ

କମ୍ପାନୀ ପକ୍ଷରୁ ଟିଆଗୋ ମଡେଲର ଓନରଙ୍କୁ ନେଇ ଏକ ର୍‌ୟାଲି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏହି ର୍‌ୟାଲି ସହର ପରିକ୍ରମା କରିଥିଲା। ଗ୍ରାହକଙ୍କ ସମ୍ପର୍କ ଅଭିଯାନ ଅନ୍ତର୍ଗତ କମ୍ପାନୀ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ର୍‌ୟାଲି ସହର ପରିକ୍ରମା କରିବା ପରେ ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ ଶେଷ ହୋଇଥିଲା।

## ୯ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସମ୍ପତ୍ତି ବିକିବେ ସରକାର

**ନୂଆଦିଲ୍ଲୀ, ୨୩-୯**

କେନ୍ଦ୍ର ସରକାର ୯ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସମ୍ପତ୍ତି ବିକ୍ରି କରିବାକୁ ଯାଉଛନ୍ତି। ସେମାନଙ୍କର ଜମି ଓ ଅନ୍ୟ ସମ୍ପତ୍ତିକୁ ବିକ୍ରି କରାଯିବ। ମୋଟ୍ ୨୪ ଉଦ୍ୟୋଗକୁ ରଣନୈତିକ ଦୃଷ୍ଟିକୋଣରୁ ବିକ୍ରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସରକାର ସେମାନଙ୍କ ମଧ୍ୟରୁ ୯ଟିର ସମ୍ପତ୍ତି ବିକ୍ରି କରିବାକୁ ଯାଉଛନ୍ତି। ସ୍ୱତନ୍ତ୍ର ଭାବେ ଏଗୁଡିକ ବିକ୍ରି କରାଯିବ। ପବନ ହଂସ, ସ୍କୁଟର୍ସ ଇଣ୍ଡିଆ, ଏୟାର ଇଣ୍ଡିଆ, ଭାରତ ପମ୍ପ ଆଣ୍ଡ କମ୍ପ୍ରେସର୍ସ ଲିମିଟେଡ, ପ୍ରୋଜେକ୍ଟ ଆଣ୍ଡ ଡେଭଲପ୍‌ମେଣ୍ଟ ଇଣ୍ଡିଆ ଲିମିଟେଡ(ପିଡିଆଇଏଲ), ହିନ୍ଦୁସ୍ଥାନ ପ୍ରିଫ୍ୟାବ୍, ହିନ୍ଦୁସ୍ଥାନ ନ୍ୟୁଜପ୍ରିଣ୍ଟ ଲିମିଟେଡ, ବ୍ରିଜ ଆଣ୍ଡ ରୁଫ୍ କୋ. ଏବଂ ହିନ୍ଦୁସ୍ଥାନ ଫ୍ଲୋରୋକାର୍ବନର ସମ୍ପତ୍ତି ବିକ୍ରି ହେବ। କ୍ଷତିରେ ଚାଲୁଥିବା ଏୟାର ଇଣ୍ଡିଆର ୪ ସହଯୋଗୀ କମ୍ପାନୀକୁ ବିକ୍ରି କରାଯିବ। ଏୟାରଲାଇନ ଆଲାଏଡ ସର୍ଭିସେଜ ଲିମିଟେଡ ଓ ହୋଟେଲ କର୍ପୋରେଶନ ଅଫ ଇଣ୍ଡିଆକୁ ଏଥିରେ ସାମିଲ କରାଯାଇଛି। ଏହାଛଡା ରାଷ୍ଟ୍ରୀୟ ରାଜଧାନୀରେ ଥିବା ଏହାର ମୁଖ୍ୟାଳୟ ଏବଂ ଦେଶର ବିଭିନ୍ନ ସ୍ଥାନରେ ଥିବା ଏହାର ଜମି ଓ ଘରକୁ ବିକ୍ରି କରାଯିବ। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ସମ୍ପତ୍ତି ବିକ୍ରି ଓ ପୁଞ୍ଜି ପ୍ରତ୍ୟାହାରରୁ ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ଏମ୍‌ଏସପି ବୃଦ୍ଧିରୁ ସୁନା ଚାହିଦା ୨୫% ବଢ଼ିବ

**ନୂଆଦିଲ୍ଲୀ, ୨୩-୯**

ଚାଷୀଙ୍କୁ ସେମାନଙ୍କ ଉତ୍ପାଦିତ ଫସଲର ଅଧିକ ମୂଲ୍ୟ ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏହାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। ଏହି କାରଣରୁ ଚଳିତ ବର୍ଷର ଦ୍ୱିତୀୟାର୍ଦ୍ଧରେ ସୁନା ଚାହିଦା ପ୍ରାୟ ୨୫% ବୃଦ୍ଧି ପାଇବ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ଭାରତ ସୁନା ବ୍ୟବହାରରେ ବିଶ୍ୱରେ ଦ୍ୱିତୀୟ ଥିବା ବେଳେ ବର୍ଷକୁ ପ୍ରାୟ ୮୦୦ରୁ ୯୦୦ ଟନ ସୁନା କିଣାଯାଇଥାଏ। ଗ୍ରାମାଞ୍ଚଳରୁ ହିଁ ଦୁଇ ତୃତୀୟାଂଶ ସୁନା ଚାହିଦା ଦେଖାଯାଇଥାଏ। ଆସୋଚାମ-ୱାର୍ଲ୍ଡ ଗୋଲ୍ଡ କାଉନସିଲ ରିପୋର୍ଟରେ କୁହାଯାଇଛି ଯେ, ଚଳିତ ବର୍ଷ ପ୍ରଥମ ଛଅ ମାସରେ ସୁନା ଚାହିଦା କମିଛି। ତେବେ ଦ୍ୱିତୀୟ ୬ ମାସରେ ଚାହିଦାରେ ୨୫% ବୃଦ୍ଧି ଦେଖାଯିବ। ହାତରେ ଅଧିକ ଅର୍ଥ ଥିବା ଯୋଗୁ ଗ୍ରାମାଞ୍ଚଳର ଅଧିବାସୀ ଅଧିକ ସୁନା କିଣିବେ।

## ଆମୱେର ଏକ୍ସପ୍ରେସ ପିକ୍ ଆଣ୍ଡ ପେ ଷ୍ଟୋର




**ଭୁବନେଶ୍ୱର, ୨୩-୯**

ଆମୱେ ଇଣ୍ଡିଆ ପକ୍ଷରୁ ରାଉରକେଲାରେ ଏହାର ନୂତନ ଏକ୍ସପ୍ରେସ ଆଣ୍ଡ ପିକ୍ ଷ୍ଟୋର ଖୋଲିଛି। ନୂଆ ଷ୍ଟୋରଟି ଉଦିତନଗର କଚେରି ରୋଡ ସ୍ଥିତ ସୁମିତ୍ରା ହାଇଟ୍ସରେ ଖୋଲିଛି। ଗ୍ରାହକଙ୍କ ନିକଟତର ହେବା ଲାଗି କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ଉକ୍ତ ବର୍ଗରେ ଏହା କମ୍ପାନୀର ୬୦ତମ ଷ୍ଟୋର। ଏଭଳି ଷ୍ଟୋର କଟକ ଓ ବ୍ରହ୍ମପୁରରେ ମଧ୍ୟ ଖୋଲିଛି। ଏକ ମିନି ସେଣ୍ଟର ଭଳି ଆମୱେର ଗ୍ରାହକ ଓ ବିତରକ ମାନଙ୍କୁ ଟଚ୍ ତଥା ଫିଲ ଅନୁଭୂତି ପ୍ରଦାନ ଲକ୍ଷ୍ୟ ନେଇ କମ୍ପାନୀ ଏଭଳି ପଦକ୍ଷେପ ନେଇଛି। କମ୍ପାନୀ ପାଇଁ ଓଡିଶା ଏକ ପ୍ରମୁଖ ବଜାର ହୋଇଥିବା ବେଳେ ପଶ୍ଚିମ ଓଡିଶାରେ ଏହି ଷ୍ଟୋର କାରବାର କ୍ଷେତ୍ରରେ ବିଶେଷ ଅବଦାନ ରଖିବ ବୋଲି ପୂର୍ବାଞ୍ଚଳ ଆଞ୍ଚଳିକ ପ୍ରବନ୍ଧକ ଚନ୍ଦ୍ରା ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି। ଏହି ଷ୍ଟୋରରେ କମ୍ପାନୀର ସମସ୍ତ ପ୍ରଡକ୍ଟ ଉପଲବ୍ଧ ହେବ।

## ଏନ୍‌ଟିଏସ୍‌ଇରେ ଫିଟ୍‌ଜୀ ଛାତ୍ରୀଛାତ୍ରଙ୍କ ସଫଳତା

FIITJEE

**ଭୁବନେଶ୍ୱର, ୨୩-୯**

ଏନ୍‌ସିଇଆର୍‌ଟି ଦ୍ୱାରା ପରିଚାଳିତ ଏନ୍‌ଟିଏସ୍‌ଇ ୨୦୧୮ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ ଫିଟ୍‌ଜୀ କଟକ ଏବଂ ଭୁବନେଶ୍ୱର ସେଣ୍ଟରର ମୋଟ୍ ୩୯ଜଣ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ଏନ୍‌ଟିଏସ୍‌ଇ ପ୍ରଥମ ପର୍ଯ୍ୟାୟ ପରିକ୍ଷା ନଭେମ୍ବର ୨୦୧୭ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପରିକ୍ଷା ଚଳିତ ବର୍ଷ ମେ ୧୩ରେ ଅନୁଷ୍ଠିତ ହୋଇଥିଲା। ସାରା ଦେଶର ସାଧାରଣ ବିଭାଗର ୭୫୬ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫିଟ୍‌ଜୀର ୪୦୦ ଛାତ୍ରୀଛାତ୍ର ରହିଛନ୍ତି। ଓଡିଶାରେ ସାଧାରଣ ବିଭାଗରୁ ଫିଟଜୀ ୯୦.୭୦% ଅଧିକ ସଫଳତା ହାସଲ କରିଛି। ଭୁବନେଶ୍ୱର ସେଣ୍ଟରର ଛାତ୍ର ଅଙ୍କିତ ଦେ ମୋଟ୍ ୧୯୭ରୁ ୧୭୦ ମାର୍କ ଲାଭ କରିଛନ୍ତି। ଫିଟଜୀର ଉନ୍ନତ ଷ୍ଟଡି ମଟେରିଆଲ, ଡାଉଟକ୍ଲିଅରିଂ କ୍ଲାସ, ପର୍ସନାଲାଇଜ୍ ଗାଇଡାନ୍ସ ଦ୍ୱାରା ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛି ବୋଲି ଅଙ୍କିତ କହିଛନ୍ତି। ଛାତ୍ରୀଛାତ୍ର ଜାତୀୟ ସ୍ତରରେ ସଫଳତା ହାସଲ କରୁଥିବାରୁ ଏକ ଗୌରବ ମୁହୂର୍ତ୍ତ ବୋଲି ଭୁବନେଶ୍ୱର ସେଣ୍ଟର ମୁଖ୍ୟ ରାଣା ଜୟ ବର୍ଦ୍ଧନ ସୂଚନା ଦେଇଛନ୍ତି। ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱିତାମୂଳକ ସମୟକୁ ଧ୍ୟାନରେ ରଖି ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରାଯାଉଥିବା ଫିଟଜୀ ଓଡିଶା ଅପରେଶନ ମେଣ୍ଟର ପି.କେ ଦାସ ସୂଚନା ଦେଇଛନ୍ତି।

## ଟାଇଟାନ କମ୍ପାନୀର ୩ ନୂଆ ଷ୍ଟୋର

**ଭୁବନେଶ୍ୱର, ୨୩-୯**

ଟାଇଟାନ କମ୍ପାନୀ ପକ୍ଷରୁ ସ୍ଥାନୀୟ ଏସ୍‌ପ୍ଲାନେଡ ୱାନ୍ ମଲ୍ ଠାରେ ମିଆ, ଟାଇଟାନ ଆଇପ୍ଲସ ଏବଂ ୱାର୍ଲଡ ଅଫ୍ ଟାଇଟାନ ଭଳି ୩ଟି ନୂଆ ଷ୍ଟୋର ଖୋଲିଛି। ଭୁବନେଶ୍ୱରରେ ତନିସ୍କ ପକ୍ଷରୁ ଏହା ପ୍ରଥମ ମିଆ ଷ୍ଟୋର ହୋଇଥିବା ବେଳେ ପଞ୍ଚମ ଟାଇଟାନ ଆଇପ୍ଲସ ଓ ସପ୍ତମ ୱାର୍ଲଡ ଅଫ୍ ଟାଇଟାନ ଷ୍ଟୋର। ଟାଇଟାନ କମ୍ପାନୀ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାସ୍କର ଭଟ୍ଟ ଏହି ଷ୍ଟୋରଗୁଡିକୁ ଉଦଘାଟନ କରିଛନ୍ତି। ଗ୍ରାହକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା, ବିକଳ୍ପ ତଥା ଅତୁଳନୀୟ ସେବା ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା କମ୍ପାନୀ ପ୍ରକାଶ କରିଛି। ୨୦୦୩ରେ ଭୁବନେଶ୍ୱରର ପ୍ରଥମ ୱାର୍ଲଡ ଅଫ୍ ଟାଇଟାନ ଷ୍ଟୋର ସ୍ଥାପନ କରିବା ପରେ ଅନେକ ପଥ ଅତିକ୍ରମ କରିଛୁ ବୋଲି ଭଟ୍ଟ କହିଛନ୍ତି। ନୂତନତ୍ୱ ତଥା ଡିଜାଇନ ଉପରେ ବର୍ତ୍ତମାନ ଧ୍ୟାନ କେନ୍ଦ୍ରିତ କରୁଛୁ ବୋଲି ସେ କହିଛନ୍ତି।

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨
ସଂଖ୍ୟା- ୧୧୨୮୨ / IND-II-PH-756 ତାରିଖ: ୨୨।୦୯।୨୦୧୮

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଶ୍ରୀ ମହାବୀର ଫେରୋଆଲୋଏଜ୍ ପ୍ରା.ଲି. ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କାଲୁଙ୍ଗା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, କାଲୁଙ୍ଗା ଅନ୍ତର୍ଗତ ଜିଆବାହାଲ ଗ୍ରାମସ୍ଥିତ ପେଲେଟ ପ୍ଲାଣ୍ଟର ସମ୍ପ୍ରସାରଣ ଓ ଉପାଦେୟତା (ଦୈନିକ ୧୮୦୦ ଟନ୍‌ରୁ ୪୮୦୦ ଟନ୍), ଡିଆରଆଇ ପ୍ରକଳ୍ପ (ଦୈନିକ ୩୦୦ ଟନ୍‌ରୁ ୧୦୦୦ ଟନ୍), ଏସ୍‌ଏମ୍‌ଏସ୍ ପ୍ରକଳ୍ପ (ବାର୍ଷିକ ୦.୧ ନିୟୁତ ଟନ୍‌ରୁ ୦.୩ ନିୟୁତ ଟନ୍), କ୍ୟାପଟିଭ୍ ପାୱାର ପ୍ଲାଣ୍ଟ (୧୨ ମେଗାୱାଟ୍‌ରୁ ୩୮ ମେଗାୱାଟ୍) ଏବଂ ରୋଲିଂ ମିଲ୍ (ବାର୍ଷିକ ୦.୨୫ ନିୟୁତ ଟନ୍)** ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି। ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାରି କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୭।୧୦।୨୦୧୮ ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, ଲାଠିକଟା ତହସିଲ୍ ଅନ୍ତର୍ଗତ କାଲୁଙ୍ଗା ଗ୍ରାମସ୍ଥିତ ଆଇଡିସି ଖଡ଼ିଆଟୋଲାର ଖେଳପଡ଼ିଆ**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ସୁନ୍ଦରଗଡ଼।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାଉରକେଲା।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

# ବ୍ରିଜା ମଡେଲର ଡେଲିଭରି ଦେଲା ମାରୁତି ସୁଜୁକି





**ଭୁବନେଶ୍ୱର, ୨୩-୯**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ପକ୍ଷରୁ ଭୁବନେଶ୍ୱରଠାରେ ଏହାର ଲୋକପ୍ରିୟ କମ୍ପାକ୍ଟ ଏସ୍‌ୟୁଭି ମଡେଲ ଭିଟାରା ବ୍ରିଜାର ମେଗା ଡେଲିଭରି ଉତ୍ସବ ଅନୁଷ୍ଠିତ କରାଯାଇଛି। ସ୍ଥାନୀୟ ହୋଟେଲରେ ଏ ନେଇ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୫୧ ଗ୍ରାହକଙ୍କୁ ଉକ୍ତ ମଡେଲ ହସ୍ତାନ୍ତର କରାଯାଇଛି। ଭୁବନେଶ୍ୱରର ୫ ଡିଲରଶିପ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜ୍ୟୋତି ମୋଟର୍ସ, ନାରାୟଣୀ ମୋଟର୍ସ ଏବଂ ସ୍କାଏ ଅଟୋମୋବାଇଲ ଭଳି ଶୋ'ରୁମ ଗୁଡିକ ଏଥିରେ ସାମିଲ ହୋଇଥିଲେ। କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ହିମାଂଶୁ ଅଶୋପା ଉପସ୍ଥିତ ରହି ଗ୍ରାହକଙ୍କୁ ଯାନର ଚାବି ହସ୍ତାନ୍ତର କରିଥିଲେ। ଏହି ଅବସରରେ ସଡକ ନିରାପତ୍ତା ତଥା ଯାନର ଯତ୍ନ ଉପରେ ଏକ ସେସନ ଅନୁଷ୍ଠିତ ହୋଇଥିଲା। ପରିବର୍ତ୍ତିତ ସମୟରେ ଗ୍ରାହକଙ୍କ ଆବଶ୍ୟକତା ପୂରଣ ଲାଗି କମ୍ପାନୀ ଏଭଳି ମଡେଲ ବଜାରକୁ ଆଣିଛି। ସର୍ଭିସ କ୍ଷେତ୍ରରେ ବିଭିନ୍ନ ସୁବିଧା ପ୍ରଦାନ ଲାଗି ମାରୁତି ସୁଜୁକି ବର୍ତ୍ତମାନ ୧୧ ଇନସ୍ୟୁରାନ୍ସ ପାର୍ଟନରଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଥିବା ସୂଚନା ଦେଇଛି। ଏହା ଗ୍ରାହକଙ୍କୁ ୱାନ ଷ୍ଟପ୍ ସଲ୍ୟୁଶନ, କ୍ୟାଶଲେସ୍ କ୍ଲେମ୍ ରିପେୟାର, ହ୍ୟାସେଲ ଫ୍ରି ସେଟେଲମେଣ୍ଟ ଭଳି ବିଭିନ୍ନ ସୁବିଧା ପ୍ରଦାନ କରୁଥିବା ପ୍ରକାଶ କରିଛି। ଏହା ରାଜ୍ୟର ୨୮ ଜିଲାରେ ନିଜର ଉପସ୍ଥିତି ଜାହିର କରିଛି। ୩୫ ଡିଲରୱାର୍କଶପ, ମାରୁତି ମୋବାଇଲ ସପୋର୍ଟ ଦ୍ୱାରା ସାରା ଦେଶରେ ତ୍ୱରିତ ସେବା ସହାୟତା ଏବଂ ଉନ୍ନତ ସପୋର୍ଟ ସିଷ୍ଟମ ପ୍ରଦାନ କରୁଛି। ପ୍ରାୟ ୩ ବର୍ଷ ହେବ ବଜାରକୁ ଆସିଥିବା ବ୍ରିଜା ମଡେଲରେ କମ୍ପାନୀ ଅଟୋ ଗିୟର ସିଫ୍ଟ ଟେକ୍ନୋଲୋଜି ଦେଉଛି। ଫ୍ୟୁଚର ଟେକ୍ନୋଲୋଜି ଆଧାରରେ ଏଭଳି ସୁବିଧା ବିଭିନ୍ନ ମଡେଲରେ ପ୍ରଚଳନ କରାଯାଉଥିବା କମ୍ପାନୀ ପକ୍ଷରୁ ପ୍ରକାଶ। କମ୍ପାନୀ ବ୍ରିଜାର ମାସିକ ହାରାହାରି ୧୨,୩୦୦ ୟୁନିଟ ବିକ୍ରି କରୁଛି। ଗତ ଆର୍ଥିକ ବର୍ଷରେ ପ୍ରାୟ ୧.୫ ଲକ୍ଷ ୟୁନିଟ ବ୍ରିଜା ବିକ୍ରି କରିଥିଲା। ଲଞ୍ଚପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କମ୍ପାନୀ ଏହାର ୨.୭୫ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି। ଏହି ଅବସରରେ ଡିଲରଶିପ ଓନର ଦେବଜ୍ୟୋତି ପଟ୍ଟନାୟକ, ଅବିନାଶ ସିଂଘାନିଆ, ପ୍ରଣୟ ବୁଧରାଜା ପ୍ରମୁଖ ଉପସ୍ଥିତ ଥିଲେ।



“ଭାରତର ରୋହିତ ଶର୍ମା ଓ ଶିଖର ଧାୱନ ବର୍ତ୍ତମାନ ହେଉଛନ୍ତି ସବୁଠାରୁ ବିଧ୍ୱଂସକାରୀ ଓପନିଂ ଯୋଡ଼ି ।
–ସୁନୀଲ ଗାଭାସ୍କର, କ୍ରିକେଟ କିମ୍ବଦନ୍ତୀ



“ଭାରତ ଯଦି ଡେଭିସ୍ କପ୍ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇବାକୁ ଚାହୁଁଛି ତେବେ କ୍ୱାଲିଟି ସିଙ୍ଗଲ୍ସ ଖେଳାଳି ବିକଶିତ କରିବାର ଆବଶ୍ୟକତା ରହିଛି।
–ବିଜୟ ଅମୃତରାଜ, ଭାରତୀୟ ଟେନିସ କିମ୍ବଦନ୍ତୀ

## ସଂକ୍ଷେପରେ

### ଜାତୀୟ ଥ୍ରୋ ବଲରେ ଭାଗ ନେବ ଓଡ଼ିଶା

**ଭୁବନେଶ୍ୱର,୨୩।୯(ସ୍ପୋର୍ଟ୍ସ ବ୍ୟୁରୋ):** ତାମିଲନାଡୁର ତିରୁପୁରା ଷ୍ଟାଡିୟମ୍‌ରେ ବୁଧବାରଠାରୁ ୨୯ତମ ଜାତୀୟ ଥ୍ରୋ ବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଇଭେଣ୍ଟରେ ଭାଗ ନେବା ଲାଗି ଓଡ଼ିଶାର ସବ୍-ଜୁନିୟର ବାଳିକା ଓ ବାଳକ ଦଳ ରବିବାର ଗସ୍ତ କରିଛନ୍ତି। ଏହି ଦଳ ଚୟନ ନିମନ୍ତେ ଚଳିତ ମାସ ୧ ଓ ୨ ତାରିଖରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ସବ୍-ଜୁନିୟର ଥ୍ରୋ ବଲ ଚାମ୍ପିୟନଶିପ୍ ଆୟୋଜିତ ହୋଇଥିଲା। ଏଥିରୁ ୧୪ ଜଣିଆ ବାଳିକା ଓ ବାଳକ ଦଳ ମନୋନୀତ କରାଯାଇଛି। ବାଳିକା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ପୁଷ୍ପାଞ୍ଜଳୀ ପତି, ସୁଧାସିନ୍ଧୁ ସାହୁ, ମାନସୀ ପ୍ରଧାନ, ଶୁଭଶ୍ରୀ ରାଉତରାଏ, ସୁଭଦ୍ରା ସ୍ୱାଇଁ, କସ୍ତୁରି ମହାରଣା, ସୋନାଲି ସାହୁ, ନିକି ଝା, ପ୍ରିୟା ଓରାମ, ନିବେଦିତା ଖୁଣ୍ଟିଆ, ପ୍ରିୟଙ୍କା ବାରିକ, ଲାବଣ୍ୟବତୀ ଦାସ, ଶୋଭାରାଣୀ ଦାଶ ଓ ଅଦିତି ପଟ୍ଟନାୟକ। ସେହିଭଳି ଶୁଭ ସାମନ୍ତ, ବିଶ୍ୱଜିତ ପଲାଇ, ସୁଶାନ୍ତ କୁମାର ଦାସ, ଏସ୍. ଗଣେଶ ରେଡ୍ଡୀ, କେତନ ପଣ୍ଡା, ଆଶୁତୋଷ ମହାନ୍ତି, ସୁବ୍ରତ କୁମାର ସାହୁ, ରାକେଶ ସାହୁ, ରିଙ୍କୁନ ଜେନା, ପ୍ରିତମ ରାଉତ, ସମ୍ରେଶ ବେହେରା, କୃଷ୍ଣଚନ୍ଦ୍ର ମିଶ୍ର, ଚିରାଗ ଆରିଅଲ ଓ ଆଶିଷ କୁମାର ପଟେଲଙ୍କୁ ନେଇ ଓଡ଼ିଶା ବାଳକ ଦଳ ଗଠିତ ହୋଇଛି। ବାଳିକା ଦଳ ସହ କୋଚ୍ ଶୁଭଦର୍ଶନୀ ଜେନା ଓ ମ୍ୟାନେଜର ନିବେଦିତା ନାୟକ ଗସ୍ତ କରିଥିବାବେଳେ ଏସ୍. ଜଗା ରେଡ୍ଡୀ (କୋଚ୍) ଓ ଅରୁଣ ପଟ୍ଟନାୟକ (ମ୍ୟାନେଜର) ବାଳକ ଦଳ ସହ ରହିଛନ୍ତି। ଏମାନଙ୍କ ବ୍ୟତୀତ ନ୍ୟାଶନାଲ ରେଫରି ଭାବେ ରାମକୃଷ୍ଣ ବେହେରା, କୈଳାଶ ଚନ୍ଦ୍ର ବାରିକ ଓ ଓଡ଼ିଶା ଥ୍ରୋ ବଲ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ତାମିଲନାଡୁ ଗସ୍ତ କରିଛନ୍ତି।

# ଧାୱନ, ରୋହିତଙ୍କ ଶତକରେ ପାକିସ୍ତାନ ପରାସ୍ତ

## ଭାରତ ଫାଇନାଲର ନିକଟତର

ଦୁବାଇ, ୨୩।୯

ଶିଖର ଧାୱନ ଓ ଅଧିନାୟକ ରୋହିତ ଶର୍ମାଙ୍କ ଶତକ ଏବଂ ଓପନିଂ ଯୋଡ଼ିରେ ୨୧୦ ରନର ଭାଗୀଦାରି ବଳରେ ଭାରତ ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏସିଆ କପ୍ ସୁପର ଫୋର୍ ମ୍ୟାଚରେ ପାକିସ୍ତାନକୁ ୯ ଉଇକେଟରେ ପରାସ୍ତ କରିଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୩୮ ରନ ବିଜୟ ଲକ୍ଷ୍ୟକୁ ଭାରତ ୩୯.୩ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ସୁପର ଫୋର୍‌ରେ ଦ୍ୱିତୀୟ ବିଜୟ ସହ ଭାରତ ଫାଇନାଲର ନିକଟତର ହୋଇଛି।

ଧାୱନ ଓ ରୋହିତଙ୍କ ବ୍ୟାଟିଂ ଆଗରେ ପାକିସ୍ତାନ ବୋଲିଂ ଅତ୍ୟନ୍ତ ପ୍ରଭାବହୀନ ମନେ ହୋଇଥିଲା। ଦୁଇ ବ୍ୟାଟ୍ସମ୍ୟାନ ଦମ୍‌ଦାର ବ୍ୟାଟିଂ କରି ପଡ଼ିଆର ଚର୍ତୁଦ୍ଦିଗକୁ ଶଟ୍‌ମାନ ମାରି ମ୍ୟାଚକୁ ଏକପାଖିଆ କରିବା ସହ ଭାରତର ବିଜୟକୁ ସହଜ କରି ଦେଇଥିଲେ। ପାକିସ୍ତାନ ବୋଲରଙ୍କୁ ନାକେଦମ୍ କରି ପ୍ରଥମେ ଶତକ ହାସଲ କରିଥିଲେ ଧାୱନ। ଶାହିନ ଆଫ୍ରିଦୀଙ୍କ ବଲ୍‌ରେ ଚୌକାମାରି ଶତକ ପୂରଣ କରିଥିବା ଧାୱନ ୧୦୦ ବଲ୍‌ର ସମ୍ମୁଖୀନ ହୋଇ ୧୬ ଚୌକା ଓ ୨ ଛକା ସହାୟତାରେ ମୋଟ ୧୧୪ ରନ କରି ଦୁର୍ଭାଗ୍ୟଜନକଭାବେ ରନଆଉଟ ହୋଇ ଯାଇଥିଲେ। ୩୪ତମ ଓଭରର ତୃତୀୟ ବଲ୍‌କୁ ରୋହିତ ପଏଣ୍ଟ ଅଞ୍ଚଳକୁ ଖେଳିଥିବାବେଳେ ଧାୱନ ସିଙ୍ଗଲ ରନ ନେବା ଲକ୍ଷ୍ୟରେ ଦୌଡ଼ିଥିଲେ। ମାତ୍ର ରୋହିତ ମନା କରିବାପରେ ଧାୱନ ଆଉ କ୍ରିଜକୁ ଫେରି ପାରି ନ ଥିଲେ। ଏହାଥିଲା ଚଳିତ ଟୁର୍ନାମେଣ୍ଟରେ ଦ୍ୱିତୀୟ ତାଙ୍କ କ୍ୟାରିୟରର ୧୫ତମ ଦିନିକିଆ ଶତକ। ଏହାପରେ ରୋହିତ କ୍ୟାରିୟରର ୧୯ତମ ଦିନିକିଆ ଶତକ ପୂରଣ କରିଥିଲେ। ଏହା ମଧ୍ୟରେ ସେ ଏକଦିବସୀୟ କ୍ରିକେଟରେ ୭,୦୦୦ ରନ ମଧ୍ୟ ପୂରଣ କରିଥିଲେ। ଗୋଟିଏ ଦିନିକିଆରେ ପାକିସ୍ତାନ ବିପକ୍ଷରେ ଭାରତର ୨ ଜଣ ବ୍ୟାଟ୍ସମ୍ୟାନ ଶତକ ହାସଲ କରିବା ଏହାଥିଲା ତୃତୀୟ ଘଟଣା। ପୂର୍ବରୁ ୧୯୯୬ରେ ଶାରଜାରେ ସଚିନ ତେନ୍ଦୁଲକର(୧୧୮) ଓ ନବଜୋତ୍ ସିଂ ସିଦ୍ଧୁ(୧୦୧) ଏବଂ କୋଚିଠାରେ ୨୦୦୫ରେ ବୀରେନ୍ଦ୍ର ସେହ୍ୱାଗ(୧୦୮) ଓ ରାହୁଲ ଦ୍ରାବିଡ୍(୧୦୪) ଏହା କରିଥିଲେ। ୧୧୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୭ ଚୌକା ଓ ୪ ଛକା ସହାୟତାରେ ୧୧୧ ଓ ଅମ୍ବାତି ରାୟୁଡୁ ୧୨ ରନରେ ଅପରାଜିତ ରହି ଆହୁରି ୬୩ ବଲ୍ ବାକିଥାଇ ଭାରତ ବିଜୟରେ ମୁଣ୍ଡି ମାରିଥିଲେ। ପାକିସ୍ତାନର କୌଣସି ବୋଲର ଗୋଟିଏ ହେଲେ ଉଇକେଟ ପାଇ ନ ଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଧିମା ଖେଳି ୧୫.୫ ଓଭରରେ ୫୮ ରନ ମଧ୍ୟରେ ୩ଟି ଉଇକେଟ ହରାଇଥିଲା। ଇମାମ-ଉଲ-ହକ୍ ୧୦, ବାବର ଆଜମ ୯ ଓ ଭଲ ଆରମ୍ଭ କରିଥିବା ଫଖର ଜମନ ୩୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଦୁଇ ଓପନରଙ୍କୁ ଆଉଟ କରିଥିବାବେଳେ ବାବର ରନ୍‌ଆଉଟ ହୋଇ ଯାଇଥିଲେ। ପରେ ସର୍ଫରାଜ ଓ ସୋଏବଙ୍କ ଶତକୀୟ ଭାଗୀଦାରି ଯୋଗୁ ଦଳ ଏକ ସମ୍ମାନଜନକ ସ୍କୋର ଆଡ଼କୁ ମୁହାଁଇଥିଲା। ଦୁହେଁ ସତର୍କତାର ସହ ବ୍ୟାଟିଂ କରି ୪ର୍ଥ ଉଇକେଟରେ ୧୦୭ ରନ ଯୋଗ କରିଥିଲେ। ସର୍ଫରାଜଙ୍କୁ ଅଧିନାୟକ ରୋହିତ ଶର୍ମାଙ୍କ ହାତରେ କ୍ୟାଚ କରାଇ କୁଲଦୀପ ପାର୍ଟନରଶିପ୍ ଭାଙ୍ଗିଥିଲେ। ୬୬ ବଲ୍‌ର ସମ୍ମୁଖୀନ ହୋଇଥିବା ସର୍ଫରାଜ ୨ ଚୌକା ସହାୟତାରେ ୪୪ ରନ କରିଥିଲେ। ସୋଏବ ଦଳ ପକ୍ଷରୁ ସର୍ବାଧିକ ୭୮(୯୦ ବଲ, ୪ ଚୌକା, ୨ ଛକା) ରନ କରିଥିବାବେଳେ ଯଶପ୍ରୀତ ବୁମ୍‌ରାଙ୍କ ଶିକାର ବନିଥିଲେ। ଅସିଫ ଅଲୀ ୨୧ ବଲ୍‌ରୁ ଦ୍ରୁତ ୩୦(୧ ଚୌକା, ୨ ଛକା) ରନ କରିଥିବାବେଳେ ଶାଦବ ଖାଁ ୧୦ ରନ କରିବାକୁ ସକ୍ଷମ ହୋଇଥିଲେ। ମହମ୍ମଦ ନୱାଜ ୧୫ ରନ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ବୁମ୍‌ରା, ଚହଲ, କୁଲଦୀପ ୨ଟି ଲେଖାଏ ଉଇକେଟ ନେଇଥିଲେ।



ଦ୍ୱିଶତକୀୟ ଭାଗୀଦାରି ଅବସରରେ ରୋହିତ ଶର୍ମା ଓ ଶିଖର ଧାୱନ ।

### ସଂକ୍ଷିପ୍ତ ସ୍କୋର

- ପାକିସ୍ତାନ ୫୦ ଓଭରରେ ୨୩୭/୭(ସୋଏବ-୭୮, ସର୍ଫରାଜ-୪୪, ଫଖର-୩୧, ଅସିଫ-୩୦, ବୁମ୍‌ରା-୨/୨୯, ଚହଲ-୨/୪୬, କୁଲଦୀପ-୨/୪୧)।
- ଭାରତ ୩୯.୩ ଓଭରରେ ୨୩୮/୧(ଧାୱନ-୧୧୪, ରୋହିତ-୧୧୧*)।

### ଇମ୍ରୁଲ, ମହମୁଦୁଲ୍ଲାଙ୍କ ଅର୍ଦ୍ଧଶତକ

ଆବୁଧାବି, ୨୩।୯

ଆବୁଧାବିର ଶେଖ ଜାୟେଦ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ସୁପର ଫୋର୍ ମ୍ୟାଚରେ ବାଂଲାଦେଶ ପ୍ରତିପକ୍ଷ ଆଫଗାନିସ୍ତାନ ସମ୍ମୁଖରେ ୨୫୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଇମ୍ରୁଲ କାଏସ ଓ ମହମୁଦୁଲ୍ଲା ଅର୍ଦ୍ଧଶତକ ହାସଲ କରି ବାଂଲାଦେଶ ଇନିଂସକୁ ୫୦ ଓଭରରେ ୭ ଉଇକେଟ ହରାଇ ୨୪୯ରେ ପହଞ୍ଚାଇଛନ୍ତି। ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୧୮ ରନ ମଧ୍ୟରେ ୨ଟି ଉଇକେଟ ହରାଇ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଓପନର ଲିଟନ ଦାସ ୪୧, ମିଡିଲ ଅର୍ଡରରେ ମୁଶଫିକର ରହିମ ୩୩ ରନ କରି ଇନିଂସକୁ ସମ୍ଭାଳି ନେଇଥିବାବେଳେ ଶେଷଭାଗରେ ଇମ୍ରୁଲ କାଏସ ଓ ମହମୁଦୁଲ୍ଲା ଅର୍ଦ୍ଧଶତକୀୟ ଇନିଂସ ଖେଳି ୫୦ ଓଭରରେ ଦଳୀୟ ସ୍କୋରକୁ ୨୪୯ରେ ପହଞ୍ଚାଇ ଦେଇଥିଲେ। କାଏସ ୮୯ ବଲ୍‌ରୁ ୭୨(୬ ଚୌକା) ରନ କରି ଅପରାଜିତ ରହିଥିବାବେଳେ ମହମୁଦୁଲ୍ଲା ୭୪(୮୧ ବଲ,, ୩ ଚୌକା, ୨ ଛକା) ରନରେ ଆଉଟ ହୋଇଥିଲେ। ଆଫଗାନିସ୍ତାନ ପକ୍ଷରୁ ଅଫତାବ ଆଲାମ ୩ଟି ଏବଂ ମୁଜିବ୍ ଉର ରହମନ ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Get Instant Cash Against Gold — Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**FLY ASH BRICKS MACHINE**
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

**SPOT ADMISSION B.Ed CT(D.EL.Ed) & M.Ed**
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

କମ୍ପାନୀର ସମସ୍ତ ଖର୍ଚ୍ଚ ଋଣରୁ କଟିବ। ଭାରତର ନଂ.1 କମ୍ପାନୀ
**M. GROUP OF FINANCE**
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଦି ସମସ୍ତ ଋଣ ଘରେ ବସି ପାଆନ୍ତୁ 2% ସୁଧ, 50% ରିହାତିରେ।
(ଠକମାନଙ୍କ ପ୍ରତି ସାବଧାନ)
9467916478
9467913850
J/6, B-Block, Jiwan Park, Delhi

**M. GROUP FINANCE** freedom Economic Services
- Personal Loan
- Business Loan
- Salary Slip Loan
1% interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
BALASORE 9776040555, 9668427353
GANJAM 8895847878, 9439636215
Email: freedomeconomicservices@gmail.com
Block Chack, Balasore-756027

**LOAN**
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
44/170, Kargil Road, BBSR
ଯୋଗାଯୋଗ- 7991052261, 7991052595

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
19, Jagannath Nagar, BBSR-25
8658167603
7064382081

**FINANCE**
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad Pin- 5000106 (Telengana)
7787922501
7787907927
pmjansamridhi@gmail.com

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580, 95578-79781

**ଦୀପାବଳି ଧମାକା**
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527, +91 8126673652
ଠକମାନଙ୍କ ପ୍ରତି ସାବଧାନ

**ସାକ୍ଷୀ ଫାଇନାନ୍ସ**
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

**FINANCE**
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
No File Charge No Guarantor
Apply Online From Home
7302721098
8650077892

**ଇନଫ୍ରା ଟେଲିକମ୍ ନେଟୱର୍କ କମ୍ପାନୀ**
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ ୨୦ ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା’ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office G-79 Aadrsh Nagar Krolbagh Delhi
Contact: 8009586581, 8881393751

**ମୋବାଇଲ ଉପକରଣ**
ଆୟନୀ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ନାମ-ଠିକଣା ଏସ୍‌ଏମ୍‌ଏସ୍/ଫୋନ୍ କରନ୍ତୁ)
9634734514
23/315, Block-23, Trilok Puri, Delhi

**SMS JOB**
କମ୍ପାନୀରେ SMS JOB କରି Part/Full Time ଘରେବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/-ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Bike + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
09631847145
09006905977

**Ambujha Group**
Govt. Registered Gold Medalist କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ ସବୁ କମ୍ପାନୀର ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା – 45,000/– + ବାଇକ୍ ଓ ଅନ୍ୟାନ୍ୟ ସୁବିଧା ପାଆନ୍ତୁ ।
9671892171
7060089488
WZ-94B, TF, Gali No.3, Guru Nanak Nagar, Delhi

**SMS JOBS DHAMAKA (PART/FULL TIME)**
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

**Dhanlaxmi Finance Services**
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

**ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ**
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସମାନ
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

**DOORSANCHAR YOJNA (A GOVT. APPROVED)**
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡ଼ିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡ଼ା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

**!! ଋଣ ଋଣ ଋଣ !! ମହାରାଷ୍ଟ୍ର ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଠକମାନଙ୍କ ପ୍ରତି ସାବଧାନ
ନଂ.1 Govt. Approved Vision Group ଦ୍ୱାରା ଆପଣଙ୍କ ଖାଲି ଜମି, ପ୍ଲଟ୍‌ରେ ଡିଜିଟାଲ ଉପକରଣ ଲଗାନ୍ତୁ ମାତ୍ର 7 ଦିନରେ ଏବଂ ପାଆନ୍ତୁ: ଭଡ଼ା- 60,000/-, ଅଗ୍ରିମ- 45 ଲକ୍ଷ। ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ।
ପୂଜା ବର୍ମା 7526990563
A-65 - Anoop Nagar, Block-A, Bindapur, Indore

**FINANCE**
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି
ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

**FINANCE**
ନବରାତ୍ର ଋଣ ଧମାକା । ଭାରତର ସବୁଠାରୁ ବଡ କମ୍ପାନୀ Kuber Finance ୧୨ଘଣ୍ଟା ମଧ୍ୟରେ ଯୋଗାଇ ଦେଉଛି 2% ବାର୍ଷିକ ସୁଧରେ ମାର୍କଶିଟ, ଆଧାରକାର୍ଡ, ପ୍ରପର୍ଟି, ବ୍ୟବସାୟ, ପ୍ରୋଜେକ୍ଟ ଋଣ ।
ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର 50% ରିହାତି ।
ଅନଲାଇନ ଠକେଇ ପ୍ରତି ସାବଧାନ।
9634685376
7895118679

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**FINANCE**
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

**ଫାଇନାନ୍ସ**
ଓଡ଼ିଶା ଫାଇନାନ୍ସ ଭାରତୀୟ ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ସରକାରୀ ଜନକଲ୍ୟାଣ ଯୋଜନା ଦ୍ୱାରା ସବୁ ପ୍ରକାର ଋଣ ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, କୃଷି, ରାଶନକାର୍ଡ ସମସ୍ତ ଋଣ ୪୦% ସବ୍‌ସିଡି, ୨% ସୁଧ।
(ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ)
9193648143
9193648156
Koharaulia, Liladewa, Sonbhadra Yogichaura, Uttar Pradesh, 231222

**FINANCE**
କମ ସୁଧ ଆକର୍ଷଣୀୟ ଛାଡ
Maa mangalam Finance
ସମସ୍ତ ଋଣ ୩ରୁ ୬ ଦିନ ମଧ୍ୟରେ ଘରେ ବସି ପାଆନ୍ତୁ । ଉଦ୍ୟୋଗ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ ଋଣ ଉପଲବ୍ଧ । ୩୦ହଜାର ପର୍ଯ୍ୟନ୍ତ ମହିଳାଙ୍କ ଗ୍ରାହକଙ୍କ ପାଇଁ ବିଶେଷ ଛାଡ । (ସର୍ତ୍ତାବଳୀ ଲାଗୁ)
E-36, Ground Floor, Krishna Apartment Boring Rd, Patna-24
9546657102

**BARSHA FINANCE**
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

**ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

**Urbasi Oil & Capsules**
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା 60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

**ଯାନ୍ତ୍ରିକ ଉପକରଣ**
All India Govt. (ପଞ୍ଜୀକୃତ) ଗୋଲ୍ଡ ମେଡାଲିଷ୍ଟ କମ୍ପାନୀରୁ ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ ୨୦,୦୦୦,୦୦ ଭଡ଼ା 45,000, ବାଇକ୍ + ଅନ୍ୟାନ୍ୟ ସୁବିଧାସୁଯୋଗ। ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ।
7056060195
7065897645
G-72(A), Jahangir Puri, Galli No.-8, Delhi



“ଚାଇନା ଭଳି ଶକ୍ତିଶାଳୀ ଦଳ ବିପକ୍ଷ ମ୍ୟାଚ ଆମକୁ ଏସିଆ କପ୍ ଲାଗି ପ୍ରସ୍ତୁତି କ୍ଷେତ୍ରରେ ବିଶେଷ ସହାୟକ ହେବା
–ଷ୍ଟିଫେନ କନଷ୍ଟାଣ୍ଟିନ, ଭାରତୀୟ ଫୁଟ୍‌ବଲର ମୁଖ୍ୟ କୋଚ୍



“ବର୍ତ୍ତମାନ ନଜର ଟୋକିଓ ଅଲିମ୍ପିକ୍ସ ଉପରେ ରହିଥିଲେ ହେଁ ୨୦୨୨ ଏସିଆନ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଧିକ ପଦକ ହାସଲ ଆମର ଲକ୍ଷ୍ୟ ରହିଛି।
–ରାଜ୍ୟବର୍ଦ୍ଧନ ସିଂ ରାଠୋର, କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ

## ସଂକ୍ଷେପରେ

### ସଭାପତି ପଦବୀ ବଜାୟ ରଖିଲେ ସୁବୋଧ



ସୁବୋଧ କୁମାର ରାଉତରାୟ

କଟକ ଅଫିସ,୨୩।୯: ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ର ସଭାପତି ପଦବୀ ବଜାୟ ରଖିଛନ୍ତି ସୁବୋଧ କୁମାର ରାଉତରାୟ। ୪୨ ସଦସ୍ୟଙ୍କ ମଧ୍ୟରୁ ୩୦ଜଣ ଭୋଟ ଦେଇଥିଲେ। ସୁବୋଧଙ୍କ ସପକ୍ଷରେ ୨୯ଟି ଭୋଟ ଯାଇଥିବାବେଳେ ଅନ୍ୟଏକ ଭୋଟ ନାକଚ ହୋଇଥିଲା । ପ୍ରତିଦ୍ୱନ୍ଦ୍ୱୀ ପ୍ରଦୀପ କୁମାର ମହାନ୍ତି ଅସୁସ୍ଥତା ଦର୍ଶାଇ ନିର୍ବାଚନରେ ସାମିଲ ହୋଇନାହାନ୍ତି। ଫଳରେ ଲଗାତର ଦୁଇଥର ସୁବୋଧ ଓଭିଏର ସଭାପତି ହୋଇଛନ୍ତି। ୨୦୧୦ ମସିହାରେ ଓଭିଏର କାର୍ଯ୍ୟକାରୀ ସଭାପତି ରହିଥିବା ସୁବୋଧ ୨୦୧୪ ମସିହାରେ ଓଭିଏରେ ସଭାପତି ହୋଇଥିଲେ। ଅନ୍ୟପକ୍ଷରେ ପୂର୍ବରୁ ଓଭିଏର ଅନ୍ୟ ସମସ୍ତ ପଦବୀ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଛି । ପାରାଦୀପ ପୋର୍ଟର ସଞ୍ଜୟ କୁମାର ଦାସ କାର୍ଯ୍ୟକାରୀ ସଭାପତି, ଜଗତ୍‌ସିଂହପୁରର ଗଗନେନ୍ଦୁ ଦାସ ସମ୍ପାଦକ, କେନ୍ଦ୍ରାପଡ଼ାର ସୟଦ ଅକ୍ରମ ଅଲ୍ଲୀ, କେନ୍ଦୁଝରର ଜନାର୍ଦ୍ଦନ ଦାସ, କୋରାପୁଟର ଭବାନୀ ପ୍ରସାଦ ପଣ୍ଡା, ମୟୂରଭଞ୍ଜର କିଶୋର କୁମାର ବିଶ୍ୱାଳ, ଫୁଲବାଣୀର ଶିବପ୍ରସାଦ ତ୍ରିପାଠୀ, ସମ୍ବଲପୁରର ଦୁଲାଲଚନ୍ଦ୍ର ପ୍ରଧାନ ଉପସଭାପତି, ଢେଙ୍କାନାଳର ଆଦିତ୍ୟ କୁମାର ଆଚାର୍ଯ୍ୟ, ବାଲେଶ୍ୱରର ଜଗଦୀଶ ଚନ୍ଦ୍ର ବେହେରା ଯୁଗ୍ମ ସମ୍ପାଦକ, ଭୁବନେଶ୍ୱରର ମନୋରଞ୍ଜନ ମହାନ୍ତି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ।

### ଦିଲ୍ଲୀ, ଆସାମର ସହଜ ବିଜୟ

**କଟକ ଅଫିସ,୨୩।୯:** କଟକରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପରେ ରବିବାର ୪ଟି ମ୍ୟାଚ୍ ଖେଳାଯାଇଛି । ଏଥିରେ ଦିଲ୍ଲୀ ୬-୦ ଗୋଲରେ ଝାଡ଼ଖଣ୍ଡକୁ, ମଣିପୁର ୬-୨ ଗୋଲରେ ପଣ୍ଡିଚେରୀକୁ, ପଞ୍ଜାବ ୬-୧ ଗୋଲରେ କେରଳକୁ, ଆସାମ ୪-୦ ଗୋଲରେ ବିହାରକୁ ପରାସ୍ତ କରିଛି ।

### ଜୟଦୁର୍ଗାକୁ ହରାଇଲା ରାଇଜିଂ ଷ୍ଟୁଡେଣ୍ଟ

**କଟକ ଅଫିସ,୨୩।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ୩-୧ ଗୋଲରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଛି । ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ୧୫ତମ ମିନିଟରେ ରାଜୁ ବିଶାର, ୩୧ତମ ମିନିଟରେ କୁଆର ମାରାଣ୍ଡି, ୫୦ତମ ମିନିଟରେ ଅରବିନ୍ଦ ଲାକ୍ରା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ । ଜୟଦୁର୍ଗା ପକ୍ଷରୁ ୪୨ତମ ମିନିଟରେ ସିଦ୍ଧାନ୍ତ ଦାସ ଗୋଟିଏ ଗୋଲ ଦେଇଛନ୍ତି। ଖେଳାଯିବାକୁ ଥିବା ଅନ୍ୟଏକ ମ୍ୟାଚ୍‌ରେ କିଶୋର କ୍ଲବ ଅନୁପସ୍ଥିତ ରହିବାରୁ ମଙ୍ଗଳାକ୍ଲବକୁ ବିଜୟୀ ଘୋଷଣା କରାଯାଇଥିଲା ।

### ଚେସ୍ ଅଲିମ୍ପିଆଡ୍: ଭାରତୀୟ ଦଳରେ ପଦ୍ମିନୀ

**ବାଟୁମି(ଜର୍ଜିଆ), ୨୩।୯(ପି.ଟି.):** ପାଞ୍ଚଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଓ ୨୭୦୦ରୁ ଅଧିକ ପଏଣ୍ଟ ଅର୍ଜନକାରୀ ୩ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଏଠାରେ ଅନୁଷ୍ଠିତ ହେବାକୁ ଥିବା ୪୩ତମ ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ଦଳକୁ ୫ମ ସିଡ୍ ମାନ୍ୟତା ମିଳିଛି। ରବିବାରଠାରୁ ଆରମ୍ଭ ହୋଇଥିବା ଇଭେଣ୍ଟରେ ୧୮୫ ଦେଶର ଖେଳାଳିମାନେ ଅଂଶଗ୍ରହଣ କରୁଛନ୍ତି। ସେହିଭଳି ମହିଳା ବିଭାଗରେ ୧୫୫ ଦେଶ ଭାଗ ନେଇଛନ୍ତି। ଏହା ବିଶ୍ୱର ସବୁଠୁ ବଡ଼ ପ୍ରତିଯୋଗିତା। ଏପରି କି ଫିଫା ବିଶ୍ୱକପ୍‌ଠାରୁ ମଧ ବଡ଼ ଇଭେଣ୍ଟ। ଆନନ୍ଦ ଓ ଡି. ହାରିକାଙ୍କ ଉପସ୍ଥିତି ଯୋଗୁ ଭାରତକୁ ଆହୁରି ଉନ୍ନତ ସିଡ୍ ପ୍ରଦାନ କରାଯିବ ବୋଲି ଆଶା କରାଯାଉଥିଲା। କାରଣ ଗତ ୨୦୧୪ ସଂସ୍କରଣରେ ଭାରତ ୩ୟ ସ୍ଥାନ ଅଧିକାର କରିଥିବାବେଳେ ୨୦୧୬ରେ ୪ର୍ଥରେ ରହିଥିଲା। ଭାରତୀୟ ଦଳ ଟୁର୍ନାମେଣ୍ଟର ଶୀର୍ଷ ମାନ୍ୟତାରେ ଆମେରିକା, ରୁଷିଆ, ଚାଇନା ଓ ଆଜରବୈଜାନ ଦଳ ପଛରେ ରହିଛି। ଭାରତୀୟ ମହିଳା ଦଳରେ ଓଡ଼ିଶାର ପଦ୍ମିନୀ ରାଉତ ସ୍ଥାନ ପାଇଛନ୍ତି। ତାଙ୍କ ବ୍ୟତୀତ ଡି. ହାରିକା, ତାନିଆ ସଚଦେବ ଓ ଇଶା କାରଭାଡେ ଦଳରେ ଅଛନ୍ତି। ସେହିଭଳି ପୁରୁଷ ଦଳରେ ଆନନ୍ଦ, ହରିକ୍ରିଷ୍ଣନ, ବିଦି ଗୁଜରାଥି, ବି. ଅଧିବାନ ଓ କ୍ରିଷ୍ଣନ ଶଶିକିରନ ରହିଛନ୍ତି।

■ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍

# ପୁରୁଷ ୧୫୦୦ ମିଟରରୁ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର, ୨୩।୯(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ୫୮ତମ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍। ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ମୋଟ ୮୯୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ପକ୍ଷରୁ ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୭ଟାରେ ପୁରୁଷ ୧୫୦୦ ମିଟର ରେସ୍ ପ୍ରିଲିମିନାରି ରାଉଣ୍ଡ ସହିତ ପ୍ରତିଯୋଗିତା ଆରମ୍ଭ ହେବ। ଏହାପରେ ପୂର୍ବାହ୍ନରେ ପୁରୁଷ ଡେକାଥଲନ ୧୦୦ ମିଟର ରେସ୍, ପୁରୁଷ ୧୦୦ ମିଟର ରେସ୍ ରାଉଣ୍ଡ-୧, ପୁରୁଷ ଡିସ୍‌କସ୍ ଥ୍ରୋ କ୍ୱାଲିଫାଇଂ ରାଉଣ୍ଡ-୧, ପୁରୁଷ ଡେକାଥଲନ ଲଙ୍ଗଜମ୍ପ, ମହିଳା ୧୦୦ ମିଟର ରାଉଣ୍ଡ-୧, ପୁରୁଷ ଡିସ୍‌କସ୍ ଥ୍ରୋ କ୍ୱାଲିଫାଇଂ ରାଉଣ୍ଡ-୨, ପୁରୁଷ ୪୦୦ ମିଟର ରାଉଣ୍ଡ-୧, ପୁରୁଷ ଡେକାଥଲନ ଶଟ୍‌ପୁଟ୍, ମହିଳା ୪୦୦ ମିଟର ରାଉଣ୍ଡ-୧ ଇଭେଣ୍ଟ ଆୟୋଜିତ ହେବ। ଅପରାହ୍ନରେ ପୁରୁଷ ୧୧୦ ମିଟର ହର୍ଡଲ୍ସ ରାଉଣ୍ଡ-୧ ଏବଂ ପୁରୁଷ ପୋଲଭଲ୍ଟ ଫାଇନାଲ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ମହିଳା ୧୦୦ ମିଟର ହର୍ଡଲ୍ସ ରାଉଣ୍ଡ-୧, ପୁରୁଷ ଡେକାଥଲନ ହାଇଜମ୍ପ, ପୁରୁଷ ଶଟ୍‌ପୁଟ୍ କ୍ୱାଲିଫାଇଂ ରାଉଣ୍ଡ-୧, ପୁରୁଷ ୧୦୦ ମିଟର ସେମିଫାଇନାଲ, ମହିଳା ଜାଭେଲିନ୍ ଥ୍ରୋ ଫାଇନାଲ, ମହିଳା ଟ୍ରିପଲ ଜମ୍ପ ଫାଇନାଲ, ମହିଳା ୧୦୦ ମିଟର ସେମିଫାଇନାଲ, ପୁରୁଷ ଶଟ୍‌ପୁଟ୍ କ୍ୱାଲିଫାଇଂ ରାଉଣ୍ଡ-୨, ପୁରୁଷ ୪୦୦ ମିଟର ସେମିଫାଇନାଲ ଇଭେଣ୍ଟ ଆୟୋଜିତ ହେବ। ରାତିରେ ହେବାକୁଥିବା ଇଭେଣ୍ଟଗୁଡ଼ିକ ହେଲା ପୁରୁଷ ୧୦,୦୦୦ ମିଟର ଫାଇନାଲ, ମହିଳା ୧୦,୦୦୦ ମିଟର ଫାଇନାଲ ଏବଂ ପୁରୁଷ ଡେକାଥଲନ ୪୦୦ ମିଟର ରେସ୍। ମହିଳା ଜାଭେଲିନ୍ ଥ୍ରୋ, ଟ୍ରିପଲ ଜମ୍ପ, ୧୦,୦୦୦ ମିଟର ରେସ୍, ପୁରୁଷ ପୋଲଭଲ୍ଟ ଓ ୧୦,୦୦୦ ମିଟର ରେସ୍‌ର ପଦକ ପ୍ରଦାନ ଉତ୍ସବ ମଧ ଅନୁଷ୍ଠିତ ହେବ।

ଏଏଫଆଇ ପକ୍ଷରୁ ପ୍ରକାଶିତ ଆଥଲେଟ୍ ତାଲିକା ଅନୁସାରେ ଓଡ଼ିଶାରୁ ମୋଟ ୧୭ ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିବେ। ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ ନାମ ଏଥିରେ ଥିଲେ ହେଁ ସେ ଏସିଆନ ଗେମ୍ସରେ ଭାଗନେଇ କ୍ଲାନ୍ତ ଥିବାରୁ ଅଂଶଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପୁରୁଷ ୪x୧୦୦ ମିଟର ରିଲେରେ ଓଡ଼ିଶା ଭାଗନେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟତମ ତାରକା ଓଡ଼ିଆ ଆଥଲେଟ୍ ଜଉନା ମୁର୍ମୁ ଓଏନ୍‌ଜିସି ପକ୍ଷରୁ ମହିଳା ୪୦୦ ମିଟର ରେସ୍ ଓ ୪୦୦ ମିଟର ହର୍ଡଲ୍ସରେ ଭାଗନେବେ। ତେଣୁ ଜଉନାଙ୍କ ବ୍ୟତୀତ ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ଅମୀୟ କୁମାରଙ୍କ ଉପରେ ନଜର ରହିବ।

### ଏଏଫଆଇ ତାଲିକା ଅନୁସାରେ ଭାଗ ନେବାକୁ ଯାଉଥିବା ଓଡ଼ିଶା ପ୍ରତିଯୋଗୀ

ସମସାଦ ଆରା ବେଗମ: ୫୦୦୦ ମିଟର ରେସ୍
ଉର୍ଜା ଭୂୟାଁ: ମହିଳା ହାମର ଥ୍ରୋ
ପାର୍ବତୀ ସେଠୀ: ମହିଳା ଡିସକସ୍
ଦିବ୍ୟା ସାଣ୍ଡିଲ୍ୟ: ମହିଳା ହାମର ଥ୍ରୋ
ହରି ବେହେରା: ଡିସ୍‌କସ୍ ଥ୍ରୋ
ଅଶୋକ ଦଣ୍ଡସେନା: ୧୦,୦୦୦ ମିଟର ରେସ୍
ଚିନ୍ମୟ ରଞ୍ଜନ ଜେନା: ଜାଭେଲିନ୍ ଥ୍ରୋ
ପ୍ରସନ୍ନଜିତ କୌର: ୨୦୦ ମିଟର ରେସ୍
ମନୋଜ କୁମାର ମହାରଣା: ଡିସ୍‌କସ୍ ଥ୍ରୋ
ଅମିୟ କୁମାର ମଲିକ: ୧୦୦ ଓ ୨୦୦ ମିଟର ରେସ୍
ନିରଞ୍ଜନ ମହାନ୍ତି: ୧୦୦ ଓ ୨୦୦ ମିଟର ରେସ୍
ସୁକଦେବ ମହାନ୍ତି: ଡେକାଥଲନ
କୌଶଲ୍ୟା କୁମାର ନାୟକ: ୪୦୦ ମିଟର ହର୍ଡଲ୍ସ
ମଳୟ ରଞ୍ଜନ ପତି: ହାମର ଥ୍ରୋ
ଆଶିଷ କୁମାର ପାତ୍ର: ଲଙ୍ଗଜମ୍ପ
ଅଭିଜିତ ସାହୁ: ୧୦୦ ମିଟର ରେସ୍
ରଞ୍ଜନ କୁମାର ସାହୁ: ଶଟ୍‌ପୁଟ୍ ଥ୍ରୋ
(ବି.ଦ୍ର.-ଓଡ଼ିଆ ଆଥଲେଟ୍ ଜଉନା ମୁର୍ମୁ ଓଏନ୍‌ଜିସି ପକ୍ଷରୁ ମହିଳା ୪୦୦ ମିଟର ରେସ୍ ଓ ୪୦୦ ମିଟର ହର୍ଡଲ୍ସ ଇଭେଣ୍ଟରେ ଭାଗନେବେ। ପୁରୁଷ ୪x୧୦୦ ମିଟର ରିଲେରେ ମଧ ଓଡ଼ିଶା ଭାଗନେବାର କାର୍ଯ୍ୟକ୍ରମ ରହିଛି)।

■ ରାଜ୍ୟସ୍ତରୀୟ ସ୍କୁଲ କବାଡ଼ି ଉଦ୍‌ଯାପିତ

## ନବରଙ୍ଗପୁର, ନୂଆପଡ଼ା ଚାମ୍ପିୟନ




ଅତିଥିଙ୍କ ଗହଣରେ ଟ୍ରଫି ସହ ବାଳିକା ବିଭାଗ ଚାମ୍ପିୟନ ନବରଙ୍ଗପୁର ଦଳ ।

ବରଗଡ଼ ଅଫିସ୍,୨୩।୯

ବରଗଡ଼ ଜର୍ଜ ହାଇସ୍କୁଲରେ ୬୪ତମ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା, ବାଳକ ସ୍କୁଲ କବାଡ଼ି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି । ବରଗଡ଼ ଜିଲା ଶିକ୍ଷା ବିଭାଗର ଆୟୋଜନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲର ବାଳିକା ବିଭାଗରେ ନବରଙ୍ଗପୁର ପ୍ରତିପକ୍ଷ ଭୁବନେଶ୍ୱରକୁ ୨୩-୧୨ ଏବଂ ବାଳକ ବିଭାଗରେ ନୂଆପଡ଼ା ପ୍ରତିପକ୍ଷ ଢେଙ୍କାନାଳକୁ ୪୭-୨୮ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ସେହିପରି ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ, ଓଡ଼ିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

### ବିଶ୍ୱ ହେଭିୱେଟ୍ ବକ୍ସିଂ




ବ୍ରିଟେନ୍‌ର ଅନ୍ଥୋନୀ ଜୋଶୁଆ (ବାମ) ଓ ଆଲେକଜାଣ୍ଡାର ପୋଭେଟକିନ୍‌ଙ୍କ ମଧ୍ୟରେ ଲଢ଼େଇ ।

## ଟାଇଟଲ ବଜାୟ ରଖିଲେ ଜୋଶୁଆ

ଲଣ୍ଡନ,୨୩।୯(ଏଏଫପି)

ବ୍ରିଟିଶ୍ ପେସାଦାର ବକ୍ସର ଅନ୍ଥୋନୀ ଜୋଶୁଆ ତାଙ୍କର ବିଶ୍ୱ ହେଭିୱେଟ୍ ଟାଇଟଲଗୁଡ଼ିକ ବଜାୟ ରଖିଛନ୍ତି। ସ୍ଥାନୀୟ ୱେମ୍ବଲେ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ମୁକାବିଲାରେ ସେ ରୁଷିଆ ଅଭିଜ୍ଞ ତଥା ପେସାଦାର ବକ୍ସର ଆଲେକଜାଣ୍ଡାର ପୋଭେଟକିନ୍‌ଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିବା ସହ ପୂର୍ବସଫଳତାକୁ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ଏହି ବିଜୟ ଫଳରେ ଆନ୍ଥୋନୀ ତାଙ୍କ ଆନ୍ତର୍ଜାତିକ ବକ୍ସିଂ ଫେଡେରେଶନ (ଆଇବିଏଫ୍), ବିଶ୍ୱ ବକ୍ସିଂ ଅର୍ଗାନାଇଜେଶନ (ଡବ୍ଲ୍ୟୁବିଓ) ଓ ବିଶ୍ୱ ବକ୍ସିଂ ଆସୋସିଏଶନ (ଡବ୍ଲ୍ୟୁବିଏ) ଟାଇଟଲ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଡବ୍ଲ୍ୟୁବିଏ, ଆଇବିଏଫ୍ ଓ ଡବ୍ଲ୍ୟୁବିଓ ଚାମ୍ପିୟନ ଆନ୍ଥୋନୀ ୮୦ ହଜାର ଘରୋଇ ଦର୍ଶକଙ୍କ ସମ୍ମୁଖରେ ଚମତ୍କାର ପ୍ରଦର୍ଶନ କରିଥିଲେ। ୭ ରାଉଣ୍ଡରେ ୨୮ ବର୍ଷୀୟ ଆନ୍ଥୋନୀ ମାତ୍ର ୧ ମିନିଟ ୫୯ ସେକେଣ୍ଡରେ ୩୯ ବର୍ଷୀୟ ପୋଭେଟକିନଙ୍କୁ ଧରାଶାୟୀ କରିଥିଲେ। ଏହି ଫାଇଟ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଅନ୍ୟପଟେ ଦୀର୍ଘ ୧୩ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ପୋଭେଟକିନ୍‌ଙ୍କ ପାଇଁ ଏହା ପ୍ରଥମ ପରାଜୟ ସାବ୍ୟସ୍ତ ହୋଇଛି। ଏଥିସହ ଆନ୍ଥୋନୀ ୨୨ଟି ଫାଇଟ୍‌ରେ ଅବତୀର୍ଣ୍ଣ ହୋଇ କ୍ୟାରିୟରର ୨୨ତମ ପେସାଦାର ବିଜୟ ହାସଲ କରିଛନ୍ତି। ଏଥିରେ ୨୧ଟି ନକ୍‌ଆଉଟ ସାମିଲ ରହିଛି। ବିଜୟୀ ହୋଇଥିଲେ ମଧ ଆନ୍ଥୋନୀ ପୋଭେଟକିନଙ୍କ ପ୍ରଦର୍ଶନକୁ ବେଶ୍ ପ୍ରଶଂସା କରିଛନ୍ତି। ପୋଭେଟକିନ୍ ହେଉଛନ୍ତି ଜଣେ ଜବରଦସ୍ତ ଫାଇଟର। ସେ ମୁଣ୍ଡ ପାଇଁ ବେଶ୍ ଶକ୍ତିଶାଳୀ, କିନ୍ତୁ ବଡି ପାଇଁ ସାମାନ୍ୟ ଦୁର୍ବଳ ବୋଲି ସେ କହିଛନ୍ତି। ନିଜ ଲମ୍ବା ଉଚ୍ଚତାରୁ ଆନ୍ଥୋନୀ ଫାଇଦା ଉଠାଇଥିଲେ।

### ବିଜୟ ହଜାରେ ଟ୍ରଫି ବର୍ଷା ଯୋଗୁ ମ୍ୟାଚ୍ ବାତିଲ, ପଏଣ୍ଟ ଭାଗ

କଟକ ଅଫିସ,୨୩।୯

ନୂଆଦିଲ୍ଲୀସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ବିଜୟ ହଜାରେ ଟ୍ରଫି ଏଲିଟ୍ ଗ୍ରୁପ୍-ବି'ର ଉତ୍ତରପ୍ରଦେଶ-ଓଡ଼ିଶା ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି। ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଥିବା ବେଳେ ୨୬ଓଭର ଲେଖାଏ ଖେଳାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଉତ୍ତରପ୍ରଦେଶ ୧୫ଓଭର ଖେଳି ୨ ଉଇକେଟ ବିନିମୟରେ ୯୫ରନ୍ କରିଥିବା ବେଳେ ପୁନର୍ବାର ବର୍ଷା ଯୋଗୁଁ ଖେଳ ସମ୍ଭବ ହୋଇ ପାରି ନ ଥିଲା। ଉତ୍ତରପ୍ରଦେଶ ପକ୍ଷରୁ ଉଇକେଟ କିପର ଉପେନ୍ଦ୍ର ଯାଦବ ସର୍ବାଧିକ ୪୨ରନ୍ କରିଥିଲେ। ଓପନର ଶିଭମ ଚୌଧୁରୀ ୩୦ରନ୍, ଅଧିନାୟକ ସୁରେଶ ରାଇନା ୧୪ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ପପୁ ରାୟ ଗୋଟିଏ ଉଇକେଟ ଦଖଲ ନେଇଥିଲେ। ମ୍ୟାଚ୍ ବାତିଲ ଫଳରେ ଓଡ଼ିଶା ୨ ପଏଣ୍ଟ ହାସଲ କରିବା ସହ ଖାତା ଖୋଲିଛି। ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍ ନିମନ୍ତେ ଓଡ଼ିଶା ଦଳରେ ଦୁଇ ପେସ୍ ବୋଲରଙ୍କୁ ପରିବର୍ତ୍ତନ କରାଯାଇଥିଲା। ଗତ ୨ଟି ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରେ ରହିଥିବା ନବାଗତ ରାଜେଶ ମହାନ୍ତି ଓ ପ୍ରୀତ କନୱର ସିଂ ଚୌହ୍ୱାନଙ୍କ ସ୍ଥାନରେ ଅଭିଜ୍ଞ ସୂର୍ଯ୍ୟକାନ୍ତ ପ୍ରଧାନ ଓ ଦେବବ୍ରତ ପ୍ରଧାନଙ୍କୁ ନିଆଯାଇଥିଲା। ଆସନ୍ତା ୨୬ରେ ଓଡ଼ିଶା ଦିଲ୍ଲୀ ବିପକ୍ଷରେ ୪ର୍ଥ ମ୍ୟାଚ୍ ଖେଳିବ ।

## 'ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ ଅନୁସରଣ କରାଯାଇଛି'

**କଟକ ଅଫିସ, ୨୩।୯**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ବିଧାନ ସଂଶୋଧନ ନେଇ କଟକର ବିଭିନ୍ନ କ୍ଲବର କର୍ମକର୍ତ୍ତା, ସ୍କୁଲ, କଲେଜ ସଦସ୍ୟମାନେ ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ଟାର୍ଗେଟ କରି ମନ୍ତବ୍ୟ ଦେବା ପରେ ସେ ଏହାର ଜବାବ ରଖିଛନ୍ତି। ଶନିବାର ସନ୍ଧ୍ୟାରେ ବାରବାଟୀ ଷ୍ଟାଡିୟମ ସ୍ଥିତ ଓସିଏ କ୍ଲବଠାରେ ଏକ ଖବରଦାତା ସମ୍ମିଳନୀ ଡାକିବା ଅବସରରେ ସୁପ୍ରିମକୋର୍ଟ ଦ୍ୱାରା ପ୍ରଦତ୍ତ ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି। କାର୍ଯ୍ୟକାରୀ କମିଟି ଅଧକ୍ଷ



ଆଶୀର୍ବାଦ ବେହେରା

ଧୀରେନ ପଲାଇଙ୍କୁ ପୂର୍ବରୁ ସବୁ ସମୟରେ ବିଭିନ୍ନ କାର୍ଯ୍ୟ କିପରି ଠିକ୍ ଢ଼ଙ୍ଗରେ ହେବ ସେ ନେଇ ପରାମର୍ଶ ଦେଇଛି। ଏବେ ମଧ ତାଙ୍କୁ ଭୁଲ ବାଟ ଦେଖାଉନାହିଁ। ଆଇନ ପରାମର୍ଶଦାତା ଦୟାନନ୍ଦ ମହାପାତ୍ରଙ୍କ ପରାମର୍ଶକ୍ରମେ ସମ୍ବିଧାନ ସଂଶୋଧନ ନେଇ ଯୋଜନା ହୋଇଥିଲା। ସୁପ୍ରିମକୋର୍ଟର ଗାଇଡ୍‌ଲାଇନରେ ଯେଉଁ ସମସ୍ତ ନିର୍ଦ୍ଦେଶ ରହିଛି ତାହାକୁ କେବଳ ପାଳନ କରାଯାଇଛି। ଯଦି ଏହା ପାଳନ କରାଯାଇ ନ ଥାନ୍ତା ତେବେ ଅଦାଲତ ଅବମାନନା ମାମଲାରେ ଓସିଏ ଫସିଥାନ୍ତା ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ବିନା ସାଧାରଣ ପରିଷଦ ବୈଠକରେ ସମ୍ବିଧାନ ସଂଶୋଧନ କରାଯିବା ପ୍ରଶ୍ନର ଉତ୍ତର ଦେଇ ଆଶୀର୍ବାଦ କହିଥିଲେ, ସାଧାରଣ ପରିଷଦ ବୈଠକ ଡକାଯାଇଥିଲେ ହୁଏତ ଏଭଳି ବିରୋଧର ସ୍ୱର ଉଠି ନ ଥାନ୍ତା। ଯଦି ଅବା ବୈଠକ ଡକାଯାଇଥାନ୍ତା ତେବେ ସୁଦ୍ଧା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କ୍ଲବ, ସ୍କୁଲ, କଲେଜକୁ ସଦସ୍ୟତା ମିଳି ପାରି ନ ଥାନ୍ତା। ଯେଉଁ କେତେକ ରାଜ୍ୟ ଆସୋସିଏଶନ କ୍ଲବର ନାମ ସେମାନଙ୍କ ସମ୍ବିଧାନ ସଂଶୋଧନ ରିପୋର୍ଟରେ ପଠାଇଛନ୍ତି ସେମାନେ ଏହାର ଫଳାଫଳ ମଧ ଖୁବଶୀଘ୍ର ଦେଖିବାକୁ ପାଇବେ ବୋଲି ଆଶୀର୍ବାଦ କହିଥିଲେ। ଏହାଛଡ଼ା ପୂର୍ବରୁ ସମ୍ବିଧାନ ସଂଶୋଧନ କରାଯିବା ନେଇ କାର୍ଯ୍ୟକାରୀ କମିଟି ପକ୍ଷରୁ ବିସିସିଆଇକୁ ବାରମ୍ବାର ଚିଠି ଲେଖା ଯାଇଥିଲେ ସୁଦ୍ଧା

### ଜବାବ ରଖିଲେ ଆଶୀର୍ବାଦ

କୌଣସି ଉତ୍ତର ମିଳି ନ ଥିଲା। ଯାହା ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା ବୋଲି ସେ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ, ପାରାଦୀପ ପୋର୍ଟ ଟ୍ରଷ୍ଟ, ପୂର୍ବତଟ ରେଲୱେକୁ ସଦସ୍ୟତା ଦିଆଯିବା ପ୍ରଶ୍ନରେ ଆଶୀର୍ବାଦ ଏହାର ସ୍ପଷ୍ଟୀକରଣ ରଖିଛନ୍ତି। ଏହି୩ଟିଦଳ ଓସିଏ ଆନୁକୂଲ୍ୟରେ ହେଉଥିବା ଘରୋଇ ଟୁର୍ନାମେଣ୍ଟ ଗୁଡ଼ିକରେ ଗତ କିଛି ବର୍ଷ ହେବ ଦଳ ପଠାଇବା ସହ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଆସୁଛନ୍ତି। ଏଣୁ ସମ୍ବିଧାନ ସଂଶୋଧନ ନେଇ ହୋଇଥିବା ଗାଇଡ୍‌ଲାଇନ୍‌ରେ ଏହା ଆସୁଛି ବୋଲି ଆଶୀର୍ବାଦ କହିଥିଲେ। ଅନ୍ୟପକ୍ଷରେ ସମ୍ବିଧାନ ସଂଶୋଧନକୁ ବିରୋଧ କରୁଥିବା କ୍ରୀଡ଼ା ସଙ୍ଗଠକମାନେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବାକୁ ସଜବାଜ ହେଉଛନ୍ତି।

# ପଦକ ବିଜେତାଙ୍କ ସମ୍ବର୍ଦ୍ଧନା ଉତ୍ସବରେ ଆଇଓଏ ଅପଦସ୍ଥ

ନୂଆଦିଲ୍ଲୀ, ୨୩।୯ (ପି.ଟି.)

ଏସିଆନ ଗେମ୍ସ ପଦକ ବିଜେତାଙ୍କ ଲାଗି ଆୟୋଜିତ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଉତ୍ସବରେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)କୁ ଅପଦସ୍ଥ ହେବାକୁ ପଡ଼ିଛି। ପଦକ ବିଜେତାଙ୍କୁ ଦିଆଯିବାକୁଥିବା ଚେକ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଥିବାବେଳେ ଜଣଙ୍କ ନାମ ତାଲିକାରେ ନ ଥିଲା। କମ୍ପାଉଣ୍ଡ ତୀରନ୍ଦାଜ ଜ୍ୟୋତି ସୁରେଖା ଭେନମ ଏବଂ ଅଭିଷେକ ବର୍ମାଙ୍କ ସମେତ ୧୫ ପଦକ ବିଜେତାଙ୍କୁ କେବଳ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା। କାରଣ ଚେକ୍‌ରେ ସେମାନଙ୍କ ନାମ ଠିକ୍‌ରୂପେ ଲେଖା ହୋଇ ନ ଥିଲା। ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ବିଜେତାଙ୍କୁ ଯଥାକ୍ରମେ ୩ ଲକ୍ଷ, ୨ଲକ୍ଷ ଓ ୧ଲକ୍ଷ ଟଙ୍କା ପୁରସ୍କୃତ କରାଯାଇଥିଲା। ସେହିପରି ବ୍ୟକ୍ତିଗତ ପଦକ ବିଜେତାଙ୍କ ଲାଗି ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ ଏବଂ ୨ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଥିଲା। ତ୍ରୁଟି ଲାଗି ଆଇଓଏ ସଭାପତି ନରିନ୍ଦର ବାତ୍ରାଙ୍କୁ କ୍ଷମା ପ୍ରାର୍ଥନା କରିବାକୁ ପଡ଼ିଥିଲା। ୧୪ରୁ ୧୫ଜଣ ଖେଳାଳିଙ୍କ ନାମ ଭୁଲ୍‌ରେ ଛପା ଯାଇଛି। ଆମେ ସେମାନଙ୍କୁ କେବଳ ଫୁଲତୋଡ଼ା ଦେଇ ସମ୍ମାନିତ କରିବୁ। ପୁରସ୍କାର ରାଶି ସେମାନଙ୍କ ନିକଟରେ ପହଞ୍ଚିଯିବ ବୋଲି ଉତ୍ସବ ଆରମ୍ଭରେ ବାତ୍ରା ସ୍ପଷ୍ଟ କରିଦେଇଥିଲେ। ଉତ୍ସବରେ ଆଉ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆୟୋଜକଗଣ ବ୍ରୋଞ୍ଜ ପଦକ ବିଜେତା



ଏସିଆନ ଗେମ୍ସ ପଦକ ବିଜେତାଙ୍କ ଲାଗି ଆୟୋଜିତ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଉତ୍ସବ।

କୁସ୍ତି ଯୋଦ୍ଧା ଦିବ୍ୟା କାକରନଙ୍କ ନାମ ଉଲ୍ଲେଖ କରିବାକୁ ଭୁଲିଯାଇଥିଲେ।

ସୂଚନାଯୋଗ୍ୟ, ଉତ୍ସବ ଶେଷରେ କାକରାନଙ୍କ ପିତାମାତା ବାତ୍ରାଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏ କଥା ଜଣାପଡ଼ିଥିଲା। କାକରାନଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରିବା ଲାଗି ଆଇଓଏ ସଭାପତି ସେତେବେଳେ କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କୁ ଖୋଜିଲେ ମାତ୍ର ସେ ଉତ୍ସବ ସ୍ଥଳରୁ ପ୍ରସ୍ଥାନ କରି ସାରିଥିଲେ। କାକରାନଙ୍କ ମା'ଙ୍କୁ ଆଇଓଏ ତରଫରୁ ସଫେଇ ଦିଆଯାଇଥିଲା। ତାଙ୍କୁ କୁହାଯାଇଥିଲା ଆମେ ତୁମ ଝିଅଙ୍କ ନାମ ଦେଇଥିଲୁ। ମାତ୍ର ତାଲିକାରେ କାହିଁକି ସ୍ଥାନ ପାଇ ନାହିଁ ତାହା ଜାଣିହେଉ ନାହିଁ। ଆଇଓଏ ସେକ୍ରେଟାରୀ ଜେନେରାଲ ରାଜୀବ ମେହେଟ୍ଟା କହିଛନ୍ତି, ପ୍ରାୟୋଜକଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥରୁ ପ୍ରଥମ ଥର ଖେଳାଳିମାନଙ୍କ ଲାଗି ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇଛି। ଭବିଷ୍ୟତରେ ଅଲିମ୍ପିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅବା ଏସିଆନ ଗେମ୍ସ ବିଜେତାଙ୍କୁ ଆର୍ଥିକ ପୁରସ୍କାର ସହିତ ସମ୍ମାନିତ କରାଯିବ। ସମ୍ବର୍ଦ୍ଧନା ଉତ୍ସବରେ ସ୍ୱର୍ଣ୍ଣ ବିଜେତାଙ୍କ ସମେତ ବହୁ ଖେଳାଳି ଅନୁପସ୍ଥିତ ଥିଲେ। ସେମାନେ ହେଲେ ସ୍ୱର୍ଣ୍ଣ ପଦକ ବିଜେତା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଏବଂ ଟେନିସ ଖେଳାଳି ରୋହନ ବୋପାନ୍ନା ଓ ଡିଭିଜ ଶରଣ, କୁସ୍ତି ଯୋଦ୍ଧା ବଜରଙ୍ଗ ପୁନିଆ ଓ ଭିନେଶ ଫୋଗତ, ବ୍ୟାଡ୍‌ମିଣ୍ଟନ ପଦକ ବିଜୟୀ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୪/୨୦୧୮ Bhubaneswar, Monday, September 24/ 2018

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଗୁରୁତର

ଡୁବୁରୀ, ୨୩।୯ (ଡି.ଏନ୍.ଏ.): କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ-ଚଣ୍ଡିଖୋଲ ଜାତୀୟ ରାଜପଥ ଏକ ପେଟ୍ରୋଲ ପମ୍ପଠାରେ ରବିବାର ଦୁଇ ବାଇକ ମୁହାଁମୁହିଁ ଧକ୍କାରେ ବିଶ୍ୱଜିତ ସାହୁ (୩୦) ଓ ହିନ୍ଦୁ ବିରୁଆ ଗୁରୁତର ହୋଇଛନ୍ତି। ବିଶ୍ୱଜିତଙ୍କ ଘର ଢେଙ୍କାନାଳ ଓ ହିନ୍ଦୁ କଳିଙ୍ଗନଗର ଥାନା ଅଞ୍ଚଳ ବୋଲି ଜଣାପଡ଼ିଛି।

# ଅନିରୁଦ୍ଧଙ୍କ ମୃତ୍ୟୁ ଘଟଣା: ହତ୍ୟା ଅଭିଯୋଗରେ ୨ ଗିରଫ

ବିରଜାକ୍ଷେତ୍ର,୨୩।୯(ଡି.ଏନ୍.ଏ)

ଯାଜପୁର ଜିଲା ବେରୁଦା ପଞ୍ଚାୟତ ବେରୁଦା ଗ୍ରାମରେ ଗତ ୧୩ ତାରିଖ କମ୍ୟୁନିଟି ସେଣ୍ଟର ପାଇଁ ସ୍ଥାନ ଚୟନକୁ ନେଇ ପହି ଓ ଭୁତିଆ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଅନିରୁଦ୍ଧ ଭୁତିଆଙ୍କର ଚିକିତ୍ସାଧୀନ ଅବସ୍ଥାରେ କଟକରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଏହାପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ସଦର ଥାନା ଅଧିକାରୀ ଦୁଷ୍ମନ୍ତ ନାୟକ, ଏଏସଆଇ ଲମ୍ବୋଦର ଜେନା ଓ କନଷ୍ଟେବଲ ଚନ୍ଦନ ମହାନ୍ତି ପ୍ରମୁଖ ବିଭିନ୍ନ ସ୍ଥାନ ଚଢ଼ାଉ କରି ନରେନ୍ଦ୍ର ପହି ଓ ତପନ କୁମାର ପହିଙ୍କୁ ରବିବାର ଗିରଫ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଭୁତିଆ ଓ ପହି ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ନରେନ୍ଦ୍ର ପହି, ସୁରେନ୍ଦ୍ର ପହି, ତପନ ପହି ଓ ଦଶରଥ ଜେନା ଆହତ ହୋଇଥିବା ବେଳେ ଭୁତିଆ ପରିବାରରୁ ଅନିରୁଦ୍ଧ ଆହତ ହୋଇଥିଲେ। ସୁରେନ୍ଦ୍ର ପହି, ଦଶରଥ ଜେନା ଓ ଅନିରୁଦ୍ଧ ଭୁତିଆଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ସଦର ଥାନାରେ ୨ପରିବାରଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ସଦର ଥାନା ପକ୍ଷରୁ ପୃଥକ ପୃଥକ ୨ଟି ମାମଲା ରୁଜୁ କରାଯାଇଥିଲା। ପହି ପରିବାର ଅଭିଯୋଗକୁ ଭିତ୍ତି କରି ପୋଲିସ ଚନ୍ଦ୍ରଶେଖର ଭୁତିଆ ଓ ରତିକାନ୍ତ ଭୁତିଆକୁ ଗିରଫ କରିଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ କଟକରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଅନିରୁଦ୍ଧଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସଦର ଥାନା ପକ୍ଷରୁ ଏକ ହତ୍ୟା ମାମଲା ରୁଜୁ କରାଯାଇ ନରେନ୍ଦ୍ର ଓ ତପନଙ୍କୁ ଗିରଫ କରାଯାଇଥିଲା। ଅନିରୁଦ୍ଧ ଭୁତିଆଙ୍କ ମୃତ୍ୟୁପରେ ବେରୁଦା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ସଦର ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଅନିରୁଦ୍ଧ ଭୁତିଆଙ୍କର ମୃତ୍ୟୁ ଘଟିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ସଦର ପୋଲିସ ପହି ପରିବାରର ଅଭିଯୋଗକୁ ଭିତ୍ତି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଥିବା ବେଳେ ୨ ଭୁତିଆ ପରିବାରଙ୍କ ପକ୍ଷରୁ ଦିଆଯାଇଥିବା ଅଭିଯୋଗ ଉପରେ ମାମଲା ରୁଜୁ କରିବାକୁ ପୋଲିସ ପଛଘୁଞ୍ଚା ଦେଇଥିଲା ବୋଲି ଭୁତିଆ ପରିବାର ଅଭିଯୋଗ ହୋଇଥିଲା। ଭୁତିଆ ପରିବାର ପକ୍ଷରୁ ତାଙ୍କ ମା' ବହୁ ବିଳମ୍ବରେ ଅଭିଯୋଗ ଦେଇଥିବାରୁ ମାମଲା ପରେ ରୁଜୁ କରାଯାଇଥିଲା ବୋଲି ସଦର ଥାନା ପକ୍ଷରୁ କୁହାଯାଇଛି। ଭୁତିଆ ପରିବାରର ଅଭିଯୋଗକୁ ଏସଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଖଣ୍ଡନ କରିବା ସହ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୪ ସେପ୍ଟେମ୍ବର, ୨୦୧୮



# ୧୩ ନାବାଳିକା, ନାବାଳକଙ୍କୁ ଉଦ୍ଧାର କଲା ରେଳପଥ ଚାଇଲ୍ଡ ଲାଇନ୍

ବ୍ରହ୍ମପୁର ଅଫିସ୍,୨୩।୯

ବ୍ରହ୍ମପୁର ରେଳପଥ ଚାଇଲ୍ଡ ଲାଇନ୍‌ର କେନ୍ଦ୍ର ସଂଯୋଜକ ପ୍ରଭୁପ୍ରସାଦ ପାତ୍ରଙ୍କ ନେତୃତ୍ୱରେ ରବିବାର ୧୩ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଏ ମାନଙ୍କ ମଧ୍ୟରୁ ୨ ନାବାଳିକା ଓ ୧୧ ଜଣ ନାବାଳକ ରହିଛନ୍ତି। କେନ୍ଦୁଝର ଜିଲାର ୩ ଜଣ ନାବାଳକ ଓ ୨ ଜଣ ନାବାଳିକା, ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ୩ ଜଣ ବାହାର ରାଜ୍ୟକୁ ଯିବା ବେଳେ ରେଳ ଷ୍ଟେଶନରେ ଧରାପଡିଛନ୍ତି। ଜଣେ ନାବାଳକ ପଶ୍ଚିମବଙ୍ଗ ରାଜ୍ୟର ହୋଇଥିବା ଜଣାପଡିଛି। ବିଶାଖା ଏକ୍ସପ୍ରେସ୍‌ରୁ କେନ୍ଦୁଝର ଜିଲାର ୫ ଜଣ ନାବାଳକ ଭୀମପୁରମ୍‌ରେ ଥିବା ଚୁଙ୍ଗୁଡି ଫ୍ୟାକ୍ଟ୍ରିରେ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଯାଉଥିବା ବେଳେ ରେଳବାଇ ଚାଇଲ୍ଡ ଲାଇନ୍, ଷ୍ଟେଶନ ମାଷ୍ଟର ଏବଂ ଆର୍‌ପିଏଫ୍‌ଙ୍କ ସହାୟତାରେ ଉଦ୍ଧାର କରାଯାଇଛି। ରେଳପଥ ଚାଇଲ୍ଡ ଲାଇନ୍‌ର ସଦସ୍ୟମାନେ କୁଲି ତଦାରଖ କରୁଥିବା ସମୟରେ ବିଭିନ୍ନ ସ୍ଥାନରୁ ଗଞ୍ଜାମ ଜିଲାର ୩ ନାବାଳକଙ୍କୁ ଉଦ୍ଧାର କରିଥିଲେ । ଏହି ପିଲାମାନେ ବିଶାଖାପାଟଣା ଏବଂ ସୁରଟକୁ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଷ୍ଟେସନ ନିକଟରେ ଅପେକ୍ଷା କରିଥିଲେ ବୋଲି ଜଣାପଡିଛି। ରେଳ ନଂ. ୨୨୫୦୨ରେ ଜଣେ ଟିକଟ କଲେକ୍ଟର ପଶ୍ଚିମବଙ୍ଗର ପିଲାଟିଙ୍କୁ ଏସ-୮ ବଗିରୁ ପାଇ ରେଳପଥ ଚାଲ୍ଡ ଲାଇନ୍‌କୁ ଖବର କରିଥିଲେ । ପରେ ରେଳପଥ ଚାଇଲ୍ଡ ଲାଇନ୍ ପକ୍ଷରୁ ନୃସିଂହ ପ୍ରସାଦ ପାଣିଗ୍ରାହୀ, ଗୋପାଳ ଦଳବେହେରା, କୁନୀ ସେଠୀ, ସୁମିତ୍ରା ସାହୁ, ଅନୀତା ଯୋଶେଫ୍ ଓ ଗୀତାଞ୍ଜଳି ବଡତିଆ ପ୍ରମୁଖ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତଙ୍କୁ ଶିଶୁ କଲ୍ୟାଣ ସମିତିରେ ହାଜର କରାଯାଇଥିଲା ବୋଲି ରେଳପଥ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ସୁଧୀର ସାବତ ସୂଚନା ଦେଇଛନ୍ତି ।



କନ୍ଧମାଳ ଜିଲା କୋଟଗଡ ଥାନା ଅଞ୍ଚଳରେ ଜଣେ ୯ ବର୍ଷର ନାବାଳିକାଙ୍କୁ ଶନିବାର ବଳାତ୍କାର ପରେ ହତ୍ୟା କରାଯାଇଥିଲା । ରବିବାର ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ଏବଂ ଡଗ୍ ସ୍କ୍ୱାଡ ତଦନ୍ତ କରୁଛନ୍ତି ।

## ବାଲ୍‌ଜ୍ୟୋତି କାର୍ଯ୍ୟକ୍ରମ

**ଛତ୍ରପୁର,୨୩।୯(ଡି.ଏନ.ଏ.):** ଛତ୍ରପୁର ବ୍ଲକ ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ବାଲଜ୍ୟୋତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନରେନ୍ଦ୍ରପୁର, କେଟିଏନ୍‌ପୁର ଓ ସୁନ୍ଦରପୁରର ୧୮୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜକ ତପନ କୁମାର ସାହୁ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଚଷମା ଓ ଔଷଧ ଦିଆଯାଇଥିଲା । ସରପଞ୍ଚ ବାବୁଲା କୁମାର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଲୋକନାଥ ସାହୁ, ଗୋଷ୍ଠୀ ସମ୍ବଳ ଶିକ୍ଷକ ଅଶ୍ୱିନୀ କୁମାର ପାଇକରାୟ, ସିଆରସିସି ବିଜୟ କୁମାର ପ୍ରଧାନ, ଭାଗୀରଥି ମିଶ୍ର ଓ ଉଷାରାଣୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମନ ଗଣ୍ଠିରେ**
**ବାବାଜି ମନ କଣ୍ଠିରେ ।**
**ବେପାରୀ ମନ ପାଣ୍ଠିରେ ।**

ଯିଏ ଚୋରି ଭଳି କିଛି ପାପ ବା ଭୁଲ୍ କାମ କରିଥାଏ ତା’ ମନ ସଦାସର୍ବଦା ସେହି ଭୁଲ୍‌ରେ ହିଁ ଘାଣ୍ଟି ଚକଟି ହେଉଥାଏ। କାଳେ ତା’ର ଏପରି କୁକର୍ମ ଅନ୍ୟ ଆଖିରେ ଧରାପଡ଼ି ନ ଯିବ ସେ ନେଇ ମନରେ ବ୍ୟଗ୍ରତା ସୃଷ୍ଟି ହୋଇଥାଏ। ସେହିପରି ବାବାଜି ଭଳି ସାଧୁ ସନ୍ଥଙ୍କ ମନ ଈଶ୍ୱର ସାଧନା ସହ ମାଳା ଜପିବାରେ ଲାଗି ରହିବା ଭଳି ବେପାରୀ ମନ ଅର୍ଥ ପାଖରେ ବନ୍ଧା ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚାଉଳ ସେରକୁ ତିନି ପରାଣୀ**
**ଆହୁରି ଯାଉଛି ବୋହୂକୁ ଆଣି ।**

ଖାଦ୍ୟର ପରିମାଣ ବହୁତ କମ୍ ଅଥଚ ଖାଇବାକୁ ଲୋକ ବହୁତ। ଏପରିସ୍ଥଳେ ଖାଦ୍ୟ ନିଅଣ୍ଟିଆ ପଡ଼ିବା ସୁନିଶ୍ଚିତ। ଯେତେବେଳେ ଖାଦ୍ୟାଭାବ ପରିସ୍ଥିତି ଲାଗି ରହିଥାଏ ସେତେବେଳେ ଅନ୍ୟକୁ ଆଣି ପାଖରେ ରଖିବା ନେଇ ଯୋଜନା ବା ମନସ୍ଥ କରିବା ମୂର୍ଖାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସଂକ୍ଷେପରେ

### ବାଘୁଆ ଜଳଭଣ୍ଡାରର ୩ ଗେଟ ବନ୍ଦ

**ବୁଗୁଡ଼ା,୨୩।୯(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ବାଘୁଆ ଜଳ ଭଣ୍ଡରରୁ ବନ୍ୟାଜଳ ନିଷ୍କାସନ ଲାଗି ଶନିବାର ୪ ଗେଟ ଖୋଲା ଯାଇଥିବା ବେଳେ ରବିବାର ସେଥିରୁ ୩ ଗେଟକୁ ବନ୍ଦ କରାଯାଇଛି । ମାତ୍ର ଗୋଟିଏ ଗେଟ ଖୋଲାଯାଇ ବନ୍ୟାଜଳକୁ ବାଘୁଆ ନଦୀରେ ଛଡ଼ାଯାଉଛି । ରବିବାର ବର୍ଷା କମିବାରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁଚରଣ ସାହୁ କହିଛନ୍ତି । ରବିବାର ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨୨ ଘନ ସେଣ୍ଟିମିଟର ଜଳ ପ୍ରବେଶ କରୁଥିବା ବେଳେ ଉକ୍ତ ଜଳକୁ ଗୋଟିଏ ଗେଟ ଦେଇ ପ୍ରତି ସେକେଣ୍ଡରେ ୧୯ ଘନ ସେଣ୍ଟିମିଟର ଓ ମୁଖ୍ୟ କେନାଲରେ ୩ ଘନ ସେଣ୍ଟିମିଟର ଏପରି ୨୨ ଘନ ସେଣ୍ଟିମିଟର ଜଳ ନିଷ୍କାସନ କରାଯାଉଛି। ବାଘୁଆ ଜଳ ଭଣ୍ଡାରର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୧୧୩.୮୫ ମିଟର ଥିବା ବେଳେ ରବିବାର ସୁଦ୍ଧା ଏହାର ଉଚ୍ଚତା ୧୧୩.୪୦ ମିଟର ଥିବା ସହକାରୀ ଯନ୍ତ୍ରୀ କାଳୀଚରଣ ହୋତାଙ୍କଠାରୁ ପ୍ରକାଶ ।

### କାର ଧକ୍କାରେ ବାଇକ ଚୂରମାର, ୩ ଗୁରୁତର

**ଦିଗପହଣ୍ଡି,୨୩।୯(ଡି.ଏନ.ଏ.):** ଦିଗପହଣ୍ଡି ସହର ଉପକଣ୍ଠ ହନୁମାନ ଛକ ନିକଟରେ କାର (ନଂ. ଓଡି୧୮ଡି୩୦୩୩) ଧକ୍କାରେ ବାଇକ ଚାଳକଙ୍କ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ଗ୍ରାମର ବାଇକ ଚାଳକ ରବୀନ୍ଦ୍ର ଗୌଡ଼, ଅନିଲ ଗୌଡ଼ ଓ ଗୋପାଳ କୃଷ୍ଣ ଗୌଡ଼। ରବିବାର ଅପରାହ୍ନ ପ୍ରାୟ ସାଢ଼େ ୨ରେ ୩ ସାଙ୍ଗ ବ୍ରହ୍ମପୁରରୁ କାମ ସାରି ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗ ଦିଗପହଣ୍ଡିରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା କାରଟି ବାଇକ (ନଂ. ଓଡି୦୭ଆର-୦୯୦୪)କୁ ସମ୍ମୁଖ ଭାଗରୁ ଧକ୍କା ଦେବା ଫଳରେ ବାଇକଟି ଚୂରମାର ହୋଇଯାଇଥିବା ବେଳେ ୩ ଜଣ ସାଙ୍ଗଙ୍କ ଉପରେ କାରଟି ଚଢ଼ି ଯାଇଥିଲା। ଦିଗପହଣ୍ଡି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଓ କାରକୁ ଜବତ କରି ତଦନ୍ତ ଚଳାଇଛି।

### ବିଜେଡି ମହିଳା ସମାବେଶ ପ୍ରସ୍ତୁତି ବୈଠକ

**ଆସିକା,୨୩।୯(ଡି.ଏନ୍.ଏ.):** ଆସିକା ବ୍ଲକ ବରଗାଁ ଗ୍ରାମରେ ଶୁକ୍ରବାର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ମହିଳା ସମାବେଶ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟ ଓ ଜିଲା ମହିଳା ବିଜେଡିର ବହୁ ନେତୃବୃନ୍ଦ ଯୋଗଦେବେ । ସମାବେଶରେ ରାଜ୍ୟ ବିଜେଡି ସରକାରଙ୍କ ପକ୍ଷରୁ ମହିଳାମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ।
ଏଥିପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଆସିକା ବିଧାୟକ ଦେବରାଜ ମହାନ୍ତିଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ମହିଳା ସମାବେଶରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରୁ ୪ ହଜାର ମହିଳା ପ୍ରତିନିଧି ଯୋଗଦେବେ ବୋଲି ସ୍ଥିର କରାଯାଇଥିଲା । ପ୍ରସ୍ତୁତି ବୈଠକରେ ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚି, ଯୁବ ବିଜେଡି ସଭାପତି ଅନିଲ କୁମାର ନାୟକ, ନଗର ଯୁବ ବିଜେଡି ସଭାପତି ନିଗମ ମହାନ୍ତି, ଜିଲା ବିଜେଡି ସମ୍ପାଦକ ନିରଞ୍ଜନ ସାହୁ, ରାଜ୍ୟ ଛାତ୍ରବିଜେଡି ସମ୍ପାଦକ ମନୋଜ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ଶିବଶଙ୍କର ମହାନ୍ତି, ବିପିନି ପାଢୀ, ଭଗବାନ ପ୍ରଧାନ, ଶିବ ନାହାକ, ବିଜୟ ଦଳେଇ, ସନ୍ତୋଷ ନାହାକ, ରବୀନ୍ଦ୍ର ପୋଲାଇ, ସନ୍ତୋଷ ପୋଲାଇ, ସଦାନନ୍ଦ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ ।

■ ପଲିଥିନ, ପ୍ଲାଷ୍ଟିକ ବର୍ଜନ ନେଇ ଆର୍ଯ୍ୟଭଟ୍ଟର ଅଭିଯାନ

# ପୋଷ୍ଟର ଧରି ଲୋକଙ୍କୁ କଲେ ସଚେତନ

ବ୍ରହ୍ମପୁର ଅଫିସ, ୨୩।୯

ଆଜ୍ଞା ବ୍ୟାଗ ଧରି ବଜାରକୁ ଆସିଛନ୍ତି..... ଏଣୁ ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ.... ଯାହା ହେଉ ଆପଣ ପରିବେଶ ସୁରକ୍ଷା ପାଇଁ ସଚେତନ ଅଛନ୍ତି । ଯେଉଁମାନେ ପଲିଥିନରେ ପରିବା ନେଉଥିଲେ ସେମାନଙ୍କୁ ପରିବେଶ ତଥା ନିଜର ପରିବାରରକୁ ଭଲ ପାଉଥିଲେ ପ୍ଲାଷ୍ଟିକ ଓ ପଲିଥିନକୁ ବର୍ଜନ କରନ୍ତୁ । ଏଭଳି ବୁଝାଉଥିଲେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଓ ଫୋରମ ଫର ଗଞ୍ଜାମର ସଦସ୍ୟମାନେ । ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ ନେଇ ସହରବାସୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ମଧ୍ୟରେ ସଚେନତା ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଓ ଫୋରମ ଫର ଗଞ୍ଜାମ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ରବିବାର ପୂର୍ବାହ୍ନରେ ଆରମ୍ଭ ହୋଇଥିଲା । ଏହି ଅବସରରେ ଏକ ଶୋଭାଯାତ୍ରା ଗେଟବଜାରସ୍ଥିତ ଏନଜିଓ ହଲ ସମ୍ମୁଖରୁ ବାହାରି ଗୋଲାପଲ୍ଲୀ ସାହି ଛକ, ଗେଟବଜାର ଛକ, ଗେଟବଜାର ମାଛ ବଜାର, ବ୍ରଜନଗର ଛକ ଦେଇ ଗେଟ ବଜାର ଭେଣ୍ଡିଂ ଜୋନରେ ପହଞ୍ଚିଥିଲା । କର୍ମକର୍ତ୍ତାମାନେ ବ୍ୟବସାୟୀମାନଙ୍କୁ ପଲିଥିନରେ ଜିନିଷ ପତ୍ର ନ ଦେବାକୁ ଅନୁରୋଧ କରିବା ସହ ଗ୍ରାହକଙ୍କୁ ପଲିଥିନ ବ୍ୟବହାର ନ କରିବାକୁ ସଚେତନ କରାଇଥିଲେ । ଏହି ପଲିଥିନ ଓ ପ୍ଲାଷ୍ଟିକ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ବୋଲି କର୍ମକର୍ତ୍ତାମାନେ ବୁଝାଇଥିଲେ । ନିଜେ ପଲିଥିନ ବର୍ଜନ ନେଇ ହୋଇଥିବା ସରକାରଙ୍କ ନିଷ୍ପତ୍ତିକୁ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପ୍ରତ୍ୟେକ ସଦସ୍ୟମାନେ ପ୍ରଚାର ପତ୍ର ବାଣ୍ଟିବା ସହ ପ୍ଲାଷ୍ଟିକ ଓ ପଲିଥିନର କୁପ୍ରଭାବ ଉପରେ ସଚେତନ କରାଇଥିଲେ । ପଲିଥିନ ଓ ପ୍ଲାଷ୍ଟକ ସଚେତନତା ନେଇ ସହରର ବିଭିନ୍ନ କାନ୍ଥରେ ସଚେତନତା ପୋଷ୍ଟର ଲଗାଇଥିଲେ। ଏହି ଅଭିଯାନରେ ଫୋରମ ଫର ଗଞ୍ଜାମ ସଦସ୍ୟ ତଥା ସାମାଜିକକର୍ମୀ ଡ. ସୁବାସ ଚନ୍ଦ୍ର ସାହୁ, ଜେ. ସୁରେଶ, ପ୍ରମୋଦ ମହାରଣା, ସ୍ୱରାଜ୍ୟ ସୁବୁଦ୍ଧି, ଇ. ତେଜେଶ୍ୱର ରାଓ, ବୃନ୍ଦାବନ ଖଟେଇ, ମାନସ ପଟ୍ଟନାୟକ, ମାନସ ପାତ୍ର, ଡ. ଶଙ୍କର ନାରାୟଣ ବେଜ, ନାନ୍ଦେଶ୍ୱ ସେନାପତି, ଡ. ସାଗର ରଞ୍ଜନ ତ୍ରିପାଠୀଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମକୁ ଫାଉଣ୍ଡେଶନ ଅଧ୍ୟକ୍ଷ ସୁଧୀର କୁମାର ରାଉତ, ସୁକାନ୍ତ ଗୌଡ, ସୁଶାନ୍ତ ମହାନ୍ତି, ଭୀମରାଜୁ ପାତ୍ର ଓ ମାଧବ ନାୟକ ପରିଚାଳନା କରିଥିଲେ ।



ପୋଷ୍ଟର ମାଧ୍ୟମରେ ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ ନେଇ ସଚେତନତା ସୃଷ୍ଟି କରାଯାଉଛି।

■ ମେମୋ ଟ୍ରେନ ଫେଲ ହେଲା ଇଞ୍ଜିନ

# ଟିକଟ ଫେରସ୍ତ ପାଇଁ ଯାତ୍ରୀଙ୍କ ଅସନ୍ତୋଷ

ବ୍ରହ୍ମପୁର ଅଫିସ,୨୩।୯

■ଖଞ୍ଜାହେଲା ନୂଆ ଇଞ୍ଜିନ
■୨ ଘଣ୍ଟା ବିଳମ୍ବରେ ବ୍ରହ୍ମପୁର ଛାଡିଲା ଟ୍ରେନ

ବ୍ରହ୍ମପୁର-କଟକ ମେମୋ ପାସେଞ୍ଜର ଟ୍ରେନରେ ରବିବାର ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳିଥିଲା । ଫଳରେ ଟ୍ରେନ ବିଳମ୍ବକୁ ନେଇ ରବିବାର ଷ୍ଟେସନରେ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ଟିକଟ ଫେରାଇବା ନେଇ କେତେକ ଯାତ୍ରୀ ଷ୍ଟେଶନରେ ହୋ ହାଲ୍ଲା କରିଥିଲେ । ଏହି ଇଞ୍ଜିନ ବଦଳରେ ଟ୍ରେନର ନୂତନ ଇଞ୍ଜିନ ଲଗାଯିବା ପରେ ଟ୍ରେନଟି ୨ଘଣ୍ଟା ବିଳମ୍ବରେ ଷ୍ଟେଶନ ଛାଡିଥିଲା । ରବିବାର ପୂର୍ବାହ୍ନ ୭.୩୦ ବ୍ରହପୁର-ମେମୋ ଟ୍ରେନ ଷ୍ଟେସନରୁ ଛାଡିବା ପାଇଁ ପ୍ରସ୍ତୁତ ବେଳେ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲେ । ପରବର୍ତ୍ତୀ ସମୟରେ ଇଞ୍ଜିନ ଫେଲ ହୋଇଥିବା ଜଣାପଡିବା ପରେ ଯାତ୍ରୀମାନଙ୍କ ମଧ୍ୟରେ ହଇଚଇ ମଚି ଯାଇଥିଲା । ଯାତ୍ରୀମାନେ ଟିକଟ ଫେରସ୍ତ କରିବା ନେଇ କାଉଣ୍ଟର ପାଖରେ ହୋ ହଲ୍ଲା କରିଥିଲେ । ଷ୍ଟେଶନ ମ୍ୟାନେଜର ମନୋଜ ଲାକ୍ରା ପହଞ୍ଚି ଯାତ୍ରୀଙ୍କୁ ବୁଝାଶୁଝା କରିବା ସହ ଟ୍ରେନ ସମସ୍ୟାକୁ ଅନୁଧ୍ୟାନ କରିଥିଲେ। ଏହାପରେ ନୂତନ ଇଞ୍ଜିନ ଖଞ୍ଜାଯିବା ପରେ ୯.୩୦ରେ ଟ୍ରେନ ଷ୍ଟେଶନରୁ ଛାଡିଥିବା ମ୍ୟାନେଜର ଲାକ୍ରା ସୂଚନା ଦେଇଛନ୍ତି । ରବିବାର କର୍ମଚାରୀ କମ ଥିବାରୁ ତ୍ରୁଟି ସୁଧାରିବାରେ ବିଳମ୍ବ ହୋଇଥିବା ସେ ସୂଚନା ଦେଇଛନ୍ତି।

# କୁଶଳୀ ଶ୍ରମିକଙ୍କ ତାଲିମ ଲାଗି ଚେକ୍ ପ୍ରଦାନ

ପୋଲସରା,୨୩।୯(ଡି.ଏନ.ଏ.)

ପୋଲସରା ଏନ୍‌ଏସି ରାଣିପଡ଼ାସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା ପରିଚାଳିତ କୁଶଳି ଯୋଜନା ମାଧ୍ୟମରେ ପଞ୍ଜୀକୃତ ଓ ତାଲିମପ୍ରାପ୍ତ ନିର୍ମାଣ ଶ୍ରମିକଙ୍କୁ ଦୈନିକ ମଜୁରି କ୍ଷତିଭରଣା ପାଇଁ ଦୈନିକ ୨ ଶହ ଟଙ୍କା ହିସାବରେ ୧୫ ଦିନର ୩୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏଥିରେ ମଥୁରା, ନିମିନା, ଚିରିକିପଡ଼ା ଶାସନ, ମନ୍ଦାର, ବର୍ତ୍ତିନୀ, କଣଛାଇ, ସୋଡ଼କ, କଳମ୍ବ ଓ ବେଲଗାଁ ଆଦି ଗ୍ରାମପଞ୍ଚାୟତର ୭୩୯ ଜଣ ଶ୍ରମିକଙ୍କୁ ଚେକ୍ ପ୍ରଦାନ କରାଯାଇଥିଲା। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ, ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ କୁମାର ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ବିଡିଓ ଶମ୍ଭୁନାଥ ନନ୍ଦି, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୧୨ ଆନ୍ଦୋଳନକାରୀଙ୍କ ଉପରେ କଟକଣା

ଛତ୍ରପୁର,୨୩।୯(ଡି.ଏନ.ଏ)

**ଆଇଆର୍‌ଇ କାର୍ଯ୍ୟ ବନ୍ଦ ପ୍ରସଙ୍ଗ**
■୨୫ରେ ପରବର୍ତ୍ତୀ ଶୁଣାଣି

ବିଭିନ୍ନ ଦାବି ନେଇ ଛତ୍ରପୁର ଉପକଣ୍ଠ ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇ) ପ୍ଲାଣ୍ଟର କାର୍ଯ୍ୟ ବନ୍ଦ କରିବା ପ୍ରସଙ୍ଗରେ ୧୨ ଆନ୍ଦୋଳନକାରୀ ଶନିବାର ଛତ୍ରପୁର ସିନିୟର ଡିଭିଜନ୍ ସିଭିଲ କୋର୍ଟରେ ହାଜର ହୋଇଥିଲେ। ଆନ୍ଦୋଳନସ୍ଥଳକୁ ଯିବା ଉପରେ ସେମାନଙ୍କ ଉପରେ କୋର୍ଟ କଟକଣା ଲଗାଇଛନ୍ତି। ଆସନ୍ତା ୨୫ ତାରିଖରେ କୋର୍ଟରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ତାରିଖ ଧାର୍ଯ୍ୟ ହୋଇଛି। ଆନ୍ଦୋଳନକାରୀ ହାଜର ହେବା ସହ ଡ୍ରେଜିଂ ହେଉଥିବା ଜମିର ପ୍ଲଟ୍ ଏବଂ ଅନ୍ୟାନ୍ୟ ତଥ୍ୟ ଆଇଆରଇ ପକ୍ଷରୁ ଦାଖଲ କରୁ ବୋଲି ଏମାନଙ୍କ ପକ୍ଷରୁ ଏକ ପିଟିଶନ କୋର୍ଟରେ ଦାଖଲ ହୋଇଥିଲା । ସେପଟେ ଧାରଣା ବନ୍ଦ କରିବା ଲାଗି ଅନୁରୋଧ କରି ନିର୍ଦ୍ଦେଶ ଦେବା ପାଇଁ ଆଇଆରଇର ମ୍ୟାନେଜର (ମାନବ ସମ୍ବଳ ବିଭାଗ) କୃଷ୍ଣ ଚନ୍ଦ୍ର ସାହୁଙ୍କ ପକ୍ଷରୁ କୋର୍ଟରେ ଉକ୍ତ ୧୨ ଜଣଙ୍କ ଉପରେ ପିଟିଶନ ଦାଖଲ ହୋଇଥିଲା । ଏହି ପରିପ୍ରେକ୍ଷୀରେ କୋର୍ଟ ପକ୍ଷରୁ ଉକ୍ତ ୧୨ ଜଣଙ୍କୁ ହାଜର ପାଇଁ ନୋଟିସ୍ ଜାରି ହୋଇଥିଲା । ଆନ୍ଦୋଳନରେ ସାମିଲ ୪୮ ଜଣଙ୍କ ନାମରେ ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନା ପୋଲିସ ମାମଲା ରୁଜୁ କରିସାରିଛି। ପୂର୍ବ ବୈଠକ ମୁତାବକ ଲୋକଙ୍କୁ କ୍ଷତିପୂରଣ ଓ ପ୍ୟାକେଜ୍ ପ୍ରଦାନ ଦାବି ନେଇ ଆଇଆରଇ ପ୍ରକଳ୍ପ ପାଇଁ ଡ୍ରେଜିଂ କାମ ବନ୍ଦ କରି ଚାଲିଥିବା ଧାରଣା ରବିବାର ମଧ୍ୟ ଜାରି ରହିଥିଲା।

■ ଦକ୍ଷିଣ ଓଡ଼ିଶା ସର୍ପ ଉଦ୍ଧାରକାରୀ କର୍ମଶାଳା

# ସୁରକ୍ଷା, ଆଇନଗତ ସଚେତନତାକୁ ଗୁରୁତ୍ୱାରୋପ ଦେବାକୁ ପରାମର୍ଶ

ବ୍ରହ୍ମପୁର ଅଫିସ୍,୨୩।୯




ଦକ୍ଷିଣ ଓଡିଶା ସର୍ପ ଉଦ୍ଧାରକାରୀ କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ପ୍ରତ୍ୟେକ ବର୍ଷ ରାଜ୍ୟରେ ସର୍ପାଘାତରେ ଯେତେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥାଏ ସେଥିମଧ୍ୟରୁ ବାଲେଶ୍ୱର ଜଲା ପ୍ରଥମ ରହିଥିବା ବେଳେ ଦ୍ୱିତୀୟରେ ଗଞ୍ଜାମ ଜିଲା ରହିଛି । ଏଭଳି ପରିସ୍ଥିତିରେ ଗଞ୍ଜାମ ଜିଲାରେ ଜନସାଧାରଣଙ୍କ ସହିତ ସର୍ପଉଦ୍ଧାର କରୁଥିବା ସ୍ୱେଚ୍ଛାସେବୀମାନେ ସତର୍କତା ଅବଲମ୍ବନ କରିବାକୁ ବ୍ରହ୍ମପୁରରେ ଆୟୋଜିତ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଛି । ଦକ୍ଷିଣ ଓଡିଶା ସର୍ପ ଉଦ୍ଧାରକାରୀ ସ୍ୱେଚ୍ଛାସେବୀମାନଙ୍କୁ ନେଇ ସ୍ଥାନୀୟ ରାଜସ୍ୱ ଡାକବଙ୍ଗଳା ସମ୍ମିଳନୀ କକ୍ଷରେ ରବିବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗଦେଇ ଗ୍ରାମାଞ୍ଚଳରେ ହେଉ କିମ୍ବା ସହରାଞ୍ଚଳରେ ହେଉଥିବା ସର୍ପାଘାତ ପୂର୍ବରୁ ଏବଂ ପରେ ଜନସାଧାରଣ କୌଣସି ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ କିଭଳି ଏବଂ କେଉଁ ପ୍ରକାର ସର୍ପ ଆକ୍ରମଣ କରିଛି ତା’ର ବିସ୍ତୃତ ବିବରଣୀ ଚିକିତ୍ସକଙ୍କୁ ଅବଗତ କରାଇଲେ ଠିକ୍ ଚିକିତ୍ସା ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଆଶିଷ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସର୍ପ ଗୋଟିଏ ବନ୍ୟଜନ୍ତୁ ହୋଇଥିବାରୁ ଏହାକୁ ଉଦ୍ଧାର କରିବା ସମୟରେ ଫୋଟଗ୍ରାଫି ନ କରିବା ସହ ସୋସିଆଲ ମିଡିଆରେ ଲାଇଭ୍ ଶୋ’ ଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଆହ୍ୱାନ୍ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାଉଥ୍ ରେଞ୍ଜ୍ ଆରସିସିଏଫ୍ ସୁରେଶ ପନ୍ଥ ଏବଂ ଖୋର୍ଦ୍ଧା ଜିଲା ୱାଇଲ୍ଡ ଲାଇଫ୍ ୱାର୍ଡେନ୍ ଶୁଭେନ୍ଦୁ ମଲ୍ଲିକ ଯୋଗଦେଇ ସାପ ଦେଖିଲେ ପ୍ରଥମେ ବନବିଭାଗ କିମ୍ବା ନିକଟସ୍ଥ ସର୍ପ ଉଦ୍ଧାରକାରୀଙ୍କୁ ଖବର ଦେବା ପାଇଁ ପରାମର୍ଶ ଦେଇଥିଲେ । ସାଧାରଣତଃ ଲୋକେ ସାପକୁ ଦେଖିଲେ ତାକୁ ଏଡାଇବା କିମ୍ବା ଉଦ୍ଧାର କରିବା ସମୟରେ ଅସାବଧାନତା ହେତୁ ମୃତ୍ୟୁ ମୁଖରେ ପଡିଥାନ୍ତି । ତେଣୁ ଅନ୍ୟକୁ ସୁରକ୍ଷା ଦେବା ସହିତ ନିଜର ସୁରକ୍ଷା ଏବଂ ବନ୍ୟଜନ୍ତୁ ଆଇନ ଯେଭଳି ଖିଲାପ ନ ହୁଏ ସେଥିପ୍ରତି ସଜାଗ ରହିବାକୁ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, କର୍ପୋରେଟର ସଂଘମିତ୍ରା ଦଳାଇ, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଗଞ୍ଜାମ ଜିଲା ୱାଇଲ୍ଡ ଲାଇଫ୍ ୱାର୍ଡେନ୍ ଅନୁପମ ବାନାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ । ପିଏଫ୍‌ଏ ସ୍ୱେଚ୍ଛାସେବୀ ଅନୁଷ୍ଠାନର ତାରାପ୍ରସାଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ସ୍ୱାଧୀନ କୁମାର ସାହୁ ଏହାକୁ ସଂଯୋଜନା କରିଥିଲେ । ଏହି ଅବସରରେ ଦକ୍ଷିଣ ଓଡିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୫୦ ଜଣ ସର୍ପ ଉଦ୍ଧାରକାରୀଙ୍କୁ ସର୍ପ ଉଦ୍ଧାର ବ୍ୟାଗ୍ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ସୁଶାନ୍ତ ମହାଙ୍କୁଡ, ଶୁଭମ୍ କୁମାର ସାହୁ, ହରିଶ୍ ପାଢୀ, ଲଳିତ୍ ପଣ୍ଡା, ଚନ୍ଦ୍ରଭାନୁ ନାୟକ ଓ ସୁଜିତ୍ କୁମାର ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରସ୍ତୁତି ବୈଠକରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

ଭଞ୍ଜନଗର,୨୩।୯(ଡି.ଏନ.ଏ.)

**୨୬ରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ**

ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଭଞ୍ଜନଗର ନିୟନ୍ତ୍ରୀତ ବଜାର କମିଟି ସମ୍ମିଳନୀ କକ୍ଷରେ ହେବ। ଉକ୍ତଦିନ ସକାଳେ ମୁଁ ହିରୋ, ମୁଁ ଓଡ଼ିଶା ରଥକୁ ବେଲଗୁଣ୍ଠା ରୋଡ଼ରେ ସ୍ୱାଗତ କରାଯିବ। ପରେ ଭଞ୍ଜନଗର ସହରରେ ଶୋଭାଯାତ୍ରା ହେବ । ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ହେବାକୁ ଥିବା ସଭାରେ ବ୍ଲକର ଯୁବ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ମଙ୍ଗଳବାର ଜଗନ୍ନାଥପ୍ରସାଦ ବ୍ଲକରେ ଏହି କାର୍ଯ୍ୟକ୍ରମ ହେବ। ଗ୍ରାମାଞ୍ଚଳରେ ଲୁକ୍କାୟିତ ରହିଯାଉଥିବା ଯୁବ ପ୍ରତିଭାଙ୍କୁ ଖୋଜି ବାହାର କରବା ପାଇଁ ବିଜୁ ଯୁବ ବାହିନୀ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଜଳସମ୍ପଦ ବିଭାଗ ଡାକବଙ୍ଗଳା ପରିସରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ଏଥିରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ କାର୍ଯ୍ୟକ୍ରମ କିଭଳି ସଫଳ ହେବ ସମୀକ୍ଷା କରିଥିଲେ। ବୈଠକରେ ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସେହିଭଳି ଶନିବାର ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ମଧ୍ୟ ଅନ୍ୟ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ ଯୋଗଦେଇ ବିଜୁ ଯୁବ ବାହିନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ବିଡିଓ ଭଜରାମ ବିଶ୍ୱାଳ ବୈଠକରେ ସଭାପତିତ୍ୱ କରିଥିଲେ ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରୋ



## ସଂକ୍ଷେପରେ

### ବନ ବିଭାଗକୁ ସୂଚନା ଦେବା ସନ୍ଦେହରେ ଆକ୍ରମଣ



**ଦଶପଲ୍ଲା, ୨୩।୯ (ଡି.ଏନ.ଏ.):** ବନ ବିଭାଗକୁ ସୂଚନା ଦେବା ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଦଶପଲ୍ଲା ଥାନାରେ ଅଭିଯୋଗ ହୋଇଛି। ଆହତ ବ୍ୟକ୍ତିଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦଶପଲ୍ଲା ବ୍ଲକ ସରିଗଣ୍ଡା ପଞ୍ଚାୟତ ନେଳିଗୁଡା ଗ୍ରାମରେ ୩ଦିନ ତଳେ ଚୋରା ଶାଗୁଆନ କାଠ ପଡିଥିବା ଖବର ପାଇ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଗ୍ରାମର ସୁରେଶ ନାୟକ (୩୨) ବନ ବିଭାଗକୁ ଖବର ଦେଇଥିବା ସନ୍ଦେହ କରି ତାଙ୍କୁ କେହି ଆକ୍ରମଣ କରିଥିବା ଜଣାପଡିଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଲଡୁକେଶ ଆଥଲେଟିକ୍ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ

**ନୟାଗଡ଼ ଅଫିସ, ୨୩।୯:** ଆସନ୍ତା ଅକ୍ଟୋବର ୨୫ରୁ ନଭେମ୍ବର ୩ତାରିଖ ପର୍ଯ୍ୟନ୍ତ ଶରଣକୁଳଠାରେ ୫୯ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ନୟାଗଡ଼ ଜିଲ୍ଲା ଶରଣକୁଳ ଡାକବଙ୍ଗଳାଠାରେ ଶନିବାର ଶରଣକୁଳ ଲଡୁକେଶ ଆଥଲେଟିକ୍ ଆସୋସିଏଶନ୍‌ର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଉପଦେଷ୍ଟା ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ରଣପୁର ବିଧାୟକ ରବି ନାରାୟଣ ମହାପାତ୍ରଙ୍କୁ ରଖାଯାଇଛି। ସେହିଭଳି କାର୍ଯ୍ୟକାରୀ ଉପଦେଷ୍ଟା ଭାବେ ମହେନ୍ଦ୍ର ନାଥ ପ୍ରଧାନ, ମୀନାକ୍ଷୀ ପ୍ରସାଦ ସାହୁ, ସୁଶାନ୍ତ କୁମାର ଜେନା ଓ ବିକ୍ରମ କୁମାର ଦାଶଙ୍କୁ ମନୋନୀତ କରାଯାଇଛି। ସଭାପତି ଭାବେ ସତ୍ୟ ନାରାୟଣ ପ୍ରଧାନ, ଉପସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀ, ସମ୍ପାଦକ ବୈକୁଣ୍ଠ ନାଥ ସିଂ, କୋଷାଧ୍ୟକ୍ଷ ଭାବେ ରବୀନ୍ଦ୍ର କୁମାର ଚୌଧୁରୀଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ନାମକରା ଟିମ୍ ସହିତ ଓଡ଼ିଶା ବାହାରୁ ଟିମ୍ ଭାଗନେବେ ବୋଲି ସୂଚନା ଦିଆଯାଇଛି।

### ଜିଲ୍ଲା କଂଗ୍ରେସ ସମ୍ପାଦକ ପଦବୀରୁ ଇସ୍ତଫା ଦେବାକୁ ଚିଠି

**ନୟାଗଡ଼ ଅଫିସ, ୨୩।୯:** ନୟାଗଡ଼ ଜିଲ୍ଲା କଂଗ୍ରେସ ସମ୍ପାଦକ ଥିବା ପ୍ରଭାତ କୁମାର ଅଧିକାରୀ ନିଜ ପଦବୀରୁ ଇସ୍ତଫା ଦେବା ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ପ୍ରଭାତ ଦର୍ଶାଇଛନ୍ତି ଯେ, ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକରେ କଂଗ୍ରେସର ସ୍ଥିତି ଭଲ ନାହିଁ। ଏହି ପରିପ୍ରେକ୍ଷୀରେ ସେ ନିଜ ପଦବୀ ଓ କଂଗ୍ରେସର ସାଧାରଣ ସଦସ୍ୟ ପଦବୀରୁ ଇସ୍ତଫା ଦେବାକୁ ସ୍ଥିର କରିଛନ୍ତି। ଏ ନେଇ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ୍ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଆମର ଜିଲ୍ଲାରେ କେହି ସମ୍ପାଦକ ନାହାନ୍ତି, ପ୍ରଭାତ ଜଣେ କର୍ମୀ ଥିଲେ। କୌଣସି କାରଣରୁ ସେ ଇସ୍ତଫାପତ୍ର ପଠାଇଥିବା ସେ ଜାଣିବାକୁ ପାଇଥିବା ସୂଚନା ଦେଇଥିଲେ।

### ବିଜେଡି କର୍ମୀ ସମ୍ମିଳନୀ

**ଖୋର୍ଦ୍ଧା ଅଫିସ, ୨୩।୯:** ବାଣପୁର ବ୍ଲକ ଗୋପୀନାଥପ୍ରସାଦ ଗ୍ରାମସ୍ଥିତ ବାବା ପାତାଳେଶ୍ୱର ଦେବଙ୍କ ମନ୍ଦିର ପରିସରରେ ରବିବାର ବିଜେଡିର ଆୟତପୁର ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ଅଧ୍ୟକ୍ଷତା କରି କହିଥିଲେ, ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାରର ଜନହିତକାରୀ ଯୋଜନା ଚାଲୁ ରହିଛି। ଏଗୁଡିକ ଲୋକଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେଇଛନ୍ତି। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ସେଠୀ, ଦଳୀୟ ପର୍ଯ୍ୟବେକ୍ଷକ ଭରତ ଚନ୍ଦ୍ର ସାହୁ, ସତ୍ୟନାରାୟଣ ପ୍ରଧାନ, ଭବାନୀ ଶଙ୍କର ବଳିୟାରସିଂହ, ସୁକାନ୍ତ ଭୋଳ, ଦାଶରଥି ସେଠୀ, ଅରୁଣ କୁମାର ପ୍ରଧାନଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

# ମରାମତି ହେଉନି ବିଦ୍ୟାଳୟ ଛାତ

**ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**
- ବର୍ଷା ହେଲେ ପାଠପଢା ଠପ୍
- ଛାତରୁ ଖସୁଛି ସିମେଣ୍ଟ କଂକ୍ରିଟ୍

**ଗଣିଆ, ୨୩।୯ (ଡି.ଏନ୍.ଏ.)**

ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସରକାର ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ କୋଟି କୋଟି ଖର୍ଚ୍ଚ କରୁଛନ୍ତି। ହେଲେ ଗଣିଆ ବ୍ଲକରେ ଶିକ୍ଷା ବ୍ୟବସ୍ଥା ଏଭଳି ସ୍ଥିତିରେ ରହିଛି ଯାହା ନ ଦେଖିଲେ ଜାଣିହେବ ନାହିଁ। କେଉଁଠି ଶ୍ରେଣୀଗୃହ ଅଭାବ ରହିଛି ତ କେଉଁଠି ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ପୁଣି କେଉଁଠି ପାଇଖାନା ନ ଥିବାବେଳେ ଆଉ କେଉଁଠି ପାଚେରି ନାହିଁ। ଏଭଳି ସଂଗୀନ ସ୍ଥିତି ଛାମୁଣ୍ଡିଆ ପଞ୍ଚାୟତ ଈଶ୍ୱରପୁରଠାରେ ଥିବା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ୧୯୫୬ ମସିହାରୁ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟରେ ୬ଟି ଶ୍ରେଣୀଗୃହ ରହିଛି। ସେଥିମଧ୍ୟରୁ ୨ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ବାକି ୪ଟି ଶ୍ରେଣୀଗୃହରେ ୧୩୧ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପୁଣି ଶ୍ରେଣୀଗୃହର ସିମେଣ୍ଟ କଂକ୍ରିଟ ଛାତ ଦୁର୍ବଳ ହୋଇ ଫାଟିଗଲାଣି। ଅସରାଏ ବର୍ଷା ହେଲେ ଛାତରୁ ପାଣି ଝରି କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି କରୁଛି। ଫଳରେ ବର୍ଷା ହେଲେ



ଈଶ୍ୱରପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ପିଲାଙ୍କ ପାଠପଢା ଠପ୍ ହୋଇଯାଉଛି। ଶିକ୍ଷକମାନେ ବାଧ୍ୟ ହୋଇ ଗୋଟିଏ ଶ୍ରେଣୀଗୃହରେ ଏକାଧିକ ଶ୍ରେଣୀର ପିଲାଙ୍କୁ ବସାଇ ପାଠ ପଢାଉଛନ୍ତି। ସେହିପରି ଛାତରୁ ସିମେଣ୍ଟ କଂକ୍ରିଟ ଖସିଥିବାରୁ ରଡ (ଛଡ଼) ଦେଖାଗଲାଣି। କେତେବେଳେ ଏହା କୋମଳମତି ପିଲାମାନଙ୍କ ପାଇଁ ବିପଦ ଆଣି ନ ଦେବ ତାହା କହିହେବ ନାହିଁ। ବିଦ୍ୟାଳୟକୁ ବିଭିନ୍ନ ସମୟରେ ରାଜନେତାଙ୍କଠାରୁ ଆରମ୍ଭ କରି ବିଭାଗୀୟ ପଦାଧିକାରୀମାନେ ଆସୁଥିଲେ ହେଁ କାହାର ଶୁଭଦୃଷ୍ଟି ପଡୁନାହିଁ। ଏ ନେଇ ବାରମ୍ବାର ପ୍ରଶାସନ ଓ ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଆଜିଯାଏ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗ୍ରାମବାସୀ ତଥା ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସମୀର କୁମାର ନାୟକ ଅଭିଯୋଗ କରିଛନ୍ତି। ସମସ୍ୟା ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବିଦ୍ୟାଳୟ ପକ୍ଷରୁ ଅବଗତ କରାଯାଇଛି। ହେଲେ ମରାମତି କିମ୍ବା ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ଆସିନାହିଁ ବୋଲି ପ୍ରଧାନଶିକ୍ଷକ ନାରାୟଣ ଦଳେଇ କହିଛନ୍ତି। ଅନ୍ୟପକ୍ଷେ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ହୋଇ ନ ଥିବାରୁ ଗୋରୁ ପଶି ବିଦ୍ୟାଳୟର ସୌନ୍ଦର୍ଯ୍ୟକୁ ନଷ୍ଟ କରିଦେଉଛନ୍ତି। ବିଦ୍ୟାଳୟ ପରିସର ବୁଲା ଗୋରୁ ଓ କୁକୁରଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବା ସହିତ ବିଦ୍ୟାଳୟ ଛାତର ମରାମତି କିମ୍ବା ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ମଞ୍ଜୁର ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ଦାଶ କହନ୍ତି, ସର୍ବଶିକ୍ଷା ଅଭିଯାନ ଯୋଜନାରେ ଆଉ ଅର୍ଥ ଆସୁନାହିଁ। ବିଦ୍ୟାଳୟ ଗୃହ ନିର୍ମାଣ ଓ ମରାମତି ପାଇଁ ସରକାର ପଞ୍ଚାୟତିରାଜ ବିଭାଗକୁ ଦାୟିତ୍ୱ ନେଇଛନ୍ତି। ସରପଞ୍ଚ ମଙ୍ଗୁଲୁ ସାହୁ କୁହନ୍ତି, ସ୍କୁଲ ସମସ୍ୟା ସମ୍ପର୍କରେ ମୁଁ ଅବଗତ ଅଛି। ଏବେ ଆମକୁ ଚିଠି ମିଳିଲା। ଶ୍ରେଣୀଗୃହ ମରାମତି ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

# ନୀଳମାଧବ ଜୀଉଙ୍କ ମନ୍ଦିରରେ ଅନନ୍ତ ବ୍ରତ



ନୀଳମାଧବ ମନ୍ଦିର ଭୋଗ ମଣ୍ଡପଠାରେ ଅନନ୍ତବ୍ରତ ପାଇଁ ପ୍ରସ୍ତୁତି।

**ଖଣ୍ଡପଡା, ୨୩।୯ (ସ୍ୱ.ପ୍ର.)**

ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶ୍ରୀଶ୍ରୀ ଅନନ୍ତ ଦେବଙ୍କୁ ପୂଜା କଲେ ସର୍ବପାପ ବିନାଶ ହୁଏ ବୋଲି ବିଶ୍ୱାସ କରାଯାଏ । ଏହି ଅବସରରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ମନ୍ଦିର ଭୋଗ ମଣ୍ଡପଠାରେ ଶତାଧିକ ମାନସିକଧାରୀ ମହିଳାପୁରୁଷ ରବିବାର ଅନନ୍ତ ବ୍ରତ ପାଳନ କରିଥିଲେ। ଧାତୁ ଦ୍ରବ୍ୟରେ ଅନନ୍ତଙ୍କ ପ୍ରତିମୂର୍ତ୍ତି ନିର୍ମାଣ କିମ୍ବା ଶାଳଗ୍ରାମକୁ ପଦ୍ମ ଅଥବା ଭଦ୍ର ମଣ୍ଡଳରେ ସ୍ଥାପନ ପୂର୍ବକ ଏହି ପୂଜା କରିବା ନିୟମ ରହିଛି । ଶ୍ରୀ ଜୀଉଙ୍କ ଭଅଣ୍ଡ ଧୂପ ପରେ ଦ୍ୱିପ୍ରହର ଧୂପ ସମ୍ପନ୍ନ ନ ହୋଇ ଅନନ୍ତ ବାସୁଦେବ ଜୀଉଙ୍କୁ ଭୋଗ ମଣ୍ଡପକୁ ବିଜେ କରାଯାଇଥିଲା। ଏହାପରେ ଭକ୍ତମାନେ ଆଣିଥିବା ବିଭିନ୍ନ ପ୍ରକାର ଫୁଲଫଳ ଲାଗି କରାଯାଇଥିଲା । ବ୍ରତ କରୁଥିବା ନାରୀ ଅବା ପୁରୁଷ ଅତି କମ୍‌ରେ ୧୪ବର୍ଷ ଧରି ଏହାକୁ ପାଳନ କରିଥାନ୍ତି। ଯିଏ ପ୍ରଥମ କରି ପାଳନ କରିବାକୁ ଇଚ୍ଛା କରେ ସେ ଅନ୍ୟ ଜଣଙ୍କଠାରୁ ବ୍ରତଟିଏ ଆଣି ପୂଜା ଆରମ୍ଭ କରିଥାଏ । ଅନନ୍ତ ବାସୁଦେବଙ୍କୁ ସ୍ମରଣ କରି ହାତରେ ବନ୍ଧା ହୋଇଥିବା ପୁରୁଣା ବ୍ରତକୁ କଞ୍ଚା କ୍ଷୀରରେ ପକାଇବା ପରେ ୧୪ ଗଣ୍ଠି ପଡିଥିବା ନୂତନ ବ୍ରତକୁ ପୂଜା କରାଯାଏ। ପରେ ମହିଳାମାନେ ବାମ ହାତ ବାହୁମୂଳରେ ଓ ପୁରୁଷମାନେ ଡାହାଣ ହାତରେ ଏହି ବ୍ରତ ବାନ୍ଧିଥାନ୍ତି। ଖଣ୍ଡପଡା ଓ ସିଧାମୂଳା ଜଗନ୍ନାଥ ମନ୍ଦିରରେ ସକାଳୁ ବ୍ରତଧାରୀମାନେ ବିଧି ପୂର୍ବକ ପୂଜାର୍ଚ୍ଚନା ସହ ଅନନ୍ତ ବ୍ରତ ପାଳନ କରିଥିଲେ । ଏହି ବ୍ରତ ନିଷ୍ଠାର ସହକାରେ ଯିଏ ପାଳନ କରେ ତା'ର କୌଣସି ଅନିଷ୍ଟ ହୁଏ ନାହିଁ ବୋଲି ବ୍ରତଧାରୀମାନେ ପ୍ରକାଶ କରିଥିଲେ। ନୀଳମାଧବ ମନ୍ଦିରରେ ପୂଜାରୀ ଭାବେ ପୀତବାସ ମିଶ୍ର, ପତ୍ରୀ କୁଳମଣି ମିଶ୍ର ଓ ପୁରୋଧା ଭାବେ ବାସୁଦେବ ମିଶ୍ର ପୂଜା କାର୍ଯ୍ୟ ପରିଚାଳନା କରିଥିଲେ ।

# ପୋଲ ନିର୍ମାଣ ନ ହେଲେ ଭୋଟ ବର୍ଜନ ନିଷ୍ପତ୍ତି

## ବୃଉଙ୍ଗ ସେତୁ ପାଇଁ ଏକାଠି ହେଲେ ୩ ପଞ୍ଚାୟତବାସୀ



ବୈଠକରେ ଯୋଗଦେଇଥିବା ମହିଳାପୁରୁଷ।

**ଦଶପଲ୍ଲା, ୨୩।୯ (ଡି.ଏନ.ଏ.)**

ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ ପରେ ବି ଶୁଣୁନି ପ୍ରଶାସନ। ଏହାର ପ୍ରତିବାଦରେ ଏକତ୍ରିତ ହୋଇଛନ୍ତି ୨ ଜିଲାର ୩ ପଞ୍ଚାୟତର ଅଧିବାସୀ। ଏଭଳି ଘଟଣା ରବିବାର ଦଶପଲ୍ଲା ବ୍ଲକ କୁଜାମେଣ୍ଡି ପଞ୍ଚାୟତର ବଣି ଗ୍ରାମରେ ଦେଖିବାକୁ ମିଳିଥିଲା। ବୈଠକରେ ଉପସ୍ଥିତ ଗ୍ରାମବାସୀ ସେତୁ ନିର୍ମାଣ ନ ହେଲେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ସଭାପତି ଶିଶୁଳା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି ବୈଠକ।

ସୂଚନାଯୋଗ୍ୟ ଦଶପଲ୍ଲା ବ୍ଲକ କୁଜାମେଣ୍ଡି ପଞ୍ଚାୟତ ମୁଖ୍ୟାଳୟ ଦେଇ ବହିଯାଇଛି ବୃଉଙ୍ଗ ନଦୀ। ଦଶପଲ୍ଲା ବ୍ଲକ କୁଜାମେଣ୍ଡି ଓ ଦୁଡା ପଞ୍ଚାୟତ ସହ କନ୍ଧମାଳ ଜଲା ଚକାପାଦ ବ୍ଲକର ବଣି, ପ୍ରଧାନପଡା, ମୁଣ୍ଡୁଳା, ତଳ ମୁଣ୍ଡୁଳା, ଟିକି ତଇଳା, ତିଳାବାଡି, ବାକ୍‌ଟି, ସାତସାହି ଇତ୍ୟାଦି ଗ୍ରାମର ଗ୍ରାମବାସୀ ଏହି ନଦୀ ଦେଇ ଯା'ଆସ କରିଥାନ୍ତି। ବର୍ଷାଦିନେ ନଦୀରେ ପାଣି ଆସିଲେ ଏହି ପଞ୍ଚାୟତର ଗ୍ରାମଗୁଡିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହେ। ବିଶେଷକରି ଛାତ୍ରୀଛାତ୍ରଙ୍କ ପାଠପଢାଠାରୁ ଆରମ୍ଭ କରି ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ପାଇଁ ବଡ ସମସ୍ୟା ସୃଷ୍ଟି ହୋଇଥାଏ। ବାରମ୍ବାର ଦାବି ପରେ କେନ୍ଦ୍ରସରକାରଙ୍କ ଆଇଏପି ଅର୍ଥରେ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହା ଉପରେ ଏକ ଛୋଟ ପୋଲ ନିର୍ମାଣ କରାଯାଇଥିଲା। ମାତ୍ର କିଛିମାସ ପରେ ବୃଉଙ୍ଗ ନଦୀରେ ବଢିଆସି ଏହାକୁ ଧୋଇ ନେଇଥିଲା। ଫଳରେ ପୂର୍ବପରି ଲୋକମାନଙ୍କୁ ସେହି ସମାନ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଏହି ନଦୀ ଉପରେ ପୁନଃ ସେତୁ ନିର୍ମାଣ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରିବା ସହ ୨୦୧୬ ମସିହାରେ କାମିଟିପଙ୍ଗାଠାରେ ଖୋର୍ଦ୍ଧା–ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସେ ସମୟରେ ତୁରନ୍ତ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଅନ୍ୟପକ୍ଷରେ ବୃଉଙ୍ଗ ନଦୀ ଉପରେ ସେତୁ ନିର୍ମାଣ ପାଇଁ ବିଜୁସେତୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଏବେ ଏହି ଫାଇଲ୍ ପୂର୍ତ୍ତ ବିଭାଗର ଉଚ୍ଚ ପଦାଧିକାରୀଙ୍କ ନିକଟରେ ପଡିରହିଛି ବୋଲି ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଟି. ଅଭିମନ୍ୟୁ ଦୋରା ପ୍ରକାଶ କରିଛନ୍ତି। ଏହାସହ ବିଜୁ ସେତୁ ଯୋଜନା ପାଇଁ ଅର୍ଥ ନ ଥିବାରୁ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

## ସରପଞ୍ଚଙ୍କ ଦାଦାଗିରି ଗ୍ରାମସଭାରେ ବାପ ପୁଅଙ୍କୁ ଆକ୍ରମଣ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୩।୯ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କମାଗୁରୁ ଗାଁରେ ରବିବାର ସନ୍ଧ୍ୟାରେ ଗ୍ରାମସଭା ଚାଲୁ ଥିବାବେଳେ ନିରୁପମା ମହରଣାଙ୍କ ଦୁଇ ପୁଅ, ସ୍ୱାମୀ ପ୍ରଭାକର, ଭଣଜାଙ୍କୁ ମିଳିତ ଆକ୍ରମଣ ହୋଇଥିବା ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ଜଣେ ସରପଞ୍ଚ ଓ ତାଙ୍କ ନିର୍ଦ୍ଦେଶରେ ସମର୍ଥକ ଏହି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପ୍ରତିବାଦ କରିବାରୁ ସମ୍ପୃକ୍ତ ସରପଞ୍ଚ ଘରେ ନିଆଁ ଲଗାଇ ଦେବେ, ଜଙ୍ଗଲରେ ବାପ ପୁଅଙ୍କୁ ମାରି ହତ୍ୟା କରିବେ ବୋଲି ଧମକ ଦେଇଛନ୍ତି। ଶାସକ ଦଳର ଲୋକ ହୋଇଥିବାରୁ ପୋଲିସରେ ଅଭିଯୋଗ କଲେ ସୁଫଳ ମିଳିବନି ବୋଲି ଧମକ ମିଳିଛି। ଅନ୍ୟପକ୍ଷେ ସରପଞ୍ଚଙ୍କ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ନିରଞ୍ଜନ ରାଉତ କହିଛନ୍ତି। ଏ ନେଇ ସରପଞ୍ଚଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ଫୋନ ସୁଇଚ ଅଫ ଥିବାରୁ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।

## ଧର୍ମ ପରାୟଣା ମହିଳାଙ୍କ ପରଲୋକ

**ଖଣ୍ଡପଡା, ୨୩।୯ (ସ୍ୱ.ପ୍ର.):** ଭାପୁର ବ୍ଲକ ରାକମା ସ୍ୱପ୍ନେଶ୍ୱର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ପଣ୍ଡାଙ୍କ ସ୍ତ୍ରୀ ପ୍ରଣତି ପଣ୍ଡା(୫୩)ଙ୍କ ଶୁକ୍ରବାର ହୃଦ୍‌ରୋଗରେ ମୃତ୍ୟୁ ଘଟିଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ ମହିଳା ଥିଲେ।

## ଯୌତୁକ ନିର୍ଯାତନା ଅଭିଯୋଗ: ସ୍ୱାମୀ କୋର୍ଟଚାଲାଣ

**ଭାପୁର, ୨୩।୯ (ଡି.ଏନ୍.ଏ.)**

ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ଫତେଗଡ ଥାନା ପୋଲିସ ଶୁକ୍ରବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରାକମା ଗ୍ରାମର ବିଶ୍ୱଜିତ ବାରିକ। ଅଭିଯୋଗରୁ ପ୍ରକାଶ ଯେ, ଭାପୁର ବଜାରରେ ମୋବାଇଲ ମରାମତି ଦୋକାନ କରିଥିବା ବିଶ୍ୱଜିତ ଅଞ୍ଚଳର ଯୁକ୍ତ ୨ ପଢୁଥିବା ନାବାଳିକାଙ୍କୁ ପ୍ରେମ କରୁଥିଲେ। କିଛିଦିନ ପରେ ସେ ନାବାଳିକାଙ୍କୁ ନେଇ କୁଆଡେ ଫେରାର ହୋଇଯାଇଥିଲେ। ୨ମାସ ଧରି ଉଭୟ ସ୍ୱାମୀ ଓ ସ୍ତ୍ରୀ ଭାବେ ରହିବା ପରେ ଦୁଇ ପରିବାର ଜ୍ଞାତସାରରେ ସେମାନଙ୍କର ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଥିଲା । ତେବେ ବିବାହର ୪ମାସ ପରେ ସ୍ୱାମୀଙ୍କ ସହ ତାଙ୍କ ପରିବାର ଲୋକେ ଯୌତୁକ ପାଇଁ ବୋହୂ ଉପରେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଶେଷରେ ଗତ ବୁଧବାର ନାବାଳିକା ସ୍ତ୍ରୀ ବାପଘରକୁ ଆସି ଶାଶୁଘର ଲୋକଙ୍କ ବିରୋଧରେ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୧୭୮/୧୮ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଡାକ୍ତରୀମାଇନା କରାଇ କୋର୍ଟ ଚାଲାଣ କରିଛି। ମାମଲାର ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

**■ ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ ଘଟଣା**

# ଦୁଇଜଣଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ

**ନୟାଗଡ଼ ଅଫିସ, ୨୩।୯**

ବନ ବିଭାଗର ଚେକ୍‌ଗେଟ୍ ଭାଙ୍ଗିବା ଓ ସେଠାରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଆକ୍ରମଣ କରିବା ମାମଲାର ଶୁଣାଣି କରି ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଲୋକନାଥ ସାହୁ ୨ଜଣଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଣି କରିଛନ୍ତି। ସମ୍ପୃକ୍ତ ୨ ଅଭିଯୁକ୍ତ ହେଲେ ଖଣ୍ଡପଡ଼ା ଥାନା ବାଣପୁର ଗ୍ରାମର ବାସୁଦେବ ପ୍ରଧାନ ଓ ପ୍ରତାପ କୁମାର ପ୍ରଧାନ। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୦୯ ଜୁନ ୩ ତାରିଖ ଭୋର ସମୟରେ ଦଶପଲ୍ଲା ପଙ୍କୁଆ ଚେକ୍ ଗେଟ୍‌ଠାରେ ବନରକ୍ଷୀ ବନମାଳୀ ରାଉତ ଡ୍ୟୁଟିରେ ଥିବା ସମୟରେ ସେଠାରେ ଚୋରାକାଠ ବୋଝେଇ ଏକ ୪୦୭ ଗାଡି (ଓଆରଆର–୭୯୮୧) ପହଞ୍ଚିଥିଲା। ଗାଡ଼ି ଭିତରେ ଥିବା ଲୋକ ବନରକ୍ଷୀଙ୍କୁ ଗେଟ୍ ଖୋଲିବା ପାଇଁ କହିଥିଲେ। ମାତ୍ର ବନରକ୍ଷୀ ରାଉତ ଗାଡ଼ିର କାଗଜପତ୍ର ଓ ପର୍‌ମିଟ୍ ମାଗିବାରୁ ବାସୁଦେବ ଓ ପ୍ରତାପ ଗାଡ଼ିରୁ ଓହ୍ଲାଇ ତାଙ୍କୁ ମାଡ଼ ମାରିଥିଲେ। ପରେ ଡ୍ରାଇଭର ଗାଡ଼ି ଚଳାଇ ଚେକ୍‌ଗେଟ୍‌କୁ ଧକ୍କା ଦେଇ ଭାଙ୍ଗି ଦେବା ସହ ଦଶପଲ୍ଲା ଅଭିମୁଖେ ଚାଲିଯାଇଥିଲେ। ଏହି ସମୟରେ ସେଠାରେ ଏକ ବାଇକ୍ ଆସି ପହଞ୍ଚିବାରୁ ଉକ୍ତ ଦୁର୍ବୃତ୍ତମାନେ ସେଠାରେ ବନ୍ଧୁକ ଫୁଟାଇ ବନକର୍ମଚାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ଖସିଯାଇଥିଲେ। ଏହି ଘଟଣାକୁ ନେଇ ବନମାଳୀ ରାଉତ ଦଶପଲ୍ଲା ଥାନାରେ ଏତଲା ଦେଇଥିଲେ। ପୋଲିସ ୭୯/୨୦୦୯ରେ ମାମଲା ରୁଜୁ କରି ତଦନ୍ତ ପରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ଏହି ଘଟଣାକୁ ନେଇ ସେ ସମୟରେ ବନ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ୧୦ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଶନିବାର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଲୋକନାଥ ସାହୁ ବାସୁଦେବ ଓ ପ୍ରତାପ ଉଭୟଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଣି କରିଥିଲେ। ସେହିଭଳି ୫ ହଜାର ଟଙ୍କା ଲେଖାଏ ଜରିମାନ ନିର୍ଦ୍ଦେଶ ଦେଇଥିଲେ। ଜରିମାନା ଅନାଦାୟ ୩ମାସ ଅଧିକ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ। ସରକାରୀ ଓକିଲ ଅମିୟ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

**■ ନୀଳମାଧବ ପିତଳ ଗରା କାରିଗର ସଂଘ ବୈଠକ**

# ସଙ୍ଗଠିତ ନ ହେଲେ ସମସ୍ୟା ସମାଧାନ ହୋଇପାରିବନି

**ଖଣ୍ଡପଡା, ୨୩।୯ (ସ୍ୱ.ପ୍ର.)**

ସଙ୍ଗଠିତ ନ ହେଲେ ଆମମାନଙ୍କ ସମସ୍ୟା ସମାଧାନ ହୋଇପାରିବ ନାହିଁ। ରବିବାର କଣ୍ଟିଲୋ କଂସାରୀ ସମାଜ କଲ୍ୟାଣ ସଦନଠାରେ ନୀଳମାଧବ ପିତଳ ଗରା କାରିଗର ଶ୍ରମିକ ସଂଘ ପକ୍ଷରୁ ଆୟୋଜିତ ସଭାରେ ନିଖିଳ ଉତ୍କଳ କଂସାରୀ ସମାଜ କେନ୍ଦ୍ରାଞ୍ଚଳ ଶାଖା ସଭାପତି ଅଖିଳ କୁମାର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ।

ସୌଖୀନ ବ୍ୟବସାୟୀଙ୍କ ପ୍ରତିଯୋଗିତା, କଞ୍ଚାମାଲ ଅଭାବ, ଉତ୍ପାଦିତ ସାମଗ୍ରୀର ମାନ୍ଦା ବଜାର ଅବସ୍ଥା, ଜଙ୍ଗଲ ଅବକ୍ଷୟ ତଥା ବିଭାଗୀୟ କଟକଣାରୁ କାଠ କୋଇଲାର ଅଭାବ ସାଙ୍ଗକୁ କଂସା ପିତଳ କାରିଗରଙ୍କୁ ସରକାରୀ ପ୍ରୋତ୍ସାହନ ଅଭାବ କଂସାରୀ ସମାଜକୁ ପଙ୍ଗୁ କରିଦେଇଛି । ଫଳରେ ଏହି ହସ୍ତଶିଳ୍ପ ସମ୍ପୂର୍ଣ୍ଣ ବୁଡିଯିବାକୁ ବସିଛି। କଂସା ପିତଳ ବାସନ ଶିଳ୍ପରେ ଏକଦା ପ୍ରସିଦ୍ଧି ଲାଭ କରିଥିବା କଟକ ଜିଲାର ଭଟ୍ଟିମୁଣ୍ଡା, ଓଉଖମା, ଖୋର୍ଦ୍ଧା ଜିଲାର



ବୈଠକରେ ଯୋଗଦେଇଥିବା ସଂଘ କର୍ମକର୍ତ୍ତା।

ବାଳକାଟି, ଭଇଁଚୁଆ, ରଥିଜେମା, ଢେଙ୍କାନାଳ ଜିଲାର ଭୁବନ, ନୟାଗଡ ଜିଲାର ସୁନାଖଳା, ଶରଣକୁଳ, ଇଟାମାଟି, ଖଳିସାହି, ବେଲପଡାପାଟଣା ଏବଂ ସର୍ବାଧିକ କାରିଗର ଥିବା କଣ୍ଟିଲୋ, ପଶ୍ଚିମ ଓଡିଶାର ସମ୍ବଲପୁର, ବରଗଡ, ଟିକିରା, ଟୋକରା, କଟାପାଲି, ରେଙ୍ଗାଲି, ଗଣେଶ ନଗର, ସୁବର୍ଣ୍ଣପୁର ଅଞ୍ଚଳର କଂସା ପିତଳ କାରିଗରମାନେ ନିଜ କୌଳିକ ବୃତ୍ତି ଛାଡି ଅନ୍ୟ ପନ୍ଥାର ଆଶ୍ରୟ ନେଲେଣି। ଅଧିକାଂଶ ପରିବାର ଜୀବନଜୀବିକା ହରାଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଏପରିସ୍ଥଳେ କଣ୍ଟିଲୋ ଅଞ୍ଚଳର ୭୦ରୁ ଊର୍ଦ୍ଧ୍ୱ କାରିଗର ଦୀର୍ଘ ୧୫ବର୍ଷ ତଳୁ 'ନୀଳମାଧବ ପିତଳ ଗରା କାରିଗର ଶ୍ରମିକ ସଂଘ' ଗଠନ କରି ଏହି ହସ୍ତଶିଳ୍ପରେ କାର୍ଯ୍ୟ କରିଆସୁଛନ୍ତି। ହେଲେ ଅନେକ ସମୟରେ କଂସା ପିତଳ ଶିଳ୍ପର ମାଲିକମାନେ ସେମାନଙ୍କ ସମସ୍ୟାକୁ ଅଣଦେଖା କରିଆସୁଥିବା ଅଭିଯୋଗ ହେଉଛି। କାରିଗରମାନଙ୍କ ମଧ୍ୟରୁ ଅନେକ ମାଲିକମାନଙ୍କ ପ୍ରରୋଚନାରେ ସଂଘ ବିରୋଧୀ କାର୍ଯ୍ୟ କରି ବିଭେଦ ସୃଷ୍ଟି କରୁଛନ୍ତି। ଅନ୍ୟପକ୍ଷରେ ଗଠିତ ହୋଇଥିବା ଏହି ସଂଘକୁ ସରକାରୀ ପଞ୍ଜୀକୃତ କରାଯାଇ ନ ଥିବାରୁ ସରକାରଙ୍କ ବିଭିନ୍ନ ଯୋଜନାରୁ କାରିଗରମାନେ ବଞ୍ଚିତ ହେଉଥିବା ନେଇ ସଂଘ ସଭାପତି ବିକ୍ରମ ମହାରଣା ଓ ସମ୍ପାଦକ ସଞ୍ଜୟ କୁମାର ମହାରଣା ପ୍ରକାଶ କରିଥିଲେ । ଏପରିସ୍ଥଳେ ସମସ୍ତ କାରିଗର ସଂଘବଦ୍ଧ ହୋଇ ଗଠନ କରାଯାଇଥିବା ସଂଘର ରେଜିଷ୍ଟ୍ରେଶନ କରାଇ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେବାକୁ କଂସାରୀ ସମାଜ ସଭାପତି ମହାରଣା ପରାମର୍ଶ ଦେଇଥିଲେ। ଏହାସହ ସଂଗଠିତ ନ ହେଲେ କାରିଗରମାନଙ୍କ ଉନ୍ନତି ହୋଇପାରିବ ନାହିଁ। ତେଣୁ ପ୍ରଥମେ ସଂଘକୁ ସରକାରୀ ସ୍ତରରେ ପଞ୍ଜୀକୃତ କରାଇବା ପାଇଁ ମହାରଣା ଆବଶ୍ୟକ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୪ ସେପ୍ଟେମ୍ବର, ୨୦୧୮



ଘୋର ସଙ୍କଟ ସମୟରେ ସାହସଠାରୁ ବଳି ବଡ଼
ସହାୟକ ବନ୍ଧୁ ଆଉ କେହି ନାହାଁ।
- ସକ୍ରେଟିସ୍



## ସଂକ୍ଷେପରେ

### ପଲିଥିନ ଓ ମାନବ ସ୍ୱାସ୍ଥ୍ୟ ଶୀର୍ଷକ କର୍ମଶାଳା

**ପୁରୀ ଅଫିସ, ୨୩।୯:** ଆଇକନିକ ସିଟି ଯୋଜନାରେ ନାଲ୍‌କୋ ପୁରୀ ସହର ପାଇଁ ୧୮୦କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ପ୍ରସ୍ତୁତ କରିଛି। କିଛି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ପୁରୀକୁ ପଲିଥିନ ମୁକ୍ତ କରିବା ଲାଗି ନାଲ୍‌କୋ ସମସ୍ତ ସହଯୋଗ ଯୋଗାଇ ଦେବ। ପଲିଥିନର ବିକଳ୍ପ ପାଇଁ ଆବଶ୍ୟକ ହେଲେ ଆର୍ଥିକ ସହାୟତା ଯୋଗାଇଦେବ ବୋଲି ପଲିଥିନ ଓ ମାନବ ସ୍ୱାସ୍ଥ୍ୟ ଶୀର୍ଷକ ଜାତୀୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ନାଲ୍‌କୋ ସିଏମ୍‌ଡି ଡ. ତପନ ଚାନ୍ଦ କହିଛନ୍ତି। ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ନିର୍ମାଲ୍ୟ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ର ଅନୁଷ୍ଠାନର ସଭାପତି ବଦ୍ରି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି, ଡାକ୍ତର ଅଶୋକ ମହାପାତ୍ର, ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ଅଧକ୍ଷ ହରେକୃଷ୍ଣ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଡ. ପ୍ରଭାସ ଆଚାର୍ଯ୍ୟ, ସମ୍ପାଦକ ରୁଦ୍ର ପ୍ରସନ୍ନ ରଥ, କ୍ୟାନସର ରୋଗ ବିଶେଷଜ୍ଞ ଡାକ୍ତର ଘନଶ୍ୟାମ ବିଶ୍ୱାସ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀଙ୍କୁ ନିର୍ମାଲ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ବର୍ଷିୟାନ ଆଇନଜୀବୀ ନୀଳକଣ୍ଠ ମିଶ୍ର, ଖବରଦାତା ପ୍ରଦୀପ ମହାନ୍ତି, ଡାକ୍ତର ଅମିତାଭ ରଥ, ଡାକ୍ତର ସୌମ୍ୟକାନ୍ତ ସାହୁ, ରାଜେଶ ମହାନ୍ତି, ଶ୍ୟାମ ପ୍ରକାଶ ସେନାପତି, କାଳୀ ପ୍ରସାଦ ନନ୍ଦ, ବିଷ୍ଣୁଚରଣ ବରାଳ, ରମାକାନ୍ତ ମହାପାତ୍ର, ଚଳଚ୍ଚିତ୍ର ଅଭିନେତ୍ରୀ ଅନୁଭା ପଣ୍ଡା, ଅଭିନେତା ବବି ମିଶ୍ର, କେଦାର ମିଶ୍ର, ପ୍ରିୟବ୍ରତ ଧୀର, ପୁଲୀନ ଆଚାର୍ଯ୍ୟ, ସନ୍ତୋଷ ପାତ୍ର ପ୍ରମୁଖଙ୍କୁ ନିର୍ମାଲ୍ୟ ବନ୍ଧୁ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସାହି ଭାଇ, ଓଡ଼ିଶା ଯୁବ ଚେତନା ସଂଗଠନ, ଭକ୍ତି ନିର୍ମାଲ୍ୟ, ମିଶନ ଓଡ଼ିଶା ସମେତ ପୁରୀର ବିଭିନ୍ନ ଅନୁଷ୍ଠାନ ଅଂଶ ଗ୍ରହଣ କରି ପଲିଥିନ ଓ ପ୍ଲାଷ୍ଟିକର ଭୟାବହତା ଉପରେ ମତ ରଖିଥିଲେ। ଏହି ଅବସରରେ ନିର୍ମାଲ୍ୟର ସ୍ୱାକ୍ଷର ସଙ୍ଗୀତ ଓ ସ୍ମରଣିକା ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ ଅନୁଷ୍ଠାନର ସମ୍ପାଦକ ଅଧାପକ ବିଶ୍ୱନାଥ ମିଶ୍ର।

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ; ଥାନାରେ ଏତଲା

**ବ୍ରହ୍ମପୁର ଅଫିସ୍, ୨୩।୯:** ବ୍ରହ୍ମପୁର ରେଳ ଷ୍ଟେଶନ୍ ରାସ୍ତାରେ ଶନିବାର ରାତିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ନେହେରୁନଗର ଅଷ୍ଟମ ଲେନ୍‌ର ନୀତେନ କୁମାର ସାହୁ ଆହତ ହୋଇଥିବା ଜଣାପଡିଛି। ରାତ୍ରିରେ ନୀତେନ୍ ଘରକୁ ଫେରୁଥିବା ବେଳେ ପାଞ୍ଚରୁ ଛଅ ଜଣ ଯୁବକ ତାଙ୍କୁ ଗାଳିଗୁଲଜ କରି ମାଡ ମାରିଥିଲେ। ଏନେଇ ଥାନାରେ ଏତଲା ଦେବା ପରେ ପୋଲିସ ନଂ. ୧୧୦/୧୮ରେ ମାମଲା ରୁଜୁ କରିଛି।

### ଏସ୍‌ବିଆଇ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ



**ପୁରୀ ଅଫିସ, ୨୩।୯:** ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ(ଏସ୍‌ବିଆଇ) କର୍ମଚାରୀ ସଂଘର ୬୬ତମ ଏବଂ ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ୧୦ମ ତ୍ରୟବାର୍ଷିକ ସାଧାରଣ ପରିଷଦ ବୈଠକ ରବିବାର ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁମ୍ବାଇ ଏସ୍‌ବିଆଇ କର୍ପୋରେଟ ସେଣ୍ଟରର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ତଥା କର୍ପୋରେଟ ଡେଭେଲ୍‌ପମେଣ୍ଟ ଅଫିସର ପ୍ରଶାନ୍ତ କୁମାର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ବିଆଇ ଭୁବନେଶ୍ୱର ଚିଫ ଜେନେରାଲ ମ୍ୟାନେଜର ପ୍ରବୀଣ କଳା ଏବଂ ସର୍ବଭାରତୀୟ ଏସ୍‌ବିଆଇ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ଏସ୍.କେ. ବନ୍ଦଲିଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ୨୪ଜଣ ଏବଂ ଅନ୍ୟତମ ତଥା ବିଶିଷ୍ଟ ଅତିଥି ଭାବେ ୯ଜଣ ଯୋଗ ଦେଇଥିଲେ। ଅଭ୍ୟର୍ଥନା କମିଟିର ଅଧକ୍ଷ ଏସ୍.ପି. ବେହେରା ଏବଂ ମୁଖ୍ୟ ସଚିବ ରାଜେଶ କୁମାର ତ୍ରିପାଠୀ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ବୈଠକରେ ସର୍ବଭାରତୀୟ ସ୍ତରରୁ ୧୮ଶହ ଏସ୍‌ବିଆଇ କର୍ମଚାରୀ ଏବଂ ଓଡ଼ିଶାରୁ ୨ହଜାର ଏସ୍‌ବିଆଇ କର୍ମଚାରୀ ଯୋଗଦେଇଥିଲେ। ସରକାର ଏବଂ ବ୍ୟାଙ୍କ ମଧରେ କିଭଳି ସମନ୍ୱୟ ରହିପାରିବ, ବ୍ୟାଙ୍କ କିଭଳି ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ପାରିବ ଏବଂ କର୍ମଚାରୀ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

## ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବାର୍ଷିକ ଉତ୍ସବ

# ପ୍ରତ୍ୟେକ ସମ୍ପ୍ରଦାୟର ନିଜସ୍ୱ ତନ୍ତ୍ର ସଂହିତା ରହିଛି

**ପୁରୀ ଅଫିସ, ୨୩।୯**





ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବିଂଶତିତମ ବାର୍ଷିକୋତ୍ସବ ଉପଲକ୍ଷେ ରବିବାର ସଦ୍‌ଭାବନା ସଭାଗୃହରେ ତନ୍ତ୍ର ସାହିତ୍ୟରେ ଶ୍ରୀଜଗନ୍ନାଥ ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ। ଆଧାର ପୁରୁଷ ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବ କୁଳସଚିବ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଯୋଗଦେଇଥିଲେ। ଡ. ଶ୍ରୀନିବାସ ଆଚାର୍ଯ୍ୟ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିବା ବେଳେ ଅଧ୍ୟାପକ ସୁନୀଲ କୁମାର ରଥ ସଂଯୋଜନା କରିଥିଲେ।

ସନାତନ ଧର୍ମର ଅଧ୍ୟାତ୍ମଚିନ୍ତନରେ ମୁଖ୍ୟତଃ ଦୁଇଟି ଧାରା ନିଗମ ଏବଂ ଆଗମ ପ୍ରଚଳିତ। ନିଗମର ଅର୍ଥ ବେଦ ହୋଇଥିବା ବେଳେ ଆଗମର ଅର୍ଥ ତନ୍ତ୍ର। ପ୍ରଧାନତଃ ତନ୍ତ୍ରର ତିନୋଟି ବିଭାଗ ବ୍ରାହ୍ମଣ ତନ୍ତ୍ର, ବୌଦ୍ଧ ତନ୍ତ୍ର ଓ ଜୈନ୍ୟ ତନ୍ତ୍ର ରହିଛି। ବ୍ରାହ୍ମଣ ତନ୍ତ୍ର ତ୍ରିବିଧ। ସେଗୁଡ଼ିକ ହେଲା ବୈଷ୍ଣବାଗମ, ଶୈବାଗମ ଓ ଶାକ୍ତାଗମ। ଶ୍ରୀକ୍ଷେତ୍ରରେ ତିନି ଆଗମର ସମନ୍ୱୟ ହେଲେ ସୁଦ୍ଧା ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ବିଧିରେ ଉପାସିତ ହୁଅନ୍ତି। ପାଞ୍ଚରାତ୍ର ଉପାସନାରେ ବ୍ରହ୍ମଙ୍କର ପାଞ୍ଚ ରୂପ ହେଲେ ପର, ବ୍ୟୂହ, ବିଭବ, ଅନ୍ତର୍ଯ୍ୟାମୀ ଓ ଅର୍ଚ୍ଚା। ଜୀବମାନଙ୍କୁ ଅନୁଗ୍ରହ କରିବା ପାଇଁ ଷଡ୍ ବିଗ୍ରହ ଛଅଟି ଗୁଣର ପ୍ରତୀକ ଭାବେ ଉପାସିତ ହୁଅନ୍ତି। ଜ୍ଞାନସ୍ୱରୂପ ଶ୍ରୀଜଗନ୍ନାଥ, ଶକ୍ତିସ୍ୱରୂପା ଦେବୀ ସୁଭଦ୍ରା, ବଳସ୍ୱରୂପା ଶ୍ରୀବଳଭଦ୍ର, ଐଶ୍ୱର୍ଯ୍ୟସ୍ୱରୂପା ଶ୍ରୀଦେବୀ, ବୀର୍ଯ୍ୟସ୍ୱରୂପା ଭୂଦେବୀ ଏବଂ ତେଜସ୍ୱରୂପା ଶ୍ରୀସୁଦର୍ଶନ। ଶୈବାଗମ ଶାସ୍ତ୍ରମାନଙ୍କରେ ଶ୍ରୀଜଗନ୍ନାଥ ମହାଭୈରବ। ମହାନିର୍ବାଣ ତନ୍ତ୍ରରେ ସୁଭଦ୍ରାଙ୍କୁ ଭୁବନେଶ୍ୱରୀ କୁହାଯାଇଛି। ଶାକ୍ତ ତନ୍ତ୍ରର ପ୍ରଭାବରେ ଶ୍ରୀଜଗନ୍ନାଥ ଦକ୍ଷିଣକାଳିକା, ଶ୍ରୀବଳଭଦ୍ର ତାରା, ଶ୍ରୀସୁଦର୍ଶନ ଷୋଡଶୀ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ଏବଂ ରତ୍ନସିଂହାସନକୁ ଶ୍ରୀଯନ୍ତ୍ର ରୂପେ ଉଲ୍ଲେଖ କରାଯାଇଛି। ଯନ୍ତ୍ର ହେଉଛି ତନ୍ତ୍ରର ଶରୀର ଏବଂ ମନ୍ତ୍ର ହେଲା ତନ୍ତ୍ରର ଆତ୍ମା। ଶ୍ରୀଜଗନ୍ନାଥ ତତ୍ତ୍ୱ ରୂପକ ମହାଦ୍ରୁମର ବିଭିନ୍ନ ଶାଖା ପ୍ରଶାଖା ବୈଷ୍ଣବ, ଶାକ୍ତ, ଶୈବାଦୀ ସମ୍ପ୍ରଦାୟ ଅଟନ୍ତି। ପ୍ରତ୍ୟେକ ସମ୍ପ୍ରଦାୟର ନିଜସ୍ୱ ତନ୍ତ୍ର ସଂହିତା ରହିଛି ବୋଲି ଏଥିରେ ଆଲୋଚନା କରାଯାଇଥିଲା।

ଏଥିରେ ଡ. ଉମେଶ ଚନ୍ଦ୍ର ତିନ୍ନାରା, ଇଂ. ବଳଦେବ ସିଂହାରୀ, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଡ. ନୃସିଂହ ଚରଣ ସାହୁ, ଡ. ନୃସିଂହ ଗୁରୁ, ଡ. ବିଜୟ ନାରାୟଣ ରାମାନୁଜଦାସ, ରାଜକୃଷ୍ଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଡ. ଭାସ୍କର ମିଶ୍ର, ଡ. କଲ୍ୟାଣୀ ନନ୍ଦୀ, ଅଧାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଏକତା ହେଉଛି ଭାରତର ପରିଚୟ

**ପୁରୀ ଅଫିସ, ୨୩।୯**

ଏକତା ହେଉଛି ଭାରତର ପରିଚୟ। ଆମେ କାହାରି ଉପରେ ଭାର ହେବାକୁ ନୁହେଁ ବରଂ କାନ୍ଧରେ କାନ୍ଧ ମିଳାଇ ଚାଲିବା ଉପରେ ବିଶ୍ୱାସ କରୁ। ଭାରତ ସର୍ବଦା ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇ ଆସିଛି। ଗୋଟିଏ ରାଷ୍ଟ୍ରର ସଂସ୍କୃତି, ତା'ର ସମୃଦ୍ଧି ଏବଂ ସମ୍ପନ୍ନତା ହିଁ ରାଷ୍ଟ୍ରୀୟତାର ମାପକାଠି। ଭାରତ ହେଉଛି ଯୁବକମାନଙ୍କ ଦେଶ। ଯୁବଶକ୍ତି ହେଉଛି ରାଷ୍ଟ୍ରଶକ୍ତି ବୋଲି ସିକାଗୋ ବିଶ୍ୱ ଧର୍ମ ମହାସଭା(୧୮୯୩ ସେପ୍ଟେମ୍ବର ୧୧)ରେ ସ୍ୱାମୀ ବିବେକାନନ୍ଦଙ୍କ ଐତିହାସିକ ପ୍ରବଚନର ୧୨୫ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ରାମକୃଷ୍ଣ ମିଶନ ପକ୍ଷରୁ ମିଶନ ପରିସରରେ ରବିବାର ଆୟୋଜିତ ଯୁବ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି ଭାଜପା ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ।

ମିଶନର ସମ୍ପାଦକ ସ୍ୱାମୀ ଆପ୍ତେଶ୍ୱରାତ୍ମାନନ୍ଦ ମହାରାଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀକୁ ରାୟଗଡା ଜିଲା ହାଟମୁନିଗୁଡା ରାମକୃଷ୍ଣ ମିଶନ ଆଶ୍ରମର ସମ୍ପାଦକ ସ୍ୱାମୀ ଗୀତାତ୍ମାନନ୍ଦଜୀ ମହାରାଜ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱାମିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ପ୍ରଶାସନିକ ଅଧିକାରୀ ଜୟଶ୍ରୀ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାମିଜୀଙ୍କ ନୀତି ଆଦର୍ଶକୁ ଅନୁକରଣ କରିବା ଲାଗି ଉଦ୍‌ବୋଧନ ଦେଇଥିଲେ। ସଭାପତିତ୍ୱରେ ଭାଷଣରେ ମିଶନ ସମ୍ପାଦକ ଆପ୍ତେଶ୍ୱରାତ୍ମାନନ୍ଦଜୀ ସିକାଗୋ ସମ୍ମିଳନୀର ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ଶୁଦ୍ଧାନନ୍ଦ ଗିରି, ସ୍ୱାମୀ ଗୋପାଳତ୍ମାନନ୍ଦ, ସ୍ୱାମୀ ପରମାତ୍ମାନନ୍ଦଜୀ ମହାରାଜ, ଅଧାପିକା ଇନ୍ଦିରା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ରାମକୃଷ୍ଣ ମିଶନ ଆଶ୍ରମ ପରିସରରେ ଯୁବ ସମ୍ମିଳନୀ।

# ସୁଖମୟ ସମାଜ ସ୍ଥାପନରେ ସମାଜସେବୀଙ୍କ ଭୂମିକା





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

**ପୁରୀ ଅଫିସ, ୨୩।୯**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବଳିଆପଣ୍ଡା ସ୍ଥିତ ସାଧନା କେନ୍ଦ୍ରଠାରେ ରବିବାର ସୁଖମୟ ସମାଜ ସ୍ଥାପନରେ ସମାଜସେବୀଙ୍କ ଭୂମିକା ଶୀର୍ଷକ ଏକ ରାଷ୍ଟ୍ରୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ସ୍ୱାମୀ ସମର୍ପଣାନନ୍ଦ ଗିରିଜୀ ମହାରାଜ ସେବାର ପ୍ରକାର ଭେଦ, ସେବକର ମନୋଭାବ, ଓ ନିଃସ୍ୱାର୍ଥ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ସାମାଜିକ ସୁରକ୍ଷା ବିଭାଗର ପ୍ରମୁଖ ସଚିବ ନିତେନ ଚନ୍ଦ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଶାଦ୍ରବ୍ୟ ସେବନର ଭୟାବହତା ସମ୍ପର୍କରେ ଆଲେକପାତ କରିଥିଲେ। ମାଉଣ୍ଟ ଆବୁ ସମାଜସେବା ବିଭାଗର ଉପାଧକ୍ଷ ରାଜଯୋଗୀ ଅମୀର ଚନ୍ଦ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ଓ ସମାଜସେବୀଙ୍କ ଭୂମିକା ଶୀର୍ଷକରେ କହିଥିଲେ। ଡ. ଦେବବ୍ରତ ସ୍ୱାଇଁ, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ନଗରପାଳ ଜୟନ୍ତ ଷଡ଼ଙ୍ଗୀ, ଶ୍ରୀମନ୍ଦିର ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସ, ଇଶୋପନ୍ଥୀ ଆଶ୍ରମର ଫାଦର ବାପ୍ଟିଷ୍ଟ ଡି'ସୌଜା, ରାଜଯୋଗିନୀ ବିଜୟା ଗୁଲବର୍ଗା, ରାଜଯୋଗିନୀ ଆଶା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ ସାମାଜିକ କର୍ମୀ ଯୋଗଦାନ କରିଥିଲେ। ସାଧନା କେନ୍ଦ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ, ବ୍ରହ୍ମାକୁମାରୀ ଡ. ନିରୁପମା ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର: ୭୧ ୟୁନିଟ୍ ରକ୍ତ ସଂଗ୍ରହ

**ବ୍ରହ୍ମପୁର ଅଫିସ,୨୩।୯**

ବ୍ରହ୍ମପୁର ଟେଣ୍ଟ ଓ ସପ୍ଲାୟର୍ସ ମାଲିକ ୱେଲ୍‌ଫେୟାର ଆସୋସିଏଶନ ପକ୍ଷରୁ ରବିବାର ତୃତୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ହିଲପାଟଣାସ୍ଥ ବିଜୁ ପଟ୍ଟନାୟକ ସାଂସ୍କୃତିକ ଭବନରେ ହୋଇଥିବା ଶିବିରରେ ୭୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ମେୟର କେ. ମାଧବୀ, ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ଯୁବନେତା ବିକ୍ରମ ପଣ୍ଡା ସମ୍ମାନିତ ଅତିଥି ଥିଲେ।

## ରାସ୍ତାକଡ଼ର ଜୀବନ ଉପବାସ ରୁହନ୍ତି, ହାତ ପତାନ୍ତି ନାହିଁ

**ଖୋର୍ଦ୍ଧା ଅଫିସ,୨୩।୯:** ଫୁଙ୍ଗୁଳା ଦେହ। ନୁଖୁରା ବାଳ। ବୟସ ୮୦ରୁ ଊର୍ଦ୍ଧ୍ୱ। ଆଖିକୁ ଭଲ ଭାବେ ଦିଶୁନି। ଚାଲିବାକୁ ଦେହରେ ବଳ ନାହିଁ। ନାରୁଣୀଠାରୁ ହରିକୁଣ୍ଡ ବରଡିହ ୧୬ ନଂ. ଜାତୀୟ ରାଜପଥରେ ପ୍ରାୟ ୮ ଦିନ ହେବ ଏହି ଅପରିଚିତ ବୃଦ୍ଧଙ୍କୁ ଦେଖିବାକୁ ମିଳୁଛି। ପରିଚୟ ପଚାରିଲେ ମୁରୁକି ହସି କିଛି କୁହନ୍ତି ନାହିଁ। ହେଲେ ଏହି ବୃଦ୍ଧ ଜଣଙ୍କ ଉପବାସ ରହି ଯାଉଛନ୍ତି ପଛେ ଭିକ୍ଷା କରି ପେଟ ପୋଷୁ ନାହାନ୍ତି। ଯଦି କେହି ସହୃଦୟ ବ୍ୟକ୍ତିଙ୍କ ନଜର ନ ପଡେ ବୃଦ୍ଧ ଜଣକ ଉପବାସରେ ରହି ଯାଉଛନ୍ତି। ଏଭଳିସ୍ଥଳେ ହରିକୁଣ୍ଡ ବରଡିହ ଗାଁର ରବୀନ୍ଦ୍ର ପ୍ରଧାନ ଶୁକ୍ରବାର ବୃଦ୍ଧଙ୍କୁ ଘର ବାରଣ୍ଡାକୁ ଡାକି ନେଇ ଓଦା ଗାମୁଛାରେ ପୋଛି ପକାଇଥିଲେ। ପରେ ଖାଇବାକୁ ଦେଇଥିଲେ। ଠିକଣା ଓ ଘରର ହାଲଚାଲ ପଚାରିବା ବେଳକୁ ହସି ଦେଇ ସେଇ ରାସ୍ତା କଡକୁ ଚାଲି ଯାଇଥିଲେ। କେହି କେହି ଅପରିଚିତ ବୃଦ୍ଧଙ୍କ ମସ୍ତିଷ୍କ ବିକୃତ ହୋଇଯାଇଛି ବୋଲି କହୁଥିବାବେଳେ ଆଉ କେହି ଲୋକଲଜ୍ଜାରେ ମୁହଁ ଖୋଲୁ ନ ଥାଇପାରନ୍ତି ବୋଲି କହୁଛନ୍ତି। ସେ ଯାହା ହେଉ ରାସ୍ତାକଡରେ ଜୀବନ ବିତାଉଥିବା ଏହି ବୃଦ୍ଧଙ୍କୁ ଉଦ୍ଧାର କରାଯାଇ କୌଣସି ବୃଦ୍ଧାଶ୍ରମରେ ରଖାଇବାର ବ୍ୟବସ୍ଥା କରିବାକୁ ସାଧାରଣରେ ମତପ୍ରକାଶ ପାଉଛି। ହେଲେ ଏଯାବତ୍ ସମ୍ପୃକ୍ତ ଅପରିଚିତ ବୃଦ୍ଧଙ୍କ ଉପରେ କାହାର ନଜର ପଡୁନି। ସରକାର ବରିଷ୍ଠ ନାଗରିକଙ୍କ ପାଇଁ ଚିନ୍ତିତ ଥିବାବେଳେ ରାସ୍ତକଡର ଏହି ନାଗରିକଙ୍କ ପାଇଁ କାହିଁକି କାହାର ଆନ୍ତରିକତା ନାହିଁ ତାହା ବୁଝାପଡୁନି।

## ଜଳିଗଲା କାର୍: ବର୍ତ୍ତିଲେ ଭଉଣୀଭାଇ

**ଖୋର୍ଦ୍ଧା ଅଫିସ/ଜଟଣୀ,୨୩।୯(ଡି.ଏନ.ଏ.)**

କୋଲକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଗଙ୍ଗପଡା ନିକଟରେ ନଂ. ଓଡି ୩୩ ସି ୩୬୭୩ କାର ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ଜଳିଯାଇଛି। କାର ଜଳିବାର କାରଣ ଜଣାପଡିନି। କାରରେ ଥିବା ଭୁବନେଶ୍ୱର ଚନ୍ଦ୍ରଶେଖରପୁର ବିଡିଏ କଲୋନୀର ଭଉଣୀ ମଞ୍ଜୁବାଣୀ ଓ ଭାଇ ଟି. କ୍ରୀଷ୍ଣା ବର୍ତ୍ତି ଯାଇଛନ୍ତି। ଖବରପାଇ ଜଟଣୀ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜଟଣୀ ଥାନା ଯାଁଳା ଫାଣ୍ଡି ପୋଲିସ ପହଞ୍ଚି କାରଟିକୁ ନିଜ ହେପାଜତକୁ ନେଇଛନ୍ତି। ଭଉଣୀଭାଇ ବ୍ରହ୍ମପୁରରୁ ଫେରୁଥିଲେ। ପୁଅ କାର ଚଳାଉଥିଲେ। ଗଙ୍ଗପଡାର ଏକ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ପକାଇ ଜାତୀୟ ରାଜପଥରେ ଯାଉଥିବା ବେଳେ ଅଘଟଣ ଘଟିଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

**ନୟାଗଡ଼ ଅଫିସ,୨୩।୯**

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମାଆମାନଙ୍କ ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରିଥିଲେ। ଚନ୍ଦ୍ରଭାନୁ ବରାଡ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁଗଠନରେ ମାଆର ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମାଆମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପରେ ବିଜେତା ଓ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ପରିଚାଳନା ସମିତି କର୍ମକର୍ତ୍ତା ଓ ସମସ୍ତ ଗୁରୁମାଗୁରୁଜୀଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟ ପରିଚାଳନା କରାଯାଇଥିଲା। ଶେଷରେ ବିଦ୍ୟାଳୟର ଉପସଭାପତି ନମିତା କୁମାରୀ ନାୟକ ଧନ୍ୟବାଦ ଦେଇଥିଲେ।



ମାତୃ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

# ଆଧୁନିକ ଯନ୍ତ୍ର ପ୍ରଭାବରେ କ୍ଷୀଣ ହେଉଛି ହୁଳହୁଳି ସ୍ୱର

**ଖଣ୍ଡପଡା,୨୩।୯(ସ୍ୱ.ପ୍ର.)**

ଖଣ୍ଡପଡା ଓ ଏହାର ଆଖପାଖ କଣ୍ଟିଲୋ, ଖଲିସାହି, ମର୍ଦ୍ଦରାଜପୁର, କୋସକା, କିଆଝର, ଜଗନ୍ନାଥପ୍ରସାଦ, ବେଣାଗାଡିଆ, ବାଣପୁର, ସିଧାମୂଳା, ପଥରଚକଡା, ମଙ୍ଗଳପୁର ଆଦି ଅଞ୍ଚଳରେ ଚଳିତମାସ ୨ ତାରିଖଠାରୁ ଆରମ୍ଭ ହୋଇଥିବା ଖୁଦୁରୁକୁଣୀ ଓଷା ରବିବାର ୪ର୍ଥ ପାଳିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପୂଜାମଣ୍ଡପଗୁଡିକ ରଙ୍ଗବେରଙ୍ଗ ଆଲୋକରେ ସଜ୍ଜିତ ହୋଇଥିବା ଦେଖିବାକୁ ମିଳିଥିଲା। ହେଲେ ଆଧୁନିକ ଯନ୍ତ୍ର ସଙ୍ଗୀତ ପ୍ରଭାବରେ ଏବେ ଏହି ଓଷା ପାଳନ ସମୟରେ ଓଷେଇତୁଣୀଙ୍କ ହୁଳହୁଳି ସ୍ୱର ମଉଳିଯାଇଥିବା ପରିଲକ୍ଷିତ ହୋଇଥିଲା।

ଓଡିଆ ଘରର ଝିଅ ଖୁଦୁରୁକୁଣୀ ଓଷାରେ ଉପବାସ ରହି ମା'ମଙ୍ଗଳାଙ୍କୁ ସୁମରଣା କରିଥାଏ ଭାଇମାନଙ୍କ ମଙ୍ଗଳ ପାଇଁ। ନାନା ମାନସିକ କରି ଝିଅଟି ଯୁବତୀ ହେବାଯାଏ ଏହି ଓଷା ପାଳିଥାଏ। ରବିବାର ସକାଳୁ ବିଭିନ୍ନ ସାହିର ଯୁବତୀମାନେ ଫୁଲ ତୋଳିବା ପରେ ନଦୀ ବା ପୋଖରୀ ତୁଠକୁ ଯାଇଥିଲେ। ମା'ମଙ୍ଗଳାଙ୍କୁ ସୁମରଣା କରି ଓଦା ପରିଧାନରେ ତୁଠରେ ବାଲୁକା ଥାପି ଗୀତ ବୋଲି ପୂଜା କରିଥିଲେ। ପୂଜା ସମୟରେ ଅନେକ କିଶୋରୀ ବୟସର ଝିଅ ଥରିଥରି ତୁଣ୍ଡରେ ହୁଳହୁଳି ପକାଇଥିଲେ। ଖାଲି ଖୁଦୁରୁକୁଣୀ କାହିଁକି କୁଆଁର ପୁନେଇଁଠାରୁ ଆରମ୍ଭ କରି ଓଡିଆ ଘରର ନାନା ପର୍ବ ପର୍ବାଣିରେ ବୟସ୍କା ମହିଳାଙ୍କୁ ଅନୁକରଣ କରି ଝିଅମାନେ ହୁଳହୁଳି ପକାଇବା ଶିଖିଥାନ୍ତି। ହୁଳହୁଳି ପକାଇବା ପାଇଁ ଘରର ମା', ଭଉଣୀ କିମ୍ବା ଅପାମାନେ ତାଗିଦ କରିଥାନ୍ତି । ହେଲେ ଏବେ ଆଧୁନିକତା ଛାପରେ ଯୁବତୀମାନେ ହୁଳହୁଳି ପକାଇବା ଭୁଲି ଗଲେଣି। ଅପରପକ୍ଷରେ ବିଭିନ୍ନ ପର୍ବପର୍ବାଣିରେ ଏବେ ପ୍ରତିଯୋଗିତା ମୂଳକ ଆଧୁନିକ ଯନ୍ତ୍ର ସଙ୍ଗୀତ ବଜାଇବା ସହିତ ଆଖି ଝଲସିବା ପରି ଆଲୋକ ସଜ୍ଜା ପୂଜା ପାର୍ବଣର ପରମ୍ପରାକୁ ବିକୃତ କରିଦେଉଛି। ଫଳରେ ଆଜିର ଝିଅମାନେ ହୁଳହୁଳି ପକାଇବା ପଦ୍ଧତିକୁ ପାସୋରି ଦେଉଥିବା ଜଣାପଡିଛି । ଶେଷ ପାଳି ଅବସରରେ ଖୁଦୁରୁକୁଣୀ ଓଷା କୋଠିରେ ଝିଅମାନେ ଏକାଠି ହୋଇ ଓଷା ବହି ପଢିବା ବେଳେ ବହିର ବର୍ଣ୍ଣନା ଅନୁସାରେ ବାରମ୍ବାର ହୁଳହୁଳି ପକାଇଥିଲେ। ବୋଧହୁଏ ଏହିଠାରୁହିଁ ବୟସ୍କା ମହିଳାଙ୍କଠାରୁ ଯୁବତୀ ଓ କିଶୋରୀମାନେ ହୁଳହୁଳି ପକାଇବା ଶିଖିଥାନ୍ତି । ଘର ଭିତରେ ଓଷା ବ୍ରତରେ ହୁଳହୁଳି ନ ପଡିଲେ ତାହା ଓଷା ବ୍ରତ ପରି ଲାଗେ ନାହିଁ। ନାରୀ ମଥାରେ ସିନ୍ଦୂର ପରି ମହିଳାଙ୍କ ତୁଣ୍ଡରେ ହୁଳହୁଳି ପତିବ୍ରତା ଓ ପବିତ୍ରତାର ସୂଚନା ଦେଇଥାଏ। ହୁଳହୁଳି ସାମାଜିକ ଚଳଣିର ଏକ ଅଂଶ ହୋଇଥିବା ନେଇ ଧର୍ମ ସାହିତ୍ୟରେ ଯଥେଷ୍ଟ ଉଦାହରଣ ରହିଛି । ସନ୍ଧ୍ୟାରେ ପାରମ୍ପରିକ ବିଧି ଅନୁଯାୟୀ ଯୁବତୀମାନେ ଭୋଗଥାଳି ଧରି ପୂଜା ସ୍ଥଳରେ ସମବେତ ହୋଇଥିଲେ। ଖୁଦୁରୁକୁଣୀ ବହି ପଢିବା ମଧ୍ୟରେ ପୂଜା ମଣ୍ଡପ ସମ୍ମୁଖରେ ଦିହୁଡୀ ଜଳାଇ ଝୁଣା ମାରିବା ଦୃଶ୍ୟ ମୁଖ୍ୟ ଆକର୍ଷଣ ଥିଲା। କିମ୍ବଦନ୍ତୀ ଅନୁଯାୟୀ ସାଧବ ଲଳନା ତଅପୋଇ ଖୁଦୁରୁକୁଣୀ ଓଷା କରି ଭାଇମାନଙ୍କୁ ଫେରିପାଇଥିଲେ। ସେହି ଦିନଠାରୁ ଏହି ଓଷା ପାଳିତ ହୋଇ ଆସୁଛି।

**ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ**



ଯୁବତୀ ଓ ମହିଳାମାନେ ଖୁଦୁରୁକୁଣୀ ପୂଜା କରୁଛନ୍ତି।

## ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ମିଳିବନି ଜରୁରିକାଳୀନ ସେବା

**ବେଗୁନିଆ,୨୩।୯ (ଡି.ଏନ.ଏ.)**

ବେଗୁନିଆରେ ଅଗ୍ନିଶମ କର୍ମଚାରୀଙ୍କ ପକ୍ଷରୁ ସୋମବାରଠାରୁ ମିଳିବନି ଜରୁରିକାଳୀନ ସେବା। ସେମାନେ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିବେ। ସେମାନେ ବିଭିନ୍ନ ଦାବି ନେଇ ପୂର୍ବରୁ ସରକାରଙ୍କ ପାଖରେ ଉପସ୍ଥାପନା କରିଥିଲେ। ହେଲେ ସେମାନଙ୍କୁ ଅଣଦେଖା କରାଯାଇଥିବାରୁ ୬ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମାତ୍ର ସେମାନେ ଯଦି ଆନ୍ଦୋଳନ ଜାରି ରଖିବେ ତେବେ ଜରୁରିକାଳୀନ ସେବାରୁ ସ୍ଥାନୀୟ ଲୋକେ ବଞ୍ଚିତ ହେବେ। ତେବେ ସରକାର ଆମ ଦାବିକୁ ସ୍ଥିର ଚିନ୍ତାଧାରାରେ ଆଗେଇ ନେବା ନିହାତି ଆବଶ୍ୟକ ବୋଲି ଅଗ୍ନିଶମ କର୍ମଚାରୀମାନଙ୍କ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମୃତଦେହ ଉଦ୍ଧାର

ଫୁଲବାଣୀ ଅଫିସ, ୨୩।୯-ଫୁଲବାଣୀସ୍ଥିତ ସାଲୁଙ୍କୀ ନଦୀରୁ ରବିବାର ଟାଉନ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି । ସେ ହେଲେ ଟିକାବାଲିର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରେମାନନ୍ଦ ଦିଗାଲ (୫୫)। ସେ ଏକ ଭିଜିଲାନ୍ସ ମାମଲାରେ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ଚାକିରିରୁ ବହିଷ୍କୃତ ହୋଇଥିଲେ। ସୂଚନା ଅନୁସାରେ ଫୁଲବାଣୀ ସହର ଉପକଣ୍ଠ ପଟାବାଲି ସାହି ନିକଟ ସାଲୁଙ୍କୀ ନଦୀରେ ଏକ ମୃତଦେହ ଭାସୁଥିବା କିଛି ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳକୁ ଯାଇ ମୃତଦେହକୁ ଉଦ୍ଧାର କରିଥିଲେ। ହେଲେ ପରିଚୟ ମିଳି ନ ଥିଲା । ପୋଲିସ ତଦନ୍ତ ପରେ ତାଙ୍କ ଠିକଣା ଜଣା ପଡିଥିଲା । ଏ ନେଇ ଟାଉନ ଥାନାରେ ନଂ.୫୫/୧୮ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନାଧିକାରୀ ସତ୍ୟବ୍ରତ ରାଉତ କହିଛନ୍ତି।

### ୨ ନାବାଳକଙ୍କୁ ଜୁଭେନାଇଲ କୋର୍ଟ ପଠାଗଲା

**ଜି.ଉଦୟଗିରି,୨୩।୯(ଡି.ଏନ.ଏ.):** ଜି.ଉଦୟଗିରି ସହରରେ ମୋବାଇଲ ଚୋରି ଘଟଣାରେ ପୋଲିସ ୨ ନାବାଳକଙ୍କଠାରୁ ୮ ଦାମି ମୋବାଇଲ ଫୋନ୍ ସହ ବହୁ ଉପକରଣ ଜବତ କରି ସେମାନଙ୍କୁ ଫୁଲବାଣୀ ଜୁଭେନାଇଲ କୋର୍ଟକୁ ରବିବାର ପଠାଇଛି। ଜି.ଉଦୟଗିରି ସହରର ଏକ ମୋବାଇଲ ଦୋକାନରୁ ୫ ତାରିଖ ରାତିରେ ମୋବାଇଲ ଚୋରି ହୋଇଥିଲା। ଜି.ଉଦୟଗିରି ପୋଲିସ ଥାନା କେସ୍ ନଂ. ୪୭/୧୮ ଅନୁଯାୟୀ ଘଟଣାର ତଦନ୍ତ ଚଳାଇଥିଲା ।

### କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଶଙ୍କରାଖୋଲ,୨୩।୯(ଡି.ଏନ୍.ଏ.):** ଶଙ୍କରାଖୋଲ ନିକଟ ଫୁଲବାଣୀ ବ୍ଲକ ଗୁମାଗଡର ଏକ କୂଅରୁ ଜଣେ ଯୁବକଙ୍କ ମୃତଦେହ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ସେ ହେଲେ ଦେହୁରୀସାହିର ଉମେଶ ବିଶ୍ୱାଳ (୩୨)। ସେ କିଭଳି କୂଅରେ ପଡିଲେ ସେ ନେଇ ସ୍ପଷ୍ଟ ଜଣାପଡିନାହିଁ।

### ବଳାତ୍କାର ଉଦ୍ୟମ ଅଭିଯୋଗ, ବାଳସୁଧାର ଗୃହ ଗଲେ ନାବାଳକ

**ଶଙ୍କରାଖୋଲ,୨୩।୯(ଡି.ଏନ୍.ଏ.):** ଚକାପାଦ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ତାଙ୍କ ସମ୍ପର୍କୀୟ ନାବାଳକ ଭାଇଙ୍କୁ ଚକାପାଦ ପୋଲିସ ରବିବାର ବାଳସୁଧାର ଗୃହକୁ ପଠାଇଛି। ଉଭୟଙ୍କ ଡାକ୍ତରୀମାଇନା ପରେ ଫୁଲବାଣୀ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ନିକଟରେ ହାଜର କରାଯାଇଥିଲା। ପରେ ନାବାଳକଙ୍କୁ ବ୍ରହ୍ମପୁର ବାଳସୁଧାର ଗୃହକୁ ପଠାଇ ଦିଆଯାଇଥିବା ଆଇଆଇସି ସତ୍ୟଭାମା ବେହେରା କହିଛନ୍ତି। ପ୍ରକାଶ ଯେ, ନାବାଳିକା ଜଣକ ପୋଖରିକୁ ଗାଧୋଇ ଯାଇଥିବାବେଳେ ସମ୍ପୃକ୍ତ ନାବାଳକ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ ପାଟି କରିବାରୁ ପାଟି ଶୁଣି ତାଙ୍କ ଭାଉଜ ପୋଖରି ନିକଟରେ ପହଞ୍ଚି ଯିବାରୁ ନାବାଳକ ଦୌଡି ପଳାଇଥିଲେ। ଗ୍ରାମରେ ବୈଠକ ପରେ କୌଣସି ସମାଧାନ ନ ହେବାରୁ ନାବାଳିକା ଜଣକ ଚକାପାଦ ଥାନାରେ ଅଭିଯୋଗ କରିବାରୁ ପୋଲିସ ନଂ.୨୬/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଅବ୍ୟବସ୍ଥାରେ ଅଗ୍ନିଶମ କାର୍ଯ୍ୟାଳୟ

**ଦାରିଙ୍ଗବାଡ଼ି,୨୩।୯(ଡି.ଏନ.ଏ.)**


ଦାରିଙ୍ଗବାଡ଼ିରେ ଥିବା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ।

ଦୁର୍ଘଟଣା ହେଉକି ରାସ୍ତାରେ ଗଛ ପଡ଼ି ଅବରୋଧ ହେଉ, କିମ୍ବା ନିଆଁ ଲାଗିଲେ ଖୋଜାପଡନ୍ତି ଅଗ୍ନିଶମ ବିଭାଗ କର୍ମଚାରୀ। ଲୋକଙ୍କୁ ଉତ୍ତମ ସେବା ଯୋଗାଉଥିବା କର୍ମଚାରୀଙ୍କୁ ମୌଳିକ ସୁବିଧା ଉପଲବ୍ଧ ହେଉ ନ ଥିବା ଜଣାପଡ଼ିଛି। କନ୍ଧମାଳ ଜିଲା ଡବେରୀରେ ରହିଥିବା ଅଗ୍ନିଶମ ବିଭାଗରେ ପିଇବା ପାଣି ସହ ଟ୍ୟାଙ୍କରେ ନିଆଁ ଲିଭା ପାଇଁ ଆବଶ୍ୟକ ୨୫ ହଜାର ଲିଟର ପାଣି ମଧ ନାହିଁ । ବିଭାଗର ବ୍ୟାରେଜରେ ରହିଛି ଏକ ବୋରୱେଲ କିନ୍ତୁ, ମଟର ବାରମ୍ବାର ଅଚଳ ଯୋଗୁ ସମସ୍ୟା ଦେଖାଯାଇଛି। ବିଭାଗୀୟ କର୍ମଚାରୀମାନେ ଏକ ନଳକୂପ ଖୋଳିବା ପାଇଁ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ ସୁଦ୍ଧା ବିଳମ୍ବ ହେଉଛି। ସେହିପରି ଅଧିକାରୀ ପଦବୀ ଖାଲିପଡ଼ିଥିବା ବେଳେ ୨ ବର୍ଷ ହେଲା ଜଣେ ହାବିଲଦାର ଉକ୍ତ ଷ୍ଟେସନକୁ ପରିଚାଳନା କରଛନ୍ତି। ପାଚେରି କରାଯାଇ ନ ଥିବା ବେଳେ ଅସୁରକ୍ଷିତ ଅବସ୍ଥାରେ ଷ୍ଟେସନଟି ରହିଛି। ୨୦୧୬ ଅକ୍ଟୋବର ୩୧ରେ ଏହାର ଉଦ୍‌ଘାଟନ କରାଯାଇଥିଲା। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। କିନ୍ତୁ ବିଭାଗରେ ଲ୍ୟାଣ୍ଡ ଫୋନର ବ୍ୟବସ୍ଥା ଅଦ୍ୟାବଧି ହୋଇପାରିନାହିଁ। ଜରୁରୀ କାଳିନ ପରିସ୍ଥିତିରେ ଯୋଗାଯୋଗ କରିବା ସମ୍ଭବ ହେଉ ନ ଥିବା ବ୍ରାହ୍ମଣୀଗାଁ ସରପଞ୍ଚ ରମେଶ ମାଝି, କୁମ୍ଭାରୀଗାଁ ସରପଞ୍ଚ ସୁନାରସିଂ ମାଝି, କାଟିଙ୍ଗିଆ ସରପଞ୍ଚ କପିଳାସ ମଲ୍ଲିକ ପ୍ରମୁଖ କହିଛନ୍ତି। ସେହିପରି ଷ୍ଟେସନରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ କରାଯାଇ ନ ଥିବାରୁ ସମସ୍ତ କର୍ମଚାରୀ ବ୍ୟାରେଜରେ ରହୁଛନ୍ତି। ଉକ୍ତ ଷ୍ଟେସନରେ ୧୦ ଜଣ ଫାୟାରମ୍ୟାନ ରହିଥିବା ବେଳେ ଜଣଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଯାଇଛି। ସେହିପରି ଦୁଇଜଣ ଗାଡ଼ି ଚାଳକ ଏବଂ ଦୁଇଜଣ ହାବିଲଦାର ରହିଥିବାବେଳେ ସେଥିରୁ ସିନିୟର ହାବିଲଦାର ବିଦ୍ୟାଧର ସାମଲ ଷ୍ଟେସନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସାମଲଙ୍କ ସହ ଯୋଗାଯୋଗ କରାଯିବାରୁ ସମସ୍ତ ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀ ମାନେ ଜାଣିଛନ୍ତି। ସମସ୍ୟା ସମାଧାନ ହୋଇପାରିଲେ କର୍ମଚାରୀମାନେ ହଇରାଣ ହେବେ ନାହିଁ ବୋଲି କହିଛନ୍ତି।

## ୭ ୱାର୍ଡ ଆମ ଗାଁ, ଆମ ବିକାଶ ଯୋଜନାରୁ ବଞ୍ଚିତ
# ବିଡିଓଙ୍କୁ ଦାବିପତ୍ର ଦେଲେ ସମିତିସଭ୍ୟ


ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ସମିତିସଭ୍ୟାସଭ୍ୟ।

**ଖଜୁରିପଡା,୨୩।୯(ଡି.ଏନ୍.ଏ.)**

ଖଜୁରିପଡା ବ୍ଲକ ଦୂତିମେଣ୍ଡି ପଞ୍ଚାୟତ ୧୩ ଟି ୱାର୍ଡକୁ ନେଇ ଗଠିତ। ଏଥିରୁ ୭ଟି ୱାର୍ଡ (ୱାର୍ଡ ନଂ. ୧୦,୯,୮,୭,୬,୧୨,୧୫) କୁ ଆମଗାଁ ଆମ ବିକାଶ ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତାଲିକାରେ ସ୍ଥାନ ଦିଆଯାଇନଥିବାରୁ ୱାର୍ଡବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ଏହାର ତର୍ଜମା କରି ୱାର୍ଡବାସୀଙ୍କୁ ଉନ୍ନୟନ ଯୋଜନାରେ ସାମିଲ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏନେଇ ବିଡିଓ ରବିନାରାୟଣ ଜେଠୀଙ୍କୁ ୭ ୱାର୍ଡସଭ୍ୟ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପାତରଅନ୍ତର କରି ଆମକୁ ଏହି ଯୋଜନାରୁ ବଞ୍ଚିତ କରାଯାଇଛି ବୋଲି ବିଡିଓଙ୍କୁ ଅଭିଯୋଗ କରିଥିଲେ। ଦାବିପତ୍ର ପ୍ରଦାନବେଳେ ୱାର୍ଡ ସଭ୍ୟାସଭ୍ୟ ଜଜନୀ ଭୋଇ, ପଦ୍ମା ସେଠୀ, ସୁକମତୀ କହଁର, ସ୍ନେହଲତା ମଲିକ, ସୁମତୀ ମୁଖୀ, ତାପସ କୁମାର ଦଣ୍ଡୁଆ, ବସନ୍ତ କହଁର, ବିରଞ୍ଚି ମୁଖୀ ଉପସ୍ଥିତ ଥିଲେ। ଏନେଇ ବିଡିଓ କହିଛନ୍ତି, ସମସ୍ତ ପ୍ରକଳ୍ପର ତାଲିକା ମଗା ଯାଇଛି, ନିଶ୍ଚିତ ଭାବେ ସେହି ୱାର୍ଡକୁ ବିକାଶ ଯୋଜନାରେ ସାମିଲ କରାଯିବ।

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତାଲିମ ଶିବିର

**ଦାରିଙ୍ଗବାଡ଼ି,୨୩।୯(ଡି.ଏନ.ଏ.)**



ବୈଠକରେ ନାବାର୍ଡ଼ର ସିଜିଏମ୍ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଜାଗୃତି ସଭାଗୃହଠାରେ ଶୁକ୍ରବାର ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଏବଂ ଜେ.ଏଲ. ଜି ( ଜଏଣ୍ଟ ଲାଇବେଲିଟି ଗ୍ରୁପ୍) କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ଼ର ଚିଫ୍ ଜେନେରାଲ ମ୍ୟାନେଜର କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡ଼ର କନ୍ଧମାଳ ଜିଲା ଏଜିଏମ୍ ଶ୍ରୀବସ୍ତ ଲାଞ୍ଛନ ଦାସ, କଳ୍ପନା ପାଣିଗ୍ରାହୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବିଦେଶୀ ନାୟକ, ଗ୍ରୀନବାଡ଼ି ସମିତିସଭ୍ୟ ପ୍ରକାଶ ପ୍ରଧାନ, ଶରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ ଅତିଥି ପରିଚୟ ପ୍ରଦାନ ସହ ତାଲିମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଚିଫ୍ ଜେନେରାଲ ମ୍ୟାନେଜର ପାଣିଗ୍ରାହୀ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦାରିଙ୍ଗବାଡ଼ିରେ ଆମ୍ବ, ଲିଚୁ, ପନିପରିବା ଚାଷ କରି କୃଷକମାନେ ଲାଭବାନ ହୋଇପାରିଛନ୍ତି। ଏଥି ସହ ଅଞ୍ଚଳରେ ଏକ ପାହାଡ଼ି ପ୍ରଡ୍ୟୁସର ଗ୍ରୁପ କରାଯାଇଛି। ସେମାନଙ୍କ ମାଧ୍ୟମରେ କିଭଳି ଏହି ଉତ୍ପାଦିତ ଆମ୍ବ, ଲିଚୁ ଆଦି ବଜାରରେ ସୁଲଭ ଦରରେ ବିକ୍ରୀ ହୋଇପାରିବ ଏବଂ କୃଷକ ମାନଙ୍କ ନିକଟରେ ଉତ୍ତମ ମାନର ବିହନ, ସାର ପହଞ୍ଚିପାରିବ ସେନେଇ କୁହାଯାଇଥିଲା। ଏହା ଭିତରେ କିପରି ଦଲାଲ୍ ପଶି ନପାରିବେ ସେନେଇ ପରାମର୍ଶ ଦେଇଥିଲେ। ସେହିପରି ୧୯୯୨ ମସିହାରେ ନାବାର୍ଡ଼ ପ୍ରଥମେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଆରମ୍ଭ କରି ମହିଳା ମାନଙ୍କୁ ସ୍ୱରୋଜଗାର କରାଇପାରିଛି ସେ ସମ୍ପର୍କରେ କହିବା ସହ ଆଜି ମହିଳାମାନେ ଏକାଠି ହୋଇ ଗ୍ରୁପ୍ କରି ବିଭିନ୍ନ ଚାଷ ସମେତ ଶିଳ୍ପ ବ୍ୟବସାୟ କରିବାରୁ ତାଙ୍କର ବିକାଶ ହେବା ସହ ସାମାଜିକ ବିକାଶ ହୋଇପାରିଥିବା କହିଥିଲେ। ପରେ ଅତିଥି ମାନେ ଏକ କ୍ଷୁଦ୍ରଦାନା ଶସ୍ୟରେ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରକାର ପିଠା ସହ ପକୁଡ଼ି ଆଦିକୁ ଦେଖିବା ସହ ତାକୁ ଖାଇଥିଲେ। ଏବଂ କ୍ଷୁଦ୍ରଦାନା ଶସ୍ୟରେ ପ୍ରସ୍ତୁତ ସମସ୍ତ ପ୍ରକାର ପିଠା ଏବଂ ଲଡୁ ଆଦି ବିକ୍ରୀ ପାଇଁ ଏକ କେନ୍ଦ୍ର ଖୋଲାଯିବା ପାଇଁ ନାବାର୍ଡ଼ର ସିଜିଏମ୍ ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। ପରେ ୱାଡ଼ି କାର୍ଯ୍ୟକ୍ରମ ଚାଲିଥିବା କୃଷକ ମାନଙ୍କ ଜମିକୁ ଯାଇ ପରିଦର୍ଶନ କରିଥିଲେ।

## ଦଳୀୟ ସଂଗଠନକୁ ମଜଭୂତ କରିବାକୁ ଆହ୍ୱାନ

**ବାଲିଗୁଡ଼ା,୨୩।୯(ଡି.ଏନ୍.ଏ.)**

ନିର୍ବାଚନ ଯେତେ ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ସେତିକି ଉତ୍କଣ୍ଠା ବୃଦ୍ଧିପାଇବାରେ ଲାଗିଛି, ଏନେଇ ବିଜେଡି, ଭାଜପା ଓ କଂଗ୍ରେସ ଏହି ତିନି ଦଳର ଦଳୀୟ ସଂଗଠନ କାର୍ଯ୍ୟକ୍ରମ ମଧ୍ୟ ଦିନକୁ ଦିନ ପ୍ରତି ଗ୍ରାମାଞ୍ଚଳରେ ସଭା ସମିତିମାନେ ଆୟୋଜନ କରି ଜନସାଧାରଣଙ୍କୁ ଆକୃଷ୍ଟ କରିବା ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷିରେ କନ୍ଧମାଳ ଜିଲା ବାଲିଗୁଡ଼ା ନିକଟସ୍ଥ ସଲାଗୁଡ଼ାରେ ବ୍ଲକ୍ ବରିଷ୍ଠ କଂଗ୍ରେସ ନେତା ରାଜେନ୍ଦ୍ର ପାଳଙ୍କ ସଭାପତିତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କଂଗ୍ରେସ କମିଟି ଉପ ସଭାପତି ରବିଚନ୍ଦ୍ର ପାତ୍ର, ବାଲିଗୁଡ଼ାର ପୂର୍ବତନ ଜିଲା ପରିଷଦ ସଦସ୍ୟ ଶ୍ୟାମସୁନ୍ଦର ବିନ୍ଧାଣୀ, କଂଗ୍ରେସ କର୍ମୀ ଦୁର୍ଲଭ ପ୍ରଧାନ, ବିଜୟ ଚନ୍ଦ୍ର ପ୍ରଧାନ, ଜୟସେନ ପୂଜାରୀ, ଉପେନ୍ଦ୍ର ପ୍ରଧାନଙ୍କ ସମେତ ସାରଙ୍ଗଡ଼, ବଣ୍ଡଗୁଡ଼ା ଓ ଜିରିଡ଼ିକିଆ ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ଏହି ଅଞ୍ଚଳରେ କଂଗ୍ରେସର ଦଳୀୟ ସାଂଗଠନିକ ଗତିବିଧିକୁ ମଜବୁତ୍ କରିବା ଉପରେ ଆଲୋଚନା କରାଯାଇ ସମସ୍ତେ ଏକତ୍ରିତ ହେବାକୁ ମତ ପ୍ରକାଶ ପାଇଥିଲା।

## ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

**କୋଟଗଡ, ୨୩।୯(ଡି.ଏନ.ଏ.)**

କୋଟଗଡ ବ୍ଲକ ଦୁର୍ଗାପାଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟରୁ କିଛି ଦୂରରେ ଜଣେ ମହିଳାଙ୍କ ମୃତଦେହ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ରବିବାର ଉଦ୍ଧାର କରାଯାଇଛି। ପୋଲିସ ମୃତଦେହ ଜବତ କରିଥିଲେ ହେଁ ତାଙ୍କୁ ଚିହ୍ନଟ କରି ପାରିନାହିଁ। କେଉଁ ପରିସ୍ଥିତିରେ ମହିଳା ଜଣକ ଏଠାକୁ ଆସିଲେ, ସିଏ ଆତ୍ମହତ୍ୟା କରଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି ତାହା ତଦନ୍ତ ପରିସରଭୁକ୍ତ ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ ସୂଚନା ଦେଇଛି।

# ଦୁର୍ଗାପୂଜା କମିଟି ବୈଠକ, କର୍ମକର୍ତ୍ତା ଚୟନ

**ଦାରିଙ୍ଗବାଡ଼ି,୨୩।୯(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଦୁର୍ଗାପୂଜା କମିଟିର ବୈଠକ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଥମେ ଗତବର୍ଷର ହିସାବ କରାଯାଇଥିଲା। ପରେ ଏକ ନୂତନ କମିଟି ଗଠନ ପାଇଁ ପ୍ରସ୍ତାବ ଆସିଥିଲା। ସର୍ବସମ୍ମତିକ୍ରମେ ଏହା ଗୃହୀତ ହୋଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଜିତେନ୍ଦ୍ର କୁମାର ସାହୁ, ସମ୍ପାଦକ ଭାବେ କେ.ଶଙ୍କର ନାରାୟଣ ଆଚାରୀଙ୍କୁ ଚୟନ କରାଯାଇଥିଲା। ସେହିପରି କେଦାରନାଥ ସାହୁ କାର୍ଯ୍ୟକାରୀ ସଭାପତି, ଉପସଭାପତି ଭାବେ ପରମେଶ୍ୱର ପ୍ରଧାନ, ଏସ.ନାଗେଶ୍ୱର ପ୍ରଧାନ, ଗଣେଶ ଦଳବେହେରା ଓ ଆଲୋକ କୁମାର ସାହୁଙ୍କୁ ସହସମ୍ପାଦକ ଓ ଅଶୋକ କୁମାର ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ସେହିପରି ଉପଦେଷ୍ଟା କମିଟିରେ ସାଧୁ ନାୟକ, ସାଇବ ସାହୁ, ବିକ୍ରମ ନାୟକ, ନାଏବ ସରପଞ୍ଚ ମୋହନ ପ୍ରଧାନ, ମନୁ ଦିଗାଳ, ସତୀଶ ସାହୁ, ସୋରେନ ସାହୁ, ବିନୋଦ ସାହୁ, ଶିବାନନ୍ଦ ଚୌଧୁରୀ, ମନୋରଞ୍ଜନ ସାହୁ, ଚିତ୍ତ ପ୍ରଧାନ, ଶ୍ରୀନିବାସ ଚୌଧୁରୀ, ଅରୂପ ସାହୁ, ରମା ଦେହୁରୀ, କାର୍ତ୍ତିକ ଦେହୁରୀ, ଭାସ୍କର ପ୍ରଧାନୀ, ବିଦ୍ୟାଧର ସାହୁ, ରାଜୁ ସାହୁ,ଏସ.ସୁନିଲ କୁମାର ସୁବୁଦ୍ଧି, ଏ.ବାଲାଜୀ ପାତ୍ର, ରାଜା ପାତ୍ର, ପୀତାମ୍ବର ସାହୁ, ଅଜିତ ସାହୁ, ବାସୁଦେବ ସାହୁ, ରବିଶଙ୍କର ସାହୁ, ପ୍ରସନ୍ନ ସାହୁ, ବଳରାମ ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତା ଚଳିତ ବର୍ଷ ପୂଜାରେ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ପାଳନ କରିବାକୁ ଶପଥ ନେଇଥିଲେ। ଯୁଡ଼ାବାଡ଼ି, ଦଡ଼ିବାଡ଼ି, ବଜାର ସାହି, ବ୍ୟାଙ୍କ ସାହି, ସାରୁମାହା ଆଦି ଗ୍ରାମର ଲୋକ ବୈଠକରେ ଉପସ୍ଥିତ ଥିଲେ। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ, ତୋରଣ ସଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଶେଷରେ କମିଟି ସଦସ୍ୟ ତଥା ନାଏବ ସରପଞ୍ଚ ମୋହନ ପ୍ରଧାନ ଧନ୍ୟବାଦ ଜଣାଇଥିଲେ।


ବୈଠକରେ ଆଲୋଚନା ଚାଲିଛି।

# ଓଡିଶା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘର ଜିଲା ସମ୍ମିଳନୀ

**ଶେରଗଡ,୨୩।୯(ଡି.ଏନ୍.ଏ.)**


ମଞ୍ଚାସୀନ ଅତିଥିବୃନ୍ଦ।

ଶେରଗଡ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ରବିବାର ଓଡିଶା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖାର ୨୬ତମ ଜିଲା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ୨ଦିନିଆ ଏହି ସମ୍ମିଳନିର ପ୍ରଥମ ଦିନରେ ଗଞ୍ଜାମ ଜିଲା କର୍ମକର୍ତ୍ତା ଓ ରାଜ୍ୟ କର୍ମକର୍ତ୍ତାଙ୍କ ମିଳିତ ବୈଠକ ହୋଇଥିଲା। ରବିବାର ସାଙ୍ଗଠନିକ ଆଲୋଚନା ନେଇ ଗଞ୍ଜାମ ଜିଲା କୋଣ ଅନୁକୋଣରୁ ଆସିଥିବା ମାଧ୍ୟମିକ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମାଧ୍ୟମିକ କର୍ମଚାରୀ ସଂଘର କର୍ମଚାରୀଙ୍କ ଆରଏସିପି ପ୍ରଦାନ, ଉପଯୁକ୍ତ ସମୟରେ ପେନସେନ ବ୍ୟବସ୍ଥା, ପଦୋନ୍ନତିରେ ସଂଘର ସହାୟତା ନେଇ ଆଲୋଚନା ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଛତ୍ରପୁର ବିଇଓ ଅବିନାଶ ଶତପଥୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଭାନୁ ପାଢୀ, ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ସାବତ, ମୃତ୍ୟୁଞ୍ଜୟ ମିଶ୍ର, ଓଡିଶା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଡ. ସୁଧାକର ମିଶ୍ର, ରାଜ୍ୟ କାର୍ଯ୍ୟକାରୀ ସଭାପତି ମାୟାଧର ନାୟକ, ଜିଲା ସଂସ୍କୃତ ଶିକ୍ଷାର ଉପାଧକ୍ଷ ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ସଭାପତି ଏ. ସନ୍ୟାସ ରାଓଙ୍କ ସମେତ ବହୁ ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ।

## ଅଭିଯୁକ୍ତ ଗିରଫ

**ଗୋପାଳପୁର,୨୩।୯**

ୱାରେଣ୍ଟ ବଳରେ ଗୋଳନ୍ଥରା ଥାନା ପୋଲିସ ଫେରାର ଯୁବକଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଘଲଟି ଗ୍ରାମର କାଳିଆ ଗୌଡ଼। ୨୦୧୪ର ଏକ ଗଣ୍ଡଗୋଳ ଘଟଣାରେ କାଳିଆ କୋର୍ଟରେ ବିଚାରାଧୀନ ସମୟରେ ଅନୁପସ୍ଥିତ ରହୁଥିଲେ। ଏନେଇ ଜିଆର କେସ୍ ନଂ. ୨୮୪/୧୪ ରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ କୋର୍ଟ ୱାରେଣ୍ଟ ଜାରି କରିଥିଲେ। କାଳିଆ ଗ୍ରାମରେ ଥିବା ବେଳେ ରବିବାର ପୂର୍ବାହ୍ନରେ ପୋଲିସ ଚଢ଼ାଉ କରି ଗିରଫ କରିଥିଲା । ତାଙ୍କ ନାମରେ ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି ।

## ଖୁଣ୍ଟରୁ ପଡ଼ି ବିଦ୍ୟୁତ୍ କର୍ମଚାରୀ ଆହତ

**ଭଞ୍ଜନଗର,୨୩।୯(ଡି.ଏନ.ଏ.)**

ବିଦ୍ୟୁତ୍ ଖୁଣ୍ଟରୁ ଖସିପଡ଼ି ଭଞ୍ଜନଗର ସାଉଥିକୋର ଜଣେ କର୍ମଚାରୀ ରବିବାର ଆହତ ହୋଇଛନ୍ତି। ସେ ହେଲେ ଗଣେଶ ବେହେରା (୩୫)। ଭଞ୍ଜନଗର ମେଡ଼ିକାଲରେ ସେ ଚିକିତ୍ସିତ ହେଉଛନ୍ତି। ଗଣେଶ ଭଞ୍ଜନଗର ରଥସାହିରେ ଥିବା ଏକ ଖୁଣ୍ଟରେ ଚଢି ମରାମତି କରୁଥିବାବେଳେ ଖସି ପଡିଥିଲେ।

# ମୁଁ ହିରୋ, ମୁଁ ଓଡ଼ିଶା ରଥକୁ ସମ୍ବର୍ଦ୍ଧନା

**ସୋରଡ଼ା,୨୩।୯(ଡି.ଏନ୍.ଏ.)**

ମୁଁ ହିରୋ, ମୁଁ ଓଡିଶା ରଥ ରବିବାର ପୂର୍ବାହ୍ନରେ ସୋରଡ଼ାରେ ପହଞ୍ଚିଲା। ସୋରଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଉକ୍ତ ରଥକୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ରଥକୁ ଶୋଭାଯାତ୍ରରେ ସହର ପରିକ୍ରମା କରାଯିବା ପରେ ପଞ୍ଚାନନ ମନ୍ଦିର ନିକଟ କଲ୍ୟାଣ ମଣ୍ଡପ ପରିସରକୁ ଅଣାଯାଇଥିଲା। ସେଠାରେ ଆୟୋଜିତ ସଭାରେ ବିଧାୟକ ସ୍ୱାଇଁ ଯୋଗଦେଇ ଓଡିଶାର ଯୁବବର୍ଗଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବଗୋଷ୍ଠୀ ଓ ବିଜୁ ଯୁବବାହିନୀ ଯୋଗ ଦେଇଥିଲେ।

# ରାଇକିଆରୁ ଜଣେ ମନୋନୀତ

**ରାଇକିଆ,୨୩।୯(ଡି.ଏନ.ଏ):** ୧୭ ବର୍ଷରୁ କମ ମହିଳା ବିଚ ଭଲିବଲ ଦଳରେ କନ୍ଧମାଳ ଜିଲା ରାଇକିଆ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ଟିଲିମା ପ୍ରଧାନ ମନୋନୀତ ହୋଇଛନ୍ତି। ଚଳିତ ମାସ ୨୭ରୁ ୩୦ ପର୍ଯ୍ୟନ୍ତ ତାମିଲନାଡୁର ନାଗପାଟ୍ଟନାମ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଜାତୀୟ ସ୍ତରର ପ୍ରତିଯୋଗିତାରେ ଓଡ଼ିଶା ତରଫରୁ ଟିଲିମା ପ୍ରତିନିଧିତ୍ୱ କରିବେ। ଏଥିପାଇଁ ସେ ପାରାଦୀପରେ ଆରମ୍ଭ ହୋଇଥିବା କୋଚିଂ କ୍ୟାମ୍ପରେ ଯୋଗ ଦେଇଛନ୍ତି। ଗତ ୧୫ ତାରିଖରେ ପାରାଦୀପ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କନ୍ଧମାଳ ଦଳ ରନର୍ସଅପ ହୋଇଥିଲା। କନ୍ଧମାଳ ଦଳ ତରଫରୁ ଟିଲିମା ପ୍ରତିନିଧିତ୍ୱ କରିଥିଲେ। ଶନିବାର ବିଦ୍ୟାଳୟ ପରିସରରେ ଏକ ଉତ୍ସବର ଆୟୋଜନ କରି ଟିଲିମାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଡିଓ ଶୁଭଦତ୍ତବେଉୟ ବାହିନୀପତି ଯୋଗ ଦେଇ କନ୍ଧମାଳରେ ବିଟ୍ନ ଥାଇ ଏପରି ସଫଳତାକୁ ପ୍ରଶଂସା କରିଥିଲେ।


ବିଡିଓ ସମ୍ବର୍ଦ୍ଧିତ କରୁଛନ୍ତି।

**୧୭ ବର୍ଷରୁ କମ ବିଚ ଭଲିବଲ**

# ଜିଲା ବିକାଶ ପରିଷଦର ପ୍ରତିଷ୍ଠା ଦିବସ

**ଫୁଲବାଣୀ ଅଫିସ, ୨୩।୯**

କନ୍ଧମାଳ ଜିଲା ବିକାଶ ପରିଷଦର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଫୁଲବାଣୀ ନାରାୟଣୀ ମଣ୍ଡପ ସଭାଗୃହରେ ଶାନ୍ତି, ମୈତ୍ରୀ ଓ ପ୍ରଗତିର ପୃଷ୍ଠ ଭୂମିରେ କନ୍ଧମାଳ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିକାଶ ପରିଷଦ ସଭାପତି ହରିଶ୍ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ସମାଜରେ ଶାନ୍ତି ପୂର୍ଣ୍ଣ ସହାବସ୍ଥାନର ଆବଶ୍ୟକତା ଉପରେ ଗୁରୁତ୍ୱରୋପ କରିଥିଲେ। ସ୍ୱାଭିମାନର ସହ ଆତ୍ମ ସମ୍ମାନକୁ ନେଇ ସମସ୍ତେ ଶାନ୍ତିରେ ସହାବସ୍ଥାନ କରିବା ସହ ନିଜେ ଶାନ୍ତିରେ ରହିଲେ ପ୍ରଗତି ସମ୍ଭବ। ସୌହାର୍ଦ୍ଦ ବଢିବା ଦ୍ୱାରା ସଦ୍‌ଭାବନା ସ୍ଥାପନ ହୋଇପାରିବ ବୋଲି ସେ ମତ ରଖିଥିଲେ। ପରିଷଦ ସାଧାରଣ ସମ୍ପାଦକ ଅଶୋକ ପରିଡା ଏହି ଦିବସର ତାତ୍ପର୍ଯ୍ୟ ଉପରେ ପ୍ରାରମ୍ଭିକ ସୂଚନା ଦେଇ ୧୯୮୧ରୁ ଏହା ପାଳିତ ହୋଇ ଆସୁଛି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୌଦ୍ଧ ଆଦର୍ଶ ମହାବିଦ୍ୟାଳୟର ଅଧ୍ୟକ୍ଷ ବୈକୁଣ୍ଠ ନାଥ ସ୍ୱାଇଁ ମନୁଷ୍ୟର ମାନସିକତା ଓ ଚାରିତ୍ରିକ ଗଠନ ଉପରେ ପ୍ରଗତି ନିର୍ଭର କରେ ବୋଲି ବର୍ଣ୍ଣନା କରିଥିଲେ। ଅଧ୍ୟାପିକା ଜୋତୀର୍ମୟୀ କହଁର କହିଥିଲେ, ଜନ ସାଧାରଣଙ୍କର ଅପୂରଣୀୟ ଏବଂ ଅସୀମିତ ଆଶା ଆକାଂକ୍ଷା ଯୋଗୁ ଅଶାନ୍ତି ବୃଦ୍ଧି ପାଇଥାଏ। ସାଧାରଣ ଜନତାଙ୍କ ମୌଳିକ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଦେଶର ପ୍ରଗତି ଓ ଶାନ୍ତି ସମ୍ଭବ ନୁହେଁ ବୋଲି ମତ ରଖିଥିଲେ। ସେହିପରି ଅଧ୍ୟାପକ ଜ୍ୟୋତି ପ୍ରକାଶ ମିଶ୍ର, ନବୀନ କିଶୋର ପଣ୍ଡା, ଅନନ୍ତ ମିଶ୍ର, ଫାଦର ନବ କିଶୋର ଦିଗାଲ, ସ୍ୱେଚ୍ଛାସେବୀ ମହମ୍ମଦ ଜିଆଉଦ୍ଦିନ ଅହମଦ ପ୍ରମୁଖ ଜିଲାର ପ୍ରଗତି ପାଇଁ ମତାମତ ରଖିଥିଲେ। ବିଭିନ୍ନ ସମୟରେ ଅଶାନ୍ତ ପରିସ୍ଥିତିରେ, ଅସହାୟ ଲୋକଙ୍କୁ ସହାୟତା କରିବାରେ ନିଜକୁ ସମର୍ପିତ କରିଥିବା ଜିଲାର କେତେକ ବ୍ୟକ୍ତିଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ କନ୍ଧମାଳ ଶାନ୍ତି ଦୂତ ସମ୍ମାନରେ ସମ୍ମାନିତ କରାଯାଇଥିଲା।